ମୋ ସ୍ୱପ୍ନର ଭାରତ



Digitized by srujanika@gmail.com

ମୋ ସ୍ୱପ୍ନର ଭାରତ

ମୋହନଦାସ କରମଚାନ୍ଦ ଗାନ୍ଧୀ

Digitized by srujanika@gmail.com

ମୋ ସ୍ୱପ୍ନର ଭାରତ

ଗାନ୍ଧୀଜୀ

ଅନୁବାଦ—ଶ୍ରୀ ବୀରକିଶୋର ଦାସ

ପ୍ରକାଶକ

ସନ୍ତୋଷ ପବ୍ଲିକେସନ୍ସ

ବକ୍ସିବଜାର, କଟକ-୧

ପରିବର୍ଦ୍ଧିତ ଅଭିନବ ପ୍ରକାଶ

ଗାନ୍ଧୀ-କସ୍ତୁରବା

ଜନ୍ମଶତବାର୍ଷିକୀ

୧୧ ଫେବୃଆରୀ, ୧୯୭୦

ପ୍ରଚ୍ଛଦପଟ

ଶ୍ରୀ ଅସିତ ମୁଖାର୍ଜୀ

ଶିଳ୍ପରୂପମ୍, କଟକ-୨

ମୂଲ୍ୟ

ବନ୍ଧାଇସହ ଚାରି ଟଙ୍କା

ମୁଦ୍ରାକର

ଶ୍ରୀ ବିପ୍ରଚରଣ ସାହୁ

ବିଜୟା ପ୍ରିଣ୍ଟର୍ସ, କଟକ-୧

मेरे सपनों का भारत

गान्धीजी

अनुवाद—श्री बीरकिशोर दास

प्रकाशक

सन्तोष पब्लिकेशन्स

बक्सिबजार, कटक-१

परिवर्द्धित अभिनव प्रकाश

गान्धी-कस्तुरबा

जन्मशतवार्षिकी

११ फरवरी, १९७०

प्रच्छदपट

श्री असीत मुखार्जी

शिल्परूपम्, कटक-२

मूल्य

सजिल्द चार रुपये

मुद्राकर

श्री विप्रचरण साहु

विजया प्रिण्टर्स, कटक-१

Digitized by srujanika@gmail.com

ରକ୍ତ କରେ ଫୁଟା କମଳରେ ପରା ବଢ଼େ ରକ୍ତ-ମାର୍ଜନା

ତମର ଦାନରେ ତମକୁ ପୂଜୁଛି ଦେନାକର ମହାମନା ।

Digitized by srujanika@gmail.com

ପଦେ କହୁଛି

ଜାତିର ଜନକ ବାପୁଜୀଙ୍କର ଶାନ୍ତିକାମୀ ସ୍ୱପ୍ନକୁ ସର୍ବସାଧାରଣଙ୍କ ସମକ୍ଷରେ ଉପସ୍ଥାପନ କରିବା ଏହି ଅନୁବାଦର ଲକ୍ଷ୍ୟ । ବାପୁ ଥିଲେ ଅପୂର୍ବ ଶାନ୍ତିର ଉଦ୍‌ଗାତା । ତାଙ୍କର ଅଦମ୍ୟ ଉଦ୍ୟମ ଓ ଚରମ ନିସ୍ୱାର୍ଥପରତା ଯୋଗୁଁ ଦେଶ ସ୍ୱାଧୀନ ହେଲା; କିନ୍ତୁ ସ୍ୱାଧୀନ ଭାରତରେ ତାଙ୍କ ସ୍ୱପ୍ନକୁ ବାସ୍ତବ ରୂପରେଖ ଦେବାପାଇଁ ତାଙ୍କୁ ସମୟ ଓ ସୁଯୋଗ ମିଳି ନ ଥିଲା । ଅତତାୟୀର ଗୁଳିବର୍ଷଣରେ ସେ ଚିରଦିନପାଇଁ ବିଦାୟ ନେଲେ ତାଙ୍କର ପ୍ରାଣପ୍ରିୟ ଭାରତଭୂମିରୁ । ତାଙ୍କ ନର-ଶରୀର ଆମ ସମକ୍ଷରୁ ଲୁଚିଯାଇଛି ସତ; କିନ୍ତୁ ଦେଶ ତଥା ଦେଶବାସୀଙ୍କପ୍ରତି ତାଙ୍କର ଅନବଦ୍ୟ ଅବଦାନ ସମୟର ପ୍ରଭାବକୁ ପରାଭୂତ କରି ଅବିସ୍ମରଣୀୟ ହୋଇ ରହିଛି । ସମୟର ରଥଚକ୍ରତଳେ ଯୁଗ ପରେ ଯୁଗର ଅବସାନ ହେବ; ହେବା ସ୍ୱାଭାବିକ ମଧ୍ୟ । ରାଜନୈତିକ ତଥା ସାମାଜିକ ବିପ୍ଳବର ଅନିରୁଦ୍ଧ ପ୍ରବାହରେ ଆମେ ରକ୍ତମାଂସଦେହୀ ଗାନ୍ଧୀଜୀଙ୍କ ଅବିର୍ଭାବକୁ ବିସ୍ମୃତିଗର୍ଭରେ ହଜାଇ ଦେଇପାରୁ । ଆଲ୍‌ବର୍ଟ ଆଇନ୍‌ଷ୍ଟାଇନଙ୍କ ଭାଷାରେ– "Generations to come···will scarce believe that such a one as this ever in flesh and blood walked upon this earth." ଏହା ମଧ୍ୟ ଅସମ୍ଭବ ହୋଇ ନ ପାରେ; କିନ୍ତୁ ଭାରତପରି ଏକ ଅନଗ୍ରସର ରାଷ୍ଟ୍ରରେ ଗାନ୍ଧୀବାଦକୁ ଭୁଲିଯିବା ଅର୍ଥ ଆତ୍ମଘାତ ହେବ ।

ଦେଶବାସୀଙ୍କପାଇଁ ମଣିଷ ଯେଉଁ ଅନୁପାତରେ କାର୍ଯ୍ୟ କରେ, ସେହି ଅନୁପାତରେ ତା'ର ପରାକାଷ୍ଠା ହୋଇଥାଏ ଅନୁସରଣୀୟ । ଯେଉଁ ଆଦର୍ଶ ମଣିଷର ମନ ଓ ହୃଦୟକୁ ସ୍ପର୍ଶ କରିପାରେ ନାହିଁ, ଯେତେ ଊର୍ଦ୍ଧ୍ୱରୁ ଲବ୍ଧ ହୋଇଗଲେ ମଧ୍ୟ ପ୍ରଭାବ ଦୃଷ୍ଟିରୁ ତାହା ହୋଇଥାଏ କ୍ଷଣିକ । ଯେଉଁ ଆଦର୍ଶବାଦ ପଛରେ ଥାଏ ମାନବିକତାର ଉଚ୍ଛଳ ପ୍ରବାହ, ତାହା ମଣିଷପ୍ରାଣରେ ରେଖାପାତ କରେ । ବାଲୁକା ବେଳାରେ

Digitized by srujanika@gmail.com

ଚରଣ ଚିହ୍ନପର ସେହି ରେଖାଚିତ୍ର ଅତୀତରେ ଅସ୍ପଷ୍ଟ ହୋଇପଡ଼େ ନାହିଁ । ବାପୁଜୀଙ୍କର ଆଦର୍ଶବାଦ ଠିକ୍ ସେହିପରି । ଦେଶରେ ଆମେ ଯେଉଁ ଗଣତାନ୍ତ୍ରିକ ସମାଜବାଦର ପ୍ରତିଷ୍ଠାପାଇଁ ପ୍ରତିଜ୍ଞାବଦ୍ଧ ହୋଇଛୁ, ବାପୁଙ୍କ ବାସ୍ତବଧର୍ମୀ ଚିନ୍ତାଧାରାକୁ ଉପେକ୍ଷା କଲେ ତାହା ସହଜେ ସମ୍ଭବପର ହୋଇପାରିବ ନାହିଁ । ଅତଏବ ଜାତିର ଜନକ ଯେଉଁ ସ୍ୱପ୍ନର ଭାରତ ପରିକଳ୍ପନା କରିଥିଲେ, ତାହା ଦେଶର ପ୍ରତ୍ୟେକ ବୁଦ୍ଧିଜୀବୀ ଅନୁବର୍ତ୍ତିତେ ଜାଣିରଖିବା ଉଚିତ ।

ପୂର୍ବରୁ କେତେକ ପ୍ରବନ୍ଧକୁ ବାଦ୍ ଦେଇ ମୁଁ ଏହି ପୁସ୍ତକଟି ଅନୁବାଦ କରିଥିଲି । ଏହି ଅଭିନବ ସଂସ୍କରଣରେ ଅଧିକ ଦଶଟି ପ୍ରବନ୍ଧ ସନ୍ନିବେଶିତ ହୋଇଅଛି ତଥା ବହୁ ସ୍ଥାନରେ ଭାଷା ଓ ଶୈଳୀରେ ମଧ୍ୟ ପରିମାର୍ଜ୍ଜନା କରାଯାଇଛି ।

ପରିଶେଷରେ 'ସନ୍ତୋଷ ପବ୍ଲିକେଶନସ୍'ର କର୍ତ୍ତୃପକ୍ଷ ଆଗ୍ରହର ସହିତ ଏହି ପୁସ୍ତକ ପ୍ରକାଶନର ଦାୟିତ୍ୱ ବହନ କରିଥିବାରୁ ତାଙ୍କୁ ମୋର ଆନ୍ତରିକ ସାଧୁବାଦ ଜ୍ଞାପନ କରୁଛି ।

୧୧ ଫେବୃଆରୀ, ୧୯୭୦ | ବିନୀତ
ଅଲଣାହାଟ | ଅନୁବାଦକ

ସୂଚୀ ପତ୍ର

କ୍ରମାଙ୍କ	ପ୍ରବନ୍ଧ	ପୃଷ୍ଠାଙ୍କ
୧ ।	ମୋ ସ୍ୱପ୍ନର ଭାରତ	୧
୨ ।	ଭାରତ ଓ ବିଶ୍ୱଶାନ୍ତି	୫
୩ ।	ବାସ୍ତବବାଦର ପ୍ରକୃତ ସ୍ୱରୂପ	୭
୪ ।	ଶିକ୍ଷାର ଆଶ୍ରମୀ ଆଦର୍ଶ ...	୧୦
୫ ।	ସାମ୍ପ୍ରଦାୟିକ ଏକତା ...	୧୩
୬ ।	ଭାରତରେ ଧାର୍ମିକ ସହିଷ୍ଣୁତା ...	୧୮
୭ ।	ଗାଁ କୁ ଫେରଯାଅ ...	୨୧
୮ ।	ଗଠନମୂଳକ କାର୍ଯ୍ୟକ୍ରମ ...	୨୭
୯ ।	ଚରଖାର ସଙ୍ଗୀତ ...	୨୯
୧୦ ।	ଛାତ୍ରମାନଙ୍କପାଇଁ ଅନୁଶାସନ ବ୍ୟବସ୍ଥା ...	୩୨
୧୧ ।	ଯୁବ-ସମାଜକୁ ଆହ୍ୱାନ	୩୬
୧୨ ।	ସର୍ବୋଦୟ	୪୦
୧୩ ।	ଦରିଦ୍ର-ନାରାୟଣ ...	୪୪
୧୪ ।	ନାରୀଜାତିର ପୁନରୁତ୍‌ଥାନ ...	୪୭
୧୫ ।	ନାଗରିକ ଦାୟିତ୍ୱ	୫୩
୧୬ ।	ଅସ୍ପୃଶ୍ୟତା ନା ଅଭିଶାପ	୫୫
୧୭ ।	ମଦ୍ୟପାନରୁ ମନ୍ଦଫଳ	୫୮
୧୮ ।	ପୂର୍ଣ୍ଣ ସ୍ୱରାଜ	୬୦
୧୯ ।	ସତ୍ୟାଗ୍ରହ ଓ ଦୁରାଗ୍ରହ	୬୫
୨୦ ।	ଶ୍ରମର ଅଧିକାର ଓ ମୂଲ୍ୟ	୬୯
୨୧ ।	ଗ୍ରାମ ସ୍ୱରାଜ୍ୟ	୭୩

Digitized by srujanika@gmail.com

କ୍ରମାଙ୍କ	ପ୍ରବନ୍ଧ	ପୃଷ୍ଠାଙ୍କ
୨୨ ।	ଶାସକ ...	୭୭
୨୩ ।	ଅଧିକାର ନା କର୍ତ୍ତବ୍ୟ ...	୭୯
୨୪ ।	ନୟୀ ତାଲିମ	୮୨
୨୫ ।	କୃଷକ	୮୪
୨୬ ।	ଇଂରାଜୀର ସ୍ଥାନ ...	୮୫
୨୭ ।	ହରତାଳ	୮୮
୨୮ ।	ଯୁଦ୍ଧ ଏକ ଜଟିଳ ସମସ୍ୟା ...	୯୧
୨୯ ।	ଜନ୍ମନିୟନ୍ତ୍ରଣ	୯୬
୩୦ ।	ମୋ ନିଜ ଅନୁଭୂତି	୧୦୨

★ ★ ★

Digitized by srujanika@gmail.com



ପାଠକଙ୍କୁ ପଦେ

"ମୋ ଲେଖାର ପାଠକଗୋଷ୍ଠୀ ଓ ସେଥିରେ ଆଗ୍ରହୀ ବ୍ୟକ୍ତିମାନଙ୍କୁ ମୁଁ ସୂଚାଇ ଦେବାକୁ ଚାହେଁ ଯେ ଲେଖାରେ ମୋର ସର୍ବଦା ସଂହତି ରକ୍ଷା କରିବା ବିଷୟରେ ମୁଁ ଆଦୌ ଚିନ୍ତିତ ନୁହେଁ । ସତ୍ୟାନୁସନ୍ଧାନପାଇଁ ମୁଁ ଅନେକ ଧାରଣା ତ୍ୟାଗ କରିଛି ଓ କେତେକ ନୂଆ କଥା ଶିକ୍ଷା କରିଛି ମଧ୍ୟ । ମୁଁ ବୟୋବୃଦ୍ଧ ହେଲେ ମଧ୍ୟ ମୋର ମାନସିକ ବିକାଶ ପଥରୁଦ୍ଧ ହୋଇଗଲାଣି, ତାହା ମୁଁ ଅନୁଭବ କରୁନାହିଁ । ମୁଁ ଯେଉଁଥିପାଇଁ ଚିନ୍ତିତ, ତାହା ହେଉଛି—ମୋର ସତ୍ୟରୂପୀ ଭଗବାନଙ୍କ ଆହ୍ୱାନକୁ ପ୍ରତି ମୁହୂର୍ତ୍ତରେ ମାନିବାକୁ ପ୍ରସ୍ତୁତ ରହିବା । ତେଣୁ ମୋର କୌଣସି ଦୁଇଟି ଲେଖା ମଧ୍ୟରେ କେହି ଯଦି କିଛି ଅସାମଞ୍ଜସ୍ୟ ବା ପରସ୍ପର ବିରୁଦ୍ଧ ଭାବ ଲକ୍ଷ୍ୟ କରନ୍ତି ଓ ତାହା ସତ୍ତ୍ୱେ ଯଦି ମୋର ମାନସିକ ସୁସ୍ଥତା ଉପରେ ତାଙ୍କର ଆସ୍ଥା ଥାଏ ତାହାହେଲେ ସେହି ନିର୍ଦ୍ଦିଷ୍ଟ ବିଷୟରେ ସମୟାନୁକ୍ରମତାକୁ ଆଖିଆଗରେ ରଖି ସେ ମୋର ପରବର୍ତ୍ତୀ ଲେଖାଟିକୁ ବାଛିନେବା ଭଲ ।"—ହରିଜନ, ତା ୨୯ । ୪ । ୧୯୩୩

ମୋ. କ. ଗାନ୍ଧି

Digitized by srujanika@gmail.com

ମୋ ସ୍ୱପ୍ନର ଭାରତ

ଭାରତର ପ୍ରତ୍ୟେକ ବସ୍ତୁପ୍ରତି ମୋର ଆକର୍ଷଣ ରହିଛି । ଦୁନିଆରେ ମଣିଷ ସାଧାରଣତଃ ଯାହା ଲୋଡ଼େ, ତାହା ଭାରତରେ ମିଳିଥାଏ । ଏହି ଦେଶ ହେଉଛି ଆମ୍ଭମାନଙ୍କର କର୍ମଭୂମି; ଭୋଗଭୂମି ନୁହେଁ । ଏ ଦେଶର ଲକ୍ଷ୍ୟ ଅନ୍ୟ ଦେଶମାନଙ୍କ ତୁଳନାରେ ପୂର୍ଣ୍ଣତଃ ଭିନ୍ନ । ଧର୍ମଗତ ବିଶାଳ ପରମ୍ପରାଯୋଗୁଁ ଏହି ଦେଶର ଖ୍ୟାତି ସର୍ବତ୍ର ସ୍ୱୀକୃତ । ନୈତିକତା ଏହାର ହେଉଛି ଅମୋଘ ଅସ୍ତ୍ର । ଏହି ଅପାର୍ଥିବ ଅସ୍ତ୍ର ସାହାଯ୍ୟରେ ବିଜୟ ସୁନିଶ୍ଚିତ ।

ମୁଁ ସେହି ଭାରତପାଇଁ କାମ କରିବି, ଯେଉଁଠି କି ସର୍ବହରା ଅବବୋଧ କରିବେ ଯେ ଏହା ହେଉଛି ସେମାନଙ୍କର ଦେଶ, ଯାହାର ଗଠନ ପାଇଁ ସେମାନଙ୍କର ଯଥେଷ୍ଟ ଦାୟିତ୍ୱ ରହିଛି । ଏହି ଦେଶରେ ଉଚ୍ଚ ନୀଚ ଭେଦଭାବ ରହିବ ନାହିଁ; ଅର୍ଥାତ୍ ସମସ୍ତଙ୍କ ଜୀବନ୍ମା ନିର୍ବାହରୁ ବୈଷମ୍ୟ ନିରାକୃତ ହେବ, ଅସ୍ପୃଶ୍ୟତା ଦୂରେଇଯିବ, ନିଶା ନିବାରିତ ହେବ, ସ୍ତ୍ରୀମାନେ ପୂର୍ଣ୍ଣ ସ୍ୱାଧୀନତା ପାଇବେ, ସମସ୍ତେ ଶାନ୍ତିରେ ରହିବେ,

Digitized by srujanika@gmail.com

ପୀଡ଼କ ପୀଡ଼ିତ ଲୋପ ପାଇବେ, ବିଦେଶୀ ଓ ସ୍ୱଦେଶୀ ମଧ୍ୟରେ ଭିନ୍ନତା ରହିବ ନାହିଁ, ସତ୍‌କାର୍ଯ୍ୟ କରିବାକୁ ଉତ୍ସାହ ମିଳିବ, ଗୋଷ୍ଠୀଗତ ବୈଷମ୍ୟ ଅପସରି ଯିବ—ଏହାହିଁ ହେବ ମୋର 'ସ୍ୱପ୍ନର ଭାରତ'।

ପୃଥିବୀରେ ଯେଉଁ କେତୋଟି ଦେଶ ସେମାନଙ୍କର ମହୀୟସୀ ପ୍ରାଚୀନତା ରକ୍ଷାକରି ପାରିଅଛନ୍ତି, ଭାରତ ସେମାନଙ୍କ ମଧ୍ୟରୁ ଅନ୍ୟତମ। ମୋର ଦୃଢ଼ ଆଶା ଯେ ଏହି ଦେଶ ତା'ର ଅର୍ଥନୈତିକ ସମସ୍ୟାର ଆଶୁ ସମାଧାନ କରିପାରିବ। ମୁଁ ଭାରତକୁ ସ୍ୱାଧୀନ ଓ ସବଳ ଦେଶ ହିସାବରେ ଦେଖିବାକୁ ଚାହେଁ; କାରଣ ଏହା ବିଶ୍ୱର ମଙ୍ଗଳଦୃଷ୍ଟିରୁ ବେଶ ତ୍ୟାଗ କରିପାରିବ ଓ ଏହାର ମୁକ୍ତ ଦୁନିଆବାସୀଙ୍କ ସମକ୍ଷରେ ନୂତନ ଆଲୋକ ସଞ୍ଚାର କରିପାରିବ। ମୂଳତଃ ଶାନ୍ତି ଓ ସଦିଚ୍ଛାର ମହାନ୍ ମନ୍ତ୍ରରେ ଦୁନିଆକୁ ଅଭିମନ୍ତ୍ରିତ କରିବା ହେବ ଭାରତର ଚରମ ଲକ୍ଷ୍ୟ। ପୁନଶ୍ଚ ଦୃଢ଼ ବିଶ୍ୱାସହକାରେ ମୁଁ କହିପାରେ ଯେ ଭାରତ ତା'ର ସଭ୍ୟତା ଓ ସଂସ୍କୃତିର ମୌଳିକତା ରକ୍ଷା କରିବା ନିମିତ୍ତ ନିର୍ଯ୍ୟାତନାର ଅଗ୍ନି-ପରୀକ୍ଷା ଅତିକ୍ରମ କରିବାପାଇଁ ପଶ୍ଚାତ୍‌ପଦ ହେବ ନାହିଁ। ଅନ୍ୟାୟ ଓ ଅବୈଧ ଉପାୟରେ ଯଦି ଭାରତକୁ କେହି ଆକ୍ଷେପ କରେ, ତାହାହେଲେ ଅହିଂସ ଉପାୟରେ ସେ ତାର ପ୍ରତ୍ୟୁତ୍ତର ଦେବାକୁ ବାଧ୍ୟ ହେବ। ଏସବୁ ସତ୍ତ୍ୱେ ଏହାର ଦାନ ହେବ ବିଶ୍ୱଶାନ୍ତି ଓ ପ୍ରଗତିପାଇଁ ଅନବଦ୍ୟ, ଏଥିରେ ସନ୍ଦେହ ଓ ଦ୍ୱିଧାର ପ୍ରଶ୍ନ ନାହିଁ।

ଭାରତର ଉତ୍ପାଦନ ବିଶ୍ୱହିତପାଇଁ ବିନିଯୁକ୍ତ ହେବ ଓ ତାହାର ସୁଖ, ସୌହାର୍ଦ୍ଦ୍ୟର ବିନିମୟରେ ବିଶ୍ୱବାସୀ ଶାଶ୍ୱତ ଆନନ୍ଦର ଅଧିକାରୀ ହେବେ, ଏହାହିଁ ମୋର ଏକାନ୍ତ କାମନା। ଅନ୍ୟ ଜାତିପ୍ରତି ଘୃଣାଭାବ ଆମ ଜାତୀୟତାର ନିୟାମକ ନୁହେଁ; କାରଣ ଭାରତର ଆତ୍ମା କୌଣସି ସୀମିତ ଗଣ୍ଡି ବା ବ୍ୟାପ୍ତି ମଧ୍ୟରେ ଆବଦ୍ଧ ନୁହେଁ। ଏହା ଅମୃତ ଓ ଦେହାତୀତ। ଯଦି ଭାରତ ଅସିର ମହତ୍ତ୍ୱ ଅସ୍ୱୀକାର ନ କରେ; ତାହାହେଲେ ବିଜୟଜନିତ ଆନନ୍ଦ କ୍ଷଣିକ ହୋଇପଡ଼ିବ ଓ ମୁଁ ଏହାଯୋଗୁଁ ଗର୍ବ ଅନୁଭବ କରିପାରିବି ନାହିଁ। ମୁଁ ଭାରତକୁ ସର୍ବସ୍ୱ ଦେଇଛି। ତେଣୁ ମୁଁ ଆଶାକରେ ଯେ ସମଗ୍ର ବିଶ୍ୱପାଇଁ ତାହାର ଯଥେଷ୍ଟ କର୍ତ୍ତବ୍ୟ ରହିଛି। ସେ ପାଶ୍ଚାତ୍ୟ ଦେଶର

Digitized by srujanika@gmail.com

ଅନ୍ଧାନୁସରଣରେ ବ୍ରତୀ ହେବା ଉଚିତ ନୁହେଁ । ପୁନଶ୍ଚ ମୋ ଧର୍ମର କୌଣସି ଭୌଗୋଳିକ ସୀମା ନାହିଁ । ଯଦି ମୋର ଧର୍ମପ୍ରତି ଅପରନ୍ତ ଆସକ୍ତି ରହେ, ତାହାହେଲେ ଏହା ଜନ୍ମଭୂମିପ୍ରତି ସ୍ୱତଃ ପ୍ରେମ ଜାତ କରାଇପାରିବ । ଅହିଂସାଦ୍ୱାରା ଭାରତର ସେବାପାଇଁ ମୁଁ ମୋର ଜୀବନ ଉତ୍ସର୍ଗ କରିଅଛି ।

ମୁଁ ଭାରତର ଉନ୍ନତି କାମନା କରେ, ଯାହାଦ୍ୱାରା କି ପୃଥିବୀ ଉନ୍ନୀତ ହେବ । ଅନ୍ୟ ଜାତିର ବିନାଶରେ ମୁଁ ଭାରତର ବିକାଶ କଦାପି କାମନା କରେ ନାହିଁ । ମୋ ଦେଶ ଅନ୍ୟ ଦେଶମାନଙ୍କୁ କାରୁକାର୍ଯ୍ୟପୂର୍ଣ୍ଣ ସୁନ୍ଦର ପଦାର୍ଥସହ ଅନ୍ୟାନ୍ୟ ସ୍ୱାସ୍ଥ୍ୟପ୍ରଦ ପଦାର୍ଥ ପ୍ରେରଣ କଲେ, ମୋର କୌଣସି ଆପତ୍ତି ନାହିଁ; କିନ୍ତୁ ପ୍ରଚୁର ଧନପ୍ରାପ୍ତିର ଆଶା ରଖି ନିଶା ଆଦି କ୍ଷତିକାରକ ପଦାର୍ଥ ପ୍ରେରଣକୁ ମୁଁ ପୂର୍ଣ୍ଣ ବିରୋଧ କରେ । ପାଶ୍ଚାତ୍ୟ ଦେଶମାନଙ୍କପରି ଭାରତ ଲୁଣ୍ଠ ଓ ଲୁଟର ବିନିମୟରେ ବିସ୍ତୃତ ତଥା ସମୃଦ୍ଧି ଲାଭ କରିବାକୁ ଚାହେଁନାହିଁ । ବରଂ ନିଜକୁ ପ୍ରାଚୁର୍ଯ୍ୟ, ଆତ୍ମଶକ୍ତି, ଆତ୍ମବିଶ୍ୱାସଦ୍ୱାରା ପ୍ରାଚ୍ୟ କିମ୍ବା ପାଶ୍ଚାତ୍ୟ ଯେକୌଣସି ଶକ୍ତିଙ୍କ ଲୋଲୁପଦୃଷ୍ଟିରୁ ରକ୍ଷା କରିବାକୁ ଚାହେଁ । ଏଥିପାଇଁ ଧାମିକା ଗୁଳିଗୋଳାର ପ୍ରୟୋଜନ ନାହିଁ ।

ମୋର ଆକାଂକ୍ଷା ସ୍ୱାଧୀନତାଠାରୁ ଆହୁରି ଉଚ୍ଚରେ । ଭାରତକୁ ଉଦ୍ଧାର କରିବା ସଙ୍ଗେ ସଙ୍ଗେ ଅନ୍ୟ ଦେଶମାନଙ୍କୁ ସାମ୍ରାଜ୍ୟବାଦୀ ପାଶ୍ଚାତ୍ୟ ଶକ୍ତିଙ୍କ କବଳରୁ ଆଦର୍ଶ ଉପାୟରେ ଉଦ୍ଧାର ପାଇବାର ପଥ-ପ୍ରଦର୍ଶନ କରିବା ମୋର କାମ୍ୟ । ଯଦି ଭାରତ ସତ୍ୟ ଓ ଅହିଂସା ମାର୍ଗରେ ଇପ୍ସିତ ମୁକ୍ତି ଲାଭ କରିପାରେ, ତାହାହେଲେ ବିଶ୍ୱଶାନ୍ତିକୁ ବଳବତ୍ତର କରିବାରେ ତାହାର ଦାନ ହେବ ଯଥେଷ୍ଟ । ଯଦି ଭାରତ ହିଂସାପ୍ରଣୋଦିତ ହୁଏ, ତାହାହେଲେ ମୁଁ ଏ ଦେଶରେ ବାସ କରିବାକୁ ଚାହେଁ ନାହିଁ । ପୁନଶ୍ଚ ମୋର ଜାତୀୟତା ଧର୍ମ ସହିତ ନିବିଡ଼ଭାବେ ସଂଶ୍ଳିଷ୍ଟ । ଶିଶୁ ଯେପରି ତାର ମା'ଠାରୁ ସେବା-ଶୁଶ୍ରୂଷା ପାଇଥାଏ, ମୁଁ ସେହିପରି ଭାରତମାତାଙ୍କଠାରୁ ଆଧ୍ୟାତ୍ମିକ ଶୁଶ୍ରୂଷା କାମନା କରେ । ଏହି ଦେଶର ପରିପ୍ରେକ୍ଷୀ ମୋ ଆଶା ଓ ଆକାଂକ୍ଷାର ପରିପୂରକ । ଯଦି ଏହି ବିଶ୍ୱାସ ମୋ ମନରୁ ଅପସରିଯିବ, ତାହେଲେ

Digitized by srujanika@gmail.com

ହତାଶାର ଘୋର ଅନ୍ଧାର ମଧ୍ୟରେ ଯଷ୍ଟିହରା ଅନ୍ଧଭଳି ମୁଁ ପଥ ଖୋଜି-ବୁଲିବ ।

ମୁଁ ଏହା ଜାଣେ ଯେ, ଭାରତ ଯୁଗ ଯୁଗେ ଅହିଂସାର ପୂଜାରିଣୀ । ବହୁତ ସେନାବାହିନୀର ଅଧିକାରିଣୀ ହେବାକୁ ସେ ଚାହେଁ ନାହିଁ କି ରକ୍ତାକ୍ତ ଭୟାନକ ଯୁଦ୍ଧ ଆୟୋଜନ କରିବାକୁ ପସନ୍ଦ କରେ ନାହିଁ । ଯଦି ମୁଁ ବଞ୍ଚିରହେ, ତାହାହେଲେ ଜାତୀୟ ସରକାରଙ୍କୁ ଅହିଂସା ଅବଲମ୍ବନ କରିବାକୁ ଉପଦେଶ ଦେବି; ଯଦ୍ଦ୍ୱାରା ବିଶ୍ୱଶାନ୍ତି ଓ ସହଜ ଦୃଢ଼ୀଭୂତ ହେବ । ମୁଁ ନିଃସଂଶୟ ଚିତ୍ତରେ କହିପାରେ ଯେ ଭାରତର ରାଜନୀତିରେ ମଧ୍ୟ ଅହିଂସାର ପ୍ରୟୋଗ ଓ ସଫଳତା ସ୍ୱୀକାର୍ଯ୍ୟ । ଦେଶରେ ଏହି ସତ୍ୟ ଓ ଅହିଂସାର ପ୍ରତିନିଧିତ୍ୱ କରିବାପାଇଁ ଗୋଟିଏ ଦୃଢ଼ ରାଜନୈତିକ ଦଳ ଗଢ଼ିଉଠୁ, ଏହାହିଁ ମୋର ଏକାନ୍ତ କାମନା ।

Digitized by srujanika@gmail.com

ଭାରତ ଓ ବିଶ୍ୱଶାନ୍ତି

ମୋର ଦୃଢ଼ ବିଶ୍ୱାସ ଯେ ଯୁଦ୍ଧପ୍ରତି ମୋହ ଉପେକ୍ଷା ନ କଲେ ବିଶ୍ୱଶାନ୍ତି ଅସମ୍ଭବ ହୋଇପଡ଼ିବ । କେବଳ ଯୁଦ୍ଧଯୋଗୁଁ ଜାତି ଓ ଗୋଷ୍ଠୀର ମୁକ୍ତି ଓ ପ୍ରଗତିକୁ ଭିତ୍ତିକରି ଗଢ଼ିଉଠିଥିବା ପ୍ରକୃତ ଶାନ୍ତି ପ୍ରତିହତ ହେଉଛି । ଗୋଟିଏ ଜାତିର ଅନ୍ୟ ଗୋଟିଏ ଜାତିପ୍ରତି ଅନଧିକାର ଚର୍ଚ୍ଚା ବିଶ୍ୱଶାନ୍ତିର ପ୍ରତିବନ୍ଧକ ହୋଇପଡ଼ୁଛି । ସୈନ୍ୟସାମନ୍ତ ଓ ଗୁଳିଗୋଳାର ପ୍ରାଚୁର୍ଯ୍ୟ ଆଜି ଜାତିସ୍ୱ ବଳବୀର୍ଯ୍ୟର ମାନଦଣ୍ଡରୂପେ ହେଉଛି ବିବେଚିତ ।

ଆଜି ପୃଥିବୀର ବହୁ ଲୋକ ପ୍ରଳୟଙ୍କରୀ ଯୁଦ୍ଧରୁ ବିବ୍ରତ ହୋଇ ସହାବସ୍ଥାନ ନୀତିଦ୍ୱାରା ବିଶ୍ୱଶାନ୍ତି କାମନା କରୁଅଛନ୍ତି । ମୁଁ କେବଳ ଆମ ସ୍ୱଦେଶପାଇଁ ଏହି ଉଦାହରଣ ଦେଉନାହିଁ । ସ୍ୱାଧୀନତାଠାରୁ ବିଶ୍ୱର ସହାବସ୍ଥାନ ଆନୟନ ସହଜସାଧ୍ୟ ବୋଲି ମୁଁ ଭାବୁଛି । ଭାରତ କେବେ କାହା ସହିତ ଯୁଦ୍ଧ କରିନାହିଁ କି କରିବାକୁ ଚାହେଁନାହିଁ । ବିନା ରକ୍ତପାତରେ ଭାରତ ନିଜସ୍ୱ ସ୍ୱାଧୀନତା ହାସଲ କରିପାରିବ ଓ ତାର ନିର୍ଦ୍ଧାରିତ ପନ୍ଥା ମୁକ୍ତିକାମୀ ବିଶ୍ୱବାସୀଙ୍କର ଚିରଦିନପାଇଁ ହେବ ଅନୁସରଣୀୟ ।

ଆମ ଜାତିସ୍ୱତା ଅନ୍ୟ ଜାତିର କଦାପି ପ୍ରତିକୂଳ ନୁହେଁ । କାରଣ ଆମେ କୌଣସି ଜାତିକୁ ପ୍ରତାରିତ କରିବୁ ନାହିଁ କି ପରସ୍ୱ ହରଣ କରିବାକୁ ଆମେ ଚାହୁଁନା । 'ସ୍ୱରାଜ'ଜରିଆରେ ଆମେ ସମଗ୍ର ଦୁନିଆର ସେବା କରିବୁ ଓ ବିଶ୍ୱଶାନ୍ତିକୁ ଦୃଢ଼ କରିବାପାଇଁ ସତତ ହେବୁ ଚେଷ୍ଟିତ ।

ମୋର ଲକ୍ଷ୍ୟ ଓ ଆକାଂକ୍ଷା ସ୍ୱତନ୍ତ୍ରତାଠାରୁ ଆହୁରି ଉଚ୍ଚରେ । ଭାରତର ମୁକ୍ତିଦ୍ୱାରା ମୁଁ ପାଶ୍ଚାତ୍ୟର ଶୋଷଣରୁ କେତେକ ନିର୍ବଳ ଦେଶକୁ ଉଦ୍ଧାର କରିବାକୁ ଚାହେଁ । ମୋର ଦୃଢ଼ ବିଶ୍ୱାସ ଯେ ଭାରତ ଯଦି ଅହିଂସ ଉପାୟରେ ସ୍ୱାଧୀନତା ହାସଲ କରେ, ତାହାହେଲେ ବିରାଟ ଆକାରରେ ଜଳ, ସ୍ଥଳ ଓ ଆକାଶ ବାହିନୀ ରଖିବା ଦରକାର ପଡ଼ିବ ନାହିଁ । ଅହିଂସ ପନ୍ଥାନୁସରଣ କରି ବିଜୟ ହାସଲ କରିବାପାଇଁ ଆତ୍ମଚେତନାକୁ ସମୃଦ୍ଧ

Digitized by srujanika@gmail.com

କଲେ, ଦୁନିଆ ଆଖିରେ ଯନ୍ତ୍ରର ମୂଲ୍ୟ କମିଯା'ନ୍ତା ଓ ଅସ୍ତ୍ରଶସ୍ତ୍ର ତଥା ଗୁଳାବାରୁଦ ନିରର୍ଥକ ହୋଇପଡ଼ନ୍ତା । ମାନବ-ଜାତିର ସୁଖ ଓ ସମୃଦ୍ଧି ପାଇଁ ଏ ଦିଗରେ ବିନମ୍ର ପ୍ରଚେଷ୍ଟା କରାଯିବା ଉଚିତ ।

ମୁଁ ଅତ୍ୟନ୍ତ ନମ୍ରତାସହକାରେ ସୂଚାଇବାକୁ ଚାହେଁ ଯେ ଭାରତ ସତ୍ୟ ଓ ଅହିଂସ ଉପାୟରେ ପ୍ରାପ୍ତ ତା'ର ସଫଳତାଦ୍ୱାରା ନିଜକୁ ବିଶ୍ୱବାସୀଙ୍କର ନିକଟତର କରିପାରିବ । ଯଦି ଭାରତ ସ୍ୱାବଲମ୍ବୀ ହୁଅନ୍ତା, ତାହାହେଲେ ଅସ୍ତ୍ରଶସ୍ତ୍ରର ଭୟ ତାକୁ ଏତେ ଆତଙ୍କିତ କରିପାରନ୍ତା ନାହିଁ ।

ଯଦି ମୋ ଦେଶକୁ ସ୍ୱାଧୀନତାର ସୁଯୋଗ ମିଳେ, ତାହାହେଲେ ଆପଣମାନେ ବିଶ୍ୱାସ କରନ୍ତୁ ଯେ ଅନ୍ୟ ଜାତିର ଓ ବ୍ୟକ୍ତିର ଶୋଷଣ ଓ କଷଣପାଇଁ ମୁଁ କେବେ କାହାକୁ ପ୍ରଶ୍ରୟ ଦେବି ନାହିଁ । ସ୍ୱାଧୀନ ଭାରତରେ ସବଳ ଓ ନିର୍ବଳ ସମସ୍ତଙ୍କର ସମ ଅଧିକାର ରହିବ, ଏହାହିଁ ମୋର କାମ୍ୟ ।

ମୁଁ ହୃଦୟର ଗଭୀରତମ ପ୍ରଦେଶରୁ ବ୍ୟକ୍ତ କରୁଛି ଯେ ଦୁନିଆ ବର୍ତ୍ତମାନ ରକ୍ତପାତ ଓ ଯୁଦ୍ଧ ବିଭୀଷିକାର ଲୀଳାସ୍ଥଳୀରେ ପରିଣତ ହେଲାଣି । ଏହି ଅସହ୍ୟ ସ୍ଥିତିରୁ ଦୁନିଆକୁ ଉଦ୍ଧାର କରିବାକୁ ପଡ଼ିବ । ଆନନ୍ଦ ତଥା ଗର୍ବ ସହକାରେ ମୁଁ ବିଶ୍ୱାସ କରେ ଯେ ମୁକ୍ତିକାମୀ ଜଗତକୁ ପ୍ରାଚୀନ ଭୂମି ଭାରତହିଁ ଦେଖାଇବ ପ୍ରକୃତ ତଥା ପ୍ରକୃଷ୍ଟ ପଥ ।

ହିନ୍ଦୁସ୍ଥାନର ରାଷ୍ଟ୍ରୀୟ ସରକାର କେଉଁ ନୀତି ନିର୍ଦ୍ଧାରଣ କରିବ, ତାହା ମୁଁ କହିପାରିବି ନାହିଁ । ପ୍ରବଳ ଇଚ୍ଛା ଥିଲେ ମଧ୍ୟ ମୁଁ ବୋଧହୁଏ ସେ ପର୍ଯ୍ୟନ୍ତ ଜୀବିତ ନ ଥିବି । ତେବେ ଯେ ପର୍ଯ୍ୟନ୍ତ ବଞ୍ଚିଛି, ସବୁ କ୍ଷେତ୍ରରେ ମୁଁ ଅହିଂସ ନୀତି ପ୍ରୟୋଗ କରିବି । ବିଶ୍ୱର ଶାନ୍ତି, ନୂଆ ଦୁନିଆର ପରିକଳ୍ପନାପାଇଁ ହିନ୍ଦୁସ୍ଥାନର ଅବଦାନ ହେବ ସବୁଠାରୁ ବେଶି । ମୁଁ ଭଲଭାବେ ଜାଣେ ଯେ ଅହିଂସାର ବ୍ୟାବହାରିକ ଉପଯୋଗିତା କେବେହେଲେ ବିଫଳ ହେବ ନାହିଁ । ଦେଶରେ ଏକ ସଚ୍ଚା ଅହିଂସବାଦୀ ଦଳ ଗଢ଼ିବାପାଇଁ ପୂର୍ବରୁ ବହୁକ୍ଷେତ୍ରରେ ମୁଁ ଯେଉଁ ଅହିଂସାର ଆଶ୍ରୟ ନେଇଛି, ତାହା ନିଶ୍ଚୟ କିଛି ନା କିଛି ପ୍ରେରଣା ଯୋଗାଇବ ।

Digitized by srujanika@gmail.com

ରାଷ୍ଟ୍ରବାଦର ପ୍ରକୃତ ସ୍ୱରୂପ

ମୋ ନିକଟରେ ଦେଶପ୍ରେମ ଓ ମାନବପ୍ରେମ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ଯେହେତୁ ମୁଁ ଜଣେ ସଚ୍ଚା ଦେଶପ୍ରେମୀ, ମାନବସମାଜପ୍ରତି ମୋର ପ୍ରେମ ରହିବା ସ୍ୱାଭାବିକ । ମୋର ଦେଶପ୍ରେମ ବର୍ଜନଶୀଳ ନୁହେଁ । ମୁଁ ଭାରତର ହିତପାଇଁ ଇଂଲଣ୍ଡ କିମ୍ବା ଜର୍ମାନୀର କ୍ଷତି କରିବାକୁ ଚାହେଁନାହିଁ । ଜୀବନରେ ସାମ୍ରାଜ୍ୟବାଦ ମୋ ଯୋଜନାର ଅନ୍ତର୍ଭୁକ୍ତ ନୁହେଁ । କୌଣସି ଦେଶପ୍ରେମୀର ଉଗ୍ର ମାନବପ୍ରେମ ନ ଥିଲେ, ତାର ଦେଶପ୍ରେମ କେବେ ଉଚ୍ଚ ତଥା ନିର୍ମଳ ହୋଇ ନ ପାରେ । ମଣିଷର ବ୍ୟକ୍ତିଗତ ତଥା ରାଜନୀତିକ ଆଚରଣ ପରସ୍ପର ଭିନ୍ନ ତଥା ବିରୋଧୀ ହେବା ଉଚିତ ନୁହେଁ । ସଦାଚାରର ନିୟମ ଉଭୟପାଇଁ ପ୍ରଯୁଜ୍ୟ ।

ମୁଁ ଦେଶପ୍ରେମର ଧର୍ମ ବିଷୟରେ କହିଥାଏ ଯେ ବ୍ୟକ୍ତି ପରିବାର ପାଇଁ, ପରିବାର ଗ୍ରାମ ପାଇଁ, ଗ୍ରାମ ଜନପଦ ପାଇଁ ଓ ଜନପଦ ରାଜ୍ୟ ପାଇଁ ମୃତ୍ୟୁବରଣର ଶିକ୍ଷା କରିବା ଉଚିତ । ସେହିପରି ଆବଶ୍ୟକ ପଡ଼ିଲେ କୌଣସି ଦେଶ ମଧ୍ୟ ସଂସାରର କଲ୍ୟାଣଲାଗି ଆତ୍ମବଳି ଦେବାକୁ ଦ୍ୱିଧା ବୋଧକରିବା ଉଚିତ ନୁହେଁ । ସେଥିପାଇଁ ମୁଁ ଚାହେଁ ଜନ୍ମଭୂମିକୁ ସ୍ୱାଧୀନ କରିବାଲାଗି, ସଦ୍‌ଦ୍ୱାରା ମାନବସମାଜର ପ୍ରାଣରକ୍ଷା ନିମିତ୍ତ ଲୋକେ ସ୍ୱେଚ୍ଛାପୂର୍ବକ ମୃତ୍ୟୁକୁ ଆଲିଙ୍ଗନ କରିବେ । ଏହାହିଁ ମୋ ରାଷ୍ଟ୍ରବାଦର ପରିକଳ୍ପନା; ଯେଉଁଥିରେ ଜାତି-ଦ୍ୱେଷର ସ୍ଥାନ ନାହିଁ ।

ଭାରତର ଉତ୍‌ଥାନରେ ସମଗ୍ର ଦୁନିଆ ଉଦ୍‌ବୁଦ୍ଧ ହେଉ, ଏହାହିଁ ମୋର ଏକାନ୍ତ କାମନା । ଅନ୍ୟ ଦେଶର ଭସ୍ମସ୍ତୂପ ଉପରେ ମୋର ପରିକଳ୍ପିତ ଭାରତ ଗଢ଼ିଉଠୁ, ଏହା ମୋର କଦାପି କାମ୍ୟ ନୁହେଁ । ୟୁରୋପୀୟମାନଙ୍କ ପଦାନତ ଭାରତ ମାନବଜାତିକୁ ଆଶାର ବାଣୀ ଶୁଣାଇ ନ ପାରେ; କିନ୍ତୁ ଜାଗ୍ରତ ଓ ସ୍ୱତନ୍ତ୍ର ଭାରତ ଦୁନିଆକୁ ଶାନ୍ତି ଓ ସଦ୍‌ଭାବର ବାର୍ତ୍ତା ଦେବ; ଏଥିରେ ମୋର ତିଳେହେଲେ ସନ୍ଦେହ ନାହିଁ ।

ରାଷ୍ଟ୍ରବାଦୀ ନ ହେଲେ କାହାର ଅନ୍ତରରେ ଅନ୍ତର୍ରାଷ୍ଟ୍ରୀୟତାବାଦର ସଞ୍ଚାର ହୁଏ ନାହିଁ । ଯୁନିଷ୍ଟ ରାଷ୍ଟ୍ରବାଦ ସିଦ୍ଧ ନ ହେଲେ ଏହା ମଧ୍ୟ

Digitized by srujanika@gmail.com

ଅସମ୍ଭବ । ରାଷ୍ଟ୍ରବାଦ ସର୍ବଦା ଦୋଷ-ତ୍ରୁଟିରହିତ; କିନ୍ତୁ ସଙ୍କୀର୍ଣ୍ଣତା, ସ୍ୱାର୍ଥବୃତ୍ତି ଓ ବହିଷ୍କାରବୃତ୍ତି ମଣିଷ ମନରେ ସାମ୍ପ୍ରତିକ ବିଷ ପ୍ରୟୋଗ କରିଥାଏ । ତେଣୁ ପ୍ରତ୍ୟେକ ରାଷ୍ଟ୍ର ନିଜର ଉନ୍ନତି ସାଧନପାଇଁ ଅନ୍ୟର

[ଲୌହମାନବ ସର୍ଦ୍ଦାର ପଟେଲଙ୍କ ସହ]

Digitized by srujanika@gmail.com

ବିନାଶ କାମନା କରିଥାନ୍ତି; କିନ୍ତୁ ଭାରତୀୟ ରାଷ୍ଟ୍ରବାଦର ରୂପ ଭିନ୍ନ । ନିଜର ସାଙ୍ଗଠନିକ ଶକ୍ତି ଓ ଆତ୍ମପ୍ରକାଶନ ବଳରେ ଭାରତ ଚାହେଁ ସମଗ୍ର ମାନବଜାତିର ସେବା କରିବାକୁ ।

ଭଗବାନ ମୋତେ ଭାରତରେ ଜନ୍ମ ଦେଇ ଦେଶବାସୀଙ୍କ ଭାଗ୍ୟଡୋରିରେ ମୋ ଭାଗ୍ୟକୁ ବାନ୍ଧିଦେଇଛନ୍ତି । ଯଦି ମୁଁ ଭାରତର ସେବା ନ କରେ ତାହାହେଲେ ବିଧାତାଙ୍କ ନିକଟରେ ଅପରାଧୀ ହେବି । ଦେଶସେବା କିପରି କରାଯାଏ, ଯଦି ମୁଁ ତାହା ଶିକ୍ଷା ନ କରେ, ତାହାହେଲେ ମାନବଜାତିର ସେବା ବିଷୟରେ ଶିକ୍ଷା କରିବା ମୋ ପକ୍ଷରେ ସମ୍ଭବପର ନୁହେଁ । ଯଦି ଅନ୍ୟ ଦେଶର କିଛି କ୍ଷତି ନ କରି ନିଜ ଦେଶର ସେବା କରିପାରେ, ତେବେ ମୁଁ ପଥଭ୍ରଷ୍ଟ ହେବାର କୌଣସି ସମ୍ଭାବନା ନାହିଁ ।

ମୋର ଦେଶପ୍ରେମ କୌଣସି ବହିଷ୍କାରଶୀଳ ବସ୍ତୁ ନୁହେଁ; ବରଂ ଏହା ସର୍ବବ୍ୟାପୀ । ଯେଉଁ ଦେଶପ୍ରେମଦ୍ୱାରା ଅନ୍ୟ ରାଷ୍ଟ୍ରକୁ ଶୋଷଣ କରି ନିଜ ଦେଶର ଉନ୍ନତିପାଇଁ ଚେଷ୍ଟା କରାଯାଏ, ମୁଁ ସେହି ଦେଶପ୍ରେମକୁ ବର୍ଜନ କରିବାକୁ ଚାହେଁ । ମୋ'ର ପରିକଳ୍ପିତ ଦେଶପ୍ରେମ ହେଉଛି ବିନା ଅପବାଦରେ ଯେକୌଣସି ପରିସ୍ଥିତିରେ ମାନବଜାତିର ସୁସଙ୍ଗତ ତଥା ବୃହତ୍ତମ ହିତସାଧନ କରିବା । ଏହା ନ ହେଲେ ଦେଶପ୍ରେମ ନିଷ୍ପ୍ରିୟ ଓ ନିର୍ବଳ । ମୁଁ କେବଳ ମନୁଷ୍ୟ ସହିତ ଭ୍ରାତୃତ୍ୱ ଓ ଏକାତ୍ମତା ପ୍ରତିଷ୍ଠା କରିବାକୁ ଚାହେଁ ନାହିଁ, ସବୁ ପ୍ରାଣୀଙ୍କ ସହିତ ଏକାତ୍ମତା ଅନୁଭବ କରିବା ମୋର କାମ୍ୟ । କାରଣ ଆମେ ସମସ୍ତେ ହେଉଛୁ ସେହି ସ୍ରଷ୍ଟାଙ୍କ ସନ୍ତତି—ସମସ୍ତଙ୍କଠାରେ ତାଙ୍କର ସେହି ମହାନ୍ ସତ୍ତା ବିରାଜିତ ।

ଆମର ରାଷ୍ଟ୍ରବାଦ ଅନ୍ୟ ଦେଶପ୍ରତି ଆଦୌ ସଙ୍କଟଜନକ ନୁହେଁ । ଆମେ କାହାକୁ ଶୋଷଣ କରିବୁ ନାହିଁ କିମ୍ବା କାହାଦ୍ୱାରା ଶୋଷିତ ହେବୁ ନାହିଁ । ସ୍ୱରାଜ ଜରିଆରେ ଆମେ ସମଗ୍ର ମାନବଜାତିର ସେବା କରିବୁ ।

ସାର୍ବଜନୀକ ଜୀବନରେ ହାରାହାରି ୫୦ ବର୍ଷ ଅନୁଭବ ଆହରଣ କଲାପରେ ମୁଁ ଏହା କହିପାରେ ଯେ ନିଜ ଦେଶର ସେବା କରି ଆମେ ଦୁନିଆର ସେବା କରିବା ସଙ୍ଗେ ସଙ୍ଗେ ପାରସ୍ପରିକ ଦୋଷତ୍ରୁଟି ନିରାକରଣ କରିପାରିବା । ମୋର ଏହି ଉକ୍ତି ଆଦୌ ଅସଙ୍ଗତ ନୁହେଁ ।

Digitized by srujanika@gmail.com

ଶିକ୍ଷାର ଆଶ୍ରମୀ ଆଦର୍ଶ

ଶିକ୍ଷା ବିଷୟରେ ମୋର କେତେକ କଥା କହିବାର ଅଛି । ଯଦିଓ ମୋର ବନ୍ଧୁମାନେ ତାଙ୍କୁ ପୂର୍ବ ସ୍ୱୀକାର କରୁନାହାନ୍ତି, ତଥାପି ମୁଁ ଏଠାରେ ତାହାର ଅବତାରଣା କରୁଛି ।

୧ । ବାଳକବାଳିକା ଏକା ସଙ୍ଗରେ ଆଠ ବର୍ଷ ପର୍ଯ୍ୟନ୍ତ ଶିକ୍ଷା ପାଇବା ଉଚିତ ।

୨ । ସେମାନଙ୍କର ଏହି ସମୟ ମୁଖ୍ୟତଃ ଶାରୀରିକ ଶ୍ରମ କରି ଅତିବାହିତ ହେବା ଉଚିତ । କାରଣ ଶାରୀରିକ ଶ୍ରମକୁ ଶିକ୍ଷାର ଅଙ୍ଗ ବୋଲି ସ୍ୱୀକାର କରିବାକୁ ପଡ଼ିବ ।

୩ । ବାଳକବାଳିକାଙ୍କର ରୁଚିପ୍ରତି ଧ୍ୟାନ ରଖି ସେମାନଙ୍କୁ କାମ ଦିଆଯିବା ଉଚିତ ।

୪ । ସେମାନେ ବୁଝିପାରିଲାଭଳି ସାଧାରଣଜ୍ଞାନ ଶିକ୍ଷା ଦିଆଯିବା ଉଚିତ । ତାହା ଅକ୍ଷରଶିକ୍ଷା ପୂର୍ବରୁ ହେବା ଦରକାର ।

୫ । ଅକ୍ଷରଜ୍ଞାନ ସୁନ୍ଦର ଲେଖନ-କଳାର ହେଉଛି ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏହାର ଅଭ୍ୟାସ ପ୍ରଥମେ ଭୂଇଁ ଉପରେ ହେବା ଉଚିତ । ତା'ପରେ ଶୁଦ୍ଧ ଅକ୍ଷରଲେଖା ଶିଖାଇବାକୁ ପଡ଼ିବ ।

୬ । ଲେଖିବାପୂର୍ବରୁ ଶିଶୁ ପଢ଼ିଶିଖେ । ତା'ପରେ ଅକ୍ଷରକୁ ଚିତ୍ର ମନେକରି ଆଙ୍କିଥାଏ ।

୭ । ଏହିପରି ଯେଉଁ ଶିଶୁ ଶିକ୍ଷକଙ୍କଠାରୁ ଶିକ୍ଷାଲାଭ କରେ, ଆଠ ବର୍ଷ ଭିତରେ ଶକ୍ତି ଅନୁପାତରେ ସେ ଅଧିକ ଜ୍ଞାନ ଆହରଣ କରେ ।

୮ । ଶିଶୁକୁ ବାଧ୍ୟକରି କୌଣସି ବିଷୟ ଶିକ୍ଷା ଦିଆଯିବା ଶ୍ରେୟ ନୁହେଁ ।

୯ । ସେ ଯାହା ଶିକ୍ଷା କରେ, ସେଥିରୁ ସେ ରସ ଆସ୍ୱାଦନ କରିବା ଉଚିତ ।

୧୦ । ଶିଶୁକୁ ଶିକ୍ଷା ଖେଳପରି ଲାଗିବା ଦରକାର । ଖେଳ-କସରତ ମଧ୍ୟ ଶିକ୍ଷାର ଗୋଟିଏ ଅଙ୍ଗ ।

Digitized by srujanika@gmail.com

୧୧ । ଶିଶୁର ସମସ୍ତ ଶିକ୍ଷା ମାତୃଭାଷା ମାଧ୍ୟମରେ ହେବା ଉଚିତ ।

୧୨ । ଧର୍ମଶିକ୍ଷା ଶିଶୁମାନଙ୍କ ପକ୍ଷରେ ଅପରିହାର୍ଯ୍ୟ । ଏହା ପୁସ୍ତକଦ୍ୱାରା ସମ୍ଭବପର ନୁହେଁ । ଶିକ୍ଷକଙ୍କର ଆଚରଣ ଓ କଥାବାର୍ତ୍ତାରୁ ଏହା ମିଳିଥାଏ ।

୧୩ । ନ' ବର୍ଷରୁ ଷୋଳ ବର୍ଷ ହେଉଛି ସ୍ୱତନ୍ତ୍ର ସମୟ । ଏହି ସମୟ ମଧ୍ୟରୁ ହିନ୍ଦୁ ବାଳକଙ୍କୁ ସଂସ୍କୃତ ଓ ମୁସଲମାନ ବାଳକଙ୍କୁ ଆରବୀ ଭାଷା ଶିକ୍ଷା ଦିଆଯିବା ଉଚିତ ।

୧୪ । ଏହି ବୟସ ସୀମା ମଧ୍ୟରେ ପଢ଼ା ଲେଖା ସମୟ ପ୍ରୟୋଜନ ଅନୁଯାୟୀ ବଢ଼ାଇବା ଉଚିତ ଓ ଶାରୀରିକ ଶ୍ରମ କମାଇ ରଖିବା ଦରକାର ।

୧୫ । ଏହି ବୟସ ସୀମା ମଧ୍ୟରେ ପିତାମାତାଙ୍କର ଯଦି କୌଣସି ନିର୍ଦ୍ଦିଷ୍ଟ ଧନ୍ଦା ବା ବେଉସା ଥାଏ, ତାହାହେଲେ ବାଳକକୁ ସେ ବିଷୟରେ ମଧ୍ୟ କିଛି ଧାରଣା ଦିଆଯାଇପାରେ । ତା'ର ଜୀବନର ଗତି ଏପରି ନିୟନ୍ତ୍ରିତ ହେବା ଉଚିତ, ଯେପରି କି ସେ ପୈତୃକ ବୃତ୍ତିକୁ ପସନ୍ଦ କରିବ; କିନ୍ତୁ ଏହା ବାଳକଙ୍କପ୍ରତି ନିଗ୍ରହ ହୋଇ ନ ପାରେ ।

୧୬ । ଷୋହଳ ବର୍ଷ ବୟସ୍କ ବାଳକକୁ ପୃଥିବୀର ଇତିହାସ, ଭୂଗୋଳ, ବନସ୍ପତିଶାସ୍ତ୍ର, ଖଗୋଳ-ବିଦ୍ୟା, ଗଣିତ, ବୀଜଗଣିତ ବିଷୟରେ ଏକ ସାଧାରଣ ଜ୍ଞାନ ଦିଆଯିବା ଉଚିତ ।

୧୭ । ଷୋହଳ ବର୍ଷର ବାଳକକୁ ରନ୍ଧାବଢ଼ା ବିଷୟରେ କିଛି ଧାରଣା ଦିଆଯିବା ଦରକାର ।

୧୮ । ଷୋହଳରୁ ପଚିଶ ବର୍ଷ ହେଉଛି ଛାତ୍ରମାନଙ୍କର ଉଚ୍ଚଶିକ୍ଷାବସ୍ଥା । ଏହି ଅବସ୍ଥାରେ ପ୍ରତ୍ୟେକ ଯୁବକଯୁବତୀଙ୍କୁ ନିଜର ଇଚ୍ଛା ଓ ସ୍ଥିତି ଅନୁଯାୟୀ ଶିକ୍ଷା ଦିଆଯିବା ଉଚିତ ।

୧୯ । ନ' ବର୍ଷ ପରେ ସ୍ୱାବଲମ୍ବୀ ହେବାପାଇଁ ବାଳକକୁ ଶିକ୍ଷା ଦିଆଯିବା ଉଚିତ ।

Digitized by srujanika@gmail.com

୧୦ । ଶିକ୍ଷକଙ୍କର ବେତନ ସାଧାରଣତଃ ସ୍ୱଳ୍ପ । ସେଥିରେ ସେ ନିଜର ଜୀବିକା ନିର୍ବାହ କରିବେ କିପରି ? ତେଣୁ ସେମାନଙ୍କୁ ଆଶାନୁରୂପ ବେତନ ଦିଆଯିବା ଉଚିତ । ଶିକ୍ଷକମାନଙ୍କ ମନରେ ସେବାଭାବ ରହିବା ଦରକାର । ପ୍ରାଥମିକ ଶିକ୍ଷାପାଇଁ ଯେକୌଣସି ବ୍ୟକ୍ତିଙ୍କୁ ଶିକ୍ଷକ ନିଯୁକ୍ତ କରିବା ନିନ୍ଦାର ବିଷୟ । ଚରିତ୍ରବତ୍ତା ଶିକ୍ଷକମାନଙ୍କର ହେଉଛି ମୌଳିକ ଗୁଣ ।

୧୧ । ଶିକ୍ଷାପାଇଁ ବହୁ ଅର୍ଥବ୍ୟୟରେ କୋଠାବାଡ଼ି ତିଆରି କରିବାର ପ୍ରୟୋଜନ ନାହିଁ ।

୧୨ । ଭାଷାଭାବରେ ଇଂରାଜୀ ଶିକ୍ଷା କରାଯାଇପାରେ ଓ ପାଠ୍ୟକ୍ରମର ଅନ୍ତର୍ଭୁକ୍ତ କରାଯାଇପାରେ । ହିନ୍ଦୀ ହେଉଛି ରାଷ୍ଟ୍ରଭାଷା; କିନ୍ତୁ ଅନ୍ୟ ରାଷ୍ଟ୍ର ସହିତ ସମ୍ପର୍କ ସ୍ଥାପନ ଓ ବ୍ୟବସାୟପାଇଁ ଇଂରାଜୀ-ଶିକ୍ଷାର ଆବଶ୍ୟକତା ରହିଛି ।

ସ୍ତ୍ରୀଶିକ୍ଷା କିପରି ହେବ ଓ କେବେଠୁଁ ଆରମ୍ଭ କରାଯିବ, ସେ ବିଷୟରେ ମୁଁ ନିଜେ କିଛି ଠିକ୍ କରିପାରୁନାହିଁ; କିନ୍ତୁ ମୋର ଦୃଢ଼ ଅଭିମତ ଏହି ଯେ ପୁରୁଷମାନଙ୍କୁ ଯେତିକି ସୁବିଧା ମିଳୁଛି, ସ୍ତ୍ରୀମାନଙ୍କୁ ସେତିକି ସୁବିଧା ମିଳିବା ଦରକାର । ଯେଉଁଠି ବିଶେଷ ସୁବିଧା ଦରକାର, ସେଇଠି ତାହା ମିଳିବା ଉଚିତ ।

ପ୍ରୌଢ଼ଶିକ୍ଷା ପାଇଁ ମଧ୍ୟ ଦରକାର ନୈଶ ବିଦ୍ୟାଳୟ । ନିରକ୍ଷର, ବୟସ୍କ ସ୍ତ୍ରୀ ପୁରୁଷଙ୍କର କେବଳ ଅକ୍ଷର ଶିକ୍ଷା ପାଇବାକୁ ମୁଁ ପସନ୍ଦ କରେନାହିଁ । ସେମାନଙ୍କ ଲାଗି ବକ୍ତୃତା ଆଦି ଜରିଆରେ ସାଧାରଣଜ୍ଞାନ ମିଳିବାପାଇଁ ସୁବିଧା କରାଯିବା ଉଚିତ । ଏତଦ୍‌ଭିନ୍ନ ଯେଉଁମାନଙ୍କର ପଢ଼ା ଲେଖା ଶିଖିବାପାଇଁ ଆଗ୍ରହ ଅଛି, ସେମାନଙ୍କ ଲାଗି ପୂରା ସୁବିଧା କରାଯିବା ଉଚିତ ।

ଆଶ୍ରମରେ ମୁଁ ଆଜିପର୍ଯ୍ୟନ୍ତ ଯେତେ ପରୀକ୍ଷାମୂଳକ ପ୍ରଚେଷ୍ଟା କରିଛି; ସେଥିରୁ ମୁଁ ଏହି ସିଦ୍ଧାନ୍ତରେ ପହଞ୍ଚିଛି ଯେ ଶିକ୍ଷାରେ ଉଦ୍ୟୋଗ, ବିଶେଷ କରି ସୂତାକଟାକୁ ଗୋଟିଏ ମହତ୍ତ୍ୱ ସ୍ଥାନ ଦିଆଯିବା ଦରକାର ।

Digitized by srujanika@gmail.com

ପ୍ରକୃତ ଶିକ୍ଷା ବିଦ୍ୟାଳୟ ଚୁଡ଼ଲପଟରେ ହିଁ ଆରମ୍ଭ କରାଯାଇଥାଏ । ଯେ ଏହାର ତାତ୍ପର୍ଯ୍ୟ ହୃଦୟଙ୍ଗମ କରିପାରେ, ସେ ସର୍ବଦା ବିଦ୍ୟାର୍ଥୀ-ରୂପେ ପରିଗଣିତ । ନିଜର କର୍ତ୍ତବ୍ୟ ପାଳନ କରିବା ସଙ୍ଗେ ସଙ୍ଗେ ସେ ନିଜ ଜ୍ଞାନର ପରିସର ବୃଦ୍ଧି କରିଥାଏ । ଯେ ସମସ୍ତ କାର୍ଯ୍ୟ ବୁଝି ବିଘ୍ନ ସମ୍ପାଦନ କରେ, ତାର ଜ୍ଞାନ ପ୍ରତ୍ୟକ୍ଷ ବୃଦ୍ଧି ପାଇବା ସ୍ୱାଭାବିକ ।

ଲୋକଙ୍କର ଧାରଣା ଯେ ଶିକ୍ଷକଙ୍କ ବିନା ସାହାଯ୍ୟରେ ଶିକ୍ଷାପ୍ରାପ୍ତି ଅସମ୍ଭବ । ଏହା ସମାଜର ବୌଦ୍ଧିକ ପ୍ରଗତିର ଅନ୍ତରାୟ । ମଣିଷର ସବୁଠାରୁ ଭଲ ଶିକ୍ଷକ ହେଉଛି ସେହି ମଣିଷ । ଆଜିକାଲି ଶିକ୍ଷକଙ୍କ ବିନା ସାହାଯ୍ୟରେ ଶିକ୍ଷା ପାଇବା ଅଭ୍ୟାସ କ୍ରମେ ବୃଦ୍ଧି ପାଉଛି । ଅନୁଭବ ହେଉଛି ସବୁଠାରୁ ବଡ଼ ସ୍କୁଲ । ଯେକୌଣସି ଧନ୍ଦା ଏହି ସ୍କୁଲରେ ଶିକ୍ଷା କରାଯାଇପାରେ । ବିଦ୍ୟାଳୟରୁ ପ୍ରାପ୍ତ ଜ୍ଞାନ ସ୍ୱୟଂସମ୍ପୂର୍ଣ୍ଣ ନୁହେଁ ।

ଶିଶୁକୁ ଶିକ୍ଷା ଦେବା ପିତାମାତାଙ୍କର ଧର୍ମ । ଅସୁମାରି ପାଠଶାଳା ନ ଖୋଲି ପ୍ରକୃତ ଶିକ୍ଷାର ବାୟୁମଣ୍ଡଳ ସୃଷ୍ଟି କରାଯାଇପାରେ । ଆଶ୍ରମ-ଶିକ୍ଷା ଠିକ୍ ଏହି ସତ୍ୟର ଅନୁଯାୟୀ । ଆଶ୍ରମର ପ୍ରତ୍ୟେକ ବିଭାଗ ଗୋଟିଏ ଲେଖାଏଁ ବିଦ୍ୟାଳୟ ।

ସାମ୍ପ୍ରଦାୟିକ ଏକତା

ସାମ୍ପ୍ରଦାୟିକ ଏକତାରକ୍ଷା କରିବା ସମସ୍ତଙ୍କର କର୍ତ୍ତବ୍ୟ । ଏକତା ଅର୍ଥ କେବଳ ରାଜନୈତିକ ଐକ୍ୟ ନୁହେଁ । ରାଜନୈତିକ ଐକ୍ୟକୁ କୋରଜବରଦସ୍ତି କରି ଲାଭ କରାଯାଇ ନ ପାରେ । ଏକତାର ପ୍ରକୃତ ଅର୍ଥ ହେଉଛି ଅନ୍ତରର ଅତୁଟ ମିଳନ । ଏକତାର ସୁରକ୍ଷାପାଇଁ ହିନ୍ଦୁ, ମୁସଲମାନ୍, ଈସାଇ, ପାର୍ସି, ଇତ୍ୟାଦି ସବୁ ଧର୍ମର ମହତ୍ତ୍ୱ ଓ ତାତ୍ପର୍ଯ୍ୟକୁ ସ୍ୱୀକାର କରିବାକୁ ପଡ଼ିବ ଓ ହିନ୍ଦୁସ୍ଥାନର କୋଟି କୋଟି ଲୋକଙ୍କ ସହ ଆତ୍ମୀୟତା ସ୍ଥାପନ କରିବାକୁ ପଡ଼ିବ । ସେମାନଙ୍କର ସୁଖ-ଦୁଃଖକୁ ନିଜର ସୁଖ-ଦୁଃଖ ବୋଲି ବିଚାରିବାକୁ ହେବ । ନିଜ ଧର୍ମପ୍ରତି ଯେପରି ପ୍ରେମପ୍ରଣୋଦିତ ମନୋଭାବ ଅଛି, ପର ଧର୍ମପ୍ରତି ଠିକ୍ ସେହିପରି ମନୋଭାବ ରଖିବା ଉଚିତ ।

Digitized by srujanika@gmail.com

ହିନ୍ଦୁ, ମୁସଲମାନ, ଈସାଇ, ଶିଖ୍, ପାରସୀ ସମ୍ପ୍ରଦାୟର ଲୋକେ ମତଭିନ୍ନତାଯୋଗୁଁ ହିଂସାର ଆଶ୍ରୟ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବା ଉଚିତ ନୁହେଁ । ହିନ୍ଦୁ ଓ ମୁସଲମାନ୍ ମୁହଁରେ କହିଥାନ୍ତି ଯେ ଧର୍ମରେ ବାଧ୍ୟବାଧକତାର ସ୍ଥାନ ନାହିଁ; କିନ୍ତୁ ଯଦି ହିନ୍ଦୁ ଗୋଜାତିଙ୍କୁ ବଞ୍ଚାଇବାଲାଗି ମୁସଲମାନଙ୍କୁ ହତ୍ୟା କରେ, ତାହାହେଲେ ଏହା ଆଦୌ ସୁସ୍ଥ ପରମ୍ପରା ହୋଇ ନ ପାରେ । ବରଂ ଏହା ମୁସଲମାନ୍‌ମାନଙ୍କୁ ବଳାତ୍କାରପୂର୍ବକ ହିନ୍ଦୁ ଧର୍ମ ଅବଲମ୍ବନ କରାଇବା ସହିତ ସମାନ ।

ଠିକ୍ ସେହିପରି ମୁସଲମାନ୍‌ମାନେ ଯଦି ବଳାତ୍କାରପୂର୍ବକ ମସ୍‌ଜିଦ୍ ସାମନାରେ ହିନ୍ଦୁମାନଙ୍କୁ ବାଜା ବଜାଇବାକୁ ବାରଣ କରନ୍ତି, ତାହାହେଲେ ତାହା ଏକ ଅସୁସ୍ଥ ପରମ୍ପରା ସୃଷ୍ଟି କରିବା ଅବଶ୍ୟମ୍ଭାବୀ । ଆଖପାଖରେ ଯେତେ ଗୋଳମାଳ ହେଲେ ମଧ୍ୟ ପ୍ରାର୍ଥନାରୁ ନ ଟଳିବାହିଁ ଧର୍ମ । ଯଦି କାହାକୁ ଆମର ଧାର୍ମିକ ଇଚ୍ଛାପ୍ରତି ସମ୍ମାନ ପ୍ରଦର୍ଶନ କରିବାପାଇଁ ବାଧ୍ୟ କରାଯାଏ, ତାହାହେଲେ ଭବିଷ୍ୟତର ଦାୟାଦମାନେ ଆମକୁ ଜ୍ଞାନହୀନ ଜଙ୍ଗଲୀ ବ୍ୟକ୍ତି ଅନ୍ୟ କିଛି ଆଖ୍ୟା ଦେବେ ନାହିଁ ।

ଯଦି ନିଜ ଅନ୍ତରର ଆଦେଶ ମାନି କୌଣସି ଆର୍ଯ୍ୟଧର୍ମର ପ୍ରଚାରକ ନିଜ ଧର୍ମର ଓ ମୁସଲମାନ୍ ପ୍ରଚାରକ ତାଙ୍କ ଧର୍ମର ବଡ଼ିମା ଦେଖାଏ ଓ ତଦ୍ଦ୍ୱାରା ହିନ୍ଦୁ-ମୁସଲମାନ୍ ଐକ୍ୟ ସଙ୍କଟରେ ସମ୍ମୁଖୀନ ହୁଏ, ତାହାହେଲେ ଧର୍ମ ବିଷୟରେ ତାଙ୍କର ଜ୍ଞାନ ନାହିଁ ବୋଲି କହିବାକୁ ହେବ । ଏପରି ପ୍ରଚାର ପ୍ରବୃତ୍ତିରେ ଆମ୍ଭମାନେ ବରଂ ବିଚଳିତ ହେବା ଉଚିତ ।

ଯଦି ଅନ୍ୟ ଧର୍ମ ଗ୍ରହଣ କରିଥିବା ଲୋକେ ହିନ୍ଦୁଧର୍ମ ପୁନର୍ଗ୍ରହଣ କରିବାକୁ ଚାହାନ୍ତି, ତାହାହେଲେ ତାଙ୍କର ପୂର୍ଣ୍ଣ ଅଧିକାର ଅଛି । ଯେକୌଣସି ମୁହୂର୍ତ୍ତରେ ସେ ଏହି ଧର୍ମ ଗ୍ରହଣ କରିପାରନ୍ତି । କିନ୍ତୁ ଗୋଟିଏ ଧର୍ମାବଲମ୍ବୀ ଲୋକେ ଅନ୍ୟ ଧର୍ମପ୍ରତି ଅବାଞ୍ଛିତ ମନୋଭାବ ପୋଷଣ କରିବାକୁ ଅନୁମତି ଦିଆଯିବା ଉଚିତ ନୁହେଁ । କାରଣ ଏହାଦ୍ୱାରା ଧର୍ମଗତ ସହିଷ୍ଣୁତା ଭଙ୍ଗ କରାଯାଇଥାଏ ।

Digitized by srujanika@gmail.com

ତେଣୁ ଧର୍ମର ବିସ୍ତାର ଓ ପ୍ରସାର ସାର୍ବଜନୀନ ଭିତ୍ତିରେ ହେବା ଉଚିତ । ସବୁ ଧର୍ମର ଲୋକେ ନିଜ ଧର୍ମକୁ ସାମାଜିକ ପ୍ରତିଷ୍ଠା ଦେବାପାଇଁ ସଚେଷ୍ଟ । ଏହାସତ୍ତ୍ୱେ ସାଂପ୍ରଦାୟିକ ଐକ୍ୟ ପ୍ରତିଷ୍ଠା ଉଦ୍ଦେଶ୍ୟରେ ସମସ୍ତେ ସକ୍ରିୟ ସହଯୋଗ କରିବା ଉଚିତ ।

[ବାପୁଜୀ ଓ ସୀମାନ୍ତ-ଗାନ୍ଧୀ ଗଫୁର୍ ଖାଁ]

ପ୍ରଥମେ ଗୋ-ବଧର ଉଦାହରଣ ନିଆଯାଉ । ଗୋପାଳନ ହିନ୍ଦୁଧର୍ମର ଏକ ପ୍ରଧାନ ଅଙ୍ଗରୂପେ ସ୍ୱୀକୃତ; କିନ୍ତୁ ଉଚ୍ଚ ଓ ନୀଚ ଶ୍ରେଣୀର ଲୋକେ ଗୋମାତାକୁ ସମଦୃଷ୍ଟିରେ ଦେଖୁଛନ୍ତି କି ? ତେଣୁ ମୁସଲମାନ୍‌ଙ୍କ

Digitized by srujanika@gmail.com

ଉପରେ ଶ୍ରେଷ୍ଠ ବସ୍ତ୍ର ଲଭ କଣ ? ଇଂରେଜମାନଙ୍କ ପାଇଁ ଦୈନିକ କେତେ ଗୋରୁ କଟା ନ ହୁଅନ୍ତି ! କେବେ ତ କାହିଁ ଆମେ ଅଭିଯୋଗ କରୁନାହିଁ ମାତ୍ର କେବଳ ମୁସଲମାନ୍‌ମାନେ ଗୋହତ୍ୟା କଲେ ଆମ ମନରେ କ୍ରୋଧ ସଞ୍ଚାରିତ ହେଉଛି । ଗୋହତ୍ୟାକୁ କେନ୍ଦ୍ର କରି ଯେଉଁ ଦଙ୍ଗା-ହାଙ୍ଗାମା ସୃଷ୍ଟି ହେଉଛି, ସେଥିରେ ପ୍ରତ୍ୟେକଙ୍କର ଅଯଥାରେ ଶକ୍ତି କ୍ଷୟ ହେଉଛି । ଗୋରୁ ବଞ୍ଚିବା ତ ଦୂରର କଥା, ବରଂ ମୁସଲମାନ୍‌ମାନେ ଜିଦ୍‌କରି ଅଧିକ ଗୋହତ୍ୟା କରୁଅଛନ୍ତି ।

ଏବେ ଆମକୁ ଗୋରକ୍ଷାର ଉପକ୍ରମ ପାଇଁ ଉଦ୍ୟମ କରିବାକୁ ହେବ । ହିନ୍ଦୁସ୍ଥାନରେ ଗୋଜାତିପ୍ରତି ଯେଉଁ ଅକଥନୀୟ ଅତ୍ୟାଚାର କରାଯାଏ, ତାହା ବିଶ୍ୱର କୌଣସି ରାଷ୍ଟ୍ରରେ କରାଯାଏ ନାହିଁ । ଆମର ହିନ୍ଦୁ ଗାଡ଼ିବାଲା ବଳଦଙ୍କ ଉପରେ ନିର୍ଦ୍ଦୟଭାବେ ଯେପରି ପ୍ରହାର କରନ୍ତି, ତାହା ଦେଖି ମୁଁ ଅନେକ ଥର କାନ୍ଦିଛି । ଆମେ ଗାଈଗୋରୁଙ୍କୁ ପେଟ-ପୂରା ଖାଇବାକୁ ଦେଇ ପାରୁନାହୁଁ; ତାଙ୍କୁ ଦେବତା ବୋଲି ମାନି ମଧ୍ୟ ବିନା ଦ୍ୱିଧାରେ କଂସେଇକୁ ବିକିଥାଉ ।

ଏପରି ପରିସ୍ଥିତିରେ ଏକମାତ୍ର ଶୋଭନୀୟ ଉପାୟ ହେଉଛି ମୁସଲମାନ୍‌ମାନଙ୍କର ହୃଦୟ ଜୟ କରି ଗୋଜାତିର ନିରାପତ୍ତା କେତେକାଂଶରେ ତାଙ୍କ ଉପରେ ଛାଡ଼ିଦେବାକୁ ହେବ । ଏତଦ୍‌ବ୍ୟତୀତ ଗୋରକ୍ଷାମଣ୍ଡଳ ଗଢ଼ି ଗୋଜାତି ଉପରେ ହେଉଥିବା ନିର୍ଦ୍ଦୟତା ବନ୍ଦ କରିବା, ଗୋଚର ଭୂମିର ସୁରକ୍ଷା କରିବା, ଗରିବ ଗଉଡ଼ମାନଙ୍କୁ ସାହାଯ୍ୟ କରି ସ୍ୱାବଲମ୍ବୀ ଦୁଗ୍ଧ ଉତ୍ପାଦନ କେନ୍ଦ୍ର ବସାଇବାପ୍ରତି ତୁରନ୍ତ ଧ୍ୟାନ ଦିଆଯିବା ଉଚିତ ।

ଏଥିରୁ କୌଣସି ଗୋଟିଏ ବିଷୟପ୍ରତି ହିନ୍ଦୁମାନେ ଯଦି ଧ୍ୟାନ ନ ଦିଅନ୍ତି, ତାହାହେଲେ ଭଗବାନଙ୍କ ନିକଟରେ ସେମାନେ ଅପରାଧୀ ସାବ୍ୟସ୍ତ ହେବେ । ମୁସଲମାନ୍‌ମାନଙ୍କଦ୍ୱାରା ହେଉଥିବା ଗୋହତ୍ୟା ବନ୍ଦ କରି ନ ପାରିଲେ ପାପ ହେବ ନାହିଁ; କିନ୍ତୁ ଗୋରୁଙ୍କୁ ବଞ୍ଚାଇବାପାଇଁ ମୁସଲମାନ୍‌ମାନଙ୍କ ସହିତ କଳହ କଲେ ନିଶ୍ଚୟ ଘୋର ପାପ ହେବ ।

Digitized by srujanika@gmail.com

ମସ୍‌ଜିଦ୍ ସାମନାରେ ବାଜା ବଜାଇବା ଆଳରେ ହିନ୍ଦୁ ମନ୍ଦିରର ଆରତିକୁ ବି ବାଧା କରାଯାଉଛି । ଯେପରି ହିନ୍ଦୁ ଗୋବଧରେ ଦୁଃଖୀ ହେଉଛି, ସେହିପରି ମସ୍‌ଜିଦ୍ ଆଗରେ ବାଜା ବଜାଇବା ମୁସଲମାନ୍‌ମାନଙ୍କୁ ଅପ୍ରୀତିକର ବୋଧହେଉଛି । ଏହା ବନ୍ଦ କରିବାପାଇଁ କେହି କାହାକୁ ବାଧ୍ୟ କରିପାରିବ ନାହିଁ । ହିନ୍ଦୁ ମୁସଲମାନ୍ ପରସ୍ପରର ସଦିଚ୍ଛାପ୍ରତି ବିଶ୍ୱାସ କରିବା ଉଚିତ ।

ମୁଁ ଶୁଣିବାକୁ ପାଉଛି ଯେ କେତେକ ସ୍ଥାନରେ ଠିକ୍ ନମାଜ୍ ପାଠବେଳେ ହିନ୍ଦୁମାନେ ମନ୍ଦିରରେ ଆରତି ଆରମ୍ଭ କରୁଅଛନ୍ତି । ଏହା ଏକ ହୃଦୟହୀନ ତଥା ଶତ୍ରୁତାପୂର୍ଣ୍ଣ କାର୍ଯ୍ୟ । ତେଣୁ ମିତ୍ରତାପୂର୍ଣ୍ଣ ବାତାବରଣ ସୃଷ୍ଟି ପାଇଁ ଉଦ୍ୟମ କରିଯିବା ଉଚିତ । ମୁସଲମାନ୍‌ମାନେ ହିନ୍ଦୁଙ୍କୁ ଭୟଭୀତ କରାଇ ବାଜା ବଜାଇବା ବନ୍ଦ କରିବା ଆଶା ମନରେ ରଖିବା ଉଚିତ ନୁହେଁ । ଧମକ ଦେବା କିମ୍ବା ହିଂସାକାଣ୍ଡରେ ଲିପ୍ତ ରହିବା ଅର୍ଥ ନିଜର ଆତ୍ମସମ୍ମାନ ଓ ଧର୍ମ-ବିଶ୍ୱାସର ଅବମାନନା କରିବା ।

ଏହା ନିର୍ଣ୍ଣିତ ଯେ ଯଦି ଆମର ନେତା ନ ଲଢ଼ିଲେ, ଆମେ ସାଧାରଣତଃ ଲଢ଼ି ନ ଥାଉ । ତେଣୁ ନେତୃସ୍ଥାନୀୟ ଲୋକେ ଯଦି ପାରସ୍ପରିକ ବୁଝାମଣାରେ ପହଞ୍ଚି ପାରନ୍ତେ, ତାହାହେଲେ ବାଦବିବାଦ ଓ କଳହକୁ ସାର୍ବଜନୀକ ଜୀବନରୁ ଉଚ୍ଛେଦ କରାଯାଇପାରନ୍ତା ଏବଂ ତା' ଫଳରେ ବର୍ଣ୍ଣ ପ୍ରବୃତ୍ତି ତଥା ଅଧାର୍ମିକତାର ଶକ୍ତିବୃଦ୍ଧି ହୁଅନ୍ତା ନାହିଁ । ଇଂରେଜ-ମାନଙ୍କ ଆଗମନ ପୂର୍ବରୁ ହିନ୍ଦୁ, ମୁସଲମାନ୍ ଓ ଶିଖମାନେ କଣ ନିଜ ନିଜ ମଧ୍ୟରେ କଳିତକରାଳରେ ଲିପ୍ତ ଥିଲେ ? ସେତେବେଳେ ଆମେ ସବୁ ଶାନ୍ତିରେ ରହୁଥିଲେ । ବର୍ତ୍ତମାନଭଳି ଗୋଳାଡିକୁ କେନ୍ଦ୍ର କରି ହିନ୍ଦୁ ମୁସଲମାନମାନଙ୍କ ମଧ୍ୟରେ ବୈରଭାବ ସୃଷ୍ଟି ହେଉ ନ ଥିଲା । ମୁଁ ଦୃଢ଼ତା ସହିତ କହିପାରେ ଯେ ବ୍ରିଟିଶମାନଙ୍କ ଆଗମନ ଫଳରେ ହିଁ ଏହାର ସୃଷ୍ଟି ହୋଇଛି ।

ନିଃସନ୍ଦେହ ଚିତ୍ତରେ ମୁଁ ଏକଥା ଘୋଷଣା କରି କହିବି ଯେ ଯଦି ଦେଶରେ ସାଂପ୍ରଦାୟିକ ମତଭେଦ ଲାଗିରହେ, ତାହାହେଲେ ଆମ ସ୍ୱାଧୀନତାର ସୂର୍ଯ୍ୟୋଦୟ ହେବ ନାହିଁ ।

Digitized by srujanika@gmail.com

ଭାରତରେ ଧାର୍ମିକ ସହିଷ୍ଣୁତା

ହିନ୍ଦୁଧର୍ମ :

ମୁଁ ଯେତେ ଧର୍ମ ଜାଣେ, ସେଗୁଡ଼ିକ ମଧ୍ୟରେ ହିନ୍ଦୁଧର୍ମ ସବୁଠାରୁ ବେଶି ସହିଷ୍ଣୁ । ଏଥିରେ ଆତ୍ମାଭିବ୍ୟକ୍ତି ପାଇଁ ଅଧିକ ଅବସର ମିଳିଥାଏ । ହିନ୍ଦୁଧର୍ମ ଗୋଟିଏ ଏକାଙ୍ଗୀ ଧର୍ମ ନୁହେଁ । ଏହି ଧର୍ମ ଅବଲମ୍ବନ କରି ମଧ୍ୟ ଅନ୍ୟ ଧର୍ମକୁ ଆଦର କରାଯାଇପାରେ । ଜଣେ ହିନ୍ଦୁ ଅନ୍ୟ ଧର୍ମର ଯେ କୌଣସି ବିଧି-ବିଧାନକୁ ଆଦରସହକାରେ ହୃଦୟଙ୍ଗମ କରିପାରନ୍ତି । ଅହିଂସା ସବୁ ଧର୍ମରେ ସମାନ; କିନ୍ତୁ ହିନ୍ଦୁଧର୍ମରେ ଏହିମତ ସର୍ବୋଚ୍ଚ ରୂପରେ ପ୍ରକଟିତ । ସବୁ କ୍ଷେତ୍ରରେ ଏହାର ପ୍ରୟୋଗ କରାଯାଇଛି । ଜୈନଧର୍ମ ଓ ବୌଦ୍ଧଧର୍ମ ହିନ୍ଦୁଧର୍ମରୁ ଅଲଗା, ଏହି ମତ ମୁଁ ସ୍ୱୀକାର କରେ ନାହିଁ । ହିନ୍ଦୁଧର୍ମ ଉଭୟ ମନୁଷ୍ୟ ଓ ପଶୁଙ୍କର ଏକତା ଉପରେ ବିଶ୍ୱାସ କରେ । ମୋ ମତରେ ଗୋ-ପୂଜା ଦୟା ଧର୍ମର ବିକାଶରେ ଅଦ୍ଭୁତଭାବେ ସହାୟତା କରିଥାଏ । ଏହା ପ୍ରାଣୀମାନଙ୍କର ଏକତା ଓ ପବିତ୍ରତାରେ ବିଶ୍ୱାସ ରଖିବାର ଏକ ବ୍ୟାବହାରିକ ପ୍ରୟୋଗ । ପୁନର୍ଜନ୍ମର ମହାନ୍ ଧାରଣା, ଏହି ବିଶ୍ୱାସର ପରିଣତି ମାତ୍ର । ଅନ୍ତରରେ ବର୍ଣ୍ଣାଶ୍ରମ ଧର୍ମର ଆବିଷ୍କାର ସତ୍ୟଶୋଧନର ପରିଣାମ ବ୍ୟତୀତ ଅନ୍ୟ କିଛି ନୁହେଁ ।

ବୌଦ୍ଧଧର୍ମ :

ମତ ଯେ ବୌଦ୍ଧଧର୍ମର ପୂର୍ଣ୍ଣ ବିକାଶ ଭାରତରେ ହୋଇଥିଲା । ଗୌତମ ଜଣେ ଶ୍ରେଷ୍ଠ ହିନ୍ଦୁ ଥିଲେ, ଏହା ନିଶ୍ଚିତ ସତ୍ୟ । ହିନ୍ଦୁଧର୍ମର କତିପୟ ସର୍ବୋତ୍ତମ ବିଭବ; ଯାହା କି ଲୋକଙ୍କର ଅଜ୍ଞାତରେ ଥିଲା, ସେଗୁଡ଼ିକୁ ସେ ନିଜ ଧର୍ମରେ ସନ୍ନିବେଶ କରିଥିଲେ । ବୁଦ୍ଧଦେବ ହିନ୍ଦୁଧର୍ମକୁ ତ୍ୟାଗ କରି ନ ଥିଲେ; ବରଂ ତାଙ୍କ ପ୍ରବର୍ତ୍ତିତ ଧର୍ମ ଏହି ଧର୍ମ ଉପରେ ହୋଇଥିଲା ଆଧାରିତ । ତାଙ୍କ ମତରେ ସମଗ୍ର ବିଶ୍ୱର ନୈତିକ ଶାସନ ଶାଶ୍ୱତ ଓ ଅପରିବର୍ତ୍ତନୀୟ । ନିଃସଂକୋଚ ଚିତ୍ତରେ ସେ ଘୋଷଣା କରିଯାଇଛନ୍ତି—"ନିୟମ ହିଁ ଈଶ୍ୱର" ।

Digitized by srujanika@gmail.com

ଈସାଇ ଧର୍ମ :

କେବଳ ଈଶାଙ୍କଠାରେ ଦେବଅଂଶ ଥିଲା, ଏହା ମୁଁ କଦାପି ସ୍ୱୀକାର କରିପାରିବି ନାହିଁ । ଶ୍ରୀକୃଷ୍ଣ, ରାମ, ମହମ୍ମଦଙ୍କଠାରେ ମଧ୍ୟ ସେହି ପରିମାଣରେ ଦେବଅଂଶ ଥିଲା । ସେପରି ମୁଁ ବେଦ ଓ କୋରାନ୍‌ର ପ୍ରତ୍ୟେକ ଶବ୍ଦକୁ ଈଶ୍ୱର-ପ୍ରେରିତ ବୋଲି ମାନେନାହିଁ, ସେହିପରି ବାଇବେଲ୍‌ର ପ୍ରତ୍ୟେକ ଶବ୍ଦକୁ ଈଶ୍ୱର-ପ୍ରେରିତ ବୋଲି ସ୍ୱୀକାର କରେନାହିଁ । କାରଣ ସ୍ୱତନ୍ତ୍ରଭାବେ ଦେଖିଲେ, ଏକଦିଗରୁ ମୋତେ ଈଶ୍ୱର ପ୍ରେରଣା ମିଳି ନ ଥାଏ । ମୋ ନିକଟରେ ବାଇବେଲ୍ ଯେପରି ଆଦରଣୀୟ; ଗୀତା, କୋରାନ୍ ମଧ୍ୟ ସେହିପରି ଆଦରଣୀୟ ।

ମୁଁ ଦୃଢ଼ଭାବରେ ଘୋଷଣା କରିପାରେ ଯେ ୟୁରୋପରେ ଈଶ୍ୱର-ଭାବନା ଓ ଧର୍ମାନୁଚିନ୍ତା ନାହିଁ । ୟୁରୋପରେ ଭାବନା ଅଛି ସଇତାନ୍‌ର ଭାବନା ସହିତ ତୁଳନୀୟ । ଈସାଇ ୟୁରୋପରେ କେବଳ ନାମକୁ ମାତ୍ର ରହିଅଛି । ଜନତାରୁ ଧନର ଅଦର ହେଠାରେ ବେଶି; କିନ୍ତୁ ସେମାନେ ସ୍ମରଣ ରଖିବା ଉଚିତ ଯେ ଧନଶାଳୀ ବ୍ୟକ୍ତିପକ୍ଷରେ ବୈକୁଣ୍ଠପ୍ରାପ୍ତି ଏକ କଠିନ ବ୍ୟାପାର । ୟୁରୋପୀୟମାନେ ସେମାନଙ୍କର ନୈତିକ ପ୍ରଗତି ଧନଦୌଲତରେ ମାପିଥାନ୍ତି ।

ଇସ୍‌ଲାମ ଧର୍ମ :

ଇସ୍‌ଲାମ ମୋ ଦୃଷ୍ଟିରେ ହେଉଛି ଏକ ଶାନ୍ତିର ଧର୍ମ । ଈସାଇ, ବୌଦ୍ଧ ଓ ହିନ୍ଦୁ ମଧ୍ୟ ଅନୁରୂପ ଧର୍ମ । ସାମାନ୍ୟ ପାର୍ଥକ୍ୟ ପରିଦୃଷ୍ଟ ହେଲେ ମଧ୍ୟ ସବୁ ଧର୍ମର ଉଦ୍ଦେଶ୍ୟ ହେଉଛି ଶାନ୍ତି । ଈଶ୍ୱରଙ୍କ ଉପରେ ଶୁଦ୍ଧ ବିଶ୍ୱାସ ରଖିବା, ମଣିଷ ସହିତ ମଣିଷ ଭ୍ରାତୃତ୍ୱରେ ଆବଦ୍ଧ ହେବା, ବ୍ୟବହାରରେ ସତ୍ୟର ପ୍ରୟୋଗ କରିବା ଇତ୍ୟାଦି ଇସ୍‌ଲାମ ସଂସ୍କୃତିର ଗୋଟିଏ ଲେଖାଏଁ ଅନୁସରଣୀୟ ଅଭିମୁଖ୍ୟ । ହିନ୍ଦୁଧର୍ମ ଭ୍ରାତୃଭାବ, ଈଶ୍ୱରସେବା ଓ ଦାର୍ଶନିକ ଚିନ୍ତାଧାରାରେ ଓତପ୍ରୋତ । ବ୍ୟାବହାରିକ ଧର୍ମ ମଧ୍ୟ ତତୋଽଧିକ; କିନ୍ତୁ ମୁସଲମାନ ଧର୍ମ ସେପରି ନୁହେଁ ।

ମୁଁ ଅବଶ୍ୟ ଏପରି ଆଶା କରୁନାହିଁ ଯେ ମୋ ସ୍ୱପ୍ନରୁ ଭାରତରେ ଗୋଟିଏ ମାତ୍ର ଧର୍ମ ରହିବ । ମୁଁ ଚାହେଁ ଯଥେଷ୍ଟ ଉଦାରତା ଓ ସହିଷ୍ଣୁତା-ସହକାରେ ସର୍ବଧର୍ମର ସମନ୍ୱୟ ।

Digitized by srujanika@gmail.com

ମୂର୍ତ୍ତି ପୂଜା

ଆମେ ସବୁ ମୂର୍ତ୍ତିପୂଜକ। ନିଜର ଆଧ୍ୟାତ୍ମିକ ବିକାଶ ଓ ଈଶ୍ୱରବିଶ୍ୱାସକୁ ଦୃଢ଼ କରିବାପାଇଁ ଆମେ ମନ୍ଦିର, ମସ୍‌ଜିଦ୍ ଓ ଗୀର୍ଜାକୁ ଯାଇଥାଉଁ। ଈଶ୍ୱରଙ୍କପ୍ରତି ଭକ୍ତିଭାବ ପ୍ରଦର୍ଶନ କରିବା ପାଇଁ ଲୋକମାନେ ପଥର ଓ ଧାତୁର ମୂର୍ତ୍ତି ସ୍ଥାପନ କରିଥାନ୍ତି, ମଣ୍ଡପ କମ୍ବା ସିଂହାସନ ତିଆରି କରିଥାନ୍ତି ପୁରାଣ ଓ ଠାକୁରଙ୍କ ଚିତ୍ର ଝୁଲାଇଥାନ୍ତି।

ମନ୍ଦିର, ମସଜିଦ୍ ଓ ଗୀର୍ଜା ଇତ୍ୟାଦି ଭଗବାନଙ୍କର ନିବାସସ୍ଥଳୀମାନଙ୍କରେ ମୁଁ କୌଣସି ପାର୍ଥକ୍ୟ ଦେଖି ନ ଥାଏ। ମଣିଷ ଶ୍ରଦ୍ଧା ଓ ଭକ୍ତିସହକାରେ ସେଗୁଡ଼ିକ ତିଆରି କରିଥାଏ। ତାଙ୍କର ଅଦୃଶ୍ୟ ଶକ୍ତି ନିକଟରେ ପହଞ୍ଚିବାପାଇଁ ବଳବତ୍ତର ଆକାଂକ୍ଷାର ଏଗୁଡ଼ିକ ହେଉଛି ପରିପ୍ରକାଶ।

ମୁଁ ଏକାଧାରରେ ମୂର୍ତ୍ତିପୂଜକ ଓ ମୂର୍ତ୍ତିଭଞ୍ଜକ। ମାନବଜାତିର ଉତ୍ଥାନପାଇଁ ମୂର୍ତ୍ତିପୂଜାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ମୁଁ ଚାହେଁ, ଆମ ଦେଶରେ ଥିବା ହଜାର ହଜାର ପବିତ୍ର ଦେବାଳୟର ସୁରକ୍ଷାପାଇଁ ପ୍ରାଣପାତ ଉଦ୍ୟମ କରାଯିବା ଉଚିତ। ଏହି ଅର୍ଥରେ ମୁଁ ମୂର୍ତ୍ତିଭଞ୍ଜକ ଯେ ଧର୍ମାନ୍ଧ ହୋଇ ମୂର୍ତ୍ତିପୂଜା କରିବାକୁ ମୁଁ ଆଦୌ ପସନ୍ଦ କରେନାହିଁ।

Digitized by srujanika@gmail.com

ଯେପରି ମୁଁ କୌଣସି ପୁସ୍ତକକୁ ପବିତ୍ର ମନେକରି ତା'ର ଆଦର କରିଥାଏ, ସେହିପରି ମୂର୍ତ୍ତିପୂଜା ମଧ୍ୟ କରିଥାଏ । ପବିତ୍ରତା ଓ ପୂଜାପାଇଁ ମନ୍ଦିର କିମ୍ବା ମସ୍‌ଜିଦ୍‌କୁ ଗିର୍ଜାରେ କିଛି ପାର୍ଥକ୍ୟ ନାହିଁ । କି ଦୋଷ ବି ନାହିଁ । ମଣିଷର ବୁଦ୍ଧି ସୀମିତ । ତା'ର ପ୍ରସାରପାଇଁ ମଣିଷ ଆଶାନୁରୂପ ପ୍ରଚେଷ୍ଟା କରୁନାହିଁ । ବୃକ୍ଷପୂଜା କିଛି ଖରାପ ନୁହେଁ; ବରଂ ଏହି ବନସ୍ପତି-ଜଗତରେ ଏହା ହେଉଛି ପୂଜା-ଭାବନାର ପ୍ରତୀକ । ବନସ୍ପତି-ଜଗତ ପ୍ରାକୃତିକ ସୌନ୍ଦର୍ଯ୍ୟର ଅନନ୍ତ ଭଣ୍ଡାର । ବୃକ୍ଷମାନେ ସେମାନଙ୍କର ଅସଂଖ୍ୟ ଜିହ୍ୱାରେ ପରମପିତାଙ୍କର ମହାନତା ଓ ଗୌରବ ଘୋଷଣା କରୁଅଛନ୍ତି । ବନସ୍ପତି ବିନା ଏ ପୃଥିବୀରେ ଜୀବନ ଧାରଣ ଅସମ୍ଭବ । ଯେଉଁଠି ବୃକ୍ଷସଂଖ୍ୟା କମ୍, ସେଠି ବୃକ୍ଷପୂଜାର ଆର୍ଥିକ ମହତ୍ତ୍ୱ ସ୍ୱୀକାର୍ଯ୍ୟ ।

ଗାଁକୁ ଫେରିଯାଅ

ମୁଁ ଦୃଢ଼ଭାବରେ ବିଶ୍ୱାସ କରୁଛି ଯେ ଭାରତର ସ୍ଥିତି ସମୃଦ୍ଧ ନଗରମାନଙ୍କ ଉପରେ ନୁହେଁ; ସାତ ଲକ୍ଷ ଗ୍ରାମ ହିଁ ଭାରତର ହେଉଛି ମୂଳଭିତ୍ତି । ଆମେ ସହରବାସୀମାନେ ଭାବୁ ଯେ ଆମ ଦେଶ ମୁଖ୍ୟତଃ ସହରକୁ ଭିତ୍ତିକରି ପ୍ରତିଷ୍ଠିତ ଓ ଗ୍ରାମଗୁଡ଼ିକ ନିକଟସ୍ଥ ସହରର ଅଭାବ-ଅସୁବିଧା ପୂରଣ କରିବାପାଇଁ ସୃଷ୍ଟି । ତେଣୁ ନିରନ୍ନ ଗ୍ରାମବାସୀମାନଙ୍କର ଖାଦ୍ୟପେୟ ତଥା ବସବାସଗତ ଅଭାବ-ଅସୁବିଧାପ୍ରତି ଆମ୍ଭେମାନେ ରହୁ ଉଦାସୀନ ।

ପ୍ରକୃତରେ ଦେଖିବାକୁଗଲେ ସହରବାସୀମାନେ ପ୍ରତାରଣା କରି ନିରୀହ ଗ୍ରାମବାସୀମାନଙ୍କ ଜୀବିକାନିର୍ବାହକୁ ଦୁରୂହତର କରିଥାନ୍ତି । ବହୁ ପାଶ୍ଚାତ୍ୟ ଅଫିସର୍ ଭାରତୀୟ ପଲ୍ଲୀବାସୀଙ୍କ ଅବସ୍ଥାକୁ ଲକ୍ଷ୍ୟକରି ବହୁ ପ୍ରବନ୍ଧ ଲେଖିଅଛନ୍ତି ସତ; କିନ୍ତୁ କୌଣସିଠାରେ ସେମାନଙ୍କପ୍ରତି ସହାନୁଭୂତି ପ୍ରଦର୍ଶିତ ହୋଇନାହିଁ । ବରଂ ଅର୍ଦ୍ଧାହାରୀ ତଥା ଅନାହାରୀ ଜନତାର ମର୍ମନ୍ତୁଦ ଦାରିଦ୍ର୍ୟ ବର୍ଣ୍ଣନା କରାଯାଇଅଛି । ଆମେ, ଯେଉଁମାନେ କି ସହରରେ ରହୁଛେ ଯଦି ଏହି ଦାରିଦ୍ର୍ୟର ସମ୍ମୁଖୀନ ହୁଅନ୍ତେ, ତାହାହେଲେ ଆମର ବୁଦ୍ଧିବୃତ୍ତି ଲୋପପାଇଯାଆନ୍ତା ଓ ଆୟୁ କ୍ଷୀଣରୁ କ୍ଷୀଣତର ହୁଅନ୍ତା ।

Digitized by srujanika@gmail.com

ଆମ ଦେଶରେ ଶତକଡ଼ା ୭୫ରୁ ବେଶି ଲୋକ କୃଷିଜୀବୀ । ଯଦି ଆମେ ସେମାନଙ୍କର ଝାଳବୁହା ଶ୍ରମଉପରେ ନିର୍ଭରକରୁ କିମ୍ବା ଅନ୍ୟକୁ ନିର୍ଭର କରିବାକୁ ଦେଉ, ତାହାହେଲେ ଆମ୍ଭମାନଙ୍କର ଆତ୍ମଶକ୍ତି ଓ ପରିଚାଳନା କ୍ଷମତା ରହିଲା କେଉଁଠି ? ତେଣୁ ଗ୍ରାମବାସୀଙ୍କପ୍ରତି ପ୍ରଦର୍ଶିତ ଅବହେଳାଜନିତ କ୍ଷତିରୁ ରକ୍ଷା ପାଇବାକୁ ହେଲେ ସେମାନଙ୍କର ଲୁପ୍ତ ଶିଳ୍ପ ଓ କଳାର ବିକାଶସାଧନ କରିବା ସଙ୍ଗେ ସଙ୍ଗେ ବାଣିଜ୍ୟର ବିହିତ ବ୍ୟବସ୍ଥା କରିବା ଉଚିତ । ସେମାନେ କିପରି ସ୍ୱଳ୍ପ ବ୍ୟୟରେ ପ୍ରଚୁର ଖାଦ୍ୟଶସ୍ୟ ଓ ପନିପରିବା ଆମଦାନୀ କରିବେ ଏବଂ ଉତ୍ତମ ସ୍ୱାସ୍ଥ୍ୟରକ୍ଷା କରିପାରିବେ, ତାହାର ମଧ୍ୟ ପଥ ପ୍ରଦର୍ଶନ କରିବାକୁ ହେବ । ପୁନଶ୍ଚ ଅବୈଜ୍ଞାନିକ ପାକ - ପ୍ରଣାଳୀଦ୍ୱାରା ବହୁ ଖାଦ୍ୟପ୍ରାଣ ନଷ୍ଟ ହୋଇଯାଉଅଛି । ତେଣୁ ସେମାନଙ୍କୁ ଏଥିପାଇଁ ପ୍ରୟୋଜନୀୟ ତାଲିମ ଦିଆଯିବା ଦରକାର ।

ଗାଁ ଲୋକେ କେବଳ ଯେ ଲେଖାପଢ଼ା ଜାଣିଲେ ହେଲା, ତାହା ନୁହେଁ । ଆର୍ଥନୀତିକ ଜୀବନ ଓ ଚରିତ୍ରର କିପରି ବିକାଶସାଧନ କରିବାକୁ ହେବ, ସେଥିନିମିତ୍ତ ପ୍ରଚୁର ଜ୍ଞାନ-ଧାରଣା ଦରକାର । ଅଧୁନା ସେମାନେ ଏକ ସ୍ୱୟଂକ୍ରିୟ ଯନ୍ତ୍ରବତ୍ କାର୍ଯ୍ୟ କରୁଅଛନ୍ତି; ତେଣୁ ପାରିପାର୍ଶ୍ୱିକ ଦାୟିତ୍ୱ ଓ ସୃଜନାନନ୍ଦର ଗୁରୁତ୍ୱ ସେମାନେ ଉପଲବ୍ଧି କରିପାରୁନାହାନ୍ତି । ଅର୍ଥ, ସ୍ୱାସ୍ଥ୍ୟ ଓ ସମୟ ଦୃଷ୍ଟିରୁ କିପରି ମିତବ୍ୟୟୀ ହେବା ଦରକାର, ଏ ବିଷୟରେ ଗ୍ରାମବାସୀମାନଙ୍କୁ ଶିକ୍ଷା ଦେବାକୁ ପଡ଼ିବ ।

‘ମିଓନେଲ କୃଟିସ୍’ ଆମ ଗ୍ରାମଗୁଡ଼ିକୁ ଗୋବରଗଦା ସହିତ ତୁଳନା କରିଅଛନ୍ତି । ତେଣୁ ଯଥେଷ୍ଟ ଲଜ୍ଜାସହକାରେ ଆମ୍ଭମାନଙ୍କୁ ଆଦର୍ଶ ଗ୍ରାମ-ସଂଗଠନର ଦାୟିତ୍ୱ ବହନ କରିବାକୁ ପଡ଼ିବ । ଗ୍ରାମବାସୀ ସାଧାରଣତଃ ମୁକ୍ତବାୟୁ, ସଦ୍ୟ ଖାଦ୍ୟ ଇତ୍ୟାଦିର ସୁବିଧା ଥିଲେ ମଧ୍ୟ ପାଆନ୍ତି ନାହିଁ । ବର୍ତ୍ତମାନ ମୁଁ ଖାଦ୍ୟ ସମ୍ବନ୍ଧରେ ଅନେକ ଧର୍ମପ୍ରଶ୍ନଗ୍ରର୍ଥେ ପ୍ରେରିତ ବ୍ୟକ୍ତି-ଭଳି କହୁଅଛି; କାରଣ ଗ୍ରାମଗୁଡ଼ିକୁ ଶ୍ରୀସମୃଦ୍ଧ କରିବା ମୋ ଜୀବନର ଲକ୍ଷ୍ୟ । ସେଥିଯୋଗୁଁ ଖଦୀ ଓ ଅନ୍ୟାନ୍ୟ ଗ୍ରାମ୍ୟଶିଳ୍ପଗୁଡ଼ିକର ପୁନରୁତ୍ଥାନ ସର୍ବାଦୌ ଆବଶ୍ୟକ ।

Digitized by srujanika@gmail.com

ପାଶ୍ଚାତ୍ୟ ଦେଶମାନଙ୍କରେ ଏହି ପ୍ରକାର ଶିଳ୍ପର ବ୍ୟବସ୍ଥା ରହିଛି ସତ; କିନ୍ତୁ ଲୋକେ ଯନ୍ତ୍ରଶିଳ୍ପପାଇଁ ଏହାପ୍ରତି ସେତେ ଗୁରୁତ୍ୱ ଦେଇ ନ ଥାନ୍ତି । ଆମ ଦେଶରେ ଏପରି କଲେ ଚଳିବ ନାହିଁ; ବରଂ ଏହି ଶିଳ୍ପର ବ୍ୟାପକ ବିକାଶରେ ଗ୍ରାମବାସୀଙ୍କମଧ୍ୟରେ ଜୀବନ ସଞ୍ଚାର କରାଯାଇପାରିବ ଓ ଏହାର ବିନାଶରେ ମୃତ୍ୟୁବରଣ ହିଁ ସାର ହେବ । ଗ୍ରାମରେ ବିଜୁଳିଶକ୍ତି ବିନିଯୋଗରେ ଯଦି ଏହି ଶିଳ୍ପର ଅଭିବୃଦ୍ଧି ହୁଏ, ତାହାହେଲେ ମୁଁ ଅଧିକ ଖୁସି ହେବି । ମୁଁ ଚାହେଁ, ପ୍ରତି ଗ୍ରାମରେ ଚରଣ ଭୂମିପରି ଗୋଟିଏ ଲେଖାଏଁ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ରହୁ; କିନ୍ତୁ ଯେପର୍ଯ୍ୟନ୍ତ ଏହାର ବ୍ୟବସ୍ଥା ନ ହୋଇଛି, ହସ୍ତଶିଳ୍ପ ବ୍ୟତୀତ ଗ୍ରାମବାସୀମାନଙ୍କର ଅଧିକ ଆୟର ଅନ୍ୟ ଉପାୟ ଅଛି କି ?

ଶିକ୍ଷିତସମ୍ପ୍ରଦାୟଙ୍କଠାରୁ ଗ୍ରାମଗୁଡ଼ିକ କୌଣସି ଉପାୟରେ ଉପକୃତ ହେଉନାହାନ୍ତି; କାରଣ ସେମାନେ ନଗରଜୀବନପ୍ରତି ଅଧିକ ଆସକ୍ତି ପ୍ରକାଶ କରୁଅଛନ୍ତି । ଆନ୍ଦୋଳନ ଜରିଆରେ ସଂସ୍କାର ଆଣିବା ସଙ୍ଗେ ସଙ୍ଗେ ଗ୍ରାମବାସୀମାନଙ୍କ ମନରେ ସେବା-ମନୋବୃତ୍ତି ସଞ୍ଚାର କରିବାକୁ ହେବ ଓ ଗ୍ରାମମାନଙ୍କ ମଧ୍ୟରେ ଅବିଭାଜ୍ୟ ବନ୍ଧୁତ୍ୱ ସ୍ଥାପନ କରିବାକୁ ପଡ଼ିବ ।

ପୂର୍ବେ ଆମ ଗ୍ରାମଗୁଡ଼ିକ ନଗରର ସମସ୍ତ ଅଭାବ-ଅସୁବିଧା ପୂରଣ କରୁଥିଲେ; କିନ୍ତୁ ଦିନ ଆସିଲା, ଯେତେବେଳେ କି ନଗରବାସୀଙ୍କ ବିଦେଶୀ ବଜାରର ମୋହ ଗ୍ରାମବାସୀଙ୍କୁ ଏହି ସୁବିଧାସୁଯୋଗରୁ ପୂରାପୂରି ବଞ୍ଚିତ କଲା । ଗ୍ରାମବାସୀ କ୍ରମେ ହାତବାନ୍ଧି ବସିଲେ । ବର୍ତ୍ତମାନ ନଗରବାସୀମାନେ ସହାନୁଭୂତିଶୀଳ ହୋଇ ସବୁଦିଗରୁ ନିରୀହ ଗ୍ରାମବାସୀମାନଙ୍କୁ ସକ୍ରିୟ ସାହାଯ୍ୟ କରିବା ଦରକାର । ନଗର ଓ ଗ୍ରାମ ଉଭୟ ମଧ୍ୟରେ ଏକ ଦୃଢ଼ ନୈତିକ ସମ୍ପର୍କ ସ୍ଥାପିତ ହେଉ, ଏହାହିଁ ମୋର କାମନା । ଏହି ପବିତ୍ର ସାମାଜିକ ପୁନର୍ଗଠନ ନିମିତ୍ତ ନଗରର ବାଳକ-ବାଳିକାମାନଙ୍କର ସକ୍ରିୟ ସହଯୋଗ ଏକାନ୍ତ ଆବଶ୍ୟକ । ପୁନଶ୍ଚ ଗ୍ରାମ ସହିତ ସେମାନଙ୍କର ଶିକ୍ଷାଗତ ସମ୍ପର୍କ ରହିବା ବିଧେୟ ।

ଗ୍ରାମୋନ୍ନତି ଆନ୍ଦୋଳନ ପ୍ରକୃତ ନଗରବାସୀଙ୍କ ପକ୍ଷରେ ଏକ ଶିକ୍ଷଣୀୟ ବସ୍ତୁ; ଏଥିରେ ସନ୍ଦେହ ନାହିଁ । ନଗରରୁ କର୍ମୀମାନେ ଆସି ଗ୍ରାମବାସୀମାନଙ୍କର ମନୋବୃତ୍ତି ପରିବର୍ତ୍ତନ କରିବା ସଙ୍ଗେ ସଙ୍ଗେ

Digitized by srujanika@gmail.com

[ଗାଁକୁ ଫେରଯାଅ]

Digitized by srujanika@gmail.com

ସେମାନଙ୍କର ଚଳାଚଳପ୍ରତି ଯଥେଷ୍ଟ ଧ୍ୟାନ ଦେବା ଉଚିତ । ଏହାବୋଲି ମୁଁ କହୁନାହିଁ ଯେ, ଗ୍ରାମବାସୀଙ୍କପରି ସେମାନେ ଭେକଉପାସରେ ଦିନ କଟାନ୍ତୁ; କିନ୍ତୁ ପୁରାତନ ଶୈଳୀ ଓ ବ୍ୟବସ୍ଥାର ଆମୂଳଚୂଳ ପରିବର୍ତ୍ତନ ହେଉ, ଏହାହିଁ ମୋର ଏକାନ୍ତ ଇଚ୍ଛା । ଯେକୌଣସି ପ୍ରକାରେ ଭରଣପୋଷଣ କରିବାକୁ ନ ଶିଖାଇ ଖାଦ୍ୟପେୟଗତ ଆଦର୍ଶରେ ଗ୍ରାମବାସୀମାନଙ୍କୁ ଅନୁପ୍ରାଣିତ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ । ସେମାନଙ୍କ ଚଳଣୀରୁ ଭଲ ମନ୍ଦ ନ ବାଛି ଉନ୍ନତ ସ୍ୱାସ୍ଥ୍ୟରକ୍ଷାର ଉପାୟ ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ନିଜକୁ ଜଣେକ ଗ୍ରାମବାସୀରୂପେ ସଜାଇବାକୁ ହେବ । ଗ୍ରାମବାସୀ କପରି ମୁଣ୍ଡଫଟା ଖରାରେ କାମ କରନ୍ତି, ଅପରିଷ୍କାର ଜଳ ପାନ କରନ୍ତି ଓ ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ହେଉ ବହୁବିଧ ଅସୁବିଧାର ସମ୍ମୁଖୀନ ହୁଅନ୍ତି, ତାହା ମଧ୍ୟ ନିଜ ଅଙ୍ଗରେ ନିଭାଇବାକୁ ପଡ଼ିବ । ତାହାହେଲେ ଯାଇ ଆମ୍ଭେମାନେ ସେମାନଙ୍କର ପ୍ରକୃତ ପ୍ରତିନିଧି ହୋଇପାରିବା ଓ ସେମାନେ ନିଶ୍ଚୟ ଆମର ଆହ୍ୱାନପ୍ରତି ସଜାଗ ରହିବେ ।

ଗ୍ରାମର ଆର୍ଥନୀତିକ ପୁନରୁତ୍ଥାନପାଇଁ ପ୍ରଥମେ ଖାଦ୍ୟସଂସ୍କାର ଦରକାର । ନିରାଡ଼ମ୍ବର ଓ ସୁଲଭ ଖାଦ୍ୟ ଖାଇ ଗ୍ରାମବାସୀ କପରି ତା'ର ଭଗ୍ନ ସ୍ୱାସ୍ଥ୍ୟର ଉନ୍ନତି କରିପାରିବ, ତାହାର ବିହିତ ବ୍ୟବସ୍ଥା କରିବାକୁ ପଡ଼ିବ । ପ୍ରଚୁର ଶାକ-ସବଜି ଖାଇଲେ ସେମାନେ ବର୍ତ୍ତମାନ ଭୋଗୁଥିବା ବହୁରୋଗରୁ ରକ୍ଷା ପାଇବେ । କାରଣ ସେମାନଙ୍କ ଖାଦ୍ୟରେ ଖାଦ୍ୟପ୍ରାଣର ବହୁତ ଅଭାବ ଥାଏ । ଶାକସବଜିଦ୍ୱାରା ସେହି ଅଭାବସବୁ ଦୂରୀଭୂତ ହୁଏ । ଉଦାହରଣସ୍ୱରୂପ, ଦୁଧରେ ଥିବା ଖାଦ୍ୟପ୍ରାଣ କେତେକ ଶାକସବଜିରେ ମଧ୍ୟ ରହିଅଛି ।

ବିଶେଷତଃ ଗ୍ରାମବାସୀମାନଙ୍କର କୁସଂସ୍କାର, ସଙ୍କୀର୍ଣ୍ଣତା ଇତ୍ୟାଦି ଦୂର କରିବାକୁ ହେଲେ ସେମାନଙ୍କ ସଙ୍ଗରେ ରହି ତାଙ୍କ ଦୁଃଖସୁଖରେ ଭାଗ ନେବାକୁ ପଡ଼ିବ । ତାହାହେଲେଯାଇ ସେମାନଙ୍କର ଶିକ୍ଷା ଓ କୃଷ୍ଟିଗତ ସଂସ୍କାର ଅଣାଯାଇପାରିବ ।

Digitized by srujanika@gmail.com

ଗଠନମୂଳକ କାର୍ଯ୍ୟକ୍ରମ

ସାଂପ୍ରଦାୟିକ ଐକ୍ୟ, ଅସ୍ପୃଶ୍ୟତାନିବାରଣ, ନିଶାନିବାରଣ, ଖଦୀ ଓ ଗ୍ରାମୋଦ୍ୟୋଗ, ଗ୍ରାମପଞ୍ଚାୟତ, ନୂତନ କିମ୍ବା ମୌଳିକଶିକ୍ଷା, ପ୍ରୌଢ଼ଶିକ୍ଷା, ନାରୀଜାଗରଣ, ସ୍ୱାସ୍ଥ୍ୟରକ୍ଷା ଶିକ୍ଷା, ରାଷ୍ଟ୍ରଭାଷା ପ୍ରଚାର, ମାତୃଭାଷାପ୍ରତି ଶ୍ରଦ୍ଧା, ଆର୍ଥନୀତିକ ସାମ୍ୟ ଇତ୍ୟାଦି ମୋର ଗଠନମୂଳକ କାର୍ଯ୍ୟକ୍ରମର ଅଙ୍ଗୀଭୂତ । ଏଗୁଡ଼ିକର ଅଭାବ ଆମ ପରାଧୀନତାର ପ୍ରଧାନ କାରଣ । ବର୍ତ୍ତମାନ ଏହି କାର୍ଯ୍ୟକ୍ରମର ସ୍ପଷ୍ଟ ତଥା ବୈଜ୍ଞାନିକ ବିଶ୍ଳେଷଣ କରାଯାଉ ।

ପ୍ରଥମତଃ ସାମ୍ପ୍ରଦାୟିକ ବୈଷମ୍ୟ ନିରାକୃତ ନ ହେଲେ ଆମ୍ଭମାନଙ୍କର ଉନ୍ନତି ଅସମ୍ଭବ ଓ ସ୍ୱରାଜ କଳ୍ପନା ମାତ୍ର । ହିନ୍ଦୁ, ମୁସଲମାନ୍, ଶିଖ, ଖ୍ରୀଷ୍ଟିଆନ, ପାରସୀ, ଜୈନମାନଙ୍କମଧ୍ୟରେ ଏକତା ଆସିଲେ ସାଂପ୍ରଦାୟିକ ସାମ୍ୟ ଆସିଲା ବୋଲି ଜାଣିବା । ଏମାନଙ୍କ ପ୍ରଗାଢ଼ ପ୍ରଚେଷ୍ଟା-ଦ୍ୱାରା ହିନ୍ଦୁସ୍ଥାନ ଗଠିତ ହୋଇପାରିବ । ଯଦି ଏମାନେ ଅବହେଳା ଦେଖାନ୍ତି, ଗଠନମୂଳକ କାର୍ଯ୍ୟକ୍ରମ କଦାପି କାର୍ଯ୍ୟକାରୀ ହୋଇପାରିବ ନାହିଁ ।

ଯେପର୍ଯ୍ୟନ୍ତ ଅସ୍ପୃଶ୍ୟତାରୂପକ ଅଭିଶାପ ହିନ୍ଦୁମାନଙ୍କ ମନରୁ ଅପସରି ନ ଯାଉଛି, ସେପର୍ଯ୍ୟନ୍ତ ସେମାନେ ଦୁନିଆ-ଆଖିରେ ଅସ୍ପୃଶ୍ୟ ହୋଇ ରହିଥିବେ ଓ ସ୍ୱରାଜ ନିଶ୍ଚୟ ଦୂରେଇଯିବ । ଅସ୍ପୃଶ୍ୟମାନଙ୍କୁ ଭାଇବନ୍ଧୁ ହିସାବରେ ଦେଖିଲେ ଅସ୍ପୃଶ୍ୟତା ନିବାରିତ ହେବ ଓ କ୍ରମେ କ୍ରମେ ମନରୁ ଧର୍ମଗତ ତଥା ଜାତିଗତ ଭେଦଭାବ ଉଭେଇଯିବ । 'ବସୁଧୈବ କୁଟୁମ୍ବକମ୍'—ଏହି ମହତ୍ ଭାବନାରେ ଜନସାଧାରଣ ଉଦ୍‌ବୁଦ୍ଧ ହେବେ ଓ ଅହିଂସ ଉପାୟରେ ବିଶ୍ୱଶାନ୍ତି ଆନୟନ କରାଯାଇପାରିବ ।

ଯେଉଁମାନେ ନିଶାଦ୍ରବ୍ୟ ସେବନ କରନ୍ତି, ପୂର୍ଣ୍ଣ ସ୍ୱରାଜ ସେମାନଙ୍କ ନିକଟରେ ସମ୍ପୂର୍ଣ୍ଣ ଅସମ୍ଭବ । ଏହା ସମସ୍ତଙ୍କର ସ୍ମରଣ ଉଚିତ ଯେ, ନିଶାରାକ୍ଷସୀଦ୍ୱାରା କବଳିତ ବ୍ୟକ୍ତି ଅନବରତ ମତିଭ୍ରଷ୍ଟ । ଖଦୀ ବିହୁନେ ଖାଦ୍ୟାଭାବ ଓ ଅନାହାର ସମସ୍ୟାର ଆଶୁ ସମାଧାନ ଅସମ୍ଭବ । ଏହି ଖଦୀଦ୍ୱାରା ଗ୍ରାମର ନିରନ୍ନ ଶିଳ୍ପୀକୁଳ ନିଶ୍ଚୟ ପୁନର୍ଜୀବନ ଲାଭ

Digitized by srujanika@gmail.com

କରିବ । ଖଦୀ ସମ୍ବନ୍ଧୀୟ ଯନ୍ତ୍ରପାତି (ଚରଖା, ତନ୍ତ ଇତ୍ୟାଦି) ଗାଁର ବଢ଼େଇ ଓ କମାରଦ୍ୱାରା ତିଆରି ହେବା ଉଚିତ । ଏହି ଯନ୍ତ୍ରପାତି ଗ୍ରାମରେ ତିଆରି ନ ହେଲେ ଗ୍ରାମ ଉନ୍ନତ ତଥା ଆତ୍ମନିର୍ଭରଶୀଳ ହୋଇ ପାରିବ ନାହିଁ । ଖଦୀର ପୁନରୁତ୍‌ଥାନ ଉପରେ ଗ୍ରାମ୍ୟଶିଳ୍ପର ସାମୂହିକ ବିକାଶ ସାଧାରଣତଃ ନିର୍ଭର କରିଥାଏ । ସୌରଜଗତ ସୂର୍ଯ୍ୟଙ୍କ ବିହୁନେ ଯେପରି ଆଲୋକହୀନ, ସୂର୍ଯ୍ୟ ସେହିପରି ଗ୍ରହନକ୍ଷତ୍ରଙ୍କ ଅନୁପସ୍ଥିତିରେ ଜ୍ୟୋତିହୀନ । ଅତଏବ ବିଶ୍ୱର ସମସ୍ତ ପଦାର୍ଥ ପରସ୍ପର ସମ୍ବନ୍ଧଶୀଳ । ଗ୍ରାମମାନଙ୍କର ମୁକ୍ତି ନ ଆସିଲେ ଭାରତର ମୁକ୍ତି ଅସମ୍ଭବ ।

ଯଦି ଗ୍ରାମମାନଙ୍କର ପୁନର୍ଗଠନରେ ସ୍ୱାସ୍ଥ୍ୟରକ୍ଷା ଅଙ୍ଗୀଭୂତ ନ ହୁଏ, ତାହାହେଲେ ଗ୍ରାମଗୁଡ଼ିକ ଆଜକାଲିପରି ଚିରଦିନ ଅପରିଷ୍କାର ହୋଇ ରହିବ । ସ୍ୱାସ୍ଥ୍ୟରକ୍ଷା ଗ୍ରାମ୍ୟଜୀବନର ହେଉଛି ଏକ ଅପରିତ୍ୟାଜ୍ୟ ଆଭିମୁଖ୍ୟ । ଏହା ଯେପରି ମହତ୍, ସେହିପରି କଷ୍ଟସାଧ୍ୟ ମଧ୍ୟ । ଯୁଗ ଯୁଗ ଧରି ସ୍ୱାସ୍ଥ୍ୟପ୍ରତି ଅଜ୍ଞତାବଶତଃ ଅବହେଳାର ଦୂରୀକରଣ ନିମିତ୍ତ ଅତ୍ୟୁଚ୍ଚ ଉଦ୍ୟମ ଦରକାର । ଗ୍ରାମପାଇଁ ଯେ କାମ କରେ, ସେ ଯଦି ଗ୍ରାମର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଜ୍ଞାନରେ ଧୁରୀଣ ନ ହୁଏ, ନିଜକୁ ସମୟ ପଡ଼ିଲେ ମେହେନ୍ତର ବା ଝାଡ଼ୁଦାରରୂପେ ସଜାଇ ନ ପାରେ, ତାହେଲେ ସେ ଗ୍ରାମର ଉପଯୁକ୍ତ ସେବକ ନୁହେଁ ।

ଏହା ସର୍ବବାଦୀସମ୍ମତ ଯେ ମୌଳିକଶିକ୍ଷା ବ୍ୟତୀତ ଭାରତର କୋଟି କୋଟି ଶିଶୁଙ୍କପାଇଁ ଉପଯୁକ୍ତ ଶିକ୍ଷା ଆଉ ନାହିଁ । ଗ୍ରାମସେବକ ଏହି ଶିକ୍ଷାଦାନର ବୈଜ୍ଞାନିକ ପ୍ରଣାଳୀପ୍ରତି ଧ୍ୟାନଦେବା ସଙ୍ଗେ ସଙ୍ଗେ ନିଜକୁ ଜଣେ ମୌଳିକ ଶିକ୍ଷକରୂପେ ଗଢ଼ିବା ଉଚିତ । ପ୍ରୌଢ଼ଶିକ୍ଷା ଏହି ଶିକ୍ଷାର ଅନୁଗାମୀ ହେବା ଉଚିତ । ଯେଉଁଠି ମୌଳିକ ଶିକ୍ଷାର ପୂର୍ଣ୍ଣବିକାଶ ହୋଇଛି, ସେଠାରେ ଶିଶୁମାନେ ସେମାନଙ୍କର ପିତାମାତାଙ୍କର ଶିକ୍ଷକ, ନହେଲେ ଅନ୍ତୁକ୍ତ ହେବ ନାହିଁ । ଏତଦବ୍ୟତୀତ ଗ୍ରାମସେବକମାନଙ୍କୁ ମଧ୍ୟ ପ୍ରୌଢ଼ଶିକ୍ଷାର ଦାୟିତ୍ୱ ଗ୍ରହଣ କରିବାକୁ ହେବ ।

ନାରୀମାନଙ୍କୁ ପୁରୁଷଙ୍କର ଅର୍ଦ୍ଧାଙ୍ଗିନୀରୂପେ ବର୍ଣ୍ଣନା କରାଯାଇଥାଏ । ଯେତେଦିନ ପର୍ଯ୍ୟନ୍ତ ପୁରୁଷପରି ସ୍ତ୍ରୀ ମଧ୍ୟ ଆଇନଗତ ସମାନ ଅଧିକାର ନ ପାଇଛି ଓ ଯେପର୍ଯ୍ୟନ୍ତ ଝିଅର ଜନ୍ମରେ ପୁଅ ଜନ୍ମପରି ଆନନ୍ଦ ପ୍ରକାଶ

Digitized by srujanika@gmail.com

କରା ନ ଯାଉଛି, ସେ ପର୍ଯ୍ୟନ୍ତ ଭାରତ ଆଂଶିକ ପକ୍ଷାଘାତରେ ପୀଡ଼ିତ ରହିଥିବ । ନାରୀମାନଙ୍କପ୍ରତି ଅବହେଳା ଅର୍ଥ ଅହିଂସାର ଅବମାନନା । ତେଣୁ ଗ୍ରାମସେବକ ସ୍ତ୍ରୀମାନଙ୍କୁ ବୟସ ଅନୁଯାୟୀ ମା, ଭଉଣୀ, ଝିଅପରି ଭାବି ସମଗ୍ର ନାରୀ-ସମାଜକୁ ଭକ୍ତି ଓ ଆଦର କରିବା ଉଚିତ । ତାହାହେଲେ ଯାଇ ଗ୍ରାମବାସୀଙ୍କର ବିଶ୍ୱାସଭାଜନ ହୋଇପାରିବେ । ଦୁର୍ବଳ ଲୋକ-ପକ୍ଷରେ ସ୍ୱରାଜ ଲାଭ କରିବା ଅସମ୍ଭବ । ତେଣୁ ଆମ୍ଭେମାନେ ଜନସାଧାରଣଙ୍କ ସ୍ୱାସ୍ଥ୍ୟପ୍ରତି ଅବହେଳା ଦେଖାଇ ଦୋଷୀ ହେବା ଉଚିତ ନୁହେଁ । ଅତଏବ ପ୍ରତି ଗ୍ରାମସେବକ ସାଧାରଣ ସ୍ୱାସ୍ଥ୍ୟନୀତି ଜାଣିବା ଦରକାର ।

ଭାଷାଗତ ଐକ୍ୟ ନ ଆସିଲେ ଜାତି ଜାତି ମଧ୍ୟରେ ଏକତା ଆସିପାରେ ନାହିଁ । ପୁନଶ୍ଚ ଆମ ଦେଶରେ ବହୁ ଭାଷାଗତ ବୈଷମ୍ୟ ରହିଛି । ଏହା ଭୁଲିଯାଇ ଗ୍ରାମସେବକ ରାଷ୍ଟ୍ରଭାଷାରେ ପାଣ୍ଡିତ୍ୟ ଅର୍ଜନ କରିବା ଉଚିତ । କାରଣ ଏହି ଭାଷାକୁ ହିନ୍ଦୁ ଓ ମୁସଲମାନ ଉଭୟେ ବୁଝିଥାନ୍ତି । ଇଂରେଜୀପ୍ରତି ବିଶେଷ ଅନୁରକ୍ତି ହିଁ ହେଉଛି ପ୍ରାଦେଶିକ ଭାଷାପ୍ରତି ବିତୃଷ୍ଣାର ଏକ ମୁଖ୍ୟ କାରଣ । ତେଣୁ ଗ୍ରାମସେବକର ଭାରତୀୟ ସମସ୍ତ ଭାଷାପ୍ରତି ଶ୍ରଦ୍ଧା ରହିବା ଦରକାର । ସେ ଯେଉଁଠି କାର୍ଯ୍ୟ କରିବ, ସେ ଅଞ୍ଚଳର ଭାଷା ଶିକ୍ଷା କରିବାକୁ ଭୁଲିଯିବା ଉଚିତ ନୁହେଁ; କାରଣ ଭାବର ଆଦାନପ୍ରଦାନ ପାଇଁ ଭାଷା ହେଉଛି ମୁଖ୍ୟ ମାଧ୍ୟମ ।

ଏହି କାର୍ଯ୍ୟନିର୍ଘଣ୍ଟ ଯଦି ଆର୍ଥନୀତିକ ସାମ୍ୟକୁ ଭିତ୍ତି ନ କରେ, ତାହାହେଲେ ମୋ ସ୍ୱପ୍ନ କଦାପି ବାସ୍ତବ ହୋଇପାରିବ ନାହିଁ । ଦୁନିଆର ସମସ୍ତେ ସମପରିମାଣରେ ଜିନିଷପତ୍ରର ଅଧିକାରୀ ହେଲେ ଆର୍ଥନୀତିକ ସାମ୍ୟ ଆସେ ନାହିଁ । ବରଂ ସମସ୍ତେ ଯଦି ରହିବାକୁ ଉପଯୁକ୍ତ ଘର, ଖାଇବାକୁ ପ୍ରଚୁର ସୁଷମ ଖାଦ୍ୟ ଓ ପିନ୍ଧିବାକୁ ଦରକାର ମୁତାବକ ଖଦୀ ପାଆନ୍ତି, ତାହାହେଲେ ଆର୍ଥନୀତିକ ସାମ୍ୟ ଆସିବ ବୋଲି ମୋର ବିଶ୍ୱାସ । ପରୋକ୍ଷରେ ବହୁଦିନରୁ ଆମ ଉପରେ ରାଜୁତି କରୁଥିବା ବୈଷମ୍ୟ ନିଶ୍ଚୟ ଅହିଂସାଦ୍ୱାରା ବିତାଡ଼ିତ ହେବ—ଏଥିରେ ସନ୍ଦେହର ଅବକାଶ ନାହିଁ ।

Digitized by srujanika@gmail.com

ଚରଖାର ସଙ୍ଗୀତ

ମୁଁ ଦୃଢ଼ବିଶ୍ୱାସ କରେ ଯେ, ହାତକଟା ସୂତା ଓ ହାତବୁଣା ଲୁଗା ଭାରତର ଆର୍ଥନୀତିକ ତଥା ନୈତିକ ପୁନରୁତ୍ଥାନପାଇଁ ଯଥେଷ୍ଟ ସାହାଯ୍ୟ କରିବ । କୃଷି ବ୍ୟସ୍ତ ଲୋକମାନଙ୍କୁ ଅନ୍ୟ କୌଣସି ଗୋଟିଏ କୁଟୀର-ଶିଳ୍ପକୁ ଦ୍ୱିତୀୟ ପେଷାରୂପେ ଗ୍ରହଣ କରିବାକୁ ପଡ଼ିବ । ସୂତାକଟା ହେଉଛି ଆମର ଏକ ପୁରାତନ କୁଟୀରଶିଳ୍ପ । ଖାଦ୍ୟାଭାବ ଓ ଦୈନ୍ୟକବଳରୁ ନିଜକୁ ରକ୍ଷାକରିବାକୁ ହେଲେ ଏହି ଶିଳ୍ପର ପୁନର୍ବିକାଶ କରିବାକୁ ପଡ଼ିବ ଓ ଗ୍ରାମର ଜନ୍ମୁବାୟୁକୁଳ ସ୍ୱତଃ ସାହାଯ୍ୟ ପାଇପାରିବେ ।

ସାଧାରଣତଃ ମୁଁ ଯେତେବେଳେ ସୂତା କାଟେ, ସେତେବେଳେ ଆମର ଦରିଦ୍ର ଦେଶ ବିଷୟରେ ଭାବିଥାଏ । ମଧ୍ୟବିତ୍ତ କିମ୍ବା ଧନୀଙ୍କ ତୁଳନାରେ ଗରିବମାନେ ଭଗବାନଙ୍କଠାରୁ ଆସ୍ଥା ହରାଇସାରିଲେଣି । ଯେଉଁ ବ୍ୟକ୍ତି ସର୍ବଦା ଜଠରଜ୍ୱାଳାରେ ଅସ୍ତବ୍ୟସ୍ତ, ସେ ଅନ୍ୟ କିଛି ବା ଚିନ୍ତା କରି

Digitized by srujanika@gmail.com

ପାରିବ ! ଉଦରଭରଣରେ ହିଁ ସେ ଭଗବାନଙ୍କୁ ପାଇଥାଏ । ଏପରି ବ୍ୟକ୍ତିଙ୍କ ପାଇଁ ଯେ ଖାଦ୍ୟପେୟ ବ୍ୟବସ୍ଥା କରିପାରିଲା, ସେ ହେଲା ତାଙ୍କ ଜୀବନର କର୍ଣ୍ଣଧାର । ତାହାରି ଜରିଆରେ ହିଁ ନିରନ୍ନ ବ୍ୟକ୍ତି ଭଗବାନଙ୍କର ସାନ୍ନିଧ ଲାଭ କରେ । ସୁସ୍ଥସବଳ ବ୍ୟକ୍ତିଙ୍କୁ ଭିକ୍ଷାଦେବା ଅର୍ଥ, ଗୋଟିଏ ଆତ୍ମାକୁ ନୀଚ ଓ ଭଗ୍ନୋତ୍ସାହ କରିବାଛଡ଼ା ଅନ୍ୟ କିଛି ନୁହେଁ । ଅତଏବ ଏମାନଙ୍କ ପାଇଁ । କର୍ମ-ସଂସ୍ଥାନ ଦରକାର । ହାତରେ ଯଦି ଏମାନେ ସୂତା କାଟନ୍ତି, ତା'ହେଲେ ସମାଜରେ ପେଷାଦାରୀ ଭିକ୍ଷୁକ ଆଉ ରହିବେ ନାହିଁ । ମୁଁ ସୂତା କାଟିବାରେ ପ୍ରାୟଶ୍ଚିତ୍ତ ବା ମୁକ୍ତିର ସନ୍ଧାନ ପାଇଛି । ଯେଉଁଠି ସର୍ବହରା ପାଇଁ ଆନନ୍ଦ ଓ ଶ୍ରମ ରହିଛି, ସେଇଠି ହିଁ ତାହାର ଭଗବାନ ବିରାଜମାନ । ମୁଁ ସୂତା କାଟିଲାବେଳେ ପ୍ରତି ଖିଅରେ ଭଗବାନଙ୍କୁ ଦେଖିପାରେ ।

ସୂତାକଲଗୁଡ଼ିକ ଆମର ଚାହିଦା ମୁତାବକ ସୂତା କାଟି ଯୋଗାଇ ଦେବାକୁ ଅକ୍ଷମ । ଯଦି କାଟନ୍ତି, ତାହାହେଲେ ସୂତାର ଦର ସେତେ ଶସ୍ତା ହେବନାହିଁ । କାରଣ ଅଧିକ ଧନପ୍ରାପ୍ତି ହିଁ ମିଲ୍‌ମାଲିକମାନଙ୍କର ମୁଖ୍ୟ ଆଶା । ତେଣୁ ଦେଶର ଦରକାରକୁ ଚାହିଁ ସେମାନେ କଦାପି ମୂଲ୍ୟ ନିୟନ୍ତ୍ରଣ କରିବେ ନାହିଁ । ଅତଏବ କୋଟି କୋଟି ଦରିଦ୍ର ଗ୍ରାମବାସୀଙ୍କ ହାତକୁ ଧନ ଆଣିଦେବାପାଇଁ ଚରଖାର ବ୍ୟବସ୍ଥା କରାଯାଇଅଛି । ଭାରତ କୃଷିପ୍ରଧାନ ଦେଶ, ତାହାର କୃଷକମାନଙ୍କୁ ଧନ୍ଦା ଯୋଗାଇବା ପାଇଁ କିଛି ନା କିଛି ଶିଳ୍ପର ବ୍ୟବସ୍ଥା କରିଥାଏ । ଭାରତୀୟ କୃଷକପାଇଁ ସୂତାକଟା ହିଁ ହେଉଛି ଉପଯୁକ୍ତ ଶିଳ୍ପ । ଏହା ଆମ କୃଷକ ନିକଟରେ ପୂର୍ବ ପରିଚିତ । ମୋର ଭଗବାନ ବହୁରୂପୀ । ମୁଁ ତାଙ୍କୁ ସମୟେ ସମୟେ ଚରଖା, ସାଂପ୍ରଦାୟିକ ଏକତା ଓ ଅସ୍ପୃଶ୍ୟତା ନିବାରଣ ଜରିଆରେ ଦେଖିବାକୁ ପାଇଥାଏ ଓ ତାଙ୍କ ସହିତ ସମ୍ପର୍କ ସ୍ଥାପନ କରିଥାଏ ।

ସୂତାକଟା ଏକାଧାରରେ ଗୋଟିଏ କର୍ତ୍ତବ୍ୟ ଓ ପରୋକ୍ଷରେ ପ୍ରାୟଶ୍ଚିତ୍ତ ମଧ୍ୟ । ଭାରତର ମୃତ୍ୟୁ ଆସନ୍ନ ପ୍ରାୟ । ଆପଣମାନେ କେବେ ମରଣୋନ୍ମୁଖୀ ବ୍ୟକ୍ତିକୁ ଦେଖିଅଛନ୍ତି କି ? ତା' ପାଦତଳେ କେବେ ହାତ ମାରିଛନ୍ତି ? ଏହା ସବୁଠାରୁ ଶୀତଳ ହୋଇପଡ଼ିଥାଏ; କିନ୍ତୁ ମୁଣ୍ଡରେ ହାତମାରି ଆପଣ ଉଷ୍ଣତା ଅନୁଭବ କରନ୍ତି ଓ ବ୍ୟକ୍ତି ବଞ୍ଚିବ ବୋଲି ମନକୁ ସାନ୍ତ୍ୱନା ଦେଇଥାନ୍ତି । ସେହିପରି ଭାରତମାତାର କୋଟି କୋଟି

Digitized by srujanika@gmail.com

ସନ୍ତାନ ଆଜ ମଧ୍ୟ ତାଁର ପଦଯୁଗଳ କ୍ରମେ ଶିଥିଳ ହୋଇପଡ଼ୁଛି । ଯଦି ଆପଣ ଜନମାନଙ୍କୁ ବଞ୍ଚାଇବାକୁ ଚାହାନ୍ତି, ମୁଁ ଯାହା ଅନୁରୋଧ କରୁଛି, ତାହାହିଁ କରନ୍ତୁ । ମୁଁ ଆପଣମାନଙ୍କୁ ସାବଧାନ କରାଇଦେଉଛି—ହାତରେ ସୂତା କାଟନ୍ତୁ, ନୋହିଲେ ସର୍ବନାଶ ହେବ ।

ମୁଁ ଯେତେବେଳେ କୃଷକ କୃଷିକ୍ଷେତ୍ରରେ ପରିଶ୍ରମ କରିବା କଥା ଭାବେ, ମୋ ମନରେ ଗଭୀର ଦୁଃଖ ଆସେ । ମୁଁ ସେହି ଦିନକୁ ଖୋଜିହେଉଛି, ଯେଉଁ ଦିନ ଶାସକ କିମ୍ବା ରାଜନୈତିକ ଶ୍ରେଣୀ ଦରିଦ୍ର କୃଷକ-ସମ୍ପ୍ରଦାୟ ପ୍ରତି ବିହିତ ବିବେଚନା କରିବେ, ଯଦ୍ଦ୍ୱାରା କୃଷକକୁଳର ଦୈନ୍ୟ ଅପସରିଯିବ । ଏହା ବୋଲି ମୁଁ ରାଜାଙ୍କର ଦରବାର କିମ୍ବା କୋଟିପତିଙ୍କର ନବତଳ ପ୍ରାସାଦ ପ୍ରତି ଈର୍ଷା କରୁନାହିଁ; କିନ୍ତୁ ମୋର ସେମାନଙ୍କୁ ବିନୀତ ଅନୁରୋଧ ଯେ ସେମାନେ କୃଷକ ଓ ସେମାନଙ୍କ ମଧ୍ୟରେ ଥିବା ବିଭେଦର ପ୍ରାଚୀରକୁ ଭାଙ୍ଗି ଦିଅନ୍ତୁ । ଦରିଦ୍ର କୃଷକଙ୍କୁ ସର୍ବଦା ସନ୍ନିଧିରେ ରଖିବାକୁ ଲଜ୍ଜାବୋଧ କରନ୍ତୁ ନାହିଁ । ଘରପାଖରେ ଥିବା ଦରିଦ୍ରଙ୍କ ସୁଖଦୁଃଖରେ ଅନବରତ ଭାଗ ନିଅନ୍ତୁ । ମୁଁ ଏହି ସମ୍ପର୍କ ସ୍ଥାପନ କରିବା ନିମିତ୍ତ ବହୁଦିନରୁ ଚେଷ୍ଟା କରିଆସିଅଛି । ଏଥିପାଇଁ ପୂର୍ଣ୍ଣ ମାନବିକତା ଦରକାର । ବହୁମୂଲ୍ୟ ଅସରପି ବିନିମୟରେ ଏହାର ସ୍ଥାପନା ଅସମ୍ଭବ । କୌଣସି ବସ୍ତୁର ବିନାଶ ପାଇଁ ମୋର ଯୋଜନା ଅଭିପ୍ରେତ ନୁହେଁ । ମୁଁ ଚାହେଁ ଗଠନ, ସଂସ୍କାର ଓ ଉନ୍ନତି । ଏହି ହାତକଟା ଦୁର୍ବଳ ସୂତାଖିଅଦ୍ୱାରା ହର୍ମ୍ୟ ଓ ପର୍ଣ୍ଣକୁଟୀ ମଧ୍ୟରେ ପବିତ୍ର ତଥା ନିବିଡ଼ ସମ୍ପର୍କ ସ୍ଥାପିତ ହୋଇପାରିବ ବୋଲି ମୋର ଦୃଢ଼ବିଶ୍ୱାସ । ଅନ୍ୟ କୌଣସି ଶିଳ୍ପର ବିନାଶରେ ଚରଖା ନିଜର ଆତ୍ମପ୍ରତିଷ୍ଠା କରିବାକୁ ଚାହେଁନାହିଁ । ଭାରତବାସୀ କୃଷିପରେ ସାଧାରଣତଃ ପ୍ରାୟ ୬ ମାସ ଆଳସ୍ୟରେ କାଳାତିପାତ କରନ୍ତି । କାରଣ ସେମାନଙ୍କପାଇଁ କୌଣସି ବିକଳ୍ପ ପେଷାର ବ୍ୟବସ୍ଥା ନାହିଁ । ତେଣୁ ଆଜି ଅଭାବ-ଅଭିଯୋଗର ଘନଘଟାରେ ବହୁ ବ୍ୟକ୍ତି ଅସ୍ତବ୍ୟସ୍ତ । ଏପରି ପରିସ୍ଥିତିରେ ଚରଖା ହିଁ ସ୍ଥାୟୀ ସମାଧାନ କରିପାରିବ ବୋଲି ମୋର ଦୃଢ଼ ଆଶା ।

ମୁଁ ଚରଖା ସପକ୍ଷରେ କହିବାର ଯଥେଷ୍ଟ ତାତ୍ପର୍ଯ୍ୟ ଅଛି । କାରଣ ଏହା ଅତି ପ୍ରାକୃତିକ, ସରଳ, ଶସ୍ତା ଓ ବ୍ୟବସାୟ ଦର

Digitized by srujanika@gmail.com

ଆର୍ଥନୀତିକ ସମସ୍ୟାର ସମାଧାନ କରିପାରିବ । ଅତଏବ ଚରଖା ମୂଲ୍ୟହୀନ ନୁହେଁ । ଏହା ପ୍ରତି ଘରେ ରହିବା ନିତାନ୍ତ ଦରକାର । ଏହା ଜାତୀୟ ପ୍ରଗତି ଓ ମୁକ୍ତିର ଅମ୍ଳାନ ପ୍ରତୀକ ଓ ଏକାଧାରରେ ସୃଷ୍ଟି ଓ ଶାନ୍ତି ବିଧାୟକ । ଏହା ଦୁନିଆ ଲୋକଙ୍କୁ ସଦିଚ୍ଛା ଓ ଆତ୍ମସାହାଯ୍ୟର ଅମର ବାଣୀ ଶୁଣାଇଥାଏ । ଏହାର ରକ୍ଷଣାବେକ୍ଷଣପାଇଁ ଶାନ୍ତିଭଙ୍ଗକାରୀ, ଧ୍ୱଂସ ସୈନ୍ୟବାହିନୀର ସାହାଯ୍ୟ ଲୋଡ଼ା ନାହିଁ; ବରଂ ଏଥିପାଇଁ ଦରକାର ମାନସିକ ଦୃଢ଼ତା । ଯଦି ଅଗଣିତ ଜନତା ପ୍ରତ୍ୟହ ଖାଦ୍ୟ ପ୍ରସ୍ତୁତ କଲପରି ସୂତାକଟାକୁ ଦୈନିକ କାର୍ଯ୍ୟନିର୍ଘଣ୍ଟରେ ଅଙ୍ଗୀଭୂତ କରନ୍ତେ, ତା'ହେଲେ ସେମାନଙ୍କର ଦୈନ୍ୟ ଅଚିରେ ଅପସରିଯାନ୍ତା ।

ଭାବୀ ବଂଶଧରମାନେ ଏଥିପାଇଁ ମୋତେ ଅଭିଶାପ ଦେଇପାରନ୍ତି; କିନ୍ତୁ ଚରଖାର ପୁନର୍ବିକାଶରେ କଲ୍ୟାଣ ପାଇବ ବୋଲି ମୋର ଦୃଢ଼ ବିଶ୍ୱାସ । ମୁଁ ଚରଖାରେ ଶାନ୍ତି, ସଦିଚ୍ଛା ଓ ପ୍ରେମର ସନ୍ଧାନ ପାଇଛି । ଏହା ପ୍ରତି ଅବହେଳା ପ୍ରଦର୍ଶନଦ୍ୱାରା ଭାରତୀୟମାନେ ଦାସତ୍ୱ ସ୍ୱୀକାର କରିଅଛନ୍ତି ଓ ଏହାର ସ୍ୱତଃପ୍ରବୃତ୍ତ ପୁନରୁତ୍ଥାନରେ ଭାରତର ମୁକ୍ତି ଅବଶ୍ୟମ୍ଭାବୀ ।

ଛାତ୍ରମାନଙ୍କପାଇଁ ଅନୁଶାସନ ବ୍ୟବସ୍ଥା

ମୁଁ ଏହି କାର୍ଯ୍ୟକ୍ରମ ଛାତ୍ରମାନଙ୍କପାଇଁ ସ୍ଥିର କରିଛି । ସେମାନେ ଏଥିପାଇଁ ଅକୁଣ୍ଠିତ ଚିତ୍ତରେ ସମୟ ଦେବା ଉଚିତ । ମୁଁ ଜାଣେ, ସେମାନେ ଆଳସ୍ୟରେ ବହୁ ସମୟ ନଷ୍ଟ କରନ୍ତି । ଅତଏବ ସମୟାନୁବର୍ତ୍ତୀ ହେଲେ ସେମାନଙ୍କୁ ଏହାର କାର୍ଯ୍ୟକାରିତା ପାଇଁ କଦାପି କଷ୍ଟ ପଡ଼ିବ ନାହିଁ । ଏହାବୋଲି ମୁଁ ଛାତ୍ରମାନଙ୍କୁ ବାଧ୍ୟ କରୁନାହିଁ । ମେଧାବୀ ତଥା ଦେଶସେବୀ ଛାତ୍ରମାନଙ୍କୁ ଉପଦେଶ ଛଳରେ କହିପାରେ ଯେ ସେମାନେ ବିକ୍ଷିପ୍ତ ଭାବରେ ସମସ୍ତ ଛାତ୍ରଜୀବନ ମଧ୍ୟରୁ ଗୋଟିଏ ମାତ୍ର ବର୍ଷ ଏଥିପାଇଁ ବ୍ୟୟ କରନ୍ତୁ । ଏହାଦ୍ୱାରା ସେମାନେ ମାନସିକ, ଶାରୀରିକ ତଥା ନୈତିକ ଉନ୍ନତି ସାଧନ କରିବା ସଙ୍ଗେ ସଙ୍ଗେ ଜାତୀୟ ମୁକ୍ତି ଆନ୍ଦୋଳନପାଇଁ ଯଥେଷ୍ଟ ଦାନ କରିପାରିବେ ।

Digitized by srujanika@gmail.com

୧ । ଛାତ୍ରମାନେ ରାଜନୀତିରେ ଭାଗ ନେବା ଉଚିତ ନୁହେଁ । ସେମାନେ ଛାତ୍ର ହିସାବରେ ଅନୁସନ୍ଧାନୀ; ରାଜନୀତିଜ୍ଞ ନୁହନ୍ତି ।

୨ । ରାଜନୀତିକ ଧର୍ମଘଟରେ ଭାଗ ନେବା ତାଙ୍କପକ୍ଷେ ଅନୁଚିତ । ସେମାନେ ଆଦର୍ଶଦୃଷ୍ଟିରୁ ନେତାମାନଙ୍କୁ ମାନିପାରନ୍ତି ଓ ସେମାନଙ୍କର ଭଲ ଗୁଣସବୁ ଭକ୍ତିସହକାରେ ଗ୍ରହଣ କରିପାରନ୍ତି; କିନ୍ତୁ ନେତା ବନ୍ଦୀ ହେଲେ କିମ୍ବା ମୃତ୍ୟୁବରଣ କଲେ, ତାହା ଅନୁକରଣ କରିବା ଛାତ୍ରମାନଙ୍କ ପକ୍ଷରେ କଦାପି ଶ୍ରେୟଃ ନୁହେଁ । ଯଦି ଛାତ୍ରସମାଜର ଦୁଃଖ ଅତିଶୟ ଅସହ୍ୟ ହୋଇପଡ଼େ ଓ ସମସ୍ତ ଛାତ୍ର ସମାନଭାବରେ ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରନ୍ତି, ତାହାହେଲେ ଅଧ୍ୟକ୍ଷଙ୍କ ଅନୁମତି ଅନୁଯାୟୀ ସ୍କୁଲ କିମ୍ବା କଲେଜ ବନ୍ଦ କରାଯାଇପାରେ । ଯଦି ଅଧ୍ୟକ୍ଷ ଛାତ୍ରଙ୍କର ଅଭାବ-ଅଭିଯୋଗ-ପ୍ରତି କର୍ଣ୍ଣପାତ ନ କରନ୍ତି, ପରିଚାଳକ ଅନୁତାପ କରି ଡାକିବାଯାଏ ଛାତ୍ରମାନେ ଅନୁଷ୍ଠାନ ତ୍ୟାଗ କରିପାରନ୍ତି । ମତଭିନ୍ନତାଯୋଗୁଁ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ବଳପ୍ରୟୋଗ କରିବା କିମ୍ବା ଷଡ଼ଯନ୍ତ୍ର କରିବା ଆଦୌ ଉଚିତ ନୁହେଁ । ବରଂ ଯଦି ପରସ୍ପର ଉପରେ ବିଶ୍ୱାସ ରଖି ମହତ୍ ଉପାୟରେ ଏକଜୁଟ୍ ହୁଅନ୍ତି, ତାହାହେଲେ ସେମାନଙ୍କର ବିଜୟ ସୁନିଶ୍ଚିତ ।

୩ । ତ୍ୟାଗପୂତ ମନୋବୃତ୍ତି ନେଇ ଛାତ୍ରମାନେ ନିତ୍ୟହି ସୂତା କାଟିବା ଉଚିତ । ପରିଷ୍କାର-ପରିଚ୍ଛନ୍ନତା ତଥା ଶୃଙ୍ଖଳିତ ବ୍ୟବସ୍ଥା ସେମାନଙ୍କର ହେଉଛି ପ୍ରଧାନ ଅସ୍ତ୍ର । ନିଜର ସମସ୍ତ କାର୍ଯ୍ୟ ନିଜ ହାତରେ କରିବା ଉଚିତ । ସେମାନଙ୍କର ହାତକଟା ସୂତା ନିଶ୍ଚୟ ଉନ୍ନତ ଧରଣର ହେବ । ସୂତାକଟାର ଆର୍ଥନୀତିକ, ସାମାଜିକ, ନୈତିକ ଓ ରାଜନୈତିକ ତାତ୍ପର୍ଯ୍ୟ ହୃଦୟଙ୍ଗମ ନିମନ୍ତେ ସେମାନଙ୍କର ଯଥେଷ୍ଟ ଅଧ୍ୟୟନ ଆବଶ୍ୟକ ।

୪ । ସେମାନେ ଖଦୀ ପରିଧାନ କରିବା ସଙ୍ଗେ ସଙ୍ଗେ ଗ୍ରାମ୍ୟ ଶିଳ୍ପୀଦ୍ୱାରା ତିଆରି ଜିନିଷମାନ ବ୍ୟବହାର କରିବା ବିଧେୟ । କଳତିଆରି ତଥା ବିଦେଶୀ ଜିନିଷପ୍ରତି ସେମାନଙ୍କର ଆସକ୍ତି ହ୍ରାସ ପାଇବା ଉଚିତ ।

୫ । ଜାତୀୟ ସଙ୍ଗୀତ ଓ ଜାତୀୟ ପତାକାପ୍ରତି ଶ୍ରଦ୍ଧା ପ୍ରକାଶ କରିବାପାଇଁ ଅନ୍ୟଙ୍କୁ ବାଧ୍ୟ କରିବା ଉଚିତ ନୁହେଁ । ସେମାନେ ଜାତୀୟ ପତାକା-ଚିହ୍ନିତ ବୋତାମ ବ୍ୟବହାର କରିପାରନ୍ତି; କିନ୍ତୁ ଅନ୍ୟଙ୍କୁ ସେପରି କରିବାକୁ ବାଧ୍ୟ କରିବା ଅନୁଚିତ ।

Digitized by srujanika@gmail.com

୬ । ମନରେ ସାଂପ୍ରଦାୟିକତା କିମ୍ବା ଅସ୍ପୃଶ୍ୟତା ଭାବ ଆଣିବା ଉଚିତ ନୁହେଁ । ହରିଜନ ତଥା ଅନ୍ୟ ଧର୍ମାବଲମ୍ବୀ ଛାତ୍ରମାନଙ୍କ ସହିତ ନିଜର ଆତ୍ମୀୟକପରି ସୌହାର୍ଦ୍ଦ୍ୟ ସ୍ଥାପନ କରିବା ଉଚିତ ।

୭ । ସେମାନେ ପୀଡ଼ିତ ପଡ଼ୋଶୀର ସେବା କରିବା ସଙ୍ଗେ ସଙ୍ଗେ ସନ୍ନିକଟସ୍ଥ ଗ୍ରାମମାନଙ୍କର ସଫେଇ କରିବା ଉଚିତ । କେବଳ ଏତିକି ନୁହେଁ, ସେହି ଗ୍ରାମବାସୀମାନଙ୍କୁ ପରିଷ୍କାର-ପରିଚ୍ଛନ୍ନତାର ତାତ୍ପର୍ଯ୍ୟ ବୁଝାଇବାକୁ ଭୁଲିଯିବା ଉଚିତ ନୁହେଁ ।

୮ । ସେମାନେ ସମସ୍ତେ ଜାତୀୟ ଭାଷା ଜାଣିବା ଉଚିତ

୯ । ନିଜ ଭାଷାରେ ନ ଥିବା ନୂତନ ବିଷୟସବୁ ଅନୁବାଦ କରି ନିରକ୍ଷର ଗ୍ରାମବାସୀମାନଙ୍କୁ ବୁଝାଇବା ଦରକାର ।

୧୦ । ସେମାନେ ଗୋପନଭାବରେ କୌଣସି କାର୍ଯ୍ୟ କରିବା ବାଞ୍ଛନୀୟ ନୁହେଁ । କାର୍ଯ୍ୟକଳାପ ତଥା ଆଚରଣରେ ସେମାନେ ନିରାମୟ ହେବା ଉଚିତ । ପବିତ୍ର, ନିର୍ଭୟ ତଥା ସଂଯମୀ ହେବାପାଇଁ ଶିକ୍ଷା କରିବା ଛାତ୍ରମାନଙ୍କର ପ୍ରଧାନ କର୍ତ୍ତବ୍ୟ । ଦୁର୍ବଳ ଛାତ୍ରଭାଇମାନଙ୍କୁ ସାହାଯ୍ୟ କରିବା ଓ ଅହିଂସ ଆନ୍ଦୋଳନର ମହତ୍ତ୍ୱ ଅବବୋଧ କରିବାକୁ ସର୍ବଦା ଆଗଭର ହେବା ଉଚିତ । ସମୟ ଆସିଲେ ଛାତ୍ରମାନଙ୍କୁ ଦେଶର ମୁକ୍ତିପାଇଁ ନିଜକୁ ଉତ୍ସର୍ଗ କରି ସର୍ବଦା ପ୍ରସ୍ତୁତ ହୋଇ ରହିବାକୁ ହେବ ।

୧୧ । ବାଳିକା ବନ୍ଧୁମାନଙ୍କ ନିକଟରେ ସେମାନେ ସଂଯମୀ ଓ ଦୃଢ଼ ହେବା ଦରକାର ।

Digitized by srujanika@gmail.com

ଯୁବ-ସମାଜକୁ ଆହ୍ୱାନ

ଦେଶର ଯୁବକ - ସମାଜ ଉପରେ ମୋର ସମସ୍ତ ଆଶା - ଆକାଂକ୍ଷା କେନ୍ଦ୍ରୀଭୂତ । ସେମାନେ ପାପ କଲେ ମଧ୍ୟ ସେମାନଙ୍କର ପ୍ରକୃତ କଳୁଷିତ ନୁହେଁ; କାରଣ ସେମାନେ ନିଃସହାୟ ଭାବରେ ଦୂରଦୃଷ୍ଟି ହରାଇ ଏପରି କରିଥାନ୍ତି । ତଦ୍ୱାରା ତାଙ୍କର ଓ ସମାଜର କି କ୍ଷତି ଘଟୁଛି, ତାହା ସେମାନେ ସମ୍ୟକ୍‌ଭାବେ ଉପଲବ୍ଧି କରିବା ଉଚିତ । ସେମାନେ ବୁଝିବା ଉଚିତ ଯେ, ଶୃଙ୍ଖଳିତ ଜୀବନ ସେମାନଙ୍କୁ ତଥା ସମାଜକୁ ଅସତ୍ ମାର୍ଗରୁ ଉଦ୍ଧାର କରି ସତ୍ ମାର୍ଗକୁ ନେଇଯାଇ ପାରିବ ।

ଯଦି ସେମାନେ ଭଗବାନଙ୍କୁ ସ୍ମରଣ ନ କରନ୍ତି ଓ ଲୋଭରୁ ଷାନ୍ତି ପାଇବାପାଇଁ ତାଙ୍କ ଆଶ୍ରୟ ନ ଲୋଡ଼ନ୍ତି, ତାହାହେଲେ ଶୁଷ୍କ ଶୃଙ୍ଖଳା ସେମାନଙ୍କର ଆଦୌ ଉପକାରରେ ଆସିବ ନାହିଁ । ଶିଶୁ ଯେପରି ଶିକ୍ଷା ନ ପାଇ ବଳେ ବଳେ ମା'ର ସ୍ନେହ ଲୋଡ଼ିଥାଏ, ସେହିପରି ଭଗବାନଙ୍କ ପ୍ରିତି ହୃଦୟରେ ଅନୁଭବ କରିବା ଉଚିତ । ଆଜିର ଯୁବକ କାଲି ସନ୍ତାନ-ସନ୍ତତିର ଜନକ; ତେଣୁ ତାଙ୍କୁ ଜାତିର ସର୍ବସ୍ୱ କହିଲେ ଅତ୍ୟୁକ୍ତି ହେବ ନାହିଁ । ଅତଏବ ସେ ମହତ୍ ଗୁଣାବଳୀରେ ଭୂଷିତ ହେବା ଉଚିତ । ସ୍ୱଭାବରେ ଯୁବକ-ସମାଜ ସାଧାରଣତଃ ଆବେଗଶୀଳ । ତେଣୁ ଗୃହ-ଜୀବନରେ, ବିଶେଷତଃ ୨୫ ବର୍ଷ ପର୍ଯ୍ୟନ୍ତ କଠୋର ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ହେବ । ଯୌବନାବସ୍ଥା ହେଉଛି ଗୋଟିଏ ଅମୂଲ୍ୟ ସମ୍ପଦ । ଏହା କ୍ଷଣିକ ତଥା ଅସଦାନନ୍ଦପାଇଁ ବିନିଯୁକ୍ତ ହେବା ଉଚିତ ନୁହେଁ ।

ମୁଁ ଯୁବକମାନଙ୍କୁ କହୁଛି ଯେ, ସେମାନେ ଗାଁକୁ ଯାଇ ମୁନିବ କିମ୍ବା ମୁରବି ବୋଲି ପରିଚୟ ନ ଦେଇ ବିନୀତ ସେବକ ହିସାବରେ ଗାଁର ପାଣି-ପବନରେ ନିଜକୁ ମିଶାଇ ଦିଅନ୍ତୁ । ଜୀବନର ଚାଲିଚଳନ ଓ ଦୈନନ୍ଦିନ ଜୀବିକା-ନିର୍ବାହ ପଦ୍ଧତି ସହିତ ଅନ୍ୟାନ୍ୟ ମହତ୍ ବିଷୟଗୁଡ଼ିକ ଗ୍ରାମବାସୀଙ୍କୁ ଶିଖିବାକୁ ଦିଅନ୍ତୁ । କେବଳ ଭାବନାର କିଛି ମୂଲ୍ୟ ନାହିଁ; ଏହାକୁ କାର୍ଯ୍ୟକାରୀ କରିବା ଉଚିତ । ଖାଲି ବାଷ୍ପର କିଛି ମୂଲ୍ୟ ନ ଥାଏ; କିନ୍ତୁ ଯେତେବେଳେ ଏହା ଉପଯୁକ୍ତ ଉପାୟରେ ନିୟନ୍ତ୍ରିତ ହୁଏ,

Digitized by srujanika@gmail.com

ସେତେବେଳେ ଅଦ୍ଭୁତ ଶକ୍ତି ଦାନ କରିଥାଏ । ତେଣୁ ମୁଁ ଯୁବକମାନଙ୍କୁ ଭଗବାନଙ୍କର ଦୂତ ସ୍ୱରୂପରେ ହାତରେ ସୁବାସିତ ମଲମ ନେଇ ଭାରତ-ମାତାଙ୍କର କ୍ଷତସଙ୍କୁଳ ଆତ୍ମାର ଆରୋଗ୍ୟ ଉଦ୍ଦେଶ୍ୟରେ ଆଗଭର ହୋଇ-ବାହାରିପଡ଼ିବାକୁ ଆହ୍ୱାନ କରୁଅଛି ।

Digitized by srujanika@gmail.com

ଆଜ ଗାଁପାଇଁ କାମ କରିବାକୁ ଆମ୍ଭେମାନେ ଭୟ କରୁଅଛୁ; କିନ୍ତୁ ସହରବାସୀମାନେ ଗ୍ରାମ୍ୟ ଜୀବନଯାପନ କରିବାକୁ ସଚେଷ୍ଟ ରହିବା ଉଚିତ । ଆମ୍ଭେ ଯଦି କଠିନ ଜୀବନଯାପନେ କରିବାକୁ ଅକ୍ଷମତା ପ୍ରକାଶ କରୁ, ତେବେ ସ୍ୱରାଜ ଆସିବ କପରି ?

ପୀଡ଼କ ଓ ପୀଡ଼ିତ କଣ ସବୁଦିନେ ସମାଜରେ ରହିଥିବେ ? ଅତଏବ ଆରମ୍ଭସହକାରେ ଆଗଭର ହୋଇ କାର୍ଯ୍ୟ କରିବାକୁ ପଡ଼ିବ । ଯେତେବେଳେ ଗ୍ରାମରେ ହଜାର ହଜାର ଲୋକ ମରୁଛନ୍ତି, ସେତେବେଳେ ଆମେ ବଞ୍ଚିରହି କଣ ଲାଭ ? ବର୍ତ୍ତମାନ ସେମାନଙ୍କୁ ଯଦି ବଞ୍ଚାଇବାକୁ ହୁଏ, ଆମ୍ଭମାନଙ୍କୁ ମରିବାକୁ ପଡ଼ିବ । ଗାଁଲୋକେ ଅଜାଣତରେ ତଥା ଅସମୟରେ ମୃତ୍ୟୁମୁଖରେ ପଡ଼ୁଅଛନ୍ତି । ସେମାନଙ୍କର ବାଧ୍ୟତାମୂଳକ ତ୍ୟାଗ ଆମ ଚେତନର କାରଣ । ବର୍ତ୍ତମାନ ଯଦି ଆମେ ସ୍ୱତଃପ୍ରବୃତ୍ତ ହୋଇ ମୃତ୍ୟୁବରଣ କରୁ, ତାହାହେଲେ କେବଳ ଆମେ କାହିଁକି, ଜାତି ମଧ୍ୟ ମହୀୟାନ ହେବ । ବସ୍ତୁତଃ ଯଦି ଆମେ ସ୍ୱାଧୀନ ତଥା ଆତ୍ମସମ୍ମାନଶୀଳ ଜାତି ହିସାବରେ ବଞ୍ଚିବାକୁ ଚାହୁଁ, ତାହାହେଲେ ଉପଯୁକ୍ତ ତ୍ୟାଗ କରିବାରେ ଅପାରଗତା ପ୍ରକାଶ କରିବା ଉଚିତ ନୁହେଁ ।

ଭାରତର ସ୍ଥିତି ଗ୍ରାମମାନଙ୍କରେ—ସହରମାନଙ୍କରେ ନୁହେଁ । ସହରବାସୀ ନିଜର ଚଳପ୍ରଚଳପାଇଁ ଗ୍ରାମମାନଙ୍କ ଉପରେ ଅନବରତ ନିର୍ଭର କରିଥାନ୍ତି । ତେଣୁ ସେମାନଙ୍କ ଆୟର କିୟଦଂଶ ଦରିଦ୍ର ଗ୍ରାମବାସୀମାନଙ୍କର ଉନ୍ନତିବିଧାନରେ ବ୍ୟୟିତ ହେବା ଉଚିତ । ଆମ୍ଭେମାନେ ସେମାନଙ୍କ ଉପରେ ପ୍ରଭୁତ୍ୱ ବିସ୍ତାର କରିବା ଉଚିତ ନୁହେଁ; ବରଂ ସେମାନଙ୍କର ସେବକ ହେବା ଦରକାର ।

ଯେତେବେଳେ ସହରବାସୀ ଆନ୍ତରିକତାର ସହିତ ହୃଦୟଙ୍ଗମ କରିବେ ଯେ ସେମାନେ ଗ୍ରାମବାସୀମାନଙ୍କଦ୍ୱାରା ବହୁଭାବରେ ଉପକୃତ, ସେତେବେଳେ ସେମାନଙ୍କ ପ୍ରାସାଦ, ଅନୁଷ୍ଠାନ ତଥା ଜୀବନ ଗ୍ରାମବାସୀଙ୍କ ପାଇଁ ଦୃଢ଼ତଃ ବନ୍ଧନଯୁକ୍ତ ହେବ । ଗ୍ରାମସେବକ-ଜୀବନ ଯାପନ କରିବାକୁ ହେଲେ, ଯୁବକମାନଙ୍କୁ ଆଦର୍ଶ ଉପାୟରେ ଗ୍ରାମବାସୀଙ୍କ ନିକଟରେ ନାଗରିକ ସ୍ୱାସ୍ଥ୍ୟ ଆଇନ ଉପସ୍ଥାପିତ କରିବାକୁ ପଡ଼ିବ । ଏତଦ୍‌ସଙ୍ଗେ

Digitized by srujanika@gmail.com

ପ୍ରାଥମିକ ଚିକିତ୍ସା, ସାଧାରଣ ହିସାବକିତାବ ମଧ୍ୟ ଜାଣିବା ଦରକାର । ଗ୍ରାମବାସୀମାନଙ୍କ ବିଶ୍ୱାସଭାଜନ ହେବାକୁ ହେଲେ ଗ୍ରାମସେବକଙ୍କୁ ଶୁଦ୍ଧ ଓ ପବିତ୍ର ଜୀବନଯାପନ କରିବାକୁ ପଡ଼ିବ । ପ୍ରକୃତପକ୍ଷରେ ଜଣେ ଗ୍ରାମସେବକ ତା'ର ସରଳ ତଥା ମିତବ୍ୟୟୀ ଜୀବନରେ ସୁଖର ସନ୍ଧାନ ପାଇପାରିବ । ଏଥିନିମିତ୍ତ କାର୍ଯ୍ୟନିର୍ବାହିକା ପ୍ରଣାଳୀ କୌଣସି ଧୈର୍ଯ୍ୟଶୀଳ ଯୁବକପକ୍ଷରେ ସେତେ କଷ୍ଟକର ନୁହେଁ । ଶରୀରର ଶୁଦ୍ଧତା ସବୁ କ୍ଷେତ୍ରରେ ଅପରିହାର୍ଯ୍ୟ । ଯଦି ଗ୍ରାମସେବକ ବ୍ୟକ୍ତିଗତଭାବେ ସ୍ୱାସ୍ଥ୍ୟରକ୍ଷାର ନିୟମ ତଥା ଘରୋଇ ଚିକିତ୍ସା ନ ଜାଣେ, ତାହାହେଲେ ସେ ରୋଗୀକୁ ରକ୍ଷାକରି ପାରିବ ନାହିଁ ।

ଆମ ଗ୍ରାମଗୁଡ଼ିକୁ ତିନୋଟି ବିପଦର କବଳରୁ ରକ୍ଷା କରିବାକୁ ପଡ଼ିବ । ସେଗୁଡ଼ିକ ହେଉଛି—(୧) ସାମୂହିକ ସ୍ୱାସ୍ଥ୍ୟରକ୍ଷାର ଅଭାବ, (୨) ପୁଷ୍ଟିହୀନ ଖାଦ୍ୟ ଓ (୩) ନିଶ୍ଚେଷ୍ଟତା । ଗ୍ରାମବାସୀମାନେ ନିଜ ସ୍ୱାସ୍ଥ୍ୟପ୍ରତି ସଜାଗ ନୁହନ୍ତି । ସେମାନଙ୍କର ଆଧୁନିକ ସ୍ୱାସ୍ଥ୍ୟରକ୍ଷା ପଦ୍ଧତିପ୍ରତି ଆଦୌ ବିଶ୍ୱାସ ନାହିଁ । କୃଷିକ୍ଷେତ୍ରରେ କଠିନ ତଥା ଅବୈଜ୍ଞାନିକ ପରିଶ୍ରମ କରିବା ଛଡ଼ା ଅନ୍ୟ ସୂକ୍ଷ୍ମ ଉପାୟପ୍ରତି ସେମାନେ ଧ୍ୟାନ ଦେଉ ନାହାନ୍ତି । ଏହି ସମସ୍ୟାର ଆଶୁ ସମାଧାନଦୃଷ୍ଟିରୁ ଆମ୍ଭମାନଙ୍କୁ ଅତ୍ତୁଟ ଉଦ୍ୟମ କରିବାକୁ ପଡ଼ିବ ।

ସାଧାରଣତଃ ଗ୍ରାମର ଉନ୍ନତିମୂଳକ କାର୍ଯ୍ୟରେ ଅନଭିଜ୍ଞତା ଆମର ହେଉଛି ଏକ ପୁରାତନ ବ୍ୟାଧି । ଅତଏବ ଅନ୍ତରାୟର ହିମାଦ୍ରି ଲଙ୍ଘିବାକୁ ହେଲେ ଆମର ଯଥେଷ୍ଟ ଧୈର୍ଯ୍ୟ ଓ ସହନଶୀଳତା ଦରକାର । ଆମ୍ଭେମାନେ ରୋଗୀର ପରିଚାରକ ପରି । ପରିଚାରକ ଯେପରି ଆରୋଗ୍ୟ ପର୍ଯ୍ୟନ୍ତ ରୋଗୀର ସେବା କରୁଥାଏ, ଠିକ୍ ସେହିପରି ଗ୍ରାମବାସୀମାନଙ୍କୁ ଉପର୍ଯ୍ୟୁକ୍ତ ବିପଦରୁ ମୁକ୍ତ କରିବା ପର୍ଯ୍ୟନ୍ତ ଆମ୍ଭମାନଙ୍କୁ ସେବା କରିବାକୁ ପଡ଼ିବ । ସେମାନଙ୍କ ଗହଣରେ ରହି ଦୃଢ଼ତାସହକାରେ କୁସଂସ୍କାର ଓ କୌଳିନ୍ୟକୁ ଭୁଲିଯାଇ ନିଜକୁ ସେମାନଙ୍କର ଝାଡ଼ୁଦାର, ପରିଚାରକ ଓ ସେବକ ବୋଲି ଭାବିବାକୁ ପଡ଼ିବ । ପ୍ରତିପୋଷକ ଭାବ ମନରେ ରଖିଲେ ଏପ୍ରକାର କାର୍ଯ୍ୟ ସମ୍ଭବପର ହୋଇପାରିବ ନାହିଁ । ଆମ ଧନିକଶ୍ରେଣୀ, ଯେଉଁମାନେ କି ହେଉଛନ୍ତି ଏହି ସମାଜର କଳଙ୍କ, ତାଙ୍କୁ କେବଳ ନିଜପାଇଁ

Digitized by srujanika@gmail.com

ଭୁଲିଯିବାକୁ ପଡ଼ିବ । କାରଣ ଏମାନଙ୍କ ବିଷୟ ଅନ୍ୟମାନେ ମଧ୍ୟ ଭାବୁଛନ୍ତି । ଅତଏବ ଚାଲନ୍ତୁ ବର୍ତ୍ତମାନପାଇଁ ଆମେ ଗାଁ ବିଷୟରେ ଭାବିବା । ଏହି ଭାବନା ଆମ ମନରୁ କ୍ଷଣକପାଇଁ ସୁଦ୍ଧା ଅନ୍ତର୍ହିତ ହେବା ଉଚିତ ନୁହେଁ । ପ୍ରକୃତରେ ଗ୍ରାମ୍ୟସମସ୍ୟାର ସମାଧାନରେ ସ୍ୱତଃ ଆମେମାନେ ଈପ୍ସିତ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବା ।

ଗାଁର ଚାଷୀ ଜଣେ ଜ୍ଞାନୀ ଲୋକ । ତାହାର ଅସଜଡ଼ା ବେଶବିନ୍ୟାସ ତଳେ ଆଧ୍ୟାତ୍ମିକତାର ଅସରନ୍ତି ଭଣ୍ଡାର ଆମେମାନେ ଦେଖିବାକୁ ପାଇବା । ମୁଁ ଏହାକୁ ସଂସ୍କୃତି ବୋଲି କହିଥାଏ । ଆପଣ ଏହା ପାଶ୍ଚାତ୍ୟ ଦେଶରେ ଦେଖିବାକୁ ପାଇବେ ନାହିଁ । ଜଣେ ୟୁରୋପୀୟ କୃଷକ ସହିତ କଥାବାର୍ତ୍ତା କରିବାକୁ ଚେଷ୍ଟା କରନ୍ତୁ, ଦେଖିବେ, ତାହାର ଆଧ୍ୟାତ୍ମିକ ମନୋଭାବ ଆଦୌ ନାହିଁ; କିନ୍ତୁ ଭାରତୀୟ କୃଷକର ଅଯତ୍ନ-ସମ୍ପାଦିତ ବେଶଭୂଷା ତଥା ଅବିକଳ୍ପ ସରଳ ମନୋବୃତ୍ତି ମାଧ୍ୟମରେ ପୁରାତନ ସଂସ୍କୃତିର ସନ୍ଧାନ ପାଇପାରିବେ । ଅତଏବ ଦାରିଦ୍ର୍ୟ, ଅଶିକ୍ଷା ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ଅସୁବିଧାର ଅପସାରଣପରେ ଆମେମାନେ ଏହି ଗ୍ରାମବାସୀମାନଙ୍କୁ ସର୍ବୋତ୍କୃଷ୍ଟ ନାଗରିକ ହିସାବରେ ନିଶ୍ଚୟ ଦେଖିବାକୁ ପାଇବା ।

ଗ୍ରାମୋନ୍ନତି ହିଁ ପ୍ରକୃତ ଶିକ୍ଷା । ଏହା ଲେଖାପଢ଼ାରେ ପର୍ଯ୍ୟବସିତ ନୁହେଁ । ମନୋବୃତ୍ତିର ବିକାଶ, ଉନ୍ନତ ତଥା ବିହିତ ଚିନ୍ତାଧାରା ମୁଖ୍ୟତଃ ଏହି ଶିକ୍ଷାର ଅଙ୍ଗୀଭୂତ । ଦୁନିଆରେ ଘରଠାରୁ ବଳି ସୁନ୍ଦର ତଥା ଆଦର୍ଶ ବିଦ୍ୟାଳୟ ନାହିଁ କିମ୍ବା ସାଧୁ, ଧର୍ମପରାୟଣ ପିତାମାତାଙ୍କଠାରୁ ବଳି ଉପଯୁକ୍ତ ଶିକ୍ଷକ ନାହାନ୍ତି । ଆଧୁନିକ ଶିକ୍ଷା ଗ୍ରାମବାସୀଙ୍କ ଉପରେ ଅଯଥା ବୋଝପରି ଲଦି ଦିଆଯାଇଛି ।

ଗ୍ରାମସେବକ ଯଦି ସୁରୁଚିସମ୍ପନ୍ନ ତଥା ଚରିତ୍ରବାନ୍ ନ ହୁଏ କିମ୍ବା ଆଦର୍ଶ ଘରକରଣା ଓ ପରିଚାଳନା ନ ଜାଣେ, ତାହାହେଲେ ସେ ସେବକର ସମ୍ମାନାସ୍ପଦ ଦାୟିତ୍ୱ ବହନ କରିବାକୁ ଇଚ୍ଛା କରିବା ଉଚିତ ନୁହେଁ । ଶିକ୍ଷାଦୃଷ୍ଟିରୁ ଗ୍ରାମସେବକମାନଙ୍କର ଲେଖାପଢ଼ାରେ ଯଥେଷ୍ଟ ପ୍ରବେଶ ନ ଥାଇପାରେ; କିନ୍ତୁ ଗ୍ରାମବାସୀଙ୍କର ଆର୍ଥନୀତିକ ଜୀବନ ଓ ତାହାର ବିକାଶସାଧନ କରିବାର ପଦ୍ଧତି ସମ୍ବନ୍ଧରେ ସମ୍ୟକ୍ ଜ୍ଞାନ ଅର୍ଜନ କରିବା

Digitized by srujanika@gmail.com

ଶଧେୟ । ଅଧୂନା ଯେହେତୁ ସେମାନେ ଯନ୍ତ୍ରବତ୍ ପରିଚାଳିତ, ତେଣୁ ପାରିପାର୍ଶ୍ୱିକ ଦାୟିତ୍ୱ ବହନ ଓ ଅନ୍ୟାନ୍ୟ ଉନ୍ନତିକର କାର୍ଯ୍ୟ ସମ୍ପାଦନରେ ସାଧାରଣତଃ ସେମାନେ ବିମୁଖ ।

ଯଦି ଗ୍ରାମୋନ୍ନତି ନ ହୁଏ, ତାହାହେଲେ ପୁରାତନ କୃଷ୍ଟି, ଯାହାଯୋଗୁଁ ଆମ୍ଭେମାନେ ଗର୍ବିତ ତଥା ଗୌରବାନ୍ୱିତ ହେଉଅଛୁ, ତାହା ସମ୍ମାନିତ ହେବନାହିଁ । ପୁନଶ୍ଚ ଭାବିବାର ବିଷୟ ଏହି ଯେ ପୂର୍ବେ ଗ୍ରାମଗୁଡ଼ିକ ଉନ୍ନତ ନ ଥିଲେ ଆଜିପର୍ଯ୍ୟନ୍ତ କୃଷ୍ଟି ରହିଥାନ୍ତା କିପରି ? ଅତଏବ ସେହି ପୂର୍ବର ଉନ୍ନତି ଆଜି ଆମର କାମ୍ୟ । ଗ୍ରାମକୁ ଭଲ ପାଉଥିବା ବ୍ୟକ୍ତି ଅବିଳମ୍ବରେ ଆଶୁ ନଗରୀକରଣପ୍ରତି ଗଭୀର ଧ୍ୟାନ ଦିଅନ୍ତୁ । ତଦ୍ୱାରା ଗ୍ରାମଗୁଡ଼ିକର ପୁନର୍ଗଠନ ଅଚିରେ ସମ୍ଭବପର ହୋଇପାରିବ ଓ ସହରର ସମସ୍ତ ସୁବିଧା ସହଜଲଭ୍ୟ ହେବ । ଏହା ପ୍ରତ୍ୟେକ ଦେଶପ୍ରେମୀ ଯୁବକ ନିଜର କର୍ତ୍ତବ୍ୟ ବୋଲି ଭାବନ୍ତୁ । ଏପରି କଲେ ଗ୍ରାମଗୁଡ଼ିକ ନଗରର ଓ ଗ୍ରାମବାସୀମାନେ ନଗରବାସୀଙ୍କ ଭଳି ସମସ୍ତ ସୁବିଧା ଉପଭୋଗ କରି ପାରିବେ । ଅବଶ୍ୟ ଏହା ସମୟସାପେକ୍ଷ ।

ସତ୍‌ବୋଧୋଦୟ

ମନୁଷ୍ୟର ଚିତ୍ତବୃତ୍ତି ସ୍ୱଭାବତଃ ଚଞ୍ଚଳ । ବିନା କାରଣରେ ତା'ର ମନ ଅସ୍ଥିର ହୋଇପଡ଼େ । ତା'ର ଈପ୍ସିତ ଯେତିକି ହୁଏ, ତା'ଠାରୁ ଆହୁରି ବେଶି ଗ୍ରହଣ କରିବାକୁ । ପ୍ରାଚୁର୍ଯ୍ୟ ମଧ୍ୟରେ ମଣିଷର ଆତ୍ମ-ସନ୍ତୋଷ ଲାଭ ହୁଏ ନାହିଁ । ଭୋଗବିଳାସରେ ଥିଲେ ମଧ୍ୟ ତା'ର ବାସନା ଅତୃପ୍ତ ରହେ । ତେଣୁ ଆମର ପୂର୍ବପୁରୁଷମାନେ ଭୋଗର ସୀମାରେଖା ଧାର୍ଯ୍ୟ କରିଥିଲେ । ଗଭୀର ଆଲୋଚନାପରେ ସେମାନେ ସିଦ୍ଧାନ୍ତରେ ପହଞ୍ଚିଥିଲେ ଯେ ସୁଖଦୁଃଖର ଉଦ୍ଭବସ୍ଥଳୀ ହେଉଛି ମନ । ତେଣୁ ଧନୀ ତା'ର ଧନଯୋଗୁଁ କିମ୍ବା ଦରିଦ୍ର ତା'ର ଦାରିଦ୍ର୍ୟଯୋଗୁଁ ସୁଖୀ କିମ୍ବା ଦୁଃଖୀ ହେବା ଉଚିତ ନୁହେଁ । ପୂର୍ବପୁରୁଷମାନେ ଆମକୁ ଭୋଗବାସନା ତ୍ୟାଗ କରିବାପାଇଁ ଉପଦେଶ ଦେଇଥିଲେ । ଆମର ପୂର୍ବ ଶିକ୍ଷା ଓ ସଂସ୍କୃତି

Digitized by srujanika@gmail.com

ଏପର୍ଯ୍ୟନ୍ତ ଚାଲିଆସୁଛି । ପୂର୍ବ ନିର୍ଦ୍ଧାରିତ ପଦ୍ଧତି ଅନୁଯାୟୀ ଆମେ ଆମର କାମ କରିଆସୁଛୁଁ । ନିଜ ହାତଗୋଡ଼ ଲଗାଇ ଆମେ ଯେଉଁ କାମ କରିବା, ସେଥିରୁ ପ୍ରକୃତ ସୁଖ ମିଳିବ । ଆମ ପୂର୍ବପୁରୁଷମାନେ ନଗରଜୀବନଠାରୁ ଗ୍ରାମ୍ୟ ଜୀବନକୁ ବେଶି ପସନ୍ଦ କରୁଥିଲେ । କାରଣ ସହରରେ ବହୁବର୍ଷ କୃତ୍ରିମ ଜୀବନଯାପନ ପ୍ରଣାଳୀର ବ୍ୟବସ୍ଥାଯୋଗୁଁ ଧନୀ ଓ ଦରିଦ୍ର ମଧ୍ୟରେ ପାର୍ଥକ୍ୟ ତଥା ଭେଦଭାବର ସୃଷ୍ଟି ହୁଏ ଏକ ଅବାଂଛିତ ପ୍ରାଚୀର ।

ପୂର୍ବରୁ ଆମ ଦେଶରେ ସବୁ ବ ବସ୍ଥା ଥିଲା । ଅଦାଲତ, ଜେଲ, ଡାକ୍ତର-ବୈଦ୍ୟ ଆଦିଙ୍କ ଅଭାବ ନଥିଲା । ସମସ୍ତେ ଯେ ଯାହାର କର୍ମପରିସର ମଧ୍ୟରେ କାର୍ଯ୍ୟ କରୁଥିଲେ । ବ୍ୟବସାୟିକ ଧନ୍ଦା ଉପରେ ଅତ୍ୟଧିକ ଗୁରୁତ୍ୱ ଦେଉ ନଥିଲେ ସେମାନେ । ଲୋକଙ୍କୁ ପ୍ରତାରିତ କରିବାର ଚିନ୍ତା ତାଙ୍କ ମନକୁ ସ୍ପର୍ଶ କରୁ ନଥିଲା । ସେମାନେ ଥିଲେ ଲୋକଙ୍କ ଆଶ୍ରିତ; ଜନ-ସାଧାରଣଙ୍କର ମାଲିକ କିମ୍ବା ହାକିମ ନ ଥିଲେ । ଅଦାଲତକୁ ନଯିବା ସାଧାରଣତଃ ଲୋକଙ୍କ ଅଭ୍ୟାସଗତ ଥିଲା । ସ୍ୱାର୍ଥାନ୍ୱେଷୀ,

Digitized by srujanika@gmail.com

କପଟୀ ଲୋକ ସମାଜରେ ନ ଥିଲେ କହିଲେ ଚଳେ । କ୍ଷେତର ମାଲିକ ଥିଲେ ପ୍ରଜା । ସେମାନେ ସ୍ୱଶ୍ରମ କରି ଜୀବିକା ନିର୍ବାହ କରୁଥିଲେ ଏବଂ ଉପଭୋଗ କରୁଥିଲେ ପ୍ରକୃତ ସ୍ୱରାଜ୍ୟ ।

ନମ୍ରତା, ନିଃସ୍ୱାର୍ଥପରତା ଓ ଭଦ୍ର ବ୍ୟବହାର ଲୋକଙ୍କୁ ଶିଖାଇବା ପାଇଁ କୌଣସି ସଂସ୍ଥା ନ ଥିଲା । ଲୋକେ ଏହାର ଆଚରଣ ଓ ପରିପାଳନ ସ୍ୱତଃପ୍ରବୃତ୍ତ ହୋଇ କରୁଥିଲେ । ଏହାକୁ ପୁରୁଷାର୍ଥର ଅଭାବ କୁହାଯାଇ ନ ପାରେ; ବରଂ ଏହାକୁ ଶ୍ରେଷ୍ଠତମ ପୁରୁଷାର୍ଥ କୁହାଯାଇପାରେ । ପରମାର୍ଥ ପାଇଁ ଏହା ଉଦ୍ଦିଷ୍ଟ ହେବା ଉଚିତ ଓ ଆମର ଉଦ୍ୟମ ଅନ୍ତର୍ମୁଖୀ ହେବା ବିଧେୟ ।

ଭଗବାନଙ୍କ ନାମରେ କିମ୍ବା ତାଙ୍କୁ ସମର୍ପଣ କରି କୌଣସି କାର୍ଯ୍ୟ କରିବା ସହଜ ବ୍ୟାପାର ନୁହେଁ । ଏପରି କରାଯାଉଥିବା ଶ୍ରେଷ୍ଠ ବଡ଼ ସବୁ କାମ ମୂଲ୍ୟଦୃଷ୍ଟିରୁ ସମାନ । ଅହିଂସାର ପୂଜାରୀ ଉପଯୋଗିତାବାଦର ସମର୍ଥନ କରି ନ ପାରେ । ସେ ସର୍ବଜନ ହିତାୟ ଅର୍ଥାତ୍ ସମସ୍ତଙ୍କ ହିତ ବା ଲାଭପାଇଁ କାର୍ଯ୍ୟ କରିଥାଏ । ଏହି ଆଦର୍ଶପ୍ରାପ୍ତିରେ ହିଁ ତା ଜୀବନର ହୁଏ ପରିସମାପ୍ତି । ସେବା ହିଁ ତା' ଜୀବନର ଚରମ ତଥା ପରମ ଆଦର୍ଶ । ସମସ୍ତଙ୍କର ଅଧିକତମ ସୁଖ ମଧ୍ୟରେ ଅଧିକାଂଶଙ୍କର ଅଧିକତମ ସୁଖ ମଧ୍ୟ ମିଳିଥାଏ । ଏଥିପାଇଁ ଅହିଂସାବାଦୀ ଓ ଉପଯୋଗବାଦୀ ନିଜ କର୍ତ୍ତବ୍ୟ ପଥରେ କେତେଥର ମିଳିତ ହୋଇଥାନ୍ତି । ଶେଷକୁ ଏପରି ସମୟ ଆସେ, ଉଭୟେ ସ୍ୱତନ୍ତ୍ର ପଥର ପଥିକ ହୁଅନ୍ତି ଓ ଦରୋକ୍ତିତ ପଡ଼ିଲେ ପରସ୍ପରର ବିରୁଦ୍ଧାଚରଣ କରନ୍ତି ।

ପ୍ରକୃତ ପ୍ରେମ ସମୁଦ୍ର ପରି ଅନନ୍ତ । ହୃଦୟରେ ତାହା ଜୁଆର-ଭଳି ମାଡ଼ିଯାଏ ଓ ସାମୟିକ କୂଳ ଲଙ୍ଘନ କରି ଦୁନିଆଁରେ ସୃଷ୍ଟି କରେ ଏକ ଅପୂର୍ବ ପ୍ଲାବନ । ସେବାପାଇଁ ଆବଶ୍ୟକ ଶାରୀରିକ ଶ୍ରମ; ଯାହାକୁ ଗୀତାରେ କୁହାଯାଏ ଯଜ୍ଞ । ଶରୀରଶ୍ରମ ବିନା ସେବା ଅସମ୍ଭବ । ସେବାପାଇଁ ଯେବେ କୌଣସି ପୁରୁଷ ବା ସ୍ତ୍ରୀ ଶରୀରଶ୍ରମ କରନ୍ତି, ସେମାନଙ୍କୁ ବିଜୟାଧିକାର ପ୍ରାପ୍ତ ହୁଏ ।

ଯେବେ ଆମେ ନିଜର ଅହଂକାର ଭୁଲି ନିର୍ବିକାର ମନୋଭାବ ପୋଷଣ ନ କରୁ, ତାହାହେଲେ ନିଜର ଦୋଷକୁ ଜୟ କରିବା ସମ୍ଭବ

Digitized by srujanika@gmail.com

ନୁହେଁ । ପୂର୍ଣ୍ଣ ଆତ୍ମସମର୍ପଣ ବିନା ଈଶ୍ୱର ସନ୍ତୁଷ୍ଟ ହୋଇ ନ ଥାନ୍ତି । ଯିଏ ମଣିଷ ଏପରି ସମର୍ପଣ କରେ, ତାହାହେଲେ ସେବାଦ୍ୱାରା ତାର ଆତ୍ମସତ୍ତା ଲୀନ ହୁଏ । ସେବା ତା ପକ୍ଷରେ ହୁଏ ଆନନ୍ଦ ଓ ଆମୋଦର ବିଷୟ । ଭଗବାନଙ୍କ ସୃଷ୍ଟିରେ ସେବା କରିବାପାଇଁ ସେ କେବେହେଲେ କ୍ଳାନ୍ତ ହୋଇପଡ଼େ ନାହିଁ । ସତ୍ୟର ଅନୁରକ୍ତିପାଇଁ ଆମର ସମସ୍ତ ପ୍ରବୃତ୍ତି ବିନିଯୁକ୍ତ ହେବା ଉଚିତ । ସତ୍ୟ ବିନା କୌଣସି ବିଧି-ବିଧାନ ପବିତ୍ରତା-ସହକାରେ ପାଳନ କରାଯାଇପାରେ ନାହିଁ ।

ଲୋକେ କହନ୍ତି—ସାଧନ ଗୋଟିଏ ଗୁଣର ଅଧିକାରୀ; କିନ୍ତୁ ମୋ ଦୃଷ୍ଟିରେ ସାଧନ ବହୁମୁଖୀ । ଯେଉଁଠି ସାଧନ, ସେଇଠି ସାଧ୍ୟ । ସାଧନ ଓ ସାଧ୍ୟକୁ ସ୍ୱତନ୍ତ୍ର କରିବାପାଇଁ କୌଣସି ପାଚୀର ନାହିଁ । ଆମ ସାଧନରେ ସୃଷ୍ଟିକର୍ତ୍ତା ସୀମିତ ନିୟନ୍ତ୍ରଣ ଜାରି କରିଅଛନ୍ତି; କିନ୍ତୁ ସାଧ୍ୟ ଉପରେ କୌଣସି ନିୟନ୍ତ୍ରଣ ନାହିଁ । ଲକ୍ଷ୍ୟସିଦ୍ଧି ସାଧନପରି ଶୁଦ୍ଧ ।

ହିଂସାପୂର୍ଣ୍ଣ ଉପାୟରେ ମିଳିଥିବା ସ୍ୱରାଜ ହିଂସାପୂର୍ଣ୍ଣ ହେବ । କେବଳ ଭାରତ ନୁହେଁନ୍ତି, ସମଗ୍ର ବିଶ୍ୱପ୍ରତି ତାହା ହେବ ଭୟର କାରଣ । ସାଧନ ଯଦି ଅଶୁଦ୍ଧ ହୁଏ, ତାହାହେଲେ ପରିଣତି ହୋଇଥାଏ ଅନୁରୂପ ।

ଅସତ ଉପାୟରେ ସତ୍ୟର ସଂଧାନ ଅସମ୍ଭବ । ସତ୍ୟର ପ୍ରାପ୍ତି ପାଇଁ ସତ୍ୟ ଆଚରଣ ଅପରିହାର୍ଯ୍ୟ । ଅହିଂସା ଓ ସତ୍ୟ ପରସ୍ପର ପରିପୂରକ । ସତ୍ୟରେ ଅହିଂସା ଓ ଅହିଂସାରେ ସତ୍ୟ ଲୁଚିରହିଥାଏ । ମୂଳଦୃଷ୍ଟିରୁ ଉଭୟେ ସମାନ; କିନ୍ତୁ ଉଚ୍ଚାରଣ ଭିନ୍ନ । ପୂର୍ଣ୍ଣ ପବିତ୍ରତା ବିନା ଅହିଂସା ଓ ସତ୍ୟ ପ୍ରତିଷ୍ଠିତ ହୋଇପାରେ ନାହିଁ । ଶରୀର ଓ ମନର ଅପବିତ୍ରତାକୁ ଲୁଚାଇବାପାଇଁ ଅସତ୍ୟ ଓ ହିଂସା ଜନ୍ମଲାଭ କରେ ।

ତେଣୁ ସତ୍ୟବାଦୀ ଯଥାର୍ଥ ଜଣେ ଅହିଂସକ ଓ ପବିତ୍ର ସମାଜବାଦୀ । ସେ ଭାରତ ଓ ସମଗ୍ର ବିଶ୍ୱରେ ସମାଜବାଦ ପ୍ରତିଷ୍ଠା କରିପାରେ ।

Digitized by srujanika@gmail.com

ଦରିଦ୍ର-ନାରାୟଣ

'ଦରିଦ୍ର-ନାରାୟଣ'ର ପ୍ରକୃତ ଅର୍ଥ ହେଉଛି ଦରିଦ୍ରଙ୍କ ଭଗବାନ । ମୂକ ଜନତାର ହୃଦୟରେ ବିରାଜିତ ଭଗବାନଙ୍କ ବ୍ୟତୀତ ମୁଁ ଅନ୍ୟ ଠାକୁରଙ୍କୁ ଚିହ୍ନେ ନାହିଁ; କିନ୍ତୁ ସେମାନେ ତାଙ୍କ ହୃଦୟର ଭଗବାନଙ୍କୁ ଚିହ୍ନି ପାରନ୍ତି ନାହିଁ । ସତ୍ୟ ହିଁ ମୋର ଭଗବାନ । ଜନତାର ସେବା କରିବାଦ୍ୱାରା ମୁଁ ଭଗବାନଙ୍କୁ ପୂଜା କରିଥାଏ । ମୁଁ ସେମାନଙ୍କ ନିକଟକୁ ଭଗବାନଙ୍କ ବାର୍ତ୍ତା ବହନ କରିନେବାକୁ ଅକ୍ଷମ । ସୁଖ-ସୌହାର୍ଦ୍ଦ୍ୟରହିତ ନିରନ୍ନ ଜନତା ନିକଟରେ ଖାଦ୍ୟ ହିଁ ତା'ର ଭଗବାନ । ତେଣୁ ଏ ବାର୍ତ୍ତା ମୂଲ୍ୟହୀନ; ବରଂ ସେମାନଙ୍କ ନିକଟକୁ ପବିତ୍ର କର୍ମର ବାର୍ତ୍ତା ନେବାଦ୍ୱାରା ହିଁ ମୁଁ ଭଗବାନଙ୍କ ବାର୍ତ୍ତା ନେଇପାରିବି । ସୁଷମ ଖାଦ୍ୟପେୟ ପରେ ଯେତେବେଳେ ଆମ ନିକଟରେ ଭବିଷ୍ୟତ ଅନ୍ନଚିନ୍ତା ନ ଥାଏ, ସେତେବେଳେ ଆମେ ଭଗବାନଙ୍କ ବିଷୟ କହିଥାଉଁ; କିନ୍ତୁ ଅନାହାରୀ ତଥା ଅର୍ଦ୍ଧାହାରୀ ବ୍ୟକ୍ତିଙ୍କ ନିକଟକୁ ଭଗବାନଙ୍କ ବାର୍ତ୍ତା ନେବି କିପରି ? ଅତଏବ ଭୋଜନ ହିଁ ସେମାନଙ୍କର ଭଗବାନ । ଭାରତୀୟ କୃଷକ ମାଟିରୁ ତା'ର ଖାଦ୍ୟ, ଭାତ ପାଉଛି । ମୁଁ ତାକୁ ଚରଖା ଦେଉଛି, ଯାହାଦ୍ୱାରା କି ସେ ତା'ର ଖାଦ୍ୟ ସମ୍ବନ୍ଧୀୟ ଦରକାରୀ ଜିନିଷ ପାଇପାରିବ । ମୁଁ ଆଜି ଗ୍ଲେଟ ଖଦା ପିନ୍ଧିବାର କାରଣ ହେଉଛି ଏହି ଯେ, ମୁଁ ଶତ ଶତ ଅର୍ଦ୍ଧାହାରୀ, ଅର୍ଦ୍ଧନଗ୍ନ ବ୍ୟକ୍ତିଙ୍କର ପ୍ରତିନିଧି ।

ମୁଁ ଖାଦ୍ୟାଭାବଯୋଗୁଁ ଆତ୍ମହତ୍ୟା କରିବାକୁ ଇଚ୍ଛୁକ ନାହିଁ; କାରଣ ଭାରତର ଜାଗୃତି ଓ ମୁକ୍ତିରେ ମୋର ବିଶ୍ୱାସ ଅଛି । ପରାଧୀନତାର ଚିନ୍ତା ନିଶ୍ଚୟ ଅଚିରେ ଅପସରିଯିବ । ଏଥିନିମନ୍ତେ ମନରେ ଯଦି ଦୃଢ଼ତା ନ ଆସେ, ତାହାହେଲେ ମୋର ବଞ୍ଚିରହିବାର କୌଣସି ଲାଭ ନାହିଁ । ଗରିବଙ୍କ ପକ୍ଷରେ ଅର୍ଥନୀତି ହେଉଛି ଆଧ୍ୟାତ୍ମିକ । ଅନାହାରୀ ଜନତା ନିକଟରେ କୌଣସି ଆବେଦନର ମୂଲ୍ୟ ନାହିଁ । ତୁମେ ତାଙ୍କୁ ଖାଦ୍ୟ ଦେଲେ ସେ ଭଗବାନଙ୍କପରି ତୁମକୁ ଭକ୍ତି କରିବେ । ମନରେ ଅନ୍ୟ ଭାବନା ଆଣିବାକୁ ସେମାନେ ଅକ୍ଷମ । ଆଧୁନିକ ଯୁଗର ଗତି ଓ ଭଗବାନଙ୍କ

Digitized by srujanika@gmail.com

ବିଷୟ ତାଙ୍କ ଆଗରେ କହିବା ଅର୍ଥ, ସେମାନଙ୍କୁ ଅପମାନିତ କରିବା । ତୁମେ ଯଦି ତାଙ୍କୁ ଭଗବାନଙ୍କ ବିଷୟ କହିବ, ତାହାହେଲେ ସେମାନେ ତୁମକୁ ଶୟତାନ ଛଡ଼ା ଅନ୍ୟ କିଛି କହିବେ ନାହିଁ । ସେମାନଙ୍କ ନିକଟରେ ଭଗବାନ ହେଉଛନ୍ତି ଭୟ, ବୈରନିର୍ଯ୍ୟାତନା ଗୁଣବିଶିଷ୍ଟ ଏକ ନିର୍ଦ୍ଦୟ ପୀଡ଼କ ।

ଆମ୍ଭେମାନେ ତସ୍କର ସଦୃଶ । ମୋ ନିଜର ଜରୁରି ଦରକାର ନ ଥିଲେ କୌଣସି ଜିନିଷ ଯଦି ମୁଁ ନେଇ ପାଖରେ ରଖେ, ତାହାହେଲେ ଅନ୍ୟ ଜଣଙ୍କଠାରୁ ତାହା ମୁଁ ଚୋରି କଲି ବୋଲି ଭାବିବାକୁ ହେବ । ଆମ ପ୍ରୟୋଜନକୁ ପୂର୍ଣ୍ଣ ପ୍ରକୃତିଠାରୁ ଆମେ ଯଥେଷ୍ଟ ପାଉଛେ; କିନ୍ତୁ ଯଦି ପ୍ରତ୍ୟେକ ବ୍ୟକ୍ତି ତାଙ୍କର ଦରକାରମୁତାବକ ଜିନିଷ ନିଅନ୍ତେ, ଅର୍ଥାତ୍ ବେଶି ନିଅନ୍ତେ ନାହିଁ, ତାହାହେଲେ ପୃଥିବୀରେ କଦାପି ଖାଦ୍ୟାଭାବ ଓ ଦାରିଦ୍ର୍ୟ ରହନ୍ତା ନାହିଁ କିମ୍ବା ଜଣେହେଲେ ଅନାହାରରେ ମରନ୍ତା ନାହିଁ । ଆମ ଭାରତବର୍ଷର କୋଟି କୋଟି ଲୋକ ଦିନକେ ଖାଇ ରହନ୍ତି । ସେହି ଦିନକଟି ଖଣ୍ଡିଏ ରୁଟି ଓ ଟିକିଏ ଲୁଣ ବ୍ୟତୀତ ଅନ୍ୟ କିଛି ନୁହେଁ । ଅତଏବ ଯେପର୍ଯ୍ୟନ୍ତ ଏହି ଅଗଣିତ ଜନତା ଖାଇବାକୁ ଓ ପିନ୍ଧିବାକୁ ନ ପାଇଛନ୍ତି, ସେପର୍ଯ୍ୟନ୍ତ ଆମ ପାଖରେ ଥିବା ଜିନିଷ ଉପରେ ଆମର ଅଧିକାର ନାହିଁ । ଆମ୍ଭେମାନେ ପ୍ରୟୋଜନକୁ ସଙ୍କୁଚିତ କରି ସ୍ୱତଃପ୍ରବୃତ୍ତ ହୋଇ. ସାମାନ୍ୟ ଅସୁବିଧା ଭୋଗିଲେ କ୍ଷତି କଣ ? ବରଂ ଏହାଦ୍ୱାରା ଅନ୍ୟମାନେ ଖାଦ୍ୟପେୟ ଓ ବସବାସ ପାଇପାରିବେ ।

ଆମ୍ଭେମାନେ ଅଜ୍ଞତା କିମ୍ବା ଅବହେଳାବଶତଃ ବିଧିର ନିୟମକୁ ସର୍ବଦା ଅମାନ୍ୟ କରିଥାଉଁ । ଏହି ନିୟମରେ ମନୁଷ୍ୟକୁ ଦୈନିକ ଭୋଜନ ବ୍ୟତୀତ ଅଧିକପାଇଁ ବ୍ୟବସ୍ଥା ନାହିଁ । ସାମ୍ୟ ଉପରେ ଏହି ନିୟମ ଆଧାରିତ । ଧନିକର ସାଧାରଣତଃ ବହୁ ଖାଦ୍ୟ ଜିନିଷ ନଷ୍ଟ ହୋଇଥାଏ; କିନ୍ତୁ ସେହି ଖାଦ୍ୟ ନ ପାଇ ଶତ ଶତ ଲୋକ ମୃତ୍ୟୁମୁଖରେ ପଡ଼ୁଥାନ୍ତି । ଯଦି ଖାଦ୍ୟ କେବଳ ଦରକାର ମୁତାବକ ସମସ୍ତେ ରଖନ୍ତେ, ତାହାହେଲେ କାହାର ଅଭାବ ପଡ଼ନ୍ତା ନାହିଁ; ଅର୍ଥାତ୍ ସମସ୍ତେ ସନ୍ତୁଷ୍ଟ ରହନ୍ତେ ।

ଯେପର୍ଯ୍ୟନ୍ତ ଜଣେ କର୍ମକ୍ଷମ ସ୍ତ୍ରୀ କିମ୍ବା ପୁରୁଷ ବେକାର ରହିଛି କିମ୍ବା ଅନ୍ନକଷ୍ଟ ଭୋଗୁଛି, ସେପର୍ଯ୍ୟନ୍ତ ପେଟପୂରି ଖାଇ ଆୟସ କରିବା

Digitized by srujanika@gmail.com

ଆମପକ୍ଷରେ 'ଅତ୍ୟନ୍ତ ଲଜ୍ଜା ଓ ପରିତାପର ବିଷୟ' । ଲକ୍ଷ ଲକ୍ଷ ଲୋକ ଯାହା ନ ପାଉଛନ୍ତି, ତାହା ଗ୍ରହଣ କରିବାରେ ଆମେ ପୂର୍ଣ୍ଣ ସଙ୍କୋଚବୋଧ କରିବା ଉଚିତ । ଏହି ତ୍ୟାଗ କରିବାର କ୍ଷମତା ଆମ୍ଭେମାନେ ହଠାତ୍ ହାସଲ କରିପାରିବା ନାହିଁ । ପ୍ରଥମେ ବହୁଲୋକ ଯାହା ନ ପାଉଛନ୍ତି, ତାହା ଆମେ ପାଇବା ଅବାଞ୍ଛନୀୟ ବୋଲି ମନରେ ଏକ ଦୃଢ଼ସଂକଳ୍ପ ଆଣି ଏହାକୁ କାର୍ଯ୍ୟକାରୀ କରିବା ଉଚିତ ।

ଯୀଶୁ, ବୁଦ୍ଧ, ମହମ୍ମଦ, ନାନକ, କବୀର, ଚୈତନ୍ୟ, ଶଙ୍କର, ଦୟାନନ୍ଦ, ରାମକୃଷ୍ଣ ଇତ୍ୟାଦି ମହାପୁରୁଷମାନେ ଅଦ୍ଭୁତ ପ୍ରଭାବ ପକାଇ ହଜାର ହଜାର ବ୍ୟକ୍ତିଙ୍କ ଚରିତ୍ର ଗଠନ କରିଥିଲେ । ତାଙ୍କର ସେହି ଯୋଗୀ ପ୍ରତିଭା ଓ ଅଲୌକିକ ପ୍ରଭାବ ପାଇଁ ପୃଥିବୀ ଆଜି ଧନ୍ୟ; କିନ୍ତୁ ସେମାନେ ଜାଣିଶୁଣି ନିଜେ ଦାରିଦ୍ର୍ୟ ବରଣ କରିନେଇଥିଲେ । ପ୍ରକୃତରେ ଯେ ଦେଶବାସୀଙ୍କର ସେବା କରେ, ତାହାର ହୃଦୟରେ ଭଗବାନ ପ୍ରତିଷ୍ଠିତ । 'ଆବୁବେନ ଆଦାମ୍'ଙ୍କ ଉଦାହରଣ ଏଠାରେ ପ୍ରଯୁଜ୍ୟ । ସେ ଦେଶବାସୀଙ୍କ ସେବା କରିଥିବାରୁ ଭଗବାନଙ୍କ ସେବକ ହିସାବରେ ତାଙ୍କର ନାମ ସର୍ବାଗ୍ରେ ଉଲ୍ଲେଖଯୋଗ୍ୟ । ଯେଉଁମାନେ ପ୍ରକୃତ ଭକ୍ତ, ସେମାନେ ମନପ୍ରାଣ ଢାଳି ଦରିଦ୍ର ତଥା ପୀଡ଼ିତଙ୍କର ସେବା କରିବା ଉଚିତ । ଯେ ଦରିଦ୍ରଙ୍କ ପାଇଁ ସୂତା କାଟିବାକୁ ଭୟ କରି ନାନାପ୍ରକାର ପେଚକନା ଦେଖାଏ, ସେ ସେବାର ଅର୍ଥ ଜାଣେ ନାହିଁ । ଯେ ଦରିଦ୍ରମାନଙ୍କ ସମକ୍ଷରେ ସୂତା କାଟି ତାଙ୍କୁ ସେହିପରି କରିବାକୁ ପ୍ରେରଣା ଦିଏ, ସେ ଭଗବାନଙ୍କୁ ଅର୍ଚ୍ଚନା କରିଥାଏ । 'ଭଗବଦ୍‌ଗୀତା'ରେ ଭଗବାନ କହିଛନ୍ତି—"ଯେଉଁ ବ୍ୟକ୍ତି ଭକ୍ତିସହକାରେ ମୋତେ ସାମାନ୍ୟ ପତ୍ର, ପୁଷ୍ପ, ଫଳ ଅର୍ପଣ କରେ, ସେ ହେଉଛି ମୋ'ର ପରମଭକ୍ତ ।" ଯେଉଁଠି ଶୀତ, ସର୍ବହରା, ବଞ୍ଚିତ ବ୍ୟକ୍ତିମାନଙ୍କର ସମାବେଶ ହୁଏ, ସେଇଠି ହିଁ ଭଗବାନଙ୍କର ସମାବେଶ । ତେଣୁ ସୂତାକଟା ହେଉଛି ଏକାଧାରରେ ମହତ୍ତ୍ୱ ପ୍ରାର୍ଥନା, ମହତ୍ତ୍ୱ ପୂଜା ଓ ମହତ ତ୍ୟାଗ ମଧ୍ୟ । ଜନସାଧାରଣ ଜନତା ସହିତ ନିଜକୁ ମିଶାଇ ଦେବାର ସର୍ବୋତ୍କୃଷ୍ଟ ଉପାୟ ହେଉଛି—ଚରଖାର ମହତ୍ତ୍ୱ ପ୍ରତିପାଦନ ଓ ପ୍ରଚାର । ଏଥିନିମିତ୍ତ ମୁଁ ତିନୋଟି ପନ୍ଥାର ସୂଚନା ଦେଇଅଛି । ତୁମେ ସୁଦକ୍ଷ ସୂତାକଟାଳି ହୋଇ, ଖଦୀ ପରିଧାନ କରି ଓ ଅର୍ଥଦାନ କରି ଏହା କରିପାର ।

Digitized by srujanika@gmail.com

ହଜାର ହଜାର କଳାକାର, ଡାକ୍ତର, ଆଇନଜୀବୀ, କୃଷକ ତଥା ଅନ୍ୟ ସ୍ତରର ଲୋକ ଏହି ବୃତ୍ତି ଅନୁସରଣ କରି ଜାତିର ସେବକ ସ୍ୱଭାବରେ ନିଜକୁ ଗଢ଼ନ୍ତୁ । ଶିକ୍ଷାବିତ୍‌ମାନେ ଶ୍ରମର ମୂଲ୍ୟ ବୁଝନ୍ତୁ । ସମସ୍ତେ ସହଯୋଗ କରି ଜାତିକୁ ପତନୋନ୍ମୁଖୀ ଅବସ୍ଥାରୁ ଉଦ୍ଧାର କରନ୍ତୁ । ଜାତିର ସମ୍ମାନ ଅମ୍ଳାନ ରହୁ ।

ନାରୀଜାତିର ପୁନରୁତ୍ଥାନ

ମୋର ସ୍ତ୍ରୀ-ଶିକ୍ଷାରେ ଗଭୀର ବିଶ୍ୱାସ ରହିଛି; କିନ୍ତୁ ସ୍ତ୍ରୀମାନେ ପୁରୁଷଙ୍କ ସହିତ ଦୌଡ଼ ପ୍ରତିଯୋଗିତା କରି ବିଶ୍ୱର ଉନ୍ନତିକଳ୍ପେ କିଛି ଦାନ କରିବା ପଦ୍ଧତିକୁ ମୁଁ କଦାପି ପସନ୍ଦ କରେ ନାହିଁ । ଆମ ଦେଶର ଆଇନସବୁ ସାଧାରଣତଃ ପୁରୁଷଙ୍କ ଦ୍ୱାରା ପ୍ରଣୀତ । ତେଣୁ ସେଥିରେ ସ୍ତ୍ରୀମାନଙ୍କୁ ବ୍ୟବସ୍ଥାସମ୍ମତ ଅଧିକାର ଦିଆଯାଇନାହିଁ । ଅଧୁନା ନାରୀଜାତିର ଉନ୍ନତି-ବିଧାନ ଆମ ଚେଷ୍ଟାର ହୋଇଛି ପ୍ରଧାନ ଅଙ୍ଗ । ତେଣୁ ପ୍ରଥମେ ନାରୀଜାତି ପ୍ରତି ଆରୋପିତ କଳଙ୍କର ଦୂରୀକରଣପାଇଁ ବିଧିବଦ୍ଧ ସଂଗ୍ରାମ ଚଳାଇବାକୁ ହେବ । ମୋ ମତରେ ସୀତା, ସାବିତ୍ରୀ ଓ ଦ୍ରୌପଦୀଙ୍କପରି ସ୍ତ୍ରୀମାନଙ୍କୁ ଶୁଦ୍ଧ, ଦୃଢ଼ ଓ ଆତ୍ମସଂଯତ କରି ଗଢ଼ିବାକୁ ପଡ଼ିବ । ଆମର ସାମାଜିକ ବ୍ୟବସ୍ଥା ଲୌକିକତା ଓ କୁପ୍ରଥା ଅବଲମ୍ବନରେ ପୂର୍ବରୁ କାହିଁକି, ଆଜି ମଧ୍ୟ ସ୍ତ୍ରୀମାନଙ୍କପ୍ରତି ଅବହେଳା ପ୍ରଦର୍ଶନ କରିଯାଉଅଛି । ତେଣୁ ପୁରାଣପ୍ରସିଦ୍ଧ ନାରୀମାନଙ୍କୁ ଆଗରେ ରଖି ଲଜ୍ଜାସହକାରେ ଏହାକୁ ଭୁଲିଯିବାକୁ ପଡ଼ିବ । ଅଧୁନିକାମାନଙ୍କୁ ଶାସ୍ତ୍ରଗତ ଅଧିକାର ଦେବା ସଙ୍ଗେ ସଙ୍ଗେ ବୈପ୍ଳବିକ ଉପାୟରେ ସେମାନଙ୍କର ଉନ୍ନତିବିଧାନ କରିବା ଆମ୍ଭମାନଙ୍କର ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ ।

ସ୍ତ୍ରୀଜୀବନର ସାମୂହିକ ଉନ୍ନତିପାଇଁ ଆମ୍ଭେମାନେ ଯେଉଁ ଆଦର୍ଶ ନିର୍ଦ୍ଧାରଣ କରିଅଛୁଁ, ତାହାର ଗୁରୁତ୍ୱ ସମସ୍ତଙ୍କ ପକ୍ଷରେ ଅବବୋଧ କରିବା ଅସମ୍ଭବ । ତେଣୁ ସାଧାରଣ ନାରୀ କିପରି କେଉଁ ଆଦର୍ଶରେ ଅନୁପ୍ରାଣିତ ହୋଇପାରିବେ, ସେଥିପ୍ରତି ଗୁରୁତ୍ୱ ଆରୋପ କରି ଭାବିବା

Digitized by srujanika@gmail.com

ଉଚିତ । ପ୍ରଥମେ ସେମାନଙ୍କ ମନରେ ଦୃଢ଼ତା ଆଣି ବର୍ତ୍ତମାନ ସମାଜରେ ସେମାନଙ୍କ ସ୍ଥାନ ନିରୂପଣ କରିବାକୁ ହେବ । କେବଳ ଯେ ଶିକ୍ଷାଦ୍ୱାରା ଏହା ସମ୍ଭବପର ହୋଇପାରିବ, ତାହା ନୁହେଁ । ସ୍କୁଲ କଲେଜରେ ଶିକ୍ଷା ନ ଦେଇ ମଧ୍ୟ ଚାରିପାଖର ଅବସ୍ଥାପ୍ରତି ସେମାନଙ୍କୁ ସଚେତନ କରାଯାଇପାରିବ । ଏଥିପାଇଁ କାଳକ୍ଷେପ ନିଷ୍ପ୍ରୟୋଜନ ।

ସ୍ତ୍ରୀ ପୁରୁଷର ଆଜୀବନ ସାଥୀ ଓ ଦୁହେଁ ସମାନଭାବେ ମାନସିକ ପ୍ରବୃତ୍ତି ଓ ଚିନ୍ତାବୃତ୍ତିର ଅଧିକାରୀ । ପୁରୁଷର କାର୍ଯ୍ୟକଳାପରେ ଭାଗ ନେବା ସଙ୍ଗେ ସଙ୍ଗେ ମୁକ୍ତି ଓ ପ୍ରଗତିପାଇଁ ସ୍ତ୍ରୀର ସମାନ ଅଧିକାର ଅଛି । କାର୍ଯ୍ୟକ୍ଷେତ୍ରରେ ମଧ୍ୟ ସ୍ତ୍ରୀର ପ୍ରଭୁତ୍ୱ ସ୍ୱୀକାର୍ଯ୍ୟ । ଏଥିପାଇଁ ଶିକ୍ଷାର ତାତ୍ପର୍ଯ୍ୟ ସର୍ବଦା ପ୍ରତିପାଦ୍ୟ ନୁହେଁ । ଅଜର ପଦ୍ଧତିବଳରେ ଅତି ଅଶିକ୍ଷିତ ଓ ହେୟ ବ୍ୟକ୍ତିମାନେ ସ୍ତ୍ରୀମାନଙ୍କ ଉପରେ ପ୍ରଭୁତ୍ୱ ବିସ୍ତାର କରୁଅଛନ୍ତି; କିନ୍ତୁ ଏପରି କରିବା କେତେଦୂର ସମୀଚୀନ ସେଥିପ୍ରତି ଗୁରୁତ୍ୱ ଆରୋପ କରି ଭାବିବା ଉଚିତ । ସ୍ତ୍ରୀମାନେ ଅଶିକ୍ଷିତା ହୋଇଥିବାରୁ ଆମର ପ୍ରଗତି ପ୍ରତିବନ୍ଧକ ପ୍ରାପ୍ତ ହେଉଅଛି । ଉଦ୍ଦେଶ୍ୟ ଆଶାଜନକଭାବେ ସଫଳ ହୋଇପାରୁନାହିଁ । ଅତଏବ କୃପଣପରି ଆମ୍ଭେମାନେ ସ୍ୱଳ୍ପବ୍ୟୟ ନ କରି ଅକଳନ୍ତି ବ୍ୟୟଭାର ଗ୍ରହଣ କରୁଅଛୁ ।

ମୁଁ ଲେଖାପଢ଼ା ଉପରେ ସେତେ ଗୁରୁତ୍ୱ ଆରୋପ କରୁନାହିଁ । ତେବେ ଜ୍ଞାନ ଯେ ମେଧାକୁ ତୀକ୍ଷ୍ଣ କରେ, ସତ୍‌କାର୍ଯ୍ୟ କରିବାକୁ ମନରେ ସାହସ ଦିଏ, ତାହା ମୁଁ କଦାପି ଭୁଲିପାରୁନାହିଁ । ଶିକ୍ଷାକ୍ଷେତ୍ରରେ ପୁରୁଷ ସ୍ତ୍ରୀକୁ ସମ ଅଧିକାର ଦେବାରେ କୌଣସି ଯାଥାର୍ଥ୍ୟ ନାହିଁ ବୋଲି ମୁଁ ବାରମ୍ବାର ଦର୍ଶାଇ ଆସିଅଛି । ପ୍ରାକୃତିକ ଅଧିକାର ହାସଲ, ଆତ୍ମସାହାଯ୍ୟ ଓ ପ୍ରସାରପାଇଁ ଶିକ୍ଷାର ତାତ୍ପର୍ଯ୍ୟ ମୁଁ ପୂର୍ଣ୍ଣଭାବେ ହୃଦୟଙ୍ଗମ କରିପାରିଅଛି । ଏହା କହିବା ବାହୁଲ୍ୟ ଯେ ଶିକ୍ଷାରହିତ ମନୁଷ୍ୟ ପ୍ରାୟ ପଶୁ ସହିତ ସମାନ । ତେଣୁ ପୁରୁଷମାନଙ୍କପରି ସ୍ତ୍ରୀମାନଙ୍କର ଶିକ୍ଷା ନିହାତି ଦରକାର; କିନ୍ତୁ ଶିକ୍ଷା ପ୍ରଣାଳୀ ଓ ଉପାଦାନ ଦୁହିଁଙ୍କପ୍ରତି ଭିନ୍ନ ହେବା ଉଚିତ । ପ୍ରଥମତଃ ଆମର ଶିକ୍ଷା ପ୍ରଣାଳୀ ହେଉଛି ତ୍ରୁଟିପୂର୍ଣ୍ଣ; ତେଣୁ ଏହି ପ୍ରଣାଳୀକୁ ସଂଶୋଧନ କରିବାକୁ ପଡ଼ିବ । ବର୍ତ୍ତମାନ ନାରୀଶିକ୍ଷାର ଯେଉଁ ପଦ୍ଧତି ରହିଛି; ତାହା କଦାପି ବୈଜ୍ଞାନିକ ନୁହେଁ । ତେଣୁ କୌଣସି

Digitized by srujanika@gmail.com

ବଗରୁ ସ୍ତ୍ରୀଜାତିର ଉନ୍ନତିବାଧାଯୁକ ହୋଇ ପାରୁନାହିଁ । ସ୍ତ୍ରୀ ଓ ପୁରୁଷ ଉଭୟେ ସମ ସୋପାନରେ ଅଧିରୂଢ଼ ହେଲେ ମଧ୍ୟ ସମାନ ନୁହନ୍ତି । ଏ ଦୁହେଁ ସଦାସର୍ବଦା ପରସ୍ପରର ପୋଷକ । ତେଣୁ ସମାଜରେ ଜଣକ ବିହୁନେ ଅନ୍ୟର ସ୍ଥିତି ଅସମ୍ଭବ । ଅତଏବ ନାରୀଶିକ୍ଷାପାଇଁ ଯେକୌଣସି

Digitized by srujanika@gmail.com

ଯୋଜନା କଲାବେଳେ ଏହି ମୌଳିକ ସତ୍ୟକୁ ସ୍ୱୀକାର କରିବା ଆବଶ୍ୟକ। ସ୍ତ୍ରୀ ଓ ପୁରୁଷ ଏ ଦୁହିଁଙ୍କ ମଧ୍ୟରୁ ପୁରୁଷର ବାହ୍ୟଜ୍ଞାନ ସାଧାରଣତଃ ଅଧିକ। ପକ୍ଷାନ୍ତରେ ଘରୋଇ ଜୀବନଦୃଷ୍ଟିରୁ ସ୍ତ୍ରୀର ସ୍ୱାତନ୍ତ୍ର୍ୟ ସ୍ୱୀକାର୍ଯ୍ୟ। ଗୃହପରିଚାଳନା ଓ ଶିଶୁଶିକ୍ଷା ବିଷୟରେ ସ୍ତ୍ରୀର ଅଧିକ ଜ୍ଞାନ ଦରକାର। ଏହି ଜ୍ଞାନର ବିଭାଗୀକରଣ କଦାପି ଶ୍ରେୟଃ ନୁହେଁ। ଯଦି ମୌଳିକ ଜ୍ଞାନ ଉପରେ ବିବେକ ଓ ବିବେଚନା ଆରୋପ କରା ନ ଯାଏ, ତାହାହେଲେ ସ୍ତ୍ରୀ ଓ ପୁରୁଷ ଜୀବନରେ ପୂର୍ତ୍ତି ଅସମ୍ଭବ।

ମୁଁ ସିଦ୍ଧାନ୍ତ କରିସାରିଛି ଯେ, ଆମର ସାଧାରଣ ଜୀବନନିର୍ବାହ-ପାଇଁ ଇଂରାଜୀର ପ୍ରୟୋଜନୀୟତା ସେତେ ନାହିଁ। କେବଳ ରାଜନୈତିକ ଆନ୍ଦୋଳନରେ ଅଂଶ ଗ୍ରହଣ କରିବାକୁ ହେଲେ ଇଂରାଜୀ ଜାଣିବା ଦରକାର। ସ୍ତ୍ରୀମାନେ ଜୀବିକାନିର୍ବାହପାଇଁ ବ୍ୟବସାୟ-ବାଣିଜ୍ୟ କରିବାକୁ ମୁଁ ପସନ୍ଦ କରେ ନାହିଁ। ଯେଉଁ ଅଳ୍ପସଂଖ୍ୟକ ସ୍ତ୍ରୀ ଇଂରାଜୀ ଶିକ୍ଷା କରିବାକୁ ଚାହାନ୍ତି, ବାଳକମାନଙ୍କ ବିଦ୍ୟାଳୟରେ ଯୋଗ ଦେଇପାରନ୍ତି। ବାଳିକା ବିଦ୍ୟାଳୟରେ ଇଂରାଜୀ ଚଳାଇବା ଅର୍ଥ ସହାୟହୀନତାକୁ ଦୃଢ଼ୀଭୂତ କରିବା। ପୁରୁଷପରି ସ୍ତ୍ରୀମାନେ ଇଂରାଜୀ ଜାଣିବା ଉଚିତ ବୋଲି ଲୋକେ ଯୁକ୍ତି ବାଢ଼ିପାରନ୍ତି; କିନ୍ତୁ ମୁଁ ନମ୍ରତାସହକାରେ କହୁଛି ଯେ ଏହି ଉକ୍ତି ପୂର୍ଣ୍ଣତଃ ଭ୍ରାନ୍ତ। ଅବଶ୍ୟ ପୁରୁଷମାନଙ୍କପାଇଁ କେବଳ ଇଂରାଜୀ ଶିକ୍ଷାର ଦ୍ୱାର ଖୋଲି ରଖି ସ୍ତ୍ରୀମାନଙ୍କପାଇଁ ବନ୍ଦ କରାଯାଉ, ତାହା ମୋ ଯୁକ୍ତିର ଯଥାଯଥ ତାତ୍ପର୍ଯ୍ୟ ନୁହେଁ।

ଯଦି ଆପଣଙ୍କର ସାହିତ୍ୟିକ ଅଭିରୁଚି ଅଛି, ତାହାହେଲେ ବିଶ୍ୱ-ସାହିତ୍ୟ ଅଧ୍ୟୟନ କରିବାକୁ ଆପଣମାନଙ୍କୁ କେହି ବାରଣ କରିପାରିବେ ନାହିଁ। ଯେତେବେଳେ ଶିକ୍ଷାର ଧାରା କୌଣସି ନିର୍ଦ୍ଦିଷ୍ଟ ସମାଜପାଇଁ ଅଭିପ୍ରେତ, ସେତେବେଳେ ମୁଷ୍ଟିମେୟ ସାହିତ୍ୟପ୍ରେମୀଙ୍କ ଉପସିତ ବସ୍ତୁ ଶିକ୍ଷାର ଅଙ୍ଗୀଭୂତ ହୋଇପାରିବ ନାହିଁ। ମୁଁ ଆମର ସ୍ତ୍ରୀ ପୁରୁଷମାନଙ୍କୁ ଇଂରାଜୀ ପଢ଼ିବାରେ ସ୍ୱଳ୍ପ ସମୟ ବିନିଯୋଗ କରିବାକୁ ଆହ୍ୱାନ କରୁଅଛି।

କିନ୍ତୁ ଏହି ଭାଷାରୁ ପ୍ରାପ୍ତ ଆନନ୍ଦରୁ ମୁଁ ସେମାନଙ୍କୁ ବଞ୍ଚିତ କରିବାକୁ ଚାହେଁ ନାହିଁ। ମୋର ଦୃଢ଼ବିଶ୍ୱାସ ଯେ ସ୍ୱଳ୍ପ ପରିଶ୍ରମ ଓ ଉଦ୍ୟମ-

Digitized by srujanika@gmail.com

ଦ୍ୱାରା ଯଦି ଆମେ ଅଧିକ ପ୍ରାକୃତିକ ଶୈଳୀ ଅନୁସରଣ କରୁଁ, ତାହାହେଲେ ଠିକ୍ ସେହି ଆନନ୍ଦ ପାଇପାରିବା । ଏ ଦୁନିଆ ହେଉଛି ଅକଳନ୍ତ ଜ୍ଞାନର ଭଣ୍ଡାର; କିନ୍ତୁ ସେସବୁ କେବଳ ଇଂରାଜୀ ପୁସ୍ତକରେ ତଥର ହୋଇନାହିଁ । ଅନ୍ୟ ଭାଷା ମଧ୍ୟ ସମପରିମାଣରେ ଜ୍ଞାନଗରିମାସମ୍ପନ୍ନ । ଏହି ଜ୍ଞାନ ସାଧାରଣ ଜନତାପାଇଁ ଉଦ୍ଦିଷ୍ଟ ହେବା ଉଚିତ । ଶିକ୍ଷିତ ସମ୍ପ୍ରଦାୟ ଆମ ଭାଷାରେ ସେଗୁଡ଼ିକ ଅନୁବାଦ କରିବାର ଦାୟିତ୍ୱ ବହନ କରନ୍ତୁ ।

ଉପର୍ଯ୍ୟୁକ୍ତମତେ ଶିକ୍ଷା ସଂଗଠିତ ହେଲେ ସମାଜରୁ ବାଲ୍ୟ-ବିବାହର ଅନିଷ୍ଟକର ପରିଣତି ନିରାକୃତ ହେବ ଓ ନାରୀମାନେ ଅଧିକାରଗତ ସାମ୍ୟ ପାଇପାରିବେ । ଝିଅମାନଙ୍କ କଥା ବିଚାର କରାଯାଉ । ସେମାନେ ସାଧାରଣତଃ ସ୍କୁଲ ଦେଖି ନ ଥାନ୍ତି । ବାଲ୍ୟବିବାହଜନିତ ଅକଥନୀୟ ପାପ ବିଷୟ ଜାଣି ସୁଦ୍ଧା ମା'ମାନେ ଝିଅମାନଙ୍କୁ ସ୍କୁଲକୁ ପଠାନ୍ତି ନାହିଁ କିମ୍ବା ସେମାନଙ୍କ ଶୁଷ୍କ ଜୀବନକୁ ସରସ କରିବାକୁ ଚେଷ୍ଟା କରନ୍ତି ନାହିଁ । ବିବାହ ପରେ ସ୍ୱାମୀ ମଧ୍ୟ କାମପ୍ରବୃତ୍ତି ହୋଇ ସେହିପରି କରିଥାଏ । ଅତଏବ ସେମାନଙ୍କୁ ଉଦ୍ଧାର କରିବ କିଏ ? ଏହି ପ୍ରଶ୍ନର ଉତ୍ତର ହିଁ ସ୍ତ୍ରୀମାନଙ୍କ ସମସ୍ୟାର ପ୍ରକୃତ ସମାଧାନ । ଏହି ଉତ୍ତର ଏକାଧିକ ନ ହେଲେ ମଧ୍ୟ ଅତ୍ୟନ୍ତ କଠିନ । ସ୍ୱାମୀ ବ୍ୟତୀତ ବିବାହିତା ରମଣୀର ଉପଯୁକ୍ତ ରକ୍ଷକ ଓ ନିର୍ଦ୍ଦେଶକ ଅନ୍ୟ କେହି ଅଛି କି ? ଅପରିଣିତା ସ୍ତ୍ରୀ ସ୍ୱାମୀକୁ ସାହାଯ୍ୟ କରିପାରେ ନାହିଁ । ଦୁନିଆର ଦୁର୍ବହ ଜଞ୍ଜାଳ ବେଳେ ବେଳେ କେବଳ ସ୍ତ୍ରୀଉପରେ ଲଦି ହୋଇପଡ଼େ । ଯଦି ମୁଁ ପାରିବି, ତାହାହେଲେ ଅପରିଣତ ବୟସ୍କା ସ୍ତ୍ରୀମାନଙ୍କର ଗଣନା କରିବି ଓ ନୈତିକ ତଥା ସରଳ ପରାମର୍ଶ ଦେଇ ବନ୍ଧୁମାନଙ୍କୁ ବାଲ୍ୟବିବାହଜନିତ ଅକ୍ଷମଣୀୟ ପାପ ଓ ତା'ର ପରିଣତି ବିଷୟରେ ବୁଝାଇବାକୁ ଚେଷ୍ଟା କରିବା ସଙ୍ଗେ ସଙ୍ଗେ ଶିକ୍ଷା ଦେଇ ସ୍ତ୍ରୀମାନଙ୍କୁ ଉପଯୁକ୍ତ ନ କଲେ ପ୍ରାୟଶ୍ଚିତ୍ତ ନାହିଁ ବୋଲି ସାବଧାନ କରାଇଦେବି । ସ୍ତ୍ରୀମାନେ ପିଲା ଜନ୍ମ କରିବାପରେ ସେମାନଙ୍କୁ ଆଦର୍ଶ ଉପାୟରେ ଲାଳନପାଳନ କରିବାକୁ ଶିକ୍ଷା କରିବା ଦରକାର । ଏହା ପୂର୍ବରୁ ଏମାନେ ଅନୂଢ଼ାବସ୍ଥାରେ କିଛିକାଳ ଅତିବାହିତ କରିବା ଉଚିତ ।

ସ୍ତ୍ରୀର ପବିତ୍ରତା ପରଦା ଆବରଣଦ୍ୱାରା ରକ୍ଷା କରାଯାଇପାରେ ନାହିଁ । ଏହାର ଉତ୍ପତ୍ତି ଓ ବିକାଶ ଅନ୍ତଃକରଣରେ ହେବା ଉଚିତ ।

Digitized by srujanika@gmail.com

ପୁରୁଷଙ୍କର ପବିତ୍ରତା ବିଷୟ଼ରେ ସ୍ତ୍ରୀ ମାନଙ୍କର ମଧ୍ୟ କହିବାର ଅଧିକାର ଅଛି । ବିବାହ ପାଇଁ ଜାତିଗତ ବନ୍ଧନ ରହିବା ଉଚିତ ନୁହେଁ ।

ଯୌତୁକ ପ୍ରଥା ଲୋପ ହେବା ଉଚିତ । ଏହି ପ୍ରଥାଯୋଗୁଁ ବିବାହ ଏକ ବଜାର-ସଉଦାରେ ପରିଣତ ହେଉଛି । ଯେଉଁ ଯୁବକଯୁବତୀ ଯୌତୁକକୁ ବିବାହର ସର୍ତ୍ତ ବୋଲି ମାନୁଛନ୍ତି, ସେମାନେ ସେମାନଙ୍କର ଶିକ୍ଷାକୁ କଳଙ୍କିତ କରୁଛନ୍ତି । ତେଣୁ ଯୌତୁକ ବିରୁଦ୍ଧରେ ଦୃଢ଼ ଲୋକମତ ସୃଷ୍ଟିକରିବାକୁ ପଡ଼ିବ । ଯେଉଁ ଯୁବକ ଯୌତୁକରୂପକ ପାପ-ପଙ୍କରେ ଲେଟିବାକୁ ଚାହେଁ, ତାକୁ ସମାଜରୁ ବହିଷ୍କାର କରାଯାଇପାରେ । କନ୍ୟାର ବାପମା'ଙ୍କୁ ଇଂରାଜୀ ଡିଗ୍ରୀର ମୋହ ଉପେକ୍ଷା କରିବାକୁ ପଡ଼ିବ ଓ ନିଜ କନ୍ୟାପ୍ରତି ସମ୍ମାନ ଦେଉଥିବା ସୁଯୋଗ୍ୟ ଅଥଚ ଦରିଦ୍ର ଯୁବକଙ୍କୁ ଜାମାତାରୂପେ ଗ୍ରହଣ କରିବାକୁ ପଡ଼ିବ ।

ବାଳବିଧବାମାନଙ୍କୁ ସାହସିକତାସହକାରେ ଯୋଗ୍ୟ ଯୁବକମାନଙ୍କୁ ବିବାହ ଦେବା ଉଚିତ । ସେମାନଙ୍କର ଏହି ବିବାହକୁ ମୁଁ ପୁନର୍ବିବାହ ନାମ ଦେବାକୁ ଚାହେଁନା ।

ଚରିତ୍ରବଳ ନାରୀର ପ୍ରକୃତ ତଥା ପ୍ରକୃଷ୍ଟ ବଳ । ସୀତାଙ୍କ ଉଦାହରଣ ନିଆଯାଉ । ଶାରୀରିକ ଶକ୍ତିଦୃଷ୍ଟିରୁ ରାବଣ ତୁଳନାରେ ସେ ଅତ୍ୟନ୍ତ ତୁଚ୍ଛ; କିନ୍ତୁ ତାଙ୍କର ଚରିତ୍ରବଳ ନିକଟରେ ରାବଣର ରାକ୍ଷସୀ-ବଳ ପରାଭୂତ ହୋଇଥିଲା । ପର୍ଯ୍ୟାପ୍ତ ପ୍ରଲୋଭନସତ୍ତ୍ୱେ ସେ ସୀତାଙ୍କ ଅଙ୍ଗ ସ୍ପର୍ଶ କରିବାକୁ ସାହସ କରିପାରି ନ ଥିଲା । ଯଦି ସ୍ତ୍ରୀ ନିଜର ଶାରୀରିକ ବଳଉପରେ ନିର୍ଭର କରେ, ତାହାହେଲେ ନିଶ୍ଚୟ ତାକୁ ପରାଜୟ ସ୍ୱୀକାର କରିବାକୁ ପଡ଼ିବ ।

କୌଣସି ସ୍ତ୍ରୀ ଉପରେ ଆକ୍ରମଣ ହେଲେ, ସେ ହିଂସା ଓ ଅହିଂସାର ବିଚାର କରିବା ଉଚିତ ନୁହେଁ । ତା'ର ପ୍ରଥମ ତଥା ପ୍ରଧାନ କର୍ତ୍ତବ୍ୟ ହେଉଛି ଆତ୍ମରକ୍ଷା । ନିଜର ସତୀତ୍ୱ ରକ୍ଷା କରିବାପାଇଁ ସେ ଯେକୌଣସି ଉପାୟ ଅବଲମ୍ବନ କରିପାରେ ।

ଦୁନିଆରେ ବେଶ୍ୟାବୃତ୍ତି ଆଦମ କାଳରୁ ରହିଆସିଛି; କିନ୍ତୁ ଆଜିପରି ସହରୀ ଜୀବନର ଅଭିନ୍ନ ଅଙ୍ଗ ହୋଇ ତାହା ରହି ନ ଥିଲା । ସମୟ ଆସିବ, ମାନବଜାତି ଏହାର ବିଲୋପସାଧନ କରିବ ।

Digitized by srujanika@gmail.com

ନାଗରିକ ଦାୟିତ୍ୱ

ମୁଁ ଜଗନ୍ନାଥ-ଦର୍ଶନ ସାରି ରାସ୍ତାରେ ଫେରୁଥିବାବେଳେ ମୋ ମନରେ ଏହିପ୍ରକାର ଚିନ୍ତା ଉଦ୍ରେକ ହେଲା—ଯଦି କୌଣସି ବିଦେଶୀ ଏହି ମନ୍ଦିରକୁ ଆସେ, ତାହାହେଲେ ସେ ଆମକୁ ନିନ୍ଦା ନ କରି ରହିପାରିବ ନାହିଁ । ଏହି ବିରାଟ ମନ୍ଦିରଟି ଆମ ଚରିତ୍ରର ପ୍ରତିବିମ୍ବ ନୁହେଁ କି ? ମୁଁ ଜଣେକ ହିନ୍ଦୁ ହିସାବରେ ଅତ୍ୟନ୍ତ ପରିତାପର ସହିତ ଏହା କହୁଛି । ପବିତ୍ର ମନ୍ଦିର ସନ୍ନିକଟସ୍ଥ ରାସ୍ତାଗୁଡ଼ିକ କଣ ସବୁଠାରୁ ବେଶି ଆବର୍ଜନାପୂର୍ଣ୍ଣ ହେବା ଉଚିତ ? ପୁଣି ଦେଉଳର ଚାରିପାଖରେ ଥିବା ଘରଗୁଡ଼ିକ ଅତି ନିକୃଷ୍ଟ ଧରଣର । ରାସ୍ତାଗୁଡ଼ିକ ମଧ୍ୟ ଅତି ସଂକୀର୍ଣ୍ଣ ଓ କୁଟିଳ । ଅତଏବ ଆମ ଦେଉଳଗୁଡ଼ିକ ଯଦି ପରିଷ୍କାର-ପରିଚ୍ଛନ୍ନ ତଥା ସଂକୀର୍ଣ୍ଣତାରହିତ ନ ହୁଏ, ତାହାହେଲେ ଆମ୍ଭମାନଙ୍କର ଆତ୍ମଶୋଧନ ତଥା ଆତ୍ମପରିଚାଳନା ହେବ କିପରି ? ଇଂରେଜମାନେ ଭାରତ ଛାଡ଼ିଗଲେ କଣ ଆମର ମନ୍ଦିରଗୁଡ଼ିକ ପବିତ୍ର, ପରିଷ୍କାର-ପରିଚ୍ଛନ୍ନ ଓ ଶାନ୍ତିମୟ ହେବ ?

ଆମ ନଗରଗୁଡ଼ିକ ସବୁଠାରୁ ବେଶି ସଂକୀର୍ଣ୍ଣ ଓ ପୂତିଗନ୍ଧମୟ । ଆମ୍ଭେମାନେ ସହରରେ ଚଳିଜାଣିନାହୁଁ; ମାତ୍ର ସହର ଜୀବନଯାପନ କରିବାକୁ ସର୍ବଦା ବ୍ୟଗ୍ର ହୋଇପଡ଼ୁଛୁ । ଶସ୍ୟଶ୍ୟାମଳା ପଲ୍ଲୀ ଗାଁର ନିରାଡ଼ମ୍ବର ଜୀବନ ଆମ୍ଭମାନଙ୍କୁ ସେତେ ଆକୃଷ୍ଟ କରିପାରୁନାହିଁ । ବହୁ ସମୟରେ ଏପରିକି ବମ୍ବେ ପରି ନଗରର ପ୍ରଧାନ ପଥରେ ଚାଲିଲାବେଳେ ଅନବରତ ଉପରୁ ଛେପଖଙ୍କାର ପଡ଼ିବାର ଭୟ ରହୁଛି । ମୁଁ ଯେତେବେଳେ ରେଳଯାତ୍ରା କରେ, ସେତେବେଳେ ତୃତୀୟ ଶ୍ରେଣୀ ଯାତ୍ରୀମାନଙ୍କର ବହୁ ଅସୁବିଧା ଦେଖିବାକୁ ପାଇଥାଏ । ଏହା ରେଳବାଇର ପରିଚାଳନାଗତ ତ୍ରୁଟି ନୁହେଁ । ଆମ୍ଭେମାନେ ସ୍ୱାସ୍ଥ୍ୟରକ୍ଷାର ମୌଳିକ ନିୟମ ଜାଣୁନାହୁଁ; ତେଣୁ ରେଳଡବାର ଯେକୌଣସିଠାରେ ଛେପଖଙ୍କାର ପକାଇଥାଉଁ । ଡବାଗୁଡ଼ିକ ଶୋଇବା, ବସିବା ପାଇଁ ଉଦ୍ଦିଷ୍ଟ ବୋଲି ଜାଣି ସୁଦ୍ଧା ଆମ୍ଭେମାନେ ଏପରି କରିଥାଉଁ । ଫଳତଃ ଡବାଗୁଡ଼ିକ ଆବର୍ଜନାପୂର୍ଣ୍ଣ ହୋଇଯାଏ; କିନ୍ତୁ ସେଥିପ୍ରତି ଆମର ଖାତିର ନ ଥାଏ । ଯେଉଁମାନେ ଉପର ଶ୍ରେଣୀରେ ଯାତ୍ରା କରନ୍ତି, ସେମାନେ ତାଙ୍କର ନିଜସ୍ୱ

Digitized by srujanika@gmail.com

ନିମ୍ନ ଶ୍ରେଣୀର 'ଯଶୀଭାଇମାନଙ୍କ' ଦୁରବସ୍ଥାର ପ୍ରତୀକ ଅଟନ୍ତି । ଛାତ୍ରମାନଙ୍କ ଭୂମିକା ମଧ୍ୟ ଏଥିରେ ଉଲ୍ଲେଖଯୋଗ୍ୟ । ମୋର ବିଶ୍ୱାସ ଯେ, ଆତ୍ମସମୀକ୍ଷା-ବଳରେ ନିଶ୍ଚୟ ଏ ତ୍ରୁଟିଗୁଡ଼ିକ ସଂଶୋଧିତ ହୋଇପାରିବ ।

ଯଦି ଆବର୍ଜନାର ଉପଯୁକ୍ତ ବିନିଯୋଗ ହୋଇପାରନ୍ତା, ତାହାହେଲେ ଲକ୍ଷ ଲକ୍ଷ ଟଙ୍କାର ସାର ଆମ୍ଭେମାନେ ପାଇପାରନ୍ତେ; କିନ୍ତୁ ଆମର ମନ୍ଦ ଅଭ୍ୟାସଯୋଗୁଁ ଆମେ ପବିତ୍ର ନଦୀବନ୍ଧରେ ମଳମୂତ୍ର ତ୍ୟାଗ କରି ମାଛିମାନଙ୍କର ଜନ୍ମକେନ୍ଦ୍ର ଖୋଲିଥାଉ । ଏହାଦ୍ୱାରା ମାଛିମାନେ ଯଥେଷ୍ଟ ସୁଯୋଗ ପାଇ ଉକ୍ତ ମଳମୂତ୍ର ଉପରେ ବସା ବାନ୍ଧନ୍ତି ଓ ସ୍ନାନପରେ ଆମ ଶରୀରରେ ବସି ଆମକୁ ଅପବିତ୍ର ତଥା ରୋଗାକ୍ରାନ୍ତ କରନ୍ତି । ଗୋଟିଏ ଛୋଟିଆ କୋଡ଼ି ବା କୋଦାଳ ସାହାଯ୍ୟରେ ଆମ୍ଭେମାନେ ଏତେବଡ଼ ବିପଦରୁ ରକ୍ଷା ପାଇପାରନ୍ତେ । ରାସ୍ତାରେ ଛେପପକାଇବା, ନେପ-ଝଙ୍କାର ପକାଇବା, ନାକ ପୋଛିବା ଇତ୍ୟାଦି ଅଭ୍ୟାସଦ୍ୱାରା ଆମ୍ଭେମାନେ କେବଳ ଜନସମାଜର କାହିଁକି, ଭଗବାନଙ୍କର ମଧ୍ୟ ଅସଦାଚରଣ କରୁଅଛୁଁ ଓ ଯଥେଷ୍ଟ ଅବିବେକତାର ପରିଚୟ ଦେଉଅଛୁ । ମଣିଷ ବଣରେ ରହିଲେ ମଧ୍ୟ ଯଦି ସେ ତାର ମଳମୂତ୍ର ବିନା ଆବରଣରେ ତ୍ୟାଗ କରେ, ତାହା ହେଲେ ତା'ପ୍ରତି କଠିନ ଦଣ୍ଡବିଧାନ କରାଯିବା ଉଚିତ । ଏହି ଅଭ୍ୟାସର ଅପକାରିତା ଦୈନନ୍ଦିନ ଆମ୍ଭେମାନେ ଅଙ୍ଗରେ ନିଭାଉଅଛୁ । ତେଣୁ ବାରମ୍ବାର ମୁଁ ଏହା କହିବା ଉଚିତ ମନେ କରୁନାହିଁ । ଏପରି କି ସମ୍ଭ୍ରାନ୍ତ ଶ୍ରେଣୀର ଲୋକେ, ଯେଉଁମାନେ ସହରରେ ବାସ କରନ୍ତି, ସେମାନେ ମଧ୍ୟ ସ୍ୱାସ୍ଥ୍ୟରକ୍ଷାର ନିୟମପ୍ରତି ଅବଜ୍ଞା କରୁଅଛନ୍ତି । ତେଣୁ ମ୍ୟୁନିସିପାଲିଟୀ ଉପରେ ଦୋଷାରୋପ କରିବା ସମୀଚୀନ ନୁହେଁ ।

ଯଦି ସର୍ବସାଧାରଣ ସହଯୋଗ ନ କରନ୍ତି, ତାହାହେଲେ ପିଇବା ପାଣି ଓ ରାସ୍ତାଘାଟର ଅସୁବିଧା ସହଜରେ ଦୂରୀଭୂତ ହୋଇପାରିବ ନାହିଁ । ପୁଣି ମ୍ୟୁନିସିପାଲିଟୀର ପରିଚାଳନାଭାର ନେଇଥିବା ବ୍ୟକ୍ତିମାନଙ୍କର ପବିତ୍ର ସେବା-ମନୋବୃତ୍ତି ମଧ୍ୟ ଆସିବା ଉଚିତ । ନିଜକୁ ଝାଡ଼ୁଦାର ବୋଲି ପରିଚୟ ଦେବାରେ ସେମାନେ ମନରେ ଗର୍ବ ଆଣିବା ଉଚିତ । ନଗରର ସ୍ୱାସ୍ଥ୍ୟରକ୍ଷାଭାର ଗ୍ରହଣ କରିବା ସଙ୍ଗେ ସଙ୍ଗେ ନାଗରିକମାନଙ୍କର ମାନସିକ ପରିଚ୍ଛନ୍ନତା ଆଣିବାର ଦାୟିତ୍ୱ ମ୍ୟୁନିସିପାଲିଟୀ ମଧ୍ୟ ଗ୍ରହଣ କରିବା-

Digitized by srujanika@gmail.com

ଉଚିତ। ବର୍ତ୍ତମାନ ଯେଉଁ ମ୍ୟୁନିସିପାଲିଟିମାନେ କାର୍ଯ୍ୟ ନିଷ୍ପାଦନ କରୁଅଛନ୍ତି, ସେମାନେ କର୍ତ୍ତବ୍ୟରେ ଅବହେଳା କରୁଥିବାର ଦେଖାଯାଉଅଛି। ଯଦ୍ୟପି ଏହି ମ୍ୟୁନିସିପାଲିଟୀର ଟିକସଦାତା ହୋଇଥାନ୍ତି, ତାହାହେଲେ ଅଧିକ ଟିକସ ଦିଅନ୍ତି ନାହିଁ ଓ ଅନ୍ୟମାନଙ୍କୁ ମଧ୍ୟ ନ ଦେବାକୁ କହନ୍ତି। କାରଣ ପଇସା ଅନୁଯାୟୀ ଯଦି କାମ ସୁରଗୁଣା ନ ହୁଏ, ତାହାହେଲେ ଅଧିକା ଟିକସ ଦେଇ କି ଲାଭ ? ଯେଉଁମାନେ ପ୍ରତିନିଧି ହିସାବରେ ଲୋକାଲ ବୋର୍ଡ଼ କିମ୍ବା ମ୍ୟୁନିସିପାଲିଟୀକୁ ନିର୍ବାଚିତ ହୋଇ ଯାଆନ୍ତି, ସେମାନେ ସମ୍ମାନ ଖୋଜିବା ସଙ୍ଗେ ସଙ୍ଗେ ପରସ୍ପର ମଧ୍ୟରେ ବାଦବିସମ୍ବାଦ ସୃଷ୍ଟି କରିଥାନ୍ତି; କିନ୍ତୁ ପ୍ରକୃତ ଜନସେବା ନିକଟରେ ଠକାପଡ଼ିଯାଇ ମୋହ ରହିବା ଉଚିତ ନୁହେଁ। ବରଂ ଆମ ମ୍ୟୁନିସିପାଲିଟୀର ଉପଦେଷ୍ଟାମାନେ ସେବାମନୋବୃତ୍ତିଦ୍ୱାରା ନିଜକୁ ଅବୈତନିକ ଝାଡ଼ୁଦାର ଓ ରାସ୍ତା ତିଆରି କରୁଥିବା ବ୍ୟକ୍ତିରୂପେ ପରିଚୟ ଦେବାରେ ଯଥେଷ୍ଟ ଗର୍ବ କରିବା ଉଚିତ। ଯଦି ଏମାନେ ନିଜ ନିଜ ସ୍ୱରପ୍ରବୃତ୍ତ କର୍ମଦ୍ୱାରା ଆଦର୍ଶ ସ୍ଥାପନ କରିପାରନ୍ତେ, ତାହାହେଲେ ଅନ୍ୟମାନେ ନିଶ୍ଚୟ ତାଙ୍କର ଅନୁଗମନ କରନ୍ତେ। ପ୍ରତ୍ୟେକ ବୟଃପ୍ରାପ୍ତ ବ୍ୟକ୍ତି ମ୍ୟୁନିସିପାଲିଟୀକୁ କାର୍ଯ୍ୟନିର୍ବାହରେ ସାହାଯ୍ୟ କରିବା ଉଚିତ। ଯେଉଁମାନଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ; କିନ୍ତୁ ସୁସ୍ଥକାୟ, ସେମାନେ ଧନ ପରିବର୍ତ୍ତେ ଶ୍ରମଦାନ କରିବାରେ କୁଣ୍ଠାବୋଧ କରିବା ଉଚିତ ନୁହେଁ।

ଅସ୍ପୃଶ୍ୟତା ନା ଅଭିଶାପ ?

ଅସ୍ପୃଶ୍ୟତା ହିନ୍ଦୁଧର୍ମର ହେଉଛି ଏକ ଉଜ୍ଜ୍ୱଳ କଳଙ୍କ। ଏହାର ପାରମ୍ପରିକତା ମୁଁ ସ୍ୱୀକାର କରେ ନାହିଁ। ଏହି ଜଘନ୍ୟ ନୀତି ଆମ ନୈତିକ ପତନର ପ୍ରକୃଷ୍ଟ ପରିଚାୟକ। ଏହି ଅଭିଶାପ ଆମ ଧର୍ମରେ ଯେପର୍ଯ୍ୟନ୍ତ ରହିବ, ସେପର୍ଯ୍ୟନ୍ତ ଆମର ନୈତିକ ତଥା ଧର୍ମଗତ ଉନ୍ନତି ବହୁ ଅନ୍ତରାୟର ସମ୍ମୁଖୀନ ହେବ। ଏହି ଅଭ୍ୟାସ ଭଗବାନଙ୍କ ନିକଟରେ ପାପାଚରଣପର। ବିଷ ଯେପରି ଶରୀରରେ କ୍ରମେ କ୍ରମେ ତା'ର ପ୍ରଭାବ ବିସ୍ତାର କରି ମୃତ୍ୟୁର କାରଣ ହୁଏ, ସେହିପରି ଅସ୍ପୃଶ୍ୟତାରୂପକ ବିଷ

Digitized by srujanika@gmail.com

ହିନ୍ଦୁ ଧର୍ମରେ ପ୍ରଭାବ ବିସ୍ତାର କରି ଧର୍ମଗତ ବିଶାଳ ପରମ୍ପରାକୁ ଖଣ୍ଡନ କରୁଅଛି । ହିନ୍ଦୁ ଶାସ୍ତ୍ରରେ ଅସ୍ପୃଶ୍ୟତାର କୌଣସି ସ୍ଥାନ ନାହିଁ । ଜନ୍ମଗତ-ବିଧାୟକ ଅସ୍ପୃଶ୍ୟତା ବିଷୟର ସମସ୍ତ ଧର୍ମଶାସ୍ତ୍ର ସ୍ୱୀକାର କରିଥାଏ । କାରଣ ଏହା ହେଉଛି ସ୍ୱାସ୍ଥ୍ୟରକ୍ଷାର ନିୟମ । ଏହି ନିୟମ ମଧ୍ୟ ସବୁଦିନ

[ହରିଜନ କୁଟୀରର ଅତିଥି]

ପାଇଁ; କିନ୍ତୁ ଆମେ ଭାରତରେ ଯେଉଁ ଅସ୍ପୃଶ୍ୟତା ମାନୁଛେ, ଏହା ଅତୀବ ଭୀଷଣ ଘୃଣାଭାବପ୍ରଣୋଦିତ ଓ ଭିନ୍ନ ରୂପରେଖସମ୍ପନ୍ନ । ଏହା ସ୍ପୃଶ୍ୟ ଓ ଅସ୍ପୃଶ୍ୟଙ୍କୁ ପତିତ କରି ରଖିବା ସଙ୍ଗେ ସଙ୍ଗେ ବହୁଲୋକଙ୍କର ବିକାଶପଥକୁ ରୁଦ୍ଧ କରି ରଖିଅଛି । ଅତି ସାଧାରଣ ସୁଖ-ସୌହାର୍ଦ୍ଦ୍ୟର ମଧ୍ୟ ସେମାନେ ହକ୍‌ଦାର ନୁହନ୍ତି । ଯେତେ ଶୀଘ୍ର ଏହି ପଦ୍ଧତିର ମୂଳୋତ୍ପାଟନ ହେବ,

Digitized by srujanika@gmail.com

ସେତେ ଶୀଘ୍ର କେବଳ ହିନ୍ଦୁଧର୍ମ କାହିଁକି, ସମଗ୍ର ଭାରତର ଜନସମାଜ ଉନ୍ନତ ହେବେ । ଯଦି ଆମ୍ଭେମାନେ ଭାରତରୁ ଏକ-ପଞ୍ଚମାଂଶ ନର-ନାରୀଙ୍କୁ ଘୃଣାଚକ୍ଷୁରେ ଦେଖିବା ଓ ଜାତୀୟ କୃଷ୍ଟିକୁ ସେମାନଙ୍କ ଉପଯୋଗୀ କରାଇ ନ ପାରିବା, ତାହାହେଲେ ସ୍ୱରାଜ ଅର୍ଥହୀନ ହୋଇପଡ଼ିବ । ଅତଏବ ଏହି ପବିତ୍ର ଆନ୍ଦୋଳନରେ ଭଗବାନଙ୍କର ଆଶୀର୍ବାଦ କାମନା କରି ତାଙ୍କ ସୃଷ୍ଟିର ପ୍ରଧାନ ଜୀବ ମଣିଷକୁ ନ୍ୟାଯ୍ୟ ଅଧିକାର ନ ଦେଲେ, ଆମ୍ଭେମାନେ ମନୁଷ୍ୟତ୍ୱ ହରାଇବା ।

ଅସ୍ପୃଶ୍ୟତାର ପ୍ରାଚୀନତା ସ୍ୱୀକାର୍ଯ୍ୟ; କିନ୍ତୁ ଏହାର କଦର୍ଯ୍ୟ ପରିଣାମ ପ୍ରାଚୀନତାଯୋଗୁଁ କ୍ଷମଣୀୟ ନୁହେଁ—ବରଂ ଏହା ଆର୍ଯ୍ୟ ସମାଜ ଓ ସଂସ୍କୃତିର ପ୍ରତିକୂଳ । ଅନେକେ କହନ୍ତି ଯେ, ଆର୍ଯ୍ୟମାନେ କେତେକ ସଂପ୍ରଦାୟକୁ ଅସ୍ପୃଶ୍ୟରୂପେ ବିବେଚନା କରି ଦଣ୍ଡବିଧାନ କରିଥିଲେ; କିନ୍ତୁ ସେ ଦଣ୍ଡ କଣ ପରବର୍ତ୍ତୀ ନିର୍ଦ୍ଦୋଷ ବଂଶଧରମାନେ ପାରମ୍ପରିକ ଭାବରେ ବରଣ କରିବେ ? ଏଥିରେ କୌଣସି ଯାଥାର୍ଥ୍ୟ ନାହିଁ । ପୁଣି ଅସ୍ପୃଶ୍ୟ ସମାଜରେ ମଧ୍ୟ ଅସ୍ପୃଶ୍ୟତା ରହିଛି । ଯେଉଁମାନେ ପଶୁବଧ କରନ୍ତି, ମାଂସ, ରକ୍ତ, ହାଡ଼ ଓ ମଳମୂତ୍ର ଇତ୍ୟାଦିକୁ ଘୃଣା ନ କରି ତତ୍‌ସମ୍ବନ୍ଧୀୟ କାର୍ଯ୍ୟକଳାପରେ ଲିପ୍ତ ରହନ୍ତି, ସେମାନେ ଯଦି ଅସ୍ପୃଶ୍ୟ ହେଲେ; ତାହାହେଲେ ନର୍ସ, ଡାକ୍ତର, ଖ୍ରୀଷ୍ଟିୟାନ, ମୁସଲମାନ୍ ଓ କୁଳୀନ ହିନ୍ଦୁ ସଂପ୍ରଦାୟ ଯେଉଁମାନେ କି ଯଜ୍ଞରେ ବଳିଦାନ କରନ୍ତି, ସେମାନେ କଣ ସେହି ଶ୍ରେଣୀର ଅନ୍ତର୍ଭୁକ୍ତ ନୁହନ୍ତି ?

ଅସ୍ପୃଶ୍ୟତାର ଦୂରୀକରଣପାଇଁ ପ୍ରଥମେ କଂସେଇଖାନା, ମଦଭାଟି, ବେଶ୍ୟାଳୟ ଇତ୍ୟାଦି ଅସଦାଚରଣକୁ ପ୍ରଶ୍ରୟ ଦେଉଥିବା ଅନୁଷ୍ଠାନଗୁଡ଼ିକୁ ବନ୍ଦ କରିବାକୁ ପଡ଼ିବ; କିନ୍ତୁ କଂସେଇ, ମଦଭାଟିର ମାଲିକ ଓ ବେଶ୍ୟାଙ୍କୁ ଘୃଣାଚକ୍ଷୁରେ ଦେଖିବା କିମ୍ବା ବାସନ୍ଦ କରିବାକୁ ମୁଁ କହୁନାହିଁ । ଅସ୍ପୃଶ୍ୟତା ନିବାରଣ କେବଳ ସମ୍ବିଧାନର ଅଙ୍ଗୀଭୂତ ହେଲେ କିଛି ଲାଭ ନାହିଁ; କାରଣ ଏହା ସାଧାରଣ କର୍ମଠାରୁ ଯଥେଷ୍ଟ ଉଚ୍ଚତର । ଏପରି କି ସ୍ୱରାଜଠାରୁ ଏହା ଉନ୍ନତ । ପୁନଶ୍ଚ ଯଦି ଏହା ନୈତିକତାସମ୍ପନ୍ନ ହୋଇ କାର୍ଯ୍ୟକାରୀ ନ ହୁଏ, ତାହାହେଲେ ସାମ୍ବିଧାନିକ ସିଦ୍ଧାନ୍ତ ମୂଲ୍ୟହୀନ ହୋଇପଡ଼ିବ; ଦଳିତ ଅସ୍ପୃଶ୍ୟମାନଙ୍କ କଷ୍ଟର ଲାଘବ ହେବନାହିଁ ।

Digitized by srujanika@gmail.com

ଏହା ସର୍ବବାଦୀସମ୍ମତ ଯେ ଅପରିଷ୍କାର ପଦାର୍ଥ ସର୍ବଦା ଅସ୍ପୃଶ୍ୟ । କିନ୍ତୁ ମଣିଷ କାହିଁକି ଓ କିପରି ଅସ୍ପୃଶ୍ୟ ହେବ ? ଝାଡ଼ୁଦାର କିମ୍ବା ମଳ-ମୂତ୍ର ପରିଷ୍କାର କରୁଥିବା ବ୍ୟକ୍ତି କାର୍ଯ୍ୟରତ ଥିବାବେଳେ ଅସ୍ପୃଶ୍ୟ ହୋଇ ପାରନ୍ତି । ତା ପରେ ଶରୀରକୁ ପରିଷ୍କାର-ପରିଚ୍ଛନ୍ନ କଲେ ସେମାନେ ସର୍ବସାଧାରଣଙ୍କପରି ଚଳେଚଳ ହେବେ । ସମାଜର ସେବକ କେବେ ଅସ୍ପୃଶ୍ୟ ହୁଏ କି ? ମୁଁ ଜାତି ବିଭାଗକୁ ବିଶ୍ୱାସ କରେ ନାହିଁ; କାରଣ ଏହା ହେଉଛି ଏକ କୁସଂସ୍କାର । ଏହାର ସ୍ଥିତି ସତ୍ତ୍ୱେ ଏକ ନିର୍ଦ୍ଧାରିତ ସୀମା ଅଛି । ଯଦି ଅସ୍ପୃଶ୍ୟତା ଜାତି ବିଭାଗରୁ ଜନ୍ମଲାଭ କରିଥାଏ, ତାହାହେଲେ ଏହା ଅଚିରେ ଶସ୍ୟକ୍ଷେତ୍ରରୁ ବାଳୁଙ୍ଗାପରି ମୂଳୋତ୍ପାଟିତ ହେବା ଉଚିତ । ଅସୁନ୍ଦର ଅଙ୍ଗପ୍ରତ୍ୟଙ୍ଗଯୋଗୁଁ ସମସ୍ତ ଶରୀର କିମ୍ବା ବାଳୁଙ୍ଗାଯୋଗୁଁ ସମଗ୍ର ଶସ୍ୟକ୍ଷେତ୍ର ନଷ୍ଟ କରିବାକୁ ମୁଁ ପସନ୍ଦ କରେ ନାହିଁ; ବରଂ ଯାହାଯୋଗୁଁ କ୍ଷତି ହେଉଛି, ତାହାର ବିନାଶ ମୁଁ କାମନା କରେ ।

ପ୍ରକୃତପକ୍ଷରେ ଏହି ଅସ୍ପୃଶ୍ୟତା ଉଚ୍ଚ ନୀଚ ଭେଦଭାବଯୋଗୁଁ ହିନ୍ଦୁ ଧର୍ମରେ ବହୁଦିନରୁ ଅଧିକ ଦୃଢ଼ କରି ପାରିଅଛି । ତେଣୁ ଅସ୍ପୃଶ୍ୟତାର ଦୂରୀକରଣ ଅର୍ଥ ଉଚ୍ଚ ନୀଚ ଭେଦଭାବର ସମାଧାନ ମାତ୍ର । ଏହା ଯେତେବେଳେ ସମୂଳେ ଦୂରୀଭୂତ ହେବ, ସେତେବେଳେ ଜାତି ବିଭାଗ ପବିତ୍ର ହେବା ସଙ୍ଗେ ସଙ୍ଗେ ପ୍ରକୃତ ବର୍ଣ୍ଣଧର୍ମରେ ପରିଣତ ହେବ । ଚତୁର୍ବର୍ଣ୍ଣବିଶିଷ୍ଟ ସମାଜରେ ଉଚ୍ଚ ନୀଚ ଭେଦଭାବ ରହିବ ନାହିଁ; ବରଂ ଏହି ପ୍ରଥା ହିନ୍ଦୁଧର୍ମର ହେବ ପୂର୍ତ୍ତିବିଧାୟକ ।

ମଦ୍ୟପାନର ମନ୍ଦଫଳ

ଚୋରି ଓ ବେଶ୍ୟାବୃତ୍ତିଠାରୁ ମଦ୍ୟପାନ ଅଧିକ ନିନ୍ଦନୀୟ । ଏହାଦ୍ୱାରା ବ୍ୟକ୍ତି ପାପକରିବା ସଙ୍ଗେ ସଙ୍ଗେ ବ୍ୟାଧି ଅର୍ଜନ କରିଥାଏ । ଯଦି ଚେଷ୍ଟା କରନ୍ତେ; କୋଟି କୋଟି ଲୋକ ଅନାୟାସରେ ଏହି କୁଅଭ୍ୟାସରୁ ମୁକ୍ତି ଲାଭ କରି ପାରନ୍ତେ । ମୁଁ ଜାଣେ ଯେ, ଅନେକେ ଏ ଅଭ୍ୟାସ ପରିହାର କରିବାକୁ ପଣ କରି ମଧ୍ୟ ଗୁପ୍ତଭାବରେ ଏହା ପାନକରିଥାନ୍ତି । ଅତଏବ ଏହି ନିଶାପ୍ରତି ଥିବା ଆସକ୍ତିକୁ କମାଇବାପାଇଁ ସାମୂହିକ ତଥା ସକ୍ରିୟ ଚେଷ୍ଟା ହେବା ଦରକାର ।

Digitized by srujanika@gmail.com

ମୁଁ ଶ୍ରମିକମାନଙ୍କ ସହିତ ମିଶି ଜାଣିଛି, ଏହି ଅଭ୍ୟାସଯୋଗୁଁ ବହୁ ଦରିଦ୍ର ଶ୍ରମିକଙ୍କର ସର୍ବନାଶ ହୋଇଥାଏ । ଆଖପାଖରେ ମଦ ନମିଳିଲେ ସେମାନେ କଦାପି ଏହା ଚିନ୍ତା କରିବେ ନାହିଁ । ମୁଁ ବହୁ ପ୍ରମାଣ ପାଇଛି ଯେ ନିଜେ ମଦ [illegible] ଏହାର ନିବାରଣପାଇଁ ବଡ଼ ବଡ଼ କଥା କହିଥାନ୍ତି ।

ଏହି କୁ-ଅଭ୍ୟାସ ମନୁଷ୍ୟକୁ ପଶୁପ୍ରବୃତ୍ତିର ଅଧୀନ କରିଥାଏ; ତେଣୁ ସେ ସ୍ତ୍ରୀ, ମା, ଭଉଣୀ ମଧ୍ୟରେ ଭିନ୍ନତା ଦେଖିପାରେ ନାହିଁ । ମୁଁ ଏପରି ଲୋକ ବହୁତ ଦେଖିଛି । ମେଲେରିଆ ଇତ୍ୟାଦି ମାରାତ୍ମକ ରୋଗଗୁଡ଼ିକ ଆମର ଦେହକୁ କ୍ଷତି କରିଥାନ୍ତି, ମଦ୍ୟ ତା'ଠାରୁ ବେଶି କ୍ଷତି କରିଥାଏ । ରୋଗଦ୍ୱାରା ଆମ ଶରୀରର କ୍ଷତି ଘଟେ; କିନ୍ତୁ ମଦ୍ୟପାନଦ୍ୱାରା ଉଭୟ ଶରୀର ଓ ଆତ୍ମାର କ୍ଷତି ଘଟିଥାଏ । ମୁଁ ଭାରତକୁ କାଙ୍ଗାଳଙ୍କ ଦେଶ ହିସାବରେ ଦେଖିବାକୁ ଚାହେଁ ନାହିଁ । ଲୋକେ ଯଦି କୁ-ଅଭ୍ୟାସ ପରିହାର ନ କରନ୍ତି, ତାହାହେଲେ ଭାରତର ଶିକ୍ଷା ଓ ସଂସ୍କୃତି ଅଚିରେ ବୃନ୍ତଚ୍ୟୁତ ହେବ ।

ମଦ୍ୟପାନଯୋଗୁଁ ଜାତିର ସାଂସ୍କୃତିକ ତଥା ରାଜନୈତିକ ପତନ ହୋଇଥାଏ । ଇତିହାସ ଏହାର ସୂଚନା ଅଦ୍ୟାବଧି ସାକ୍ଷ୍ୟ ଦେଇଅଛି । ବହୁ ସମ୍ରାଟ୍ ଏହି ଅଭ୍ୟାସଯୋଗୁଁ ଭ୍ରଷ୍ଟ ଓ ସର୍ବହରା ହୋଇଛନ୍ତି । ରୋମ ସାମ୍ରାଜ୍ୟର ପତନ ପାଇଁ ଏହି ଅଭ୍ୟାସହିଁ ମୁଖ୍ୟତଃ ଦାୟୀ । ନିଶା ନିବାରଣ ଭାରତପରି ପୃଥିବୀର ଅନ୍ୟ କୌଣସି ଦେଶରେ ସହଜସାଧ୍ୟ ନୁହେଁ; କାରଣ ଆମ ଦେଶରେ ଖୁବ୍ ଅଳ୍ପସଂଖ୍ୟକ ଲୋକ ମଦ୍ୟପାନ କରିଥାନ୍ତି । ସମାଜରେ ଏହା ସାଧାରଣତଃ ନିନ୍ଦନୀୟ । ମୁଁ ବିଶ୍ୱାସ କରୁଛି, ଆମ ମଧ୍ୟରୁ ବହୁଲୋକ ମଦ କଣ ଜାଣନ୍ତି ନାହିଁ ।

ଯଦି ମୋତେ ମାତ୍ର ଗୋଟିଏ ଘଣ୍ଟାପାଇଁ ଭାରତର ଡିକ୍ଟେଟର୍ କରିଦିଆଯାଏ, ତାହାହେଲେ ମୋର ପ୍ରଥମ କାର୍ଯ୍ୟ ହେବ—ମଦ ଦୋକାନଗୁଡ଼ିକ ବିନା ସର୍ତ୍ତରେ ବନ୍ଦ କରିବା ଓ କାରଖାନାର ଶ୍ରମିକମାନଙ୍କ ପାଇଁ ମନୁଷ୍ୟୋଚିତ ପରିସ୍ଥିତି ସୃଷ୍ଟି କରିବାଲାଗି ଉପାହାର-ଗୃହ, ମନୋରଞ୍ଜନ-ଗୃହ ଜରିଆରେ ସ୍ଫୂର୍ତ୍ତିଦାୟୀ ପେୟ ଓ ଆମୋଦପ୍ରମୋଦର ବ୍ୟବସ୍ଥା କରିବା ।

Digitized by srujanika@gmail.com

ପୂର୍ଣ୍ଣ ସ୍ୱରାଜ

'ସ୍ୱରାଜ' ଗୋଟିଏ ପବିତ୍ର ବୈଦିକ ଶବ୍ଦ । ଏହାର ଅର୍ଥ ଆତ୍ମପରିଚାଳନା; ସ୍ୱେଚ୍ଛାଚାରିତା ନୁହେଁ । ସମସ୍ତ ବାଧା-ବନ୍ଧନମୁକ୍ତ ସ୍ୱାଧୀନତାକୁ ଯଦି ସ୍ୱରାଜ ବୋଲି ବୁଝାଯାଏ, ତାହାହେଲେ 'ସ୍ୱରାଜ'ର ସଂଜ୍ଞା ଭୁଲ ହେବ । ବହୁସଂଖ୍ୟକ ସ୍ତ୍ରୀ ପୁରୁଷ, ଯେଉଁମାନେ କି ମାତୃଭୂମିର ଉପକାର ପାଇଁ ଶ୍ରମଦାନ କରୁଅଛନ୍ତି, ସେମାନଙ୍କର ମାନସିକ ତଥା ଶାରୀରିକ ସହଯୋଗରେ ଭାରତର ପରିଚାଳନାକୁ ମୁଁ ସ୍ୱରାଜ କହିଥାଏ । କେବଳ ମୁଷ୍ଟିମେୟ ବ୍ୟକ୍ତିଙ୍କର କର୍ତ୍ତୃତ୍ୱପ୍ରାପ୍ତିରେ ସ୍ୱରାଜ ଆସି ନ ଥାଏ । ଏଥିନିମନ୍ତେ ସମସ୍ତେ କ୍ଷମତାପ୍ରାପ୍ତ ହେବା ଦରକାର । ଶିକ୍ଷା ସାହାଯ୍ୟରେ ଲୋକମାନଙ୍କର କ୍ଷମତା ବିଷୟରେ ଜ୍ଞାନ ଓ କର୍ତ୍ତୃତ୍ୱ ପରିଚାଳନା ପାଇଁ ବୁଦ୍ଧିବୃତ୍ତି ଆନୟନଦ୍ୱାରା ସ୍ୱରାଜପ୍ରାପ୍ତି ସମ୍ଭବପର ।

ସ୍ୱରାଜର ସ୍ଥିତି ବିଶେଷତଃ ବୈଷମ୍ୟ ବିରୁଦ୍ଧରେ ଅଭିଯାନ ଉପରେ ନିର୍ଭର କରେ । ଏହାର ପ୍ରାପ୍ତି ଓ ସୁରକ୍ଷା ପାଇଁ 'ନିରବଚ୍ଛିନ୍ନ ସଂଗ୍ରାମ ଦରକାର । ମୁଁ ଏହା ଉଭୟ ବାକ୍ୟ ଓ କର୍ମରେ ଦେଖାଇବାକୁ ଚେଷ୍ଟା କରୁଛି । ରାଜନୈତିକ ସ୍ୱରାଜଠାରୁ ବ୍ୟକ୍ତିଗତ ସ୍ୱରାଜ ଅଧିକ ମୂଲ୍ୟବାନ । ଆମ ଦେଶର ସର୍ବନିମ୍ନ ବ୍ୟକ୍ତିର ମୁକ୍ତିକୁ ମୁଁ ସ୍ୱରାଜ କହିଥାଏ । କେବଳ ଇଂରେଜ ଶାସନକବଳରୁ ଭାରତକୁ ରକ୍ଷା କରିବାପାଇଁ ମୁଁ ସେତେ ଲାଳାୟିତ ନୁହେଁ । ଜନ୍ମଭୂମିକୁ ସମସ୍ତପ୍ରକାର ଶୃଙ୍ଖଳରୁ ମୁକ୍ତ କରିବି ବୋଲି ମୁଁ ପ୍ରତିଜ୍ଞାବଦ୍ଧ ହୋଇଅଛି ।

'ଅହିଂସ ଉପାୟରେ ସ୍ୱରାଜ' ଅର୍ଥ ଆଭ୍ୟନ୍ତରୀଣ ବିଶୃଙ୍ଖଳା କିମ୍ବା ଅରାଜକତା ନୁହେଁ । ଏହା ଶାନ୍ତି ଓ ପ୍ରଗତିର ପରିଚାୟକ । ଏଥିରେ ଶକ୍ତିର ବିନମ୍ର ବୃକ୍ଷରୁ ପାଚିଲା ଫଳ ଝଡ଼ିଲାପରି ପ୍ରାକୃତିକ ଉପାୟରେ ହେବା ବିଧେୟ । ଆମର ସ୍ୱରାଜ ପାଇଁ ଶକ୍ତି ବଳିଷ୍ଠ ସାଧନା ଉପରେ ନିର୍ଭର କରେ । ଆମପରି ଏକ ପୁରାତନ ଓ ବିରାଟ ଜାତିପକ୍ଷରେ ବହୁବିଧ ଜଟିଳ ସମସ୍ୟା ସମାଧାନ ପାଇଁ ରହିଛି । ଏଥିପାଇଁ ସମସ୍ତଙ୍କର ତତ୍ପରତା

Digitized by srujanika@gmail.com

[ଦୃଢ଼ ଓ ଶାନ୍ତସଙ୍ଗତ ସ୍ୱାଧୀନତା ହିଁ ମୋର ସ୍ୱରାଜ]

Digitized by srujanika@gmail.com

ଦରକାର । ପୁଣି ମୋ କଳ୍ପିତ ସ୍ୱରାଜ ସଂସ୍କୃତି ସହିତ ନିରବଚ୍ଛିନ୍ନ ସମ୍ପର୍କ ରଖି ଗଢ଼ାଯିବ ବୋଲି ମୁଁ ସିଦ୍ଧାନ୍ତ କରିସାରିଛି । ମୁଁ ଅନେକ ନୂତନ ବିଷୟପୁବର ଲେଖିବାକୁ ଇଚ୍ଛୁକ । ସେଗୁଡ଼ିକ ନିଶ୍ଚୟ ଭାରତୀୟ ଛାଞ୍ଚରେ ଲେଖାଯିବ । ମୁଁ ଉନ୍ନତ ପାଶ୍ଚାତ୍ୟ ପଦ୍ଧତିରୁ ଧାରଆଣିବାକୁ ଲଜ୍ଜା କରୁ ନାହିଁ; କିନ୍ତୁ ସେଗୁଡ଼ିକୁ ପ୍ରାଚ୍ୟ କଳନ୍ତର ଦେଇ ପରିଶୋଧ କରିବାକୁ ପଡ଼ିବ । ଇଂରେଜମାନଙ୍କୁ ତଡ଼ିଦେଲେ ଯେ ଭାରତରେ ସ୍ୱରାଜ ପ୍ରତିଷ୍ଠିତ ହେଲା, ଏହା ଭାବିବା ଭୁଲ । ଅବଶ୍ୟ ଆମର ସ୍ୱାଧୀନତାରେ ହସ୍ତକ୍ଷେପ ହେଉଥିବାରୁ ଏହାର ରକ୍ଷାପାଇଁ ଆମେ ଯୁଦ୍ଧ କରିବାରେ ପଛାଇବା ଉଚିତ ନୁହେଁ । ତପରେ ଆମର ଲକ୍ଷ୍ୟ କଣ ହେବ ? ବର୍ବରତାପୂର୍ଣ୍ଣ ସ୍ୱରାଜ କଣ ଆମର କାମ୍ୟ ? ପଶୁମର ବାଧାବନ୍ଧନରହିତ ସ୍ୱରାଜ କଣ ଆମର ଲକ୍ଷ୍ୟ ? ଆମ୍ଭେମାନେ ଯଦି ନିଜେ ପରିଷ୍କାର-ପରିଚ୍ଛନ୍ନ ରହିବା ସଙ୍ଗେ ସଙ୍ଗେ ପଡ଼ୋଶୀକୁ ତଦନୁଯାୟୀ ରଖିବାକୁ ଯତ୍ନ ନ କରୁ, ତାହାହେଲେ ସ୍ୱରାଜ ଲାଭ କରିବାରେ ଆମେ ସମ୍ପୂର୍ଣ୍ଣ ଅନୁପଯୁକ୍ତ ।

ଲୋକସଭାରେ ଗୃହୀତ ସିଦ୍ଧାନ୍ତ ଆମକୁ ସାମ୍ବିଧାନିକ ସ୍ୱରାଜ ଦେଇପାରେ; କିନ୍ତୁ ଆଭ୍ୟନ୍ତରୀଣ ଅଗଣିତ ସମସ୍ୟାର ଯଦି ଆଶୁ ସମାଧାନ କରି ନ ପାରୁ, ତାହାହେଲେ ଏ ସ୍ୱରାଜ ଅଳୀକ କଳ୍ପନା ବ୍ୟତୀତ ଅନ୍ୟ କିଛି ନୁହେଁ । ପଲ୍ଲୀ ପୁନର୍ଗଠନ, ଖାଦ୍ୟପେୟଗତ ସଂଯମ, ହିନ୍ଦୁ ମୁସଲମାନ ଐକ୍ୟ, ଅସ୍ପୃଶ୍ୟତା ନିବାରଣ ଇତ୍ୟାଦି ଏହି ଆଭ୍ୟନ୍ତରୀଣ ସମସ୍ୟାମାନଙ୍କ ମଧ୍ୟରେ ମୁଖ୍ୟ । ବସ୍ତୁତଃ ଏଗୁଡ଼ିକୁ ସମାଧାନ କରିବାର କ୍ଷମତା ସ୍ୱରାଜର ହେଉଛି ଆରମ୍ଭ ଓ ଶେଷ ।

ଲୌକିକ ସ୍ୱାଧୀନତାକୁ ସ୍ୱରାଜ କହିବା ସମୀଚୀନ ନୁହେଁ । ବିଦେଶୀ ଶାସନର ଅପସାରଣପାଇଁ ସ୍ୱାଧୀନତାହିଁ ଦରକାର । ପୁନଶ୍ଚ ଇଂରେଜମାନେ ଚାଲିଗଲେ ଯେ ଆମେ ସ୍ୱାଧୀନ ହେଲୁ, ଏହା ଭାବିବା ଭୁଲ୍ । ଯେତେବେଳେ ପ୍ରତ୍ୟେକ ଗ୍ରାମବାସୀ ବୁଝିବେ ଯେ ସେମାନେ ହେଉଛନ୍ତି ସେମାନଙ୍କ ଭାଗ୍ୟର କର୍ଣ୍ଣଧାର ଓ ପ୍ରତିନିଧି ବାଛି ନିଜେ ନିଜକୁ ଶାସନ କରିବାରେ କ୍ଷମ, ସେତେବେଳେ ଯାଇ ସ୍ୱାଧୀନତା ଆସିଲା ବୋଲି ଜାଣିବା । ପ୍ରତ୍ୟେକ ବ୍ୟକ୍ତି ନିଜର ସ୍ୱାଧୀନତା ଓ ନିରପତ୍ତା ରକ୍ଷା କରିପାରିଲେ ସ୍ୱରାଜର ତାତ୍ପର୍ଯ୍ୟ ଓ ମହତ୍ତ୍ୱ ରକ୍ଷା କରିଯାଇ ପାରିବ । ଯଦି ସ୍ୱରାଜ ଆମକୁ ଏକାଧାରରେ ଶିକ୍ଷିତ

Digitized by srujanika@gmail.com

ତଥା ଶ୍ରେଣିସ୍ଥ କରିବା ସଙ୍ଗେ ସଙ୍ଗେ ଆମ ସଭ୍ୟତାକୁ ବୁଦ୍ଧିମନ୍ତ ଓ ଦୃଢ଼ୀଭୂତ କରି ନ ପାରିଲ, ତାହା ହେଲେ ତାହା ମୂଲ୍ୟହୀନ । ନୈତିକତା ଆମ ସଂସ୍କୃତିର ମର୍ଯ୍ୟାଦାସ୍ୱରୂପ । ଏହା ସମସ୍ତ କର୍ମର ଆଦ୍ୟାତ୍ମକ ହେବା ଉଚିତ । ପୁନଶ୍ଚ ସ୍ୱରାଜ ଜାତି ଧର୍ମର ସ୍ୱାତନ୍ତ୍ର୍ୟ ଅବମାନନା କରେ । ଏଥିରେ ଶିକ୍ଷିତ ତଥା ସମ୍ଭ୍ରାନ୍ତଙ୍କର ମାଲିକାନା ସ୍ୱୀକାର କରାଯାଏ ନାହିଁ । ଜାତି, ଧର୍ମ, ବିଦ୍ୟା, ବୁଦ୍ଧି ତଥା ପରିସ୍ଥିତି ନିର୍ବିଶେଷରେ ଏହା ହେଉଛି ସମସ୍ତଙ୍କର କୋଠ ସମ୍ପତ୍ତି ।

ଅନେକେ କହନ୍ତି ଯେ ଭାରତୀୟ ସ୍ୱରାଜ ମୁଖ୍ୟତଃ ହିନ୍ଦୁ ସମ୍ପ୍ରଦାୟଦ୍ୱାରା ଶାସିତ ହେବ । ଏହି ଉକ୍ତିଠାରୁ ଦୁନିଆରେ ଆଉ ବଡ଼ ଭୁଲ୍ କିଛି ନାହିଁ ବୋଲି ମୁଁ ଭାବିଥାଏ । ବସ୍ତୁତଃ ଯଦି ଏହିପରି ହୁଏ, ତାହାହେଲେ ମୁଁ ଏହାକୁ ସ୍ୱରାଜ କହିବି ନାହିଁ ।

ବରଂ ମୋର ସମସ୍ତ ଶକ୍ତି ଖର୍ଚ୍ଚ କରି ଏହାର ବିରୁଦ୍ଧାଚରଣ କରିବି । କାରଣ ସ୍ୱରାଜର ପରିଚାଳନାରେ ସମସ୍ତଙ୍କର ସମାନ ଅଧିକାର ଅଛି । ନ୍ୟାୟର ରାଜତ୍ୱହିଁ ଏଥିରେ ସ୍ୱୀକାର୍ଯ୍ୟ । ହିନ୍ଦୁ, ମୁସଲମାନ, ଶିଖ, ଜୈନ, ଇହୁଦି ଇତ୍ୟାଦି ସବୁ ସମ୍ପ୍ରଦାୟ ପାଇଁ ଏହାର ପରିଚାଳନା-ଦ୍ୱାର ସର୍ବଦା ଉନ୍ମୁକ୍ତ । ସତ୍ୟ ଓ ଅହିଂସା ଏହି ପରିଚାଳନାର ଦ୍ୱାରର ପ୍ରହରୀସ୍ୱରୂପ । ବିଶେଷତଃ ଦରିଦ୍ରମାନେ ପୂର୍ଣ୍ଣପ୍ରାଣରେ ଏହାର ସୁବିଧା-ସୁଯୋଗ ଅନୁଭବ କରିବା ଉଚିତ । ନଚେତ୍ ଏହା ପୂର୍ଣ୍ଣ-ସ୍ୱରାଜ ନାମରେ ନାମିତ ହୋଇ ପାରିବ ନାହିଁ; ଅର୍ଥାତ୍ ମୋର ସ୍ୱପ୍ନ ବିଫଳ ହେବ ।

ଦୃଢ଼ ଓ ମାର୍ଜିତ ସ୍ୱାଧୀନତାହିଁ ମୋର ସ୍ୱରାଜ । ମୋ ଜାତୀୟତା କୌଣସି ଜାତିର କିମ୍ବା ବ୍ୟକ୍ତିର କ୍ଷତିବିଧାୟକ ନୁହେଁ । ସ୍ୱରାଜ ଆସିବା-ପୂର୍ବରୁ ଲୋକମାନଙ୍କ ମନରେ ଜାଗରଣ, ଜ୍ଞାନଲିପ୍ସା, ଏକତା, ଅର୍ଥନୈତିକ ଶକ୍ତି ଆସିବା ଉଚିତ । ଏଥିପାଇଁ ଶକ୍ତି ଲୋଡ଼ା ନାହିଁ । ଗୋଟିଏ ତେଜସ୍ୱୀ ଜାତି ଗଢ଼ିବାପାଇଁ ନ୍ୟାୟସଙ୍ଗତ ଉପାୟରେ ବଳସଂଗ୍ରହ ମଧ୍ୟ ସ୍ୱରାଜର ଲକ୍ଷ୍ୟ । ମୋ କଳ୍ପିତ ସ୍ୱରାଜ ସମ୍ବନ୍ଧରେ କାହାରି ଯେପରି ଭ୍ରମ ଧାରଣା ଜାତ ନ ହୁଏ, ସେଥିପାଇଁ ମୁଁ ସର୍ବଦା ଚେଷ୍ଟିତ । ବିଦେଶୀ ଶକ୍ତି କବଳରୁ ଦେଶକୁ ଉଦ୍ଧାର କରିବା ସଙ୍ଗେ ସଙ୍ଗେ ଆର୍ଥନୀତିକ ସ୍ୱାଧୀନତା ଆଣିଦେବାପାଇଁ

Digitized by srujanika@gmail.com

ମଧ୍ୟ ସ୍ୱରାଜ ଉଦ୍ଦିଷ୍ଟ । ମୋଟ ଉପରେ ଆର୍ଥନୀତିକ ଓ ରାଜନୈତିକ ସ୍ୱାଧୀନତା, ନୀତି ଓ ଧର୍ମ ହେଉଛନ୍ତି ସ୍ୱରାଜର ସୀମାରେଖାସ୍ୱରୂପ । ଧର୍ମରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ଇତ୍ୟାଦି ସମସ୍ତେ ଅନ୍ତର୍ଭୁକ୍ତ । ଏଥିସଙ୍ଗେ ନୈତିକ ଓ ସାମାଜିକ ଉନ୍ନୟନ ପାଇଁ ଚେଷ୍ଟା ଓ ସାହସିକତା ଅପରିହାର୍ଯ୍ୟ । ସର୍ବୋପରି ଭଗବାନଙ୍କ ଉପରେ ଆସ୍ଥା ନ ରହିଲେ ଆମର ଅଗ୍ରଗତି ଅସମ୍ଭବ ।

ଯେତେବେଳେ ଜନସାଧାରଣ ସତ୍ୟ ଓ ଅହିଂସ ଉପାୟରେ ନିଜ ଅଣି ତାହାର ପରିଚାଳନାପାଇଁ ପ୍ରଚୁର କ୍ଷମତା ହାସଲ କରିବେ, ସେତିକବେଳେ ଯାଇ ମୋ ସ୍ୱପ୍ନ ବାସ୍ତବ ହେବ । ପ୍ରକୃତ ଗଣତନ୍ତ୍ର କିମ୍ବା ସ୍ୱରାଜ ଅସତ୍ୟ ଓ ହିଂସାତ୍ମକ ଉପାୟରେ ଆସିପାରେ ନାହିଁ । କେବଳ ଅହିଂସା-ବଳରେ ପୂର୍ଣ୍ଣ ଓ ବ୍ୟକ୍ତିଗତ ସ୍ୱାଧୀନତା ଆନୟନ ସମ୍ଭବପର । ଅହିଂସାକୁ ଅବଲମ୍ବନ କରି ତୋଳାଉଠିଥିବା ସ୍ୱରାଜରେ ଲୋକମାନଙ୍କର ଅଧିକାରଗତ ଜ୍ଞାନ ପରିବର୍ତ୍ତେ କର୍ତ୍ତବ୍ୟ-ଜ୍ଞାନ ଆସିବା ଉଚିତ । କର୍ତ୍ତବ୍ୟହିଁ ଅଧିକାରର ଜନକ । ଯେଉଁମାନେ ଦେଶମାତୃକାର ସେବା କରନ୍ତି, ସେମାନଙ୍କ ନିକଟରେ କର୍ତ୍ତବ୍ୟର ନ୍ୟାୟସଙ୍ଗତ ଅଧିକାର ସୃଷ୍ଟି ହୋଇଉଠେ ।

ସମସ୍ତଙ୍କର ମିଥ୍ୟା କହିବା ଓ ଗୁଣ୍ଡାମି କରିବାର ଅଧିକାର ଅଛି; କିନ୍ତୁ ଏପରି କରୁଥିବା ବ୍ୟକ୍ତି ନିଜେ ନିଜର ଓ ସମାଜର କ୍ଷତି କରିଥାଏ । ଯେଉଁମାନେ ସତ୍ୟ ଅହିଂସାର ପୂଜାରୀ, ସେମାନଙ୍କ ନିକଟରେ ସମ୍ମାନ ଅଧିକାର ଯେନ ବଳେ ବଳେ ପହଞ୍ଚିଥାଏ । ଯେଉଁମାନେ କର୍ମବଳରେ ଅଧିକାର ହାସଲ କରନ୍ତି, ସେମାନେ ସମାଜ ବ୍ୟତୀତ ସେବା କରିପାରନ୍ତି ନାହିଁ; କିନ୍ତୁ ଜନସାଧାରଣଙ୍କ ସ୍ୱରାଜରେ ବ୍ୟକ୍ତିଗତ ସ୍ୱରାଜ ଯେ ଅନ୍ତର୍ଭୁକ୍ତ, ଏହା ଭୁଲିଯିବା ଉଚିତ ନୁହେଁ । କର୍ମନିଷ୍ଠ ନାଗରିକ ହିସାବରେ କାମ କଲେ ବ୍ୟକ୍ତିଗତ ସ୍ୱରାଜ ଆସିଥାଏ । ଏଥିରେ କେହି କେବେ ନିଜର ଅଧିକାର ବିଷୟ ଭାବନ୍ତି ନାହିଁ । ଅହିଂସାମୂଳକ ସ୍ୱରାଜରେ କେହି କାହାର ଶତ୍ରୁ ନୁହଁନ୍ତି; ବରଂ ସାମୂହିକ ଅଭିପ୍ରାୟ ଲାଗି ସମସ୍ତେ ଅଗ୍ରସର । ଏହି ସ୍ୱରାଜରେ ସମସ୍ତେ ଲେଖିପଢ଼ି ଜାଣନ୍ତି ଓ ଦିନକୁ ଦିନ ସେମାନଙ୍କ ଜ୍ଞାନ ବୃଦ୍ଧିପାଏ । କ୍ରମେକ୍ରମେ ମାନସିକ ଓ ଶାରୀରିକ ଦୁର୍ବଳତା ହ୍ରାସ ଲଭେ । ବେକାର ସମସ୍ୟା

Digitized by srujanika@gmail.com

ଦୂରୀଭୂତ ହୁଏ । ଶ୍ରମର ବାଞ୍ଛିତ ପ୍ରତିଦାନ ବା ପାରିଶ୍ରମିକ ମିଳେ । ନିଶା-ସେବନ, ଧୃଷ୍ଟତା, ଚୌର୍ଯ୍ୟାଚରଣ, ସାଂପ୍ରଦାୟିକତା ଇତ୍ୟାଦିର ସତ୍ତା ରହେ ନାହିଁ । ବିଳାସବ୍ୟସନରେ ଶ୍ରମଲବ୍ଧ ଧନ ଅପବ୍ୟୟିତ ହୁଏ ନାହିଁ । ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ଥିବା ସୀମାରେଖା ଲିଭିଯାଏ । ଅହିଂସାତ୍ମକ ସମାଜରେ ଅନ୍ୟାୟ ଅତ୍ୟାଚାର ଓ ଅନଧିକାର ଚର୍ଚ୍ଚା ସ୍ୱପ୍ନରେ ପରିଣତ ହୁଏ । ସୁପରିକଳ୍ପନା ବଳରେ ସମସ୍ତ ତ୍ରୁଟି ସଂଶୋଧିତ ହୁଏ ।

ସତ୍ୟାଗ୍ରହ ଓ ଦୁରାଗ୍ରହ

ସତ୍ୟାଗ୍ରହ :

ମୋର ଦୃଢ଼ଧାରଣା ଯେ ସବିନୟ ଆଇନଭଙ୍ଗ ବୈଧାନିକ ଆନ୍ଦୋଳନର ହେଉଛି ଶୁଦ୍ଧତମ ରୂପ । ଏଥିରେ ବିନୟ ଓ ଅହିଂସାର ବୈଶିଷ୍ଟ୍ୟ ସ୍ୱୀକାର୍ଯ୍ୟ । ତେଣୁ ପ୍ରତାରଣାରୁ ଏହା ବହୁ ଉଚ୍ଚରେ । ଆଇନ-ଅବଜ୍ଞା ଆଦରପୂର୍ବକ ତଥା ନ୍ୟାୟୋଚିତ ଉପାୟରେ ହେବା ଉଚିତ । ଉଦ୍ଧତ ମନୋଭାବ କିମ୍ବା ଅନ୍ୟପ୍ରତି ଦ୍ୱେଷ ଉପରେ ଏହା ଆଧାରିତ ହେବା ଉଚିତ ନୁହେଁ; ବରଂ ବହୁ ପରୀକ୍ଷା ଓ ନିରୀକ୍ଷାରେ ଏହାର ମହତ୍ତ୍ୱ ପ୍ରତିପାଦିତ ହୋଇଥାଏ । ତେଣୁ ଏହାକୁ ଶୁଦ୍ଧ ସତ୍ୟାଗ୍ରହ ମଧ୍ୟ କୁହାଯାଇପାରେ ।

ଆଇନର ସବିନୟ ଅବଜ୍ଞା ସ୍ୱେଚ୍ଛାପୂର୍ବକ ହେବା ଉଚିତ । ଅବଜ୍ଞାକାରୀ ତଜ୍ଜନିତ ଦଣ୍ଡକୁ ନିର୍ବିକାରରେ ମୁଣ୍ଡପାତି ସହିବାପାଇଁ ପ୍ରସ୍ତୁତ ହୋଇ ରହିବା ଦରକାର । ପୁନଶ୍ଚ ଏଥିପାଇଁ ଅହିଂସକ ପନ୍ଥା ହିଁ ଏକମାତ୍ର ଅବଲମ୍ବନୀୟ । ଏଥିରେ ପ୍ରତିପକ୍ଷ ଅପରିସୀମ କଷ୍ଟ ସହି ପ୍ରେମବଳରେ ଜୟଯୁକ୍ତ ହୋଇଥାଏ ।

ସବିନୟ ଅବଜ୍ଞା ହେଉଛି ପ୍ରତ୍ୟେକ ନାଗରିକର ଜନ୍ମସିଦ୍ଧ ଅଧିକାର । ଯେଉଁଠି ଅରାଜକତା ଅଛି, ସେଠି ଏଥିରୁ ସୁଫଳ ମିଳିବା ବିଡ଼ମ୍ବନା ମାତ୍ର । ଖଳପ୍ରକୃତିକ ଲୋକେ ଆଇନ ଅବଜ୍ଞା କଲେ ବରଂ ଅରାଜକତା ସୃଷ୍ଟି ହୋଇଥାଏ । ଅବଶ୍ୟ ପ୍ରତ୍ୟେକ ରାଜ୍ୟ ବଳପୂର୍ବକ

Digitized by srujanika@gmail.com

ଏହାର ନବୀକରଣପାଇଁ ଚେଷ୍ଟା କରିଥାଏ; କିନ୍ତୁ ସର୍ବନମ୍ର ଅବଜ୍ଞାକୁ ଦୃଢ଼ତାରେ ଦମନ କଲେ ପରୋକ୍ଷରେ ଅନ୍ୟାୟର ଅସ୍ତ୍ରକୁ ଅବଜ୍ଞା କରାଯାଇଥାଏ ।

ସଫଳତା ହାସଲ ପାଇଁ ସତ୍ୟାଗ୍ରହ ଯଥାର୍ଥରେ ଏକ ଶକ୍ତିଶାଳୀ ଉପାୟ । ସତ୍ୟାଗ୍ରହକୁ ଅବଲମ୍ବନ କଲାପୂର୍ବରୁ ସତ୍ୟାଗ୍ରହୀ ଅନ୍ୟ ଉପାୟଗୁଡ଼ିକ ପରୀକ୍ଷା କରି ଦେଖିନେବା ଉଚିତ । ତେଣୁ ସେ ନିରନ୍ତର ସତ୍ୟାନ୍ୱେଷୀଙ୍କ ସାନ୍ନିଧ୍ୟ ଲାଭ କରିବ, ଲୋକମାନଙ୍କ ମନରେ ଶିକ୍ଷଣୀୟ ପ୍ରଭାବ ପକାଇବ ଓ ନିଜର ସମସ୍ୟା ଅନ୍ୟମାନଙ୍କ ସମକ୍ଷରେ ଶାନ୍ତିମୂଳକ ଉପାୟରେ ଉପସ୍ଥାପନ କରିବ । ଏହା ସତ୍ତ୍ୱେ ଯଦି ସେ କୌଣସି ସମାଧାନରେ ପହଞ୍ଚି ନ ପାରିଲା, ତାହାହେଲେ ସେ ସତ୍ୟାଗ୍ରହର ଆଶ୍ରୟ ନେବ ।

[ସତ୍ୟାଗ୍ରହୀ ଗାନ୍ଧୀ]

Digitized by srujanika@gmail.com

ସତ୍ୟାଗ୍ରହ ଶବ୍ଦର ପ୍ରୟୋଗରେ ଶିଥିଳତା ପରିଦୃଷ୍ଟ ହେଉଛି। ସାମ୍ପ୍ରତିକ ଏହାର ପନ୍ଥା ହିଂସାପ୍ରଣୋଦିତ ହୋଇପଡ଼ୁଛି । ପ୍ରତିପକ୍ଷର ମନ୍ଦ ଚିନ୍ତା, ମନ୍ଦ ପ୍ରବୃତ୍ତିଦ୍ୱାରା ସତ୍ୟାଗ୍ରହର ଅବମାନନା କରାଯାଇଥାଏ । ଏହା ସର୍ବଦା ସୌମ୍ୟ ଓ ବିପଦମୁକ୍ତ; କିନ୍ତୁ ଏହା କ୍ରୋଧ ଓ ଦ୍ୱେଷସମ୍ବଳିତ ହେବା ଉଚିତ ନୁହେଁ । ଏଥିରେ ବାଧ୍ୟବାଧକତାର ସ୍ଥାନ ନାହିଁ । ଏହା ହିଂସାର ଏକ ବିପରୀତମୁଖୀ ପରିକଳ୍ପନା ।

ଦୁରାଗ୍ରହ :

ମୋତେ ବନ୍ଦୀ କରିବାଲେ ସର୍ବସାଧାରଣଙ୍କର କାହିଁକି ଯେ ଏତେ କ୍ଷୋଭ ଜାତ ହେଉଛି, ତା'ର କାରଣ ବୁଝିପାରୁନାହିଁ । ଏହା ସତ୍ୟାଗ୍ରହ ନୁହେଁ; ଦୁରାଗ୍ରହଠାରୁ ଆଉରି ହୀନ । ଯେ ସତ୍ୟାଗ୍ରହ ସମର୍ଥନରେ ଶୋଭାଯାତ୍ରାରେ ଯୋଗଦିଏ, ସେ ଅନ୍ୟପ୍ରତି ହିଂସା ନ କରିବାକୁ, ଢେଲାପଥର ନ ଫିଙ୍ଗିବାକୁ ବା ଅନ୍ୟକୁ ଆଘାତ ନ କରିବାଲାଗି ଶପଥବଦ୍ଧ ହେବା ଉଚିତ ।

କିନ୍ତୁ ବମ୍ବେରେ ଆମ୍ଭେମାନେ ଢେଲାପଥର ଫିଙ୍ଗିବା, ରାସ୍ତା ଅବରୋଧ କରି ଯାନବାହନ ବନ୍ଦ କରିବାରେ ଅଭ୍ୟସ୍ତ । ଏହା କ'ଣ ସତ୍ୟାଗ୍ରହ ?

ମୁଁ ବାରମ୍ବାର କହିଛି ଯେ ସତ୍ୟାଗ୍ରହରେ ହିଂସା, ଲୁଣ୍ଠତରାଜ, ଅଗ୍ନିକାଣ୍ଡ ଇତ୍ୟାଦିର ସ୍ଥାନ ନାହିଁ; କିନ୍ତୁ ଏହାପ୍ରତି କେହି ଭ୍ରୂକ୍ଷେପ କରୁନାହାନ୍ତି । ଅଗ୍ନିକାଣ୍ଡ, ପରସ୍ୱ ଅପହରଣ, ରେଳଗାଡ଼ି ବନ୍ଦ, ତାରକଟା, ନିର୍ଦ୍ଦୋଷ ଲୋକଙ୍କୁ ହତ୍ୟା ଇତ୍ୟାଦି କରାଯାଉଛି । ଏହିପରି କାର୍ଯ୍ୟ କରି ମୁଁ ଯଦି ଜେଲ୍ କିମ୍ବା ଫାଶି ପାଇଥିବେଲେ ମୋତେ କେହି ବଞ୍ଚାଏ, ତାହାହେଲେ ମୁଁ ସେପରି ବଞ୍ଚିବାକୁ ଆଦୌ ପସନ୍ଦ କରିବି ନାହିଁ । ହିଂସା ଉପାୟ ଅବଲମ୍ବନ ଦେଶପ୍ରତି ଅହିତକର । ଏଥିଯୋଗୁଁ ଦେଶକୁ ଅକଥନୀୟ କଷ୍ଟ ସହିବାକୁ ପଡ଼ୁଥାଏ । ମୁଁ ଯେତେବେଳେ ସତ୍ୟାଗ୍ରହ ଓ ସବିନୟ ଅବଜ୍ଞାର ପ୍ରଚାର ଆରମ୍ଭ କରିଥିଲି, ସେତେବେଳେ ଏହାର ଉଦ୍ଦେଶ୍ୟ ନ ଥିଲା ଅନୁଚିତ ଅବଜ୍ଞା । ନିଜ ଅନୁଭବରୁ ମୁଁ ଶିକ୍ଷାଲାଭ କରିଛି ଯେ ସତ୍ୟର ପ୍ରଚାର ହିଂସାଦ୍ୱାରା କଦାପି କରାଯାଇପାରେନା । ଯାହାର ନିଜ

Digitized by srujanika@gmail.com

ଧ୍ୟେୟର ଔଚିତ୍ୟପ୍ରତି ବିଶ୍ୱାସ ଅଛି, ସେ ସର୍ବଦା ଧୀରସ୍ଥିର ଓ ଧୈର୍ଯ୍ୟଶୀଳ ହେବା ଉଚିତ । ଯେଉଁ ବ୍ୟକ୍ତି ଅବିନୟୀ ଅବଜ୍ଞା (ସିଭିଲ୍ ଡିସୋବିଡିଏନସ୍) ର ହିଂସାର ସୀମାରେଖା ସ୍ପର୍ଶ କରେ ନାହିଁ, ସେହି ବ୍ୟକ୍ତି ଆଇନ ଅବଜ୍ଞା କରିବାପାଇଁ ଉପଯୁକ୍ତ । ଯେପରି କୌଣସି ଲୋକ ଏକାଧାରରେ ସନ୍ଥ ଓ କ୍ରୋଧୀ ହୋଇ ନ ପାରେ, ସେହିପରି ସବିନୟ ଅବଜ୍ଞା ଓ ଅବିନୟୀ ଅବଜ୍ଞା ଏକସମୟରେ ପାଳନ କରାଯାଏ ନାହିଁ । ଯେ ପର୍ଯ୍ୟନ୍ତ ମନୋବିକାର ଆତ୍ମସଂଯମଦ୍ୱାରା ନିୟନ୍ତ୍ରିତ ନ ହୋଇଛି, ଯେ ପର୍ଯ୍ୟନ୍ତ ଆମେ ଦେଶର ଆଇନକାନୁନ୍ ପୂର୍ଣ୍ଣମାତ୍ରାରେ ପ୍ରତିପାଳନ କରି ନ ଶିଖିଛୁ, ସେ ପର୍ଯ୍ୟନ୍ତ ସବିନୟ ଅବଜ୍ଞାପାଇଁ ଆମେ ଅଯୋଗ୍ୟ ।

ଅସହଯୋଗର ପ୍ରତ୍ୟେକ କାର୍ଯ୍ୟରେ ନିଜର ସଚେତନତା ଆରୋପ କରିବା ଉଚିତ । ଯଦି ଆମେ ଲୋକସାଧାରଣଙ୍କ ଭାବନା ସଠିକ୍‌ଭାବେ ବିନାଶ କରିବାକୁ ଚାହୁଁ, ତାହାହେଲେ ଅସହିଷ୍ଣୁ ହେବା ଉଚିତ ନୁହେଁ । ଶାସନଗତ ଅବ୍ୟବସ୍ଥା, ବିବେକରହିତ ବିରୋଧରୁ ଅରାଜକତା, ଅନିୟନ୍ତ୍ରିତ ସ୍ୱଚ୍ଛନ୍ଦଚାର ସୂତ୍ରପାତ ହୋଇଥାଏ; ଯଦ୍ଦ୍ୱାରା ସମାଜ ଆପେ ଆପେ ଭୁଶୁଡ଼ିପଡ଼େ ।

ଆଇନର ସବିନୟ ଅବଜ୍ଞାମୂଳକରୁ, ଅବଜ୍ଞାକାରୀ ପକ୍ଷରେ ଏହା ହେଉଛି ଏକ ଅନିବାର୍ଯ୍ୟ ସର୍ତ୍ତ ଯେ ସେ ହିଂସାର ଆଶ୍ରୟ ନେବ ନାହିଁ ।

ସତ୍ୟାଗ୍ରହୀର ଉପବାସ :

ଉପବାସ ସତ୍ୟାଗ୍ରହର ଅସ୍ତ୍ରାଗାରରେ ଏକ ଅମୋଘ ଅସ୍ତ୍ର । ଏହା ସହିତ ଅନ୍ୟ କୌଣସି ଅସ୍ତ୍ର ତୁଳନୀୟ ନୁହେଁ । ଏଥିପାଇଁ ଶାରୀରିକ ଯୋଗ୍ୟତାର ପ୍ରୟୋଜନ ନାହିଁ । ଈଶ୍ୱରଙ୍କ ପ୍ରତି ଶ୍ରଦ୍ଧା ନ ଥିଲେ ଅନ୍ୟ ଯୋଗ୍ୟତାଗୁଡ଼ିକ ନିରୁପଯୋଗୀ । ଶୁଦ୍ଧ ଉପବାସରେ କ୍ରୋଧ, ସ୍ୱାର୍ଥ, ଅବିଶ୍ୱାସ ତଥା ଅଧୀରତାର ସ୍ଥାନ ନାହିଁ । ଅପାର ଧୈର୍ଯ୍ୟ, ଦୃଢ଼ତା, ଧ୍ୟେୟରେ ଏକାଗ୍ର ନିଷ୍ଠା ଓ ପୂର୍ଣ୍ଣଶାନ୍ତିର ପ୍ରବର୍ତ୍ତନପାଇଁ ଉପବାସକାରୀ ଦୃଢ଼ପ୍ରତିଜ୍ଞ ହେବା ଉଚିତ । ଏହା ନ କଲେ ସତ୍ୟାଗ୍ରହପାଇଁ ଉପବାସ ନ କରିବା ଭଲ । ସବୁ ଉପାୟ ବିଫଳ ହେଲେ ଉପବାସ ଅନ୍ତିମ ଅସ୍ତ୍ରରୂପେ ବ୍ୟବହୃତ ହେବା ଉଚିତ । ଯାହାର ଆନ୍ତରିକ ଦୃଢ଼ତା ନାହିଁ, ତା'ର

Digitized by srujanika@gmail.com

ଉପବାସ କରିବାଲାଗି ସିଦ୍ଧାନ୍ତ କରିବା ଉଚିତ ନୁହେଁ । ସଫଳତାର ଆସକ୍ତି ରଖି କେବେ ଉପବାସ କରାଯାଏ ନାହିଁ । ଯଥାର୍ଥତା ନ ଥିଲେ ଉପବାସ ହାସ୍ୟାସ୍ପଦ ଓ ହାନିକାରକ । ମନୁଷ୍ୟକୃତ କାର୍ଯ୍ୟପ୍ରଣାଳୀ ପରି ଉପବାସର ଔଚିତ୍ୟବୋଧ ରହିବା ଉଚିତ ।

ଶ୍ରମର ଅଧିକାର ଓ ମୂଲ୍ୟ

ମୁଁ ଶ୍ରମକୁ ସର୍ବଶ୍ରେଷ୍ଠ ଉଚ୍ଚ ସ୍ଥାନ ଦେଇଥାଏ । ସେଇଥିପାଇଁ ବହୁ ସମୟ ଧରି ଶ୍ରମିକଙ୍କପରି ମୁଁ କାମ କରିବାକୁ ଭଲପାଏ । ଶାରୀରିକ ଶ୍ରମ ନକରି ହତୋତ୍ସାହ ହୋଇ ଭାଗ୍ୟକୁ ଦୋଷାରୋପ କରିବାକୁ ମୁଁ ପସନ୍ଦ କରେ ନାହିଁ । ପକ୍ଷାନ୍ତରରେ ଶ୍ରମର ମର୍ଯ୍ୟାଦା ହୃଦୟଙ୍ଗମ କରି ଜାତିର ପୁନରୁତ୍‌ଥାନ ପାଇଁ କଠିନ ପରିଶ୍ରମ କରିବାର ଔଚିତ୍ୟ ମୁଁ ହୃଦୟଙ୍ଗମ କରିଥାଏ । ପୁଞ୍ଜିପତିଙ୍କ ବିନା ଗୋଟିଏ ଜାତି ଗଢ଼ାଯାଇପାରେ; କିନ୍ତୁ ଶ୍ରମିକ ବିହୁନେ ଜାତିର ସ୍ଥିତି ଆଦୌ ସମ୍ଭବ ନୁହେ ।

ଆମ୍ଭମାନଙ୍କର ଆୟ ଓ ବସବାସଗତ ବହୁ ଅସୁବିଧା ରହିଛି । କିପରି ଏହାର ସମାଧାନ ହେବ ? ଶ୍ରମିକମାନଙ୍କ ପାଇଁ ସୁବିଧା-ସୁଯୋଗର କିଏ ବ୍ୟବସ୍ଥା କରିବ ? ଅତଏବ ତୁମେ ଶ୍ରମିକଶ୍ରେଣୀ ନିଜେ ନିଜର ଅଧିକାର ଓ ତା'ର ଉପସ୍ଥାପନ ପ୍ରଣାଳୀ ଅବବୋଧ କର । ଏହା କରିବା ପୂର୍ବରୁ ତୁମର ଶିକ୍ଷା ଓ ତାଲିମ୍ ଦରକାର । ନିଜର ଅବସ୍ଥାକୁ ଉନ୍ନତ କରି ଦୁନିଆର ହାଲଚାଲ ଜାଣି ଅଧିକାରର ତାତ୍ପର୍ଯ୍ୟ ବୁଝିପାରିଲେ ତୁମ୍ଭମାନଙ୍କର ଅଗ୍ରଗତି ଅବଶ୍ୟମ୍ଭାବୀ ।

ଶ୍ରମିକମାନଙ୍କର ଭବିଷ୍ୟତ ଚିନ୍ତା ଓ ଚିନ୍ତାଧାରା ନିର୍ଣ୍ଣୟ କରାଯିବା ସର୍ବାଦୌ ଆବଶ୍ୟକ । ଏଥିପାଇଁ ହିଂସାତ୍ମକ ଉପାୟ ଅନୁସୃତ ହେବା ଉଚିତ ନୁହେଁ । କାରଣ ତଦ୍ଦ୍ୱାରା ଦେଶର ଶିଳ୍ପଗତ ଉନ୍ନତି ମନ୍ଥର ହୋଇ ପଡ଼ିବ । ପକ୍ଷାନ୍ତରରେ ଯଦି ସେମାନେ ସତ୍‌ପନ୍ଥା ଅନୁସରଣ କରନ୍ତି ଓ ସ୍ୱତଃପ୍ରବୃତ୍ତ ହୋଇ ନିର୍ଯ୍ୟାତନା ବରଣ କରନ୍ତି, ତାହାହେଲେ ସେମାନଙ୍କର

Digitized by srujanika@gmail.com

ଦାବି ପୂରଣ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ପୁନଶ୍ଚ ଏପରି କରାଗଲେ ମାଲିକ ଓ ଶ୍ରମିକଙ୍କ ମଧ୍ୟରେ ଥିବା ଭିନ୍ନତା ଦୂରେଇ ଯାଇ ପାରିବାରିକ ସମ୍ପର୍କ ସ୍ଥାପିତ ହେବ ବୋଲି ମୋର ଦୃଢ଼ବିଶ୍ୱାସ ।

ପୁଞ୍ଜି ଓ ଶ୍ରମ ମଧ୍ୟରେ ବାଦବିସମ୍ବାଦ ବହୁଦିନରୁ ରହିଛି । ଆମ୍ଭମାନଙ୍କୁ ଏହାର ସମାଧାନ କରିବାକୁ ପଡ଼ିବ । ବିଶୁଦ୍ଧ ରକ୍ତ ଯେପରି ବିଷାକ୍ତ କୀଟାଣୁଙ୍କୁ ପ୍ରତିରୋଧ କରିଥାଏ, ସେହିପରି ପରିଶ୍ରମ ଆଳସ୍ୟ ଓ ଧନ୍ଦାବାଜିର ବିରୁଦ୍ଧାଚରଣ କରିଥାଏ । ଶ୍ରମିକଙ୍କର ଶ୍ରମହିଁ ହେଉଛି ମୂଳଧନ । ଯେତେବେଳେ ଶ୍ରମିକମାନେ ଶିକ୍ଷିତ ଓ ସଂଘବଦ୍ଧ ହୋଇ ନିଜେ ନିଜର ଶକ୍ତି କଳନା କରିପାରିବେ, ସେତେବେଳେ ପୁଞ୍ଜି ଆଉ ସେମାନଙ୍କୁ ବଶୀଭୂତ କରିପାରିବ ନାହିଁ । ସୁନିୟନ୍ତ୍ରିତ ତଥା ସୁଚିନ୍ତିତ ଶ୍ରମ ନିଜେ ନିଜର ସ୍ୱାଧୀନ ପନ୍ଥା ନିର୍ଣ୍ଣୟ କରିଥାଏ । ଆମ୍ଭେମାନେ ଦୁର୍ବଳ ବୋଲି ଗୋଟିଏ ଦଳ ବିରୁଦ୍ଧରେ ପ୍ରତିହିଂସା ପ୍ରତିପୋଷଣ କରିବା ଆଦୌ ବିଧେୟ ନୁହେଁ; ବରଂ ନିଜକୁ ନିଜେ ଦୃଢ଼ୀଭୂତ କରିବା ଉଚିତ । ବଳୁଆ ମନ, ମସ୍ତିଷ୍କ ଓ କାର୍ଯ୍ୟନିର୍ବାହିକା ଶକ୍ତି ଆସିଲେ ସମସ୍ତ ବାଧାବିଘ୍ନ ଅଚିରେ ଦୂରୀଭୂତ ହେବ ।

ଧର୍ମଘଟ ଆଜିକାଲି ନିତିଦିନିଆ କଥା । ଏହା ବେଳେ ବେଳେ ଅଶାନ୍ତିର ସୂଚନା ଦେଇଥାଏ । ଅନିଶ୍ଚିତ ଆଶା ସମସ୍ତଙ୍କୁ ଉତ୍ତେଜିତ କରେ; କିନ୍ତୁ ଯଦି ତାହା ସଠିକ୍ ରୂପରେଖ ନ ନିଏ ନୈରାଶ୍ୟହିଁ ସାର ହୁଏ । ଭାରତର ଶ୍ରମିକମାନେ ଆଜି ପରାମର୍ଶଦାତା ଓ ନିର୍ଦ୍ଦେଶକଙ୍କ ଇଙ୍ଗିତରେ ପରିଚାଳିତ । ପୁନଶ୍ଚ ଏହି ପରାମର୍ଶଦାତା ଓ ନିର୍ଦ୍ଦେଶକମାନେ ମଧ୍ୟ ସର୍ବଦା ସତର୍କ ନୁହନ୍ତି । କ୍ୱଚିତ୍ ସତର୍କ ହେଲେ ମଧ୍ୟ ସେମାନଙ୍କର ବୁଦ୍ଧିବିବେକ ସେହି ପରିମାଣରେ କାର୍ଯ୍ୟକାରୀ ହେଉନାହିଁ । ତେଣୁ ଶ୍ରମିକ-ଶ୍ରେଣୀ ଅସନ୍ତୋଷରେ କାଳାତିପାତ କରୁଅଛନ୍ତି । ସେମାନଙ୍କ ଅଶାନ୍ତିର କାରଣ ରହିଛି । ମୁନିବର ସୁଖସ୍ୱାଚ୍ଛନ୍ଦ୍ୟ ବୃଦ୍ଧି ନିମିତ୍ତ ସେମାନେ ଯନ୍ତ୍ରବତ୍ କାର୍ଯ୍ୟ କରୁଅଛନ୍ତି । ରାଜନୈତିକ ପରିସ୍ଥିତିଗତ ତ୍ରୁଟି ଏଥିପାଇଁ କେତେକାଂଶରେ ଦାୟୀ । ଆମ ଦେଶରେ ଶ୍ରମିକନେତାଙ୍କର ଅଭାବ ନାହିଁ । ସେମାନେ ରାଜନୈତିକ ଲକ୍ଷ୍ୟସିଦ୍ଧି ପାଇଁ ଶ୍ରମିକ-ଧର୍ମଘଟକୁ ଏକମାତ୍ର ଉପାୟ ବୋଲି ଭାବଥାନ୍ତି ।

Digitized by srujanika@gmail.com

ଏହି ଲକ୍ଷ୍ୟପାଇଁ ଶ୍ରମିକ-ଧର୍ମଘଟକୁ ଅସ୍ତ୍ରରୂପେ ପ୍ରୟୋଗ କରିବା ମୋ ମନରେ ହେଉଛି ଏକ ଅକ୍ଷମଣୀୟ ତ୍ରୁଟି। ଏହିପ୍ରକାର ଧର୍ମଘଟ ରାଜନୈତିକ ଲକ୍ଷ୍ୟ ହାସଲ ପାଇଁ କସ୍ମିନ୍‌କାଳେ ସାହାଯ୍ୟ କରିପାରେ; କିନ୍ତୁ ଅହିଂସା ଅସହଯୋଗମୂଳକ ଉଦ୍ୟମ ପରି କଦାପି ମହତ ନୁହେଁ।

ଶ୍ରମିକମାନେ ଦେଶର ରାଜନୈତିକ ପରିସ୍ଥିତି ବୁଝି, ସାଧାରଣଙ୍କର ହିତଦୃଷ୍ଟିରୁ କାର୍ଯ୍ୟ କରିବାକୁ ଉଦ୍ୟତ ନ ହେଲେ ଶ୍ରମର ରାଜନୈତିକ ବ୍ୟବହାର ନିଶ୍ଚୟ ବିପଜ୍ଜନକ ହୋଇ ପଡ଼ିବ। ଅତଏବ ଶ୍ରମିକମାନେ ତତ୍‌ପୂର୍ବରୁ ନିଜର କାୟମନୋବାକ୍ୟ ଶୁଦ୍ଧ କରି ସୁରୁଚିସମ୍ପନ୍ନ ଉପାୟ ଅବଲମ୍ବନ କରନ୍ତୁ। ଦେଶାତ୍ମବୋଧ ଆସିବାପରେ ଶ୍ରମିକମାନଙ୍କର ଭାଗ୍ୟ ପରିବର୍ତ୍ତନ, ଜିନିଷପତ୍ରର ମୂଲ୍ୟ ନିରୂପଣ ଇତ୍ୟାଦିପାଇଁ ଧର୍ମଘଟ ଉଦ୍ଦିଷ୍ଟ ହୋଇପାରେ।

ନ୍ୟାୟୋଚିତ ଧର୍ମଘଟର ସର୍ତ୍ତ ଅତ୍ୟନ୍ତ ସହଜ। ଏହି ସର୍ତ୍ତଗୁଡ଼ିକ ପୂର୍ଣ୍ଣ ହେଲେ ଧର୍ମଘଟ ଅକୃତକାର୍ଯ୍ୟ ହୋଇ ନ ଥାଏ।

୧। ଧର୍ମଘଟର କାରଣ ନ୍ୟାୟସଙ୍ଗତ ହୋଇଥିବ।

୨। ଧର୍ମଘଟକାରୀ ବ୍ୟକ୍ତିଙ୍କ ମଧ୍ୟରେ ମତର ଐକ୍ୟ ଥିବ।

୩। ଧର୍ମଘଟ କରୁ ନ ଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ହିଂସା ଆଚରଣ କରାଯାଉ ନ ଥିବ।

୪। ଧର୍ମଘଟ କରୁଥିବା ବ୍ୟକ୍ତିମାନେ ଆତ୍ମନିର୍ଭରଶୀଳ ହୋଇଥିବେ।

୫। ଅନ୍ୟାୟ ବ୍ୟବହାର, ଅଳ୍ପ ମଜୁରି ଇତ୍ୟାଦିକୁ ପ୍ରତିବାଦ କରି ପଦତ୍ୟାଗ କରାଯାଉଥିବ।

ଭାରତ ପାଶ୍ଚାତ୍ୟ ଢାଞ୍ଚାରେ ଶିଳ୍ପସମୃଦ୍ଧ ହୋଇପାରିବ ନାହିଁ। କାରଣ ପାଶ୍ଚାତ୍ୟ ସଭ୍ୟତା ନଗରୋନ୍ମୁଖୀ। ଇଂଲଣ୍ଡ, ଇଟାଲି ଇତ୍ୟାଦି ଛୋଟ ଦେଶଗୁଡ଼ିକ ଶିଳ୍ପୋତ୍ପାଦନ ପଦ୍ଧତିକୁ ପରିମାର୍ଜିତ କରିପାରନ୍ତି। ଆମେରିକାପରି ସ୍ୱଳ୍ପ ବ୍ୟକ୍ତି ବସବାସ କରୁଥିବା ଏକ ବିରାଟ ଦେଶ-ପକ୍ଷରେ ଉପାୟାନ୍ତର ଗ୍ରହଣ ସେତେ ସହଜ ନୁହେଁ। ପୁନଶ୍ଚ ଜନାକୀର୍ଣ୍ଣ ଗାଁହିଁ ପରିମିତବହୁଳ ଭାରତପରି ଏକ ବିରାଟ ଦେଶ, ଯେ କି ଲକ୍ଷ୍ୟର

Digitized by srujanika@gmail.com

ଯାଥାର୍ଥ୍ୟ ଉପସ୍ଥାପିତ କରିପାରିଛି; ତା' ପକ୍ଷରେ ପାଶ୍ଚାତ୍ୟ ଶୈଳୀ ଅନୁକରଣ କଦାପି ଶ୍ରେୟଃ ନୁହେଁ । ଅବସ୍ଥିତିଦୃଷ୍ଟିରୁ ଦେଶମାନଙ୍କର ପ୍ରୟୋଜନରେ ଭିନ୍ନତା ରହିଛି—ଏପରି କି ଜଣକର ଖାଦ୍ୟ ଅନ୍ୟର ବିଷ ସଦୃଶ ।

ଲୋକଶକ୍ତି ଅଭାବ ଥିବାବେଳେ ଯନ୍ତ୍ର ବ୍ୟବହାର କଦାପି ଆପତ୍ତିଜନକ ନୁହେଁ; କିନ୍ତୁ ଭାରତପରି ଜନବହୁଳ ଦେଶରେ ଯନ୍ତ୍ରର ଭୂପୃଷ୍ଠୀ ପରିବର୍ତ୍ତନ କଣ ବୁଦ୍ଧିମତ୍ତାର ପରିଚାୟକ ? କୋଟି କୋଟି ପଲ୍ଲୀ-ବାସୀଙ୍କର ବିଶ୍ରାମ ବ୍ୟବସ୍ଥା ପାଇଁ ପ୍ରଶ୍ନ ନ ଉଠାଇ ବରଂ ସେମାନଙ୍କର ଆଳସ୍ୟରେ ଅତିବାହିତ ହେଉଥିବା ଦୀର୍ଘ ଛଅ ମାସ ସମୟର କିପରି ସଦୁପଯୋଗ ହେବ, ସେ ବିଷୟରେ ଆମର ଚିନ୍ତା କରିବା ଦରକାର ।

ନିର୍ଜୀବ ଯନ୍ତ୍ରକୁ କାର୍ଯ୍ୟରେ ନିୟୋଜିତ ନ କରି ଭାରତର ସାତ ଲକ୍ଷ ଗ୍ରାମରେ ରହୁଥିବା ଜୀବନ୍ତ ଯନ୍ତ୍ରମାନଙ୍କୁ କାର୍ଯ୍ୟ ଯୋଗାଇବା ଅଧୁନା ଏକ ପ୍ରଧାନ ସମସ୍ୟା ହୋଇପଡ଼ିଛି । ଯନ୍ତ୍ରର ଉଦ୍ଦେଶ୍ୟ ହେଉଛି ଶ୍ରମକୁ ସରଳୀକୃତ କରି ମନୁଷ୍ୟକୁ ସାହାଯ୍ୟ କରିବା; କିନ୍ତୁ ବର୍ତ୍ତମାନ କେତେକ ନ୍ୟସ୍ତସ୍ୱାର୍ଥଙ୍କ ହାତରେ ପୁଞ୍ଜି କେନ୍ଦ୍ରୀଭୂତ କରିବାପାଇଁ ଯନ୍ତ୍ରଗୁଡ଼ିକ ଉଦ୍ଦିଷ୍ଟ । ଏହାଦ୍ୱାରା ଅସଂଖ୍ୟ ଅବହେଳିତ ନରନାରୀ ଅନ୍ନ-ସମସ୍ୟା ସମାଧାନ କରି ନ ପାରି ଭୋକ ଉପାସରେ କାଳାତିପାତ କରୁଅଛନ୍ତି ।

ଗ୍ରାମ ସ୍ୱରାଜ୍ୟ

ସ୍ୱାଧୀନତା କ୍ରମେ କ୍ରମେ ନିମ୍ନରୁ ବିକାଶଲାଭ କରିବ । ପ୍ରତ୍ୟେକ ଗ୍ରାମରେ ଗଣତାନ୍ତ୍ରିକ ଅନୁଷ୍ଠାନ 'ପଞ୍ଚାୟତ' ର ବ୍ୟବସ୍ଥା କରାଯିବ ଓ ସେମାନଙ୍କୁ ଯଥେଷ୍ଟ କ୍ଷମତା ଦିଆଯିବ । ଗ୍ରାମଗୁଡ଼ିକ ସ୍ୱତଃ ପରିଚାଳିତ ହେବେ ଓ ଆତ୍ମରକ୍ଷା କ୍ଷମତା ହାସଲ କରିବାଦ୍ୱାରା ବାହ୍ୟ ତଥା ଆଭ୍ୟନ୍ତରୀଣ ଆକ୍ରମଣରୁ ରକ୍ଷା ମିଳିବ । ପରସ୍ପର ମଧ୍ୟରେ ସହଯୋଗ ରହିବ । ଏହି ଶାଳୀନତାସମ୍ପନ୍ନ ସମାଜରେ ସମସ୍ତେ ଯେ ଯାହାର ପ୍ରୟୋଜନ ବୁଝିପାରିବେ ଓ କେହି ଅଯଥା ଅଧିକ ଚାହିଁବେ ନାହିଁ । ଏପ୍ରକାର ସମାଜ 'ସତ୍ୟ ଓ ଅହିଂସା ଉପରେ ହେବ ପ୍ରତିଷ୍ଠିତ । ଏଥିନିମିତ୍ତ ବିଶ୍ୱନେତାଙ୍କଠାରେ ବିଶ୍ୱାସ ଆସିବା ଦରକାର । ଗ୍ରାମବାସୀମାନେ ନମ୍ରତା, ଅଧ୍ୟବସାୟ ଓ ତ୍ୟାଗ ବଳରେ ଐକ୍ୟବଦ୍ଧ ହୋଇପାରିବେ ।

ଅନ୍ତର୍ଶକ୍ତିର ବିନାଶରେ ବାହ୍ୟଶକ୍ତିର ବିକାଶ କଦାପି ପ୍ରଶଂସନୀୟ ନୁହେଁ; ବରଂ ଉଭୟେ ପରିପୂରକଭାବେ କାର୍ଯ୍ୟ କରିବା ଉଚିତ ।

Digitized by srujanika@gmail.com

ଅନେକେ ମୋର ଉକ୍ତିକୁ କାଳ୍ପନିକ ଓ ମୂଲ୍ୟହୀନ ବୋଲି କହି ମୋତେ ଉଦ୍ଭ୍ରମ କରିପାରନ୍ତି; କିନ୍ତୁ ମୁଁ ସେଥିପ୍ରତି ଭ୍ରୂକ୍ଷେପ କରେନାହିଁ । 'ଇଉକ୍ଲିଡ୍‌ଙ୍କର ବିନ୍ଦୁ ମନୁଷ୍ୟଦ୍ୱାରା ଅଙ୍କିତ ହୋଇ ନ ପାରିଲେ ମଧ୍ୟ ଏହାର ମୂଲ୍ୟ ଶାଶ୍ୱତ । ସେହିପରି ମୋ କଳ୍ପନାର ମୂଲ୍ୟଗତ ସ୍ୱାତନ୍ତ୍ର୍ୟ ରହିଛି । ଭାରତ ଏହା କାର୍ଯ୍ୟରେ ପରିଣତ କରୁ । ଆମେ ଯାହା ଚାହୁଁ, ତାହାର ଗୋଟିଏ ସଠିକ ଚିତ୍ର ଆମ ଆଖିଆଗରେ ରହିବା ଉଚିତ । ଯଦି ପ୍ରତି ଗ୍ରାମ ଗଣତାନ୍ତ୍ରିକ ପଦ୍ଧତିରେ ପରିଚାଳିତ ନ ହୁଏ, ତାହାହେଲେ ମୋ ସ୍ୱପ୍ନର ଭୂମିକତା ରହିବ ନାହିଁ ।

ଗଣତନ୍ତ୍ର ଗ୍ରାମରେ ପ୍ରତି ଧର୍ମକୁ ଉପଯୁକ୍ତ ସ୍ଥାନ ଦିଆଯିବ । ଅନ୍ୟୁଦାୟନ ଗୋଟିଏ ଦୃଷ୍ଟିର ଶାଖାମାତ୍ର । ଫଳସ୍ୱରୂପ ଫୁଲ ଏହି ବୃକ୍ଷକୁ ମୂଳୋତ୍ପାଟିତ କରିପାରିବ ନାହିଁ । ଏହି ପ୍ରକାର ଗ୍ରାମରେ ଲୋକଶକ୍ତିକୁ ଅବହେଳା କରି ଯନ୍ତ୍ରାଦିର ବ୍ୟବସ୍ଥା କରାଯାଇ ନ ପାରେ; ଯଦ୍ୱାରା କେତେକ ସ୍ୱାର୍ଥୀଙ୍କ ହାତରେ ଶକ୍ତି କେନ୍ଦ୍ରୀଭୂତ ହେବ । ସୁସଭ୍ୟ ଲୋକଲୋଚନରେ ଶ୍ରମର ମୂଲ୍ୟ ଅନୁପମ । ପ୍ରତ୍ୟେକ ନାଗରିକଙ୍କ ସାହାଯ୍ୟ କରୁଥିବା ଯନ୍ତ୍ରର ପ୍ରାଧାନ୍ୟ ଅଛି; କିନ୍ତୁ ମୁଁ କେବେ ଯନ୍ତ୍ର ବିଷୟରେ ଭାବିବାକୁ ଅବସର ପାଏ ନାହିଁ ।

ପୂର୍ଣ୍ଣାଙ୍ଗ ଗଣତନ୍ତ୍ର, ସ୍ୱାବଲମ୍ବନଶୀଳତା, ସହଯୋଗିତା ଇତ୍ୟାଦି ଗ୍ରାମ ସ୍ୱରାଜର ହେଉଛନ୍ତି ପ୍ରଧାନ ଅବୟବ । ପ୍ରକୃଷ୍ଟ ବେଳେ ବେଳେ ପରସ୍ପର ନିର୍ଭରଶୀଳ ହେବାକୁ ହେଲେ ପରାଧୀନତା ମଧ୍ୟ ସ୍ୱୀକାର କରିବାକୁ ପଡ଼ିଥାଏ । ଅନ୍ନବସ୍ତ୍ରପାଇଁ ଖାଦ୍ୟଶସ୍ୟ ଓ କପା ଆମଦାନି କରିବା ଗଣତନ୍ତ୍ର ଗ୍ରାମର ହେଉଛି ପ୍ରଥମ ତଥା ପ୍ରଧାନ କର୍ତ୍ତବ୍ୟ । ଏହି ଗ୍ରାମରେ ଗୋ-ମହିଷାଦି ପଶୁମାନଙ୍କପାଇଁ ଚରଣ ଭୂମି ଓ ଶିଶୁ ତଥା ବୟସ୍କମାନଙ୍କ ପାଇଁ ବିନୋଦନ କେନ୍ଦ୍ର ଓ କ୍ରୀଡ଼ାର ବ୍ୟବସ୍ଥା ରହିବା ଉଚିତ । ଯଦି ବଳକା ଜମି ଥାଏ, ତାହାହେଲେ ଗଞ୍ଜେଇ, ଅଫିମ ଓ ଧୂଆଁପତ୍ର ବ୍ୟତୀତ ଅନ୍ୟ ଯେ କୌଣସି ପ୍ରକାର ଅର୍ଥକରୀ ବୃକ୍ଷ କରାଯିବ । ପ୍ରକୃଷ୍ଟ ଶିକ୍ଷାକେନ୍ଦ୍ର, ଥିଏଟର ଓ ସର୍ବସାଧାରଣ ବସାଉଠା କରିବାପାଇଁ ଘରମାନ ତିଆରି କରାଯିବା ସଙ୍ଗେ ସଙ୍ଗେ ବିଶୁଦ୍ଧ ପାଣୀୟ ଜଳ ଯୋଗାଣର ମଧ୍ୟ ବ୍ୟବସ୍ଥା ହେବ । ଏତଦ୍‌ଭିନ୍ନ ଶେଷ ମୌଳିକ ସୋପାନ ପର୍ଯ୍ୟନ୍ତ ଶିକ୍ଷା

Digitized by srujanika@gmail.com

ବାଧ୍ୟତାମୂଳକ ହେବ । ଜାତିପ୍ରଥା କମ୍ବା ଅସ୍ପୃଶ୍ୟତା ରହିବ ନାହିଁ । ଗ୍ରାମର ପ୍ରତ୍ୟେକ ବିଭାଗ ସମବାୟ ପଦ୍ଧତିଦ୍ୱାରା ହେବ ପରିଚାଳିତ ।

ଅହିଂସାମୂଳକ ସତ୍ୟାଗ୍ରହ ଓ ଅସହଯୋଗ ଗ୍ରାମଗୋଷ୍ଠୀକୁ ଦୃଢ଼ୀଭୂତ କରିବ । ଗ୍ରାମରେ ବାଧ୍ୟତାମୂଳକ ପ୍ରହରୀ ବ୍ୟବସ୍ଥା ରହିବ । ଏହା ଗ୍ରାମବାସୀଙ୍କ ଦ୍ୱାରା ପର୍ଯ୍ୟାୟ ଅନୁଯାୟୀ କାର୍ଯ୍ୟକାରୀ ହେବ । ସ୍ତ୍ରୀ ପୁରୁଷ ନିର୍ବିଶେଷରେ ନିର୍ବାଚିତ ହୋଇଥିବା ପାଞ୍ଚଜଣ ଯୋଗ୍ୟ ପଞ୍ଚ ଗ୍ରାମର ପରିଚାଳନାଭାର ଗ୍ରହଣ କରିବେ । ଏମାନଙ୍କ ହାତରେ ପରିଚାଳନାଗତ ସମସ୍ତ କ୍ଷମତା ରହିବ; ଅର୍ଥାତ୍ ଏମାନେ ହେବେ ଏକାଧାରରେ ଶାସକ, ବିଚାରକ ଓ ବ୍ୟବସ୍ଥାପକ । ଏ ପ୍ରକାର ଗ୍ରାମସଂଗଠନରେ ବର୍ତ୍ତମାନର ଶୃଙ୍ଖଳାପ୍ରେମୀ ସରକାର ପ୍ରାୟ ସେତେ ବାଧାବିଘ୍ନ ଆଣିପାରିବେ ନାହିଁ । ମୁଁ ପଡ଼ୋଶୀ ଓ କେନ୍ଦ୍ର ଗ୍ରାମର ସମ୍ପର୍କ ବିଷୟରେ ଚିନ୍ତା କରିନାହିଁ । ମୋର ଲକ୍ଷ୍ୟ ହେଉଛି, ଗ୍ରାମ ପରିଚାଳନାର ବହିଃରେଖା ବା ନକ୍ସା ଅଙ୍କନ କରିବା । ଏହି ଗ୍ରାମର ଗଣତନ୍ତ୍ର ବ୍ୟକ୍ତିଗତ ସ୍ୱାଧୀନତାକୁ ଭିତ୍ତିକରି ଗଢ଼ିଉଠିବ । ବ୍ୟକ୍ତି ହିଁ ତା'ର ପରିଚାଳନାର ଚିତ୍ର ଅଙ୍କନ କରିବ । ଅହିଂସା ଆଇନ ତାହାପ୍ରତି ଓ ସରକାରଙ୍କ ପ୍ରତି ପ୍ରଯୁଜ୍ୟ ହେବ । ଗ୍ରାମବାସୀମାନେ ଗ୍ରାମର ମର୍ଯ୍ୟାଦା ରକ୍ଷାକରିବାପାଇଁ ସମସ୍ତେ ଆସିଲେ ଏପରିକି ମୃତ୍ୟୁବରଣ କରିବାକୁ ସୁଦ୍ଧା ପଶ୍ଚାତ୍‌ପଦ ହେବେ ନାହିଁ ।

ଏହି ଗ୍ରାମସଂଗଠନକୁ ଜୀବନକାଳ ମଧ୍ୟରେ ଗୋଟିଏ ମହତ୍ କାର୍ଯ୍ୟ ବୋଲି ଗ୍ରହଣ କରିବାକୁ ହେବ । ଗଣତନ୍ତ୍ର ଓ ପଲ୍ଲୀପ୍ରେମୀ ଲୋକେ ଗ୍ରାମକୁ ସେମାନଙ୍କର ଦୁନିଆ ବୋଲି ଭାବି ମନପ୍ରାଣ ଢାଳି କାମ କଲେ ନିଶ୍ଚୟ ଇପ୍ସିତ ଫଳ ଲାଭ କରିପାରିବ । ସେମାନେ ଝାଡ଼ୁଦାର, ସୂତାକଟାଳି, ଚୌକିଦାର, ଡାକ୍ତର ଓ ସ୍କୁଲ-ଶିକ୍ଷକ ହିସାବରେ ସେମାନଙ୍କର କାର୍ଯ୍ୟ ଆରମ୍ଭ କରିବେ । ଯଦି କେହି ସହଯୋଗ ନ କରନ୍ତି, ତାହାହେଲେ ଜଣେ ଲୋକ ଏକାକୀ ଝାଡ଼ୁ ଦେଇ ପାରିବ ଓ ସୂତା କାଟି ପାରିବ ।

ଗ୍ରାମକୁ ବଞ୍ଚାଇ ରଖି ଉନ୍ନତ କରିବା ହିଁ ଆମର ଲକ୍ଷ୍ୟ । ଏହି ଗ୍ରାମରେ ଯେଉଁ ପ୍ରଦର୍ଶନୀ ହେବ, ସେଥିରେ ନଗରର ବାହ୍ୟ ସାଜସଜ୍ଜା ଓ ବିଳାସବ୍ୟସନ ଦରକାର ନାହିଁ । ଏହା ଆସୁର ପନ୍ଥା କମ୍ବା ତାମସାରେ

Digitized by srujanika@gmail.com

ପରିଣତ ହେବ ନାହିଁ । ବ୍ୟବସାୟୀକୁଳର ବିଜ୍ଞାପନର ମାଧ୍ୟମରୂପେ ଏହାକୁ କାର୍ଯ୍ୟକାରୀ କରାଯିବ ନାହିଁ । ଏଠାକୁ ଆସିଥିବା କୌଣସି ଜନିଷ ବିକ୍ରୟ କରାଯିବ ନାହିଁ । ଏହା ଗ୍ରାମବାସୀଙ୍କ ଶିକ୍ଷାର ମାଧ୍ୟମରୂପେ କାମ କରିବ । ଲୋକମାନେ ଏଥିରୁ ଗଠନମୂଳକ ପ୍ରେରଣା ପାଇବେ । ଏହାଦ୍ୱାରା ଗ୍ରାମବାସୀଙ୍କର ଥିବା ତ୍ରୁଟିଗୁଡ଼ିକ ସଂଶୋଧିତ ହୋଇ ସନ୍ମାର୍ଗ ପ୍ରଦର୍ଶିତ ହେବ । ଗ୍ରାମବାସୀ କପରି କଳାକୁଶଳୀ ହେବେ; ତାହା ମଧ୍ୟ ପ୍ରଦର୍ଶନୀରୁ ଶିକ୍ଷା କରାଯାଇ ପାରିବ ।

ଏଥିରେ ପ୍ରଥମେ ଦୁଇପ୍ରକାର ଗ୍ରାମ ପ୍ରଦର୍ଶିତ ହେବ । ଗୋଟିଏ ଅଧୁନିକ ଗ୍ରାମ ଓ ଅନ୍ୟଟି ଆଦର୍ଶ ଗ୍ରାମ । ଆଦର୍ଶ ଗ୍ରାମଟି ସର୍ବଦା ପରିଷ୍କାର-ପରିଚ୍ଛନ୍ନ ରହିବ । ଏହାର ଗୃହପାଳିତ ପଶୁମାନଙ୍କ ଖାଦ୍ୟପେୟ ଓ ସ୍ୱାସ୍ଥ୍ୟପ୍ରତି ତୀକ୍ଷ୍ଣ ଦୃଷ୍ଟି ଦିଆଯିବ । ଶିଳ୍ପଦ୍ୱାରା ଆୟ କପରି ବୃଦ୍ଧି ପାଇପାରେ, ତାହା ବହି ଓ ଭୂ-ଚିତ୍ର ସାହାଯ୍ୟରେ ପ୍ରଦର୍ଶିତ ହେବ । ତତ୍ପରେ ଗ୍ରାମ୍ୟ ଶିଳ୍ପର ପରିଚାଳନା, ପ୍ରୟୋଜନୀୟ ଯନ୍ତ୍ରପାତିର ଅମଦାନୀ ଓ ତାଆର ସହିତ କାରୁକୃତିପୂର୍ଣ୍ଣ ଶିଳ୍ପକଳା ମଧ୍ୟ ପ୍ରଦର୍ଶିତ ହେବ । ନିମ୍ନମତେ ପ୍ରଦର୍ଶନୀର ଆୟୋଜନ କରାଯିବ :—

୧ । ଗାଁର ଆଦର୍ଶ ଖାଦ୍ୟ ।
୨ । ଗ୍ରାମ୍ୟ ଓ ଯନ୍ତ୍ରଶିଳ୍ପର ତୁଳନା ।
୩ । ଆଦର୍ଶ ପଶୁପାଳନ ।
୪ । ଗ୍ରାମ୍ୟ ଚିତ୍ରକଳା ।
୫ । ଗ୍ରାମର ଆଦର୍ଶ ପାଇଖାନା ।
୬ । ସବୁଜ ଓ ରାସାୟନିକ ସାର ।
୭ । ପଶୁଚମ ଓ ହାଡ଼ର ହିତ ବିନିଯୋଗ ।
୮ । ଗ୍ରାମ୍ୟ ନାଟ, ସଙ୍ଗୀତ ଓ ତତ୍ସମ୍ପର୍କୀୟ ବାଦ୍ୟଯନ୍ତ୍ର ।
୯ । ଗ୍ରାମ୍ୟ କ୍ରୀଡ଼ା, ଆଖେଡ଼ା ଓ କୁସ୍ତି-କସରତ୍ ।
୧୦ । ଗ୍ରାମ୍ୟ ଔଷଧ ।
୧୧ । ଗ୍ରାମ୍ୟ ପ୍ରସୂତି ଘର ।
୧୨ । ନର୍ସୀ ତାଲିମ୍ ।

Digitized by srujanika@gmail.com

ଏତଦ୍‌ବ୍ୟତୀତ ଆଦର୍ଶ ଓ ଶିକ୍ଷଣୀୟ ବିଷୟମାନ ମଧ୍ୟ ପ୍ରଦର୍ଶନୀରେ ସ୍ଥାନ ପାଇବ । ମୁଁ କେବଳ ଉଦାହରଣ ଛଳରେ କେତୋଟିର ସୂଚନା ଦେଲି । ଏହା ଏକ ବିଶଦ ବିବରଣୀ ନୁହେଁ । ଏଥିରେ ଚରଖା ଓ ଅନ୍ୟାନ୍ୟ ଗ୍ରାମ୍ୟ ଶିଳ୍ପ ବିଷୟ ଉଲ୍ଲେଖ କରାଯାଇ ନାହିଁ । କାରଣ ମୁଁ ଜାଣେ ଯେ ପ୍ରଦର୍ଶନୀରେ ନିଶ୍ଚୟ ସେଗୁଡ଼ିକର ପ୍ରାଧାନ୍ୟ ରହିବ; ନଚେତ୍ ସମଗ୍ର ପ୍ରଦର୍ଶନୀ ମୂଲ୍ୟହୀନ ହୋଇ ବସିବ ।

ଶାସକ

ଭାରତକୁ ମୁଁ ରାମରାଜ୍ୟରେ ପରିଣତ କରିବାକୁ ଚାହେଁ । ରାମ ରଜକର ମନ୍ତବ୍ୟପ୍ରତି କର୍ଣ୍ଣପାତ କରିଥିଲେ ଓ ପ୍ରଜାମାନଙ୍କ ସନ୍ତୋଷବିଧାନ ପାଇଁ ଅନୁକମ୍ପାର ପ୍ରତିମୂର୍ତ୍ତି, ପ୍ରାଣାଧିକା ସୀତାଙ୍କୁ ତ୍ୟାଗ କରିଥିଲେ । ଗୋଟିଏ ସାମାନ୍ୟ ଶ୍ୱାନପ୍ରତି ମଧ୍ୟ ସେ ନ୍ୟାୟ ପ୍ରଦର୍ଶନ କରିବାକୁ ଭୁଲି ନ ଥିଲେ । ସତ୍ୟରକ୍ଷାପାଇଁ ରାଜକୀୟ ସୁଖ-ସମ୍ପଦକୁ ଉପେକ୍ଷା କରି ବନଗମନ କରିବାଦ୍ୱାରା ସେ ବିଶ୍ୱର ଶାସକଗୋଷ୍ଠୀ ସମକ୍ଷରେ ଏକ ଅଭୂତପୂର୍ବ ଆଦର୍ଶ ରାଖିପାରିଥିଲେ । ଏକମାତ୍ର ଦାର ପରିଗ୍ରହଦ୍ୱାରା ସେ ଏକାଧାରରେ ଆତ୍ମସଂଯମ ଓ ରାଜକୀୟ ସମ୍ମାନ ରକ୍ଷାକରି ପାରିଥିଲେ । ପ୍ରକୃତ ପ୍ରଜାତନ୍ତ୍ର ଶାସକ ହିସାବରେ ସେ ସ୍ୱରାଜର ଚୂଡ଼ାନ୍ତରେ ପହଞ୍ଚି ପାରିଥିଲେ ।

ଆଜି ମଧ୍ୟ ହୋଇପାରେ ରାମରାଜ୍ୟ ସମ୍ଭବପର । ରାମଙ୍କର ବଂଶଧର ଏବେ ମଧ୍ୟ ଆମ ଦେଶରେ ବସବାସ କରୁଅଛନ୍ତି । ଆଧୁନିକ ଯୁଗରେ ପ୍ରଥମ ଖଲିଫା ରାମରାଜ୍ୟ ସ୍ଥାପନ କରିପାରିଥିଲେ । ଆବୁବାକର ଓ ହଜରତ୍ ଓମାର୍ କୋଟି କୋଟି ଟଙ୍କାର ରାଜସ୍ୱ ଆଦାୟ କରିଥିଲେ ମଧ୍ୟ ନିଜେ ଫକୀରପରି ଚଳୁଥିଲେ । ରାଜକୋଷରୁ କପର୍ଦ୍ଦକ ସୁଦ୍ଧା ବ୍ୟୟ କରୁ ନ ଥିଲେ । ଲୋକେ ଠିକ୍ ନ୍ୟାୟ ପାଇବେ, ସେ ବିଷୟରେ ସେମାନେ ସର୍ବଦା ଜାଗରୁକ ରହୁଥିଲେ । ଶଠ ସହିତ ଅସଦାଚରଣ ତାଙ୍କ ରାଜତ୍ୱରେ ସ୍ୱପ୍ନ ଥିଲା ।

Digitized by srujanika@gmail.com

ଲୋକସାଧାରଣ କହୁଥାନ୍ତି ଯେ, ଶାସକ ଯେପରି ଶାସିତ ଠିକ୍ ସେହିପରି ହେବା ଉଚିତ; କିନ୍ତୁ ଏହା ସମ୍ପୂର୍ଣ୍ଣ ସତ୍ୟ ନୁହେଁ । ବରଂ ଶାସିତ ଯେପରି ଶାସକ ଠିକ୍ ସେହିପରି ହେବା ବିଧେୟ । ଯେଉଁଠି ପ୍ରଜାମାନେ ସର୍ବଦା ସଜାଗ ରହନ୍ତି, ସେଠାରେ ଶାସକ ସୁରକ୍ଷକ ଓ ନ୍ୟାୟଶୀଳ ହୋଇଥାଏ; କିନ୍ତୁ ଯେଉଁଠି ପ୍ରଜାମାନେ ଆଳସ୍ୟପରାୟଣ ଓ ଅବହେଳାପ୍ରିୟ, ସେଠାରେ ଶାସକ ସ୍ୱତଃ ଅତ୍ୟାଚାରୀ ହୋଇଥାଏ ।

ଅନେକେ ଅଭିମତ ପ୍ରକାଶ କରିଥାନ୍ତି, ଶାସକଗୋଷ୍ଠୀ ଭିତରେ ସଂସ୍କାର ଆସିବା ଅସମ୍ଭବ । ଏମାନଙ୍କୁ ବହିଷ୍କାର ନ କଲେ ଭାରତର ସ୍ୱାଧୀନତାପ୍ରାପ୍ତି ସହଜସାଧ୍ୟ ନୁହେଁ; କିନ୍ତୁ ମୁଁ ସେମାନଙ୍କ ସହିତ ଏକମତ ହୋଇପାରିବି ନାହିଁ । କାରଣ ମୋର ଅହିଂସା ଓ ମାନୁଷୀ ପ୍ରକୃତି ଉପରେ ଅଟଳ ବିଶ୍ୱାସ ଅଛି । ପୁନଶ୍ଚ ଭାରତରେ ସେମାନଙ୍କ ପାଇଁ ନିଶ୍ଚୟ ସ୍ଥାନ ରହିଛି । ପରମ୍ପରାକୁ ଆମ୍ଭେମାନେ ପ୍ରତ୍ୟାଖ୍ୟାନ କରିବା ସହଜ ନୁହେଁ । ତେଣୁ ମୋ ମତରେ ଯଦି ବର୍ତ୍ତମାନର ଶାସକମାନେ ପୁରାଣ-ଯୁଗର ଯଶସ୍ୱୀ ରାଜନ୍ୟବର୍ଗଙ୍କ କଥା ପଢ଼ନ୍ତେ ଓ ତଦନୁଯାୟୀ ନିଜକୁ ସଂଶୋଧନ କରନ୍ତେ, ତାହାହେଲେ ସେମାନଙ୍କୁ ରାଜ୍ୟଚ୍ୟୁତ କରିବା ପ୍ରଶ୍ନ ଆଦୌ ଉଠନ୍ତା ନାହିଁ । ଶାସନ ସମସ୍ୟାର ସମାଧାନ ନହେଲେ ଭାରତରେ ରକ୍ତାକ୍ତ ଗୃହବିବାଦର ସମ୍ଭାବନା ରହିଛି ।

ରାଜ୍ୟଗୁଡ଼ିକୁ ହିନ୍ଦୁ ଓ ମୁସଲମାନ ରାଜ୍ୟରୂପେ ନିର୍ଦ୍ଦିଷ୍ଟ କରିବା ସମସ୍ତ ଭୁଲିଯାଇଛୁ । ହିନ୍ଦୁଶାସିତ କାଶ୍ମୀର—ଯେଉଁଠି କି ମୁସଲମାନ-ସଂଖ୍ୟା ବେଶି—କଣ ଗୋଟିଏ ହିନ୍ଦୁରାଜ୍ୟ ? କିମ୍ବା ମୁସଲମାନଶାସିତ ହାଇଦ୍ରାବାଦ, ଯେଉଁଠି କି ହିନ୍ଦୁ ବହୁସଂଖ୍ୟାରେ ବସବାସ କରନ୍ତି, ତାହା କଣ ଗୋଟିଏ ମୁସଲମାନ ରାଜ୍ୟ ? ଏପରି କହିବା ଅର୍ଥ ଜାଣିଶୁଣି ଭୁଲ୍ ରଚନା କରିବା । ସେହିପରି ଖ୍ରୀଷ୍ଟିୟାନ୍ ରାଜୁତିଯୋଗୁଁ ଭାରତକୁ ଖ୍ରୀଷ୍ଟିୟାନ୍ ରାଜ୍ୟ କହିବା ନିଶ୍ଚୟ ଅପବାଦସୂଚକ । ଅତଏବ ଯିଏ ଶାସକ ଥାଉନା କାହିଁକି, ରାଜ୍ୟଗୁଡ଼ିକ ସବୁବେଳେ ଭାରତର ଓ ଅଧିବାସୀମାନେ ସର୍ବଦା ଭାରତୀୟ ହୋଇ ରହିବେ । ଶାସକ ଓ ସେମାନଙ୍କର ଉପଦେଷ୍ଟା କିଛିଦିନ ପାଇଁ ଲୋକଶକ୍ତିକୁ ଦମନ କରି ପୂର୍ବପୁରୁଷମାନଙ୍କ ଅନୁଗାମୀ ହୋଇପାରନ୍ତି; କିନ୍ତୁ ସେମାନଙ୍କୁ ହତ୍ୟାକରି ଏହା କରିବା ସହଜ ନୁହେଁ ।

Digitized by srujanika@gmail.com

ଅତ୍ୟାଗ୍ରହୀ ରାଜଶକ୍ତି ବର୍ତ୍ତମାନ ବିଲୟ ଲଭିବା ଉପରେ । ପ୍ରଜାମାନଙ୍କର ନୈତିକ ବଳ ଏହାର ମୌଳିକ ପ୍ରଧାନ କାରଣ । ଶାସକମାନେ ପ୍ରଜାମାନଙ୍କର ପ୍ରଥମ ତଥା ପ୍ରଧାନ ସେବକ । ପ୍ରଜାମଣ୍ଡଳର ଉପଦେଶ ଅନୁଯାୟୀ ସେମାନେ କାର୍ଯ୍ୟ କରିବା ଉଚିତ । ତାହାହେଲେ ଯାଇ ସ୍ୱାଧୀନତା-ସୂର୍ଯ୍ୟର ରକ୍ତିମ ଆଭା ଦୃଷ୍ଟିପଥାରୂଢ଼ ହେବ ।

ଅଧିକାର ନା କର୍ତ୍ତବ୍ୟ ?

ମୁଁ ବର୍ତ୍ତମାନ ସମାଜର ଗୋଟିଏ ବଡ଼ ଯନ୍ତ୍ରଣାଦାୟକ ସ୍ଥିତି ବିଷୟରେ ଆଲୋଚନା କରିବି । ପୁଞ୍ଜିପତି, ଜମିଦାର ଓ ଶ୍ରମିକମାନେ ବାରମ୍ବାର ସେମାନଙ୍କର ଅଧିକାର ବିଷୟ କହିଥାନ୍ତି । ପୁନଶ୍ଚ ରାଜାମାନେ ଶାସନ କରିବାପାଇଁ ସେମାନଙ୍କର ପାରମ୍ପରିକ ଅଧିକାର ବିଷୟ ମଧ୍ୟ ଯୁକ୍ତି ଜରିଆରେ ଉପସ୍ଥାପନ କରିଥାନ୍ତି । ଅତଏବ ସମସ୍ତେ ଯଦି କର୍ତ୍ତବ୍ୟକୁ ଭୁଲି ଅଧିକାରକୁ ପ୍ରାଧାନ୍ୟ ଦେବେ, ତେବେ ସମାଜରେ ନାନାଦି ବିଶୃଙ୍ଖଳା ପରିଦୃଷ୍ଟ ହେବ ।

ଯଦି ସମସ୍ତେ ଅଧିକାରକୁ ମନରେ ନ ରଖି କେବଳ କର୍ତ୍ତବ୍ୟ କରିପାରନ୍ତେ, ତାହାହେଲେ ମାନବସମାଜରେ ଶୃଙ୍ଖଳା ଅଚିରେ ପ୍ରତିଷ୍ଠିତ ହୁଅନ୍ତା । ରାଜାମାନଙ୍କର ଶାସନ ଓ ପ୍ରଜାମାନଙ୍କର ସେମାନଙ୍କ ପ୍ରତି ସବିନୟ ଆଦେଶାନୁବର୍ତ୍ତିତା କଦାପି ଅଧିକାରର ଅଙ୍ଗୀଭୂତ ହୋଇ ନ ପାରେ । ପାରମ୍ପରିକ ବୈଷମ୍ୟ ସମାଜର ଯେପରି କ୍ଷତିକାରକ, ଲଜ୍ଜାରହିତ ହୋଇ କୋଟି କୋଟି ଦଳିତଙ୍କ ଉପରେ ଅଧିକାର ବିସ୍ତାର କରିବା ତତୋଽଧିକ କ୍ଷତିକାରକ । ବିଶୃଙ୍ଖଳିତ ଜୀବନରେ ଶାନ୍ତିର ସନ୍ଧାନ ମିଳେନା । ଅତଏବ ଅଧିକାର ଓ କର୍ତ୍ତବ୍ୟ ମଧ୍ୟରେ ଥିବା ସମ୍ପର୍କ ସର୍ବାଦୌ ଦରକାର । ମୁଁ ଦୃଢ଼ତାସହକାରେ କହିବାକୁ ଚାହେଁ ଯେ, ଯେଉଁ ଅଧିକାର କର୍ତ୍ତବ୍ୟରୁ ସମ୍ଭୂତ ନୁହେଁ, ତାହା ମୂଲ୍ୟହୀନ ଓ ଅବୈଧ । ତାହାର ଆଶୁ ନିରାକରଣ ଅନବରତ କାମ୍ୟ । ଯେଉଁ ପିତାମାତା ସେମାନଙ୍କର କର୍ତ୍ତବ୍ୟ ନ କରି ପିଲାମାନଙ୍କଠାରୁ ଆଜ୍ଞାନୁବର୍ତ୍ତିତା ଚାହାନ୍ତି, ସେମାନେ ଘୃଣ୍ୟ ।

Digitized by srujanika@gmail.com

ଜଣେ କଳୁଷିତମନା ସ୍ୱାମୀ ତାଙ୍କର କର୍ତ୍ତବ୍ୟପରାୟଣା ସ୍ତ୍ରୀଙ୍କଠାରୁ ପ୍ରତ୍ୟେକ କ୍ଷେତ୍ରରେ ସମ୍ମାନ ପାଇବା ବିକୃତ ଧର୍ମାଦେଶ ବ୍ୟତୀତ ଅନ୍ୟ କିଛି ନୁହେଁ । ଯେଉଁ ସନ୍ତାନସନ୍ତତି କର୍ତ୍ତବ୍ୟରତ ପିତାମାତାଙ୍କୁ ବିଦ୍ରୂପ କରନ୍ତି, ସେମାନେ କୃତଘ୍ନ ହିସାବରେ ପିତାମାତାଙ୍କଠାରୁ ନିଜର ବେଶୀ କ୍ଷତି କରିଥାନ୍ତି । ଯଦି ଏହି ସରଳ କଥା ସାର୍ବଜନୀନ ନିୟମକୁ କର୍ମସ୍ଥ, ଶ୍ରମିକ, ଜମିଦାର, ରୟତ, ଶାସିତ, ଶାସକ, ହିନ୍ଦୁ, ମୁସଲମାନ ପ୍ରତି ପ୍ରୟୋଗ

କରାଯାଏ, ତାହା ହେଲେ ନିର୍ଦ୍ଦ୍ୱରେ ଜୀବନର ପ୍ରତି କ୍ଷେତ୍ରରେ ମଧୁର ସମ୍ପର୍କ ସ୍ଥାପିତ ହୋଇପାରିବ । କର୍ତ୍ତବ୍ୟ ଓ ଅଧିକାରର ଗୁଣାବଧାରଣ ଦ୍ୱାରା ସତ୍ୟାଗ୍ରହର ବିଧି ଜନ୍ମଲାଭ କରିବ । ବନ୍ଧୁତା ସ୍ଥାପନ କରି ପଡ଼ୋଶୀ ମୁସଲମାନମାନଙ୍କର ସୁଖ-ଦୁଃଖରେ ଭାଗନେବା ହିନ୍ଦୁର କର୍ତ୍ତବ୍ୟ । ତା'ପରେ ସେହି ମୁସଲମାନମାନଙ୍କଠାରୁ ଆଶାନୁଯାୟୀ ସଦ୍‌ବ୍ୟବହାର ମିଳିବ । ଉଦାହରଣ ସ୍ୱରୂପ, ଗୋଟିଏ ହିନ୍ଦୁବହୁଳ ଗ୍ରାମରେ ମୁଷ୍ଟିମେୟ ମୁସଲମାନ ବସବାସ କରୁଛନ୍ତି । ସେମାନଙ୍କ ପ୍ରତି ହିନ୍ଦୁମାନଙ୍କର ବ୍ୟବହାର ଏପରି ହେବା ଉଚିତ, ଯଦ୍ଦ୍ୱାରା କି ସେମାନେ ଧର୍ମଗତ ଭିନ୍ନତା ଜାଣିପାରିବେ ନାହିଁ । ଯେତେବେଳେ ଦୁଇ ସମ୍ପ୍ରଦାୟ ଆପଦବିପଦରେ ଏକମନ ହୋଇ କାମ କରିବେ, ସେତେବେଳେ

Digitized by srujanika@gmail.com

ହିନ୍ଦୁମାନେ ଅଧିକାର ହାସଲ କଲେ ବୋଲି ଜଣାଯିବ । ସେହିକର, ଯଦି ମୁଷ୍ଟିମେୟ ମୁସଲମାନ ହିନ୍ଦୁମାନଙ୍କର ' ସଦାଚରଣ ସତ୍ତ୍ୱେ ପ୍ରତ୍ୟେକ କ୍ଷେତ୍ରରେ ଦ୍ୱନ୍ଦ୍ୱ ସୃଷ୍ଟି କରନ୍ତି, ତାହାହେଲେ ତାହା ମନୁଷ୍ୟତାର ପରିଚୟସୂଚକ ନୁହେଁ । ତେବେ ଏପରିସ୍ଥଳେ ହିନ୍ଦୁମାନଙ୍କର କର୍ତ୍ତବ୍ୟ କଣ ହେବ ? ପାଶବିକ ବଳ ପ୍ରୟୋଗ କିମ୍ବା ଅନଧିକାର ଚର୍ଚ୍ଚା କେବେ ହେଲେ କର୍ତ୍ତବ୍ୟର ଅଙ୍ଗୀଭୂତ ହେବ ନାହିଁ । ନିଜ ସମ୍ପ୍ରଦାୟର ଭାଇମାନଙ୍କୁ ଯେପରି ବାରଣ କରାଯାଏ, ଠିକ୍ ସେହିପରି କରାଯିବ । ଏଥିପାଇଁ ଅଧିକ ଉଦାହରଣର ପ୍ରୟୋଜନ ନାହିଁ । ବ୍ୟକ୍ତିଗତ କ୍ଷେତ୍ରରେ ମଧ୍ୟ ଉପର୍ଯ୍ୟୁକ୍ତ ପ୍ରୟୋଗ ଫଳବତୀ ହେବ । କର୍ତ୍ତବ୍ୟରୁ ଯେ ଅଧିକାରର ଜନ୍ମ, ସର୍ବଦା ଏହା ସ୍ମରଣ ରଖିବାକୁ ପଡ଼ିବ ।

ଏହି ଉକ୍ତି ମଧ୍ୟ ଶାସକ ଓ ଶାସିତଙ୍କପାଇଁ ପ୍ରଯୁଜ୍ୟ । ଶାସିତର ସେବା ହେଉଛି ଶାସକର କର୍ତ୍ତବ୍ୟ । ସେମାନେ ଅସି ସାହାଯ୍ୟରେ ଅଧିକାର ହାସଲ କରି ଶାସନ କରିପାରିବେ ନାହିଁ । ଜନଗରିମା ଓ ସେବା କରିବାରୁ ଅଧିକାର ଆସିଲାପରେ ସେମାନେ ଶାସନଭାର ଗ୍ରହଣ କରିବେ । ସ୍ୱତଃପ୍ରବୃତ୍ତ ହୋଇ ପ୍ରଜାମାନେ ଦେଉଥିବା ଟଙ୍କା ସେମାନେ ଆଦାୟ କରିପାରିବେ । ଯଦି ସେମାନେ ଏହି ସରଳ ତଥା ପ୍ରାଥମିକ ପ୍ରଚେଷ୍ଟାରେ ଅକୃତକାର୍ଯ୍ୟ ହୁଅନ୍ତି, ତାହାହେଲେ ସେମାନେ ଶାସକ ପଦବୀର ନ୍ୟାଯ୍ୟ ଅଧିକାରୀ ହୋଇପାରିବେ ନାହିଁ । ପୁନଶ୍ଚ ବିଶୃଙ୍ଖଳିତ ଶାସନରେ ପ୍ରଜାମାନେ ଆତ୍ମରକ୍ଷା ଓ ସଂସ୍କାରପାଇଁ ଅଧିକାର ଅର୍ଜନ କରିବା ଉଚିତ; କିନ୍ତୁ ହତ୍ୟା, ଲୁଣ୍ଠନ ଇତ୍ୟାଦି ଏହି ଅଧିକାରର ଅଙ୍ଗୀଭୂତ ହେବା ଉଚିତ ନୁହେଁ । ବରଂ କର୍ତ୍ତବ୍ୟ, ଦୁର୍ଜୟ ଶକ୍ତି ଓ ସତ୍ୟାଗ୍ରହଦ୍ୱାରା ସେମାନେ ବିଜୟ ହାସଲ କରିପାରିବେ ।

Digitized by srujanika@gmail.com

ନୟୀ ତାଲିମ

ମୋ ମତରେ ଏହି ଦୁର୍ଭିକ୍ଷପ୍ରପୀଡ଼ିତ ଦେଶରେ ବୁଦ୍ଧିବୃତ୍ତି ଫୁଟାଇ ପରିଶ୍ରମ କରିବା ହେଉଛି ପ୍ରୌଢ଼ ଓ ଶିଶୁଶିକ୍ଷା ପ୍ରବର୍ତ୍ତନର ଏକମାତ୍ର ଉପାୟ । ପ୍ରକୃତ ଶିକ୍ଷା ବୁଦ୍ଧିବୃତ୍ତି ପରିଚାଳନାର ଅନୁଗାମୀ ହେବା ଉଚିତ । ଅନେକେ କହିଥାନ୍ତି ଯେ, ଲେଖାପଢ଼ା ନ ଜାଣିଲେ ଜ୍ଞାନର ସ୍ଫୂର୍ତ୍ତି ଆସେ ନାହିଁ । ଏପରି ଧାରଣା ପୂର୍ଣ୍ଣତଃ ଯୁକ୍ତିସଙ୍ଗତ ନୁହେଁ । ଅବଶ୍ୟ ଲେଖାପଢ଼ାଦ୍ୱାରା ମନୁଷ୍ୟର ପ୍ରବୃତ୍ତି ବିକଶିତ ହୋଇଥାଏ; କିନ୍ତୁ ଏହା ମଣିଷର ନୈତିକ, ଶାରୀରିକ ଓ ବୈଷୟିକ ବିକାଶପାଇଁ ଆଶାନୁରୂପ ସାହାଯ୍ୟ କରିପାରେ ନାହିଁ ।

ହସ୍ତଶିଳ୍ପ ମାଧ୍ୟମରେ ଶିଶୁର ଶାରୀରିକ, ମାନସିକ ଓ ନୈତିକ ଉନ୍ନତି ହାସଲ କରିବା ହେଉଛି ମୌଳିକ ଶିକ୍ଷାର ଲକ୍ଷ୍ୟ । ଶିକ୍ଷାଗତ ତାତ୍ପର୍ଯ୍ୟ ଓ ମହତ୍ତ୍ୱ ନିହିତ ଥିବା ଯେ କୌଣସି ସୁପରିଚାଳିତ ପଦ୍ଧତି ଆର୍ଥନୀତିକ ଦୃଢ଼ତା ଉପରେ ତୋଳିଉଠିବା ଉଚିତ । ଆମ୍ଭେମାନେ ଶିଶୁଙ୍କୁ କାଦୁଅରେ ମୂର୍ତ୍ତି ତିଆରି କରିବାକୁ କହୁ; ସେଗୁଡ଼ିକ କିନ୍ତୁ ଅଳ୍ପ ସମୟ ମଧ୍ୟରେ ଭାଙ୍ଗିଯାଇଥାଏ । ଏହାଦ୍ୱାରା ଶିଶୁମାନଙ୍କ ଚିତ୍ତବୃତ୍ତି ବିକଶିତ ହୁଏ ସତ; କିନ୍ତୁ ଗୋଟିଏ ପ୍ରଧାନ ନୀତିର ଅବମାନନା କରାଯାଇଥାଏ । ପ୍ରକୃତପକ୍ଷରେ ମଣିଷର ଶ୍ରମ କ୍ଷଣଭଙ୍ଗୁର ତଥା ଲାଭହୀନ ଉତ୍ପାଦନରେ ବିନିଯୁକ୍ତ ହେବା ଉଚିତ ନୁହେଁ । ଜୀବନର ପ୍ରତି ମୁହୂର୍ତ୍ତକୁ ସଦୁପଯୋଗ କରିବା ପ୍ରଣାଳୀ ହେଉଛି ନାଗରିକମାନଙ୍କ ପକ୍ଷରେ ଏକ ପ୍ରକୃଷ୍ଟ ଶିକ୍ଷା-ସାମଗ୍ରୀ । ଏହା ମୌଳିକ ଶିକ୍ଷାର ଅଙ୍ଗବିଶେଷ ।

ଶାରୀରିକ ଅଙ୍ଗପ୍ରତ୍ୟଙ୍ଗ ଯଥା—ହାତ, ଗୋଡ଼, ଆଖି, କାନ ଓ ନାକ ଇତ୍ୟାଦିକୁ କାର୍ଯ୍ୟରେ ନିୟୋଗ କରିବା ଓ ତାଲିମ ଦେବାଦ୍ୱାରା ମେଧା ସ୍ୱତଃ ପରିବର୍ଦ୍ଧିତ ହୋଇଥାଏ । ବୈଜ୍ଞାନିକ ଉପାୟରେ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ପରିଚାଳିତ ହେବା ବିଧେୟ । ଶାରୀରିକ ଓ ମାନସିକ ବିକାଶ ସହିତ ଆତ୍ମାର ଜାଗରଣ ମଧ୍ୟ ଆନୟନ କରାଯାଇଥାଏ । ଆଧ୍ୟାତ୍ମିକ ଓ ଶାରୀରିକ ଶିକ୍ଷାଦ୍ୱାରା ମନୁଷ୍ୟର ପ୍ରାଣ ପବିତ୍ର ହୁଏ ଓ ଶକ୍ତି ସଞ୍ଚିତ ହୁଏ । ଆଧ୍ୟାତ୍ମିକ, ମାନସିକ ଓ ଶାରୀରିକ ଶକ୍ତିର

Digitized by srujanika@gmail.com

ବିଘଟୀକରଣ ଅସମ୍ଭବ । ଏମାନେ ବରଂ ପରସ୍ପର ପରିପୂରକରୂପେ କାର୍ଯ୍ୟ କରିଥାନ୍ତି । ଏହି ଶକ୍ତିମାନଙ୍କର ଏକତା ତଥା ସମତା ରକ୍ଷା କରାଯାଇ ନ ପାରିଲେ କୁଫଳ ଅବଶ୍ୟମ୍ଭାବୀ ।

ଏହି ଶକ୍ତି ମୂଳବସ୍ତୁରେ ଆମ ମଧ୍ୟରେ ଜୀବିତ ରହିଅଛି; କିନ୍ତୁ ଆମ୍ଭେମାନେ ବିପରୀତ ପନ୍ଥା ଅବଲମ୍ବନ କରୁଥିବାରୁ ଏହାର ମହତ୍ତ୍ୱ ଅନୁଭବ କରିପାରୁନାହୁଁ ।

ବୁଦ୍ଧି, ଶରୀର ଓ ଆତ୍ମାର ନିର୍ଭୁଲ ଏକୀକରଣଦ୍ୱାରା ଉପଯୁକ୍ତ ମଣିଷ ଗଢ଼ାଯାଇପାରେ ଓ ପ୍ରକୃତ ଶିକ୍ଷା ମଧ୍ୟ ସମ୍ଭବପର ହୁଏ । ହସ୍ତକର୍ମ ହେଉଛି ଶିକ୍ଷାର ଗୋଟିଏ ମୁଖ୍ୟ ଅଙ୍ଗ । କେବଳ ବିଦ୍ୟାଳୟର ଶିଳ୍ପଶାଳା ସଜାଇବାପାଇଁ ଏହା ଉଦ୍ଦିଷ୍ଟ ହେବା ଉଚିତ ନୁହେଁ; ବରଂ ସମସ୍ତ ଉଦ୍ଦେଶ୍ୟରେ ଶିକ୍ଷଣପଦ୍ଧତିର ଅଂଶ ହେବା ଦରକାର । ଶିଳ୍ପବିପ୍ଳବ ପୂର୍ବରୁ ଶିଶୁମାନଙ୍କୁ ଯେପରି ପରିଶ୍ରମ କରିବାକୁ ବାଧ୍ୟ କରାଯାଉଥିଲା, ସେପରି କରାଯିବା ଉଚିତ ନୁହେଁ । ବରଂ ହସ୍ତକର୍ମ କଲାବେଳେ ଶିଶୁମାନଙ୍କୁ ପ୍ରଚୁର ଆନନ୍ଦ ଓ ଉତ୍ସାହ ଦିଆଯିବା ଉଚିତ ।

ଭାରତର ଶିଶୁ-ଶିକ୍ଷା ବାଧ୍ୟତାମୂଳକ ଓ ଅବୈତନିକ ହେବା ଦରକାର । ଶିଶୁମାନଙ୍କର ଶାରୀରିକ, ଆଧ୍ୟାତ୍ମିକ ଓ ମାନସିକ ବୃତ୍ତି-ନିଚୟର ପରିଚାଳନାଦ୍ୱାରା ସେମାନେ ମନମୁତାବକ ଶିକ୍ଷାସମଗ୍ରୀ ଓ ଭବିଷ୍ୟତ ପନ୍ଥା ଗ୍ରହଣ କରିପାରିବେ । ତଦ୍ଦ୍ୱାରା ଗ୍ରାମବାସୀଙ୍କର ଅବନତି କ୍ରମେ ନିରାକୃତ ହେବ । ସମାଜରେ ଧନୀ, ଦରିଦ୍ର ଶ୍ରେଣୀ ରହିବେ ନାହିଁ । ନ୍ୟାୟ, ସ୍ୱାଧୀନତା ଓ ପାରିଶ୍ରମିକ ଇତ୍ୟାଦିରେ ସମତା ପ୍ରତିଷ୍ଠିତ ହେବ । ବସ୍ତୁତଃ ମୋ ପରିକଳ୍ପିତ ପ୍ରାଥମିକ ଶିକ୍ଷା ଯୋଜନା, ସୂତାକଟା ଇତ୍ୟାଦି ଗ୍ରାମ୍ୟଶିଳ୍ପ ଜରିଆରେ କାର୍ଯ୍ୟକାରୀ ହେବ । ଏଥିପାଇଁ ନୀରବ ସାମାଜିକ ଆନ୍ଦୋଳନ ଦରକାର । ପୁନଶ୍ଚ ଏତଦ୍ଦ୍ୱାରା ଗ୍ରାମ ଓ ନଗର ମଧ୍ୟରେ ଏକ ସୁସ୍ଥ, ନୈତିକ ସମ୍ପର୍କ ସ୍ଥାପିତ ହେବ ଓ ଶ୍ରେଣୀଗତ ବିଷମୟ ସମ୍ପର୍କର ନିରାକରଣରେ ସାମାଜିକ ନିରାପତ୍ତା ରକ୍ଷା କରାଯାଇ ପାରିବ ।

Digitized by srujanika@gmail.com

କୃଷକ

ଭାରତୀୟ ସମାଜକୁ ଶାନ୍ତିପୂର୍ଣ୍ଣ ଉପାୟରେ ଉନ୍ନତ କରିବାକୁ ହେଲେ ଧନୀ ଓ ଦରିଦ୍ରମାନଙ୍କ ମଧ୍ୟରେ ସମ୍ବନ୍ଧ ସ୍ଥାପନ କରିବାକୁ ପଡ଼ିବ । ଦରିଦ୍ରମାନଙ୍କ ଉନ୍ନତିବିଧାନପାଇଁ ଧନିକଶ୍ରେଣୀର ପୁଞ୍ଜି ବ୍ୟୟିତ ହେବା ଉଚିତ । ଧନୀମାନେ ବିଳାସ-ବ୍ୟସନରେ ଜୀବନଯାପନ କରୁଥିବାବେଳେ ଦରିଦ୍ରମାନେ ଦୁଃଖର କଷାଘାତ ସହି ନ ପାରି ଦୀର୍ଘନିଃଶ୍ୱାସ ପକାଉ ଅଛନ୍ତି—ଏହା ବଡ଼ ପରିତାପର ବିଷୟ । ତେଣୁ ଧନୀମାନେ ଦରିଦ୍ରମାନଙ୍କ ସହିତ ସମ୍ପର୍କ ସ୍ଥାପନ କରି ସେମାନଙ୍କର ଦୁଃଖଦୁର୍ଦ୍ଦଶା ଲାଘବ କରନ୍ତୁ ଓ ତାଙ୍କର ନୈରାଶ୍ୟଜର୍ଜରିତ ହୃଦୟରେ ଆଶାର ସଞ୍ଚାର କରନ୍ତୁ, ଏହା ହିଁ ମୋର ସେମାନଙ୍କୁ ଅନୁରୋଧ । ପୁନଶ୍ଚ ଦରିଦ୍ରମାନଙ୍କପାଇଁ ଧନୀମାନେ ଦୁଃଖ ବରଣ କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ସ୍ୱାସ୍ଥ୍ୟରକ୍ଷାର ନିୟମ ଜଣାନ୍ତୁ ଓ ସେମାନଙ୍କ ଅର୍ଥନୀତିକ ଅବସ୍ଥାପ୍ରତି ଯଥେଷ୍ଟ ଧ୍ୟାନ ଦିଅନ୍ତୁ । କେବଳ ଏତିକି ନୁହେଁ, ବିଦ୍ୟାଳୟମାନ ପ୍ରତିଷ୍ଠା କରି ଧନୀମାନେ ନିଜ ପିଲାପିଲିଙ୍କ ସହିତ ଦରିଦ୍ରଙ୍କ ପିଲାପିଲିଙ୍କୁ ଶିକ୍ଷିତ କରନ୍ତୁ ଓ ନିଜେ କୂଅ, ପୋଖରୀ, ରାସ୍ତାଘାଟ ସଫା କରି ଅନ୍ୟମାନଙ୍କୁ ପରିଷ୍କାରପରିଚ୍ଛନ୍ନତା ସମ୍ବନ୍ଧରେ ଶିକ୍ଷା ଦିଅନ୍ତୁ । ସେମାନଙ୍କର ବ୍ୟବହାରରେ ଆସୁ ନ ଥିବା କୋଠାବାଡ଼ି ଦାତବ୍ୟ ଅନୁଷ୍ଠାନପାଇଁ ବିନିଯୁକ୍ତ ହେଉ । ପୁଞ୍ଜିପତି ସମୟର ପରିବର୍ତ୍ତନ ଗ୍ରହଣ କରି ଭଗବାନଙ୍କର ଦତ୍ତ ଅଧିକାର ବଳରେ ଏ ଜାତିକୁ ଜୀବନ୍ୟାସ ଦିଅନ୍ତୁ । ତେବେ ସାତ ଲକ୍ଷ ଗ୍ରାମ ଅଚିରେ ହସିଉଠିବ । ମୋର ବିଶ୍ୱାସ ଅଛି, ପୁଞ୍ଜିପତିମାନେ ସେମାନଙ୍କ ଉପରେ ଅଜାଡ଼ି ହୋଇ ପଡ଼ୁଥିବା ସୁଖ-ସ୍ୱାଚ୍ଛନ୍ଦ୍ୟକୁ ସ୍ୱାର୍ଥପରଭାବେ ଉପଭୋଗ କରିବେ ନାହିଁ । କୋଟି କୋଟି ଦରିଦ୍ରଙ୍କ ସହିତ ସହଯୋଗ କଲେ ଭାରତର ଦୁର୍ଦ୍ଦଶା ନିଶ୍ଚୟ ଅପସରି ଯିବ ।

ଯଦି ଗଣତାନ୍ତ୍ରିକ ସ୍ୱରାଜ ଅହିଂସ ଉପାୟରେ ହାସଲ କରାଯାଏ, ତାହାହେଲେ କୃଷୀମାନେ ଅନ୍ୟାନ୍ୟ ଅଧିକାର ସହିତ ରାଜନୈତିକ

Digitized by srujanika@gmail.com

ଅଧିକାର ମଧ୍ୟ ପାଇବେ। ଯଦି ସାମୂହିକ ଚେଷ୍ଟାଦ୍ୱାରା ସ୍ୱରାଜ ଆସେ, ତାହାହେଲେ ସେଥିରେ କୃଷୀମାନଙ୍କର ସବୁଠାରୁ ବେଶି ଅଧିକାର ରହିବ। ଯଦି ସରକାର ଓ ଜନସାଧାରଣଙ୍କ ମଧ୍ୟରେ ମିଳାମିଶା ହୋଇ ଅଧିକାରର ସୀମା ନିର୍ଦ୍ଧାରଣ କରାଯାଏ, ତାହାହେଲେ କୃଷୀମାନଙ୍କୁ ଅପେକ୍ଷାକୃତ ଅଧିକ ସୁବିଧା ଦିଆଯିବ। ଯଦି ଶାସକଗୋଷ୍ଠୀ କୃଷୀମାନଙ୍କର ସୁଖ-ଦୁଃଖ ପ୍ରତି ଦୃଷ୍ଟି ନ ଦିଅନ୍ତି, ତାହାହେଲେ ସମାଜ ସଙ୍ଘାନ୍ତୀକୁ ଅବମାନନା ଓ ଅସହଯୋଗକୁ ତାହାର ମହୌଷଧିରୂପେ ଗ୍ରହଣ କରିଯିବ। ଅନ୍ୟାୟ ଓ ଅତ୍ୟାଚାରର ଅବରୋଧପାଇଁ କାଗଜ କଲମ କିମ୍ବା ଓଜସ୍ୱିନୀ ବକ୍ତୃତାର ପ୍ରୟୋଜନ ନାହିଁ; ଅହିଂସାତ୍ମକ ଅନୁଷ୍ଠାନ, ଶୃଙ୍ଖଳା ଓ ତ୍ୟାଗବଳରେ ଏହା ସହଜସାଧ୍ୟ।

ଇଂରାଜୀର ସ୍ଥାନ

ଏହା ମୋର ସୁଚିନ୍ତିତ ଅଭିମତ ଯେ, ଇଂରାଜୀ ଶିକ୍ଷା ଇଂରାଜୀପଢ଼ୁଆ ଛାତ୍ରଛାତ୍ରୀମାନଙ୍କୁ ଏକପ୍ରକାର ପୌରୁଷହୀନ କରିପକାଇଅଛି। ଛାତ୍ରମାନଙ୍କ ଉପରେ ଏହାର ପ୍ରଭାବ ପଡ଼ିବାଦ୍ୱାରା ସେମାନେ କ୍ରମେ ମୌଳିକତା ହରାଇ ଅନୁକରଣପଟୁ ହୋଇପଡ଼ୁଅଛନ୍ତି। ଆମ ଦେଶୀୟ ଭାଷାପ୍ରତି ଆସକ୍ତି ଭାବ ଆସିବା ମୂଳରେ ଇଂରେଜ ରାଜତ୍ୱ ବହୁ ପରିମାଣରେ ଦାୟୀ। ରାଜା ରାମମୋହନ ରାୟ ଓ ଲୋକମାନ୍ୟ ତିଳକ ଯଥାକ୍ରମେ ସଂସ୍କାରକ ଓ ପଣ୍ଡିତ ହିସାବରେ ଆଜି ଗଣ୍ୟ; କିନ୍ତୁ ଏ ଦୁହେଁ ଯଦି ତାଙ୍କ ଚିନ୍ତାଧାରା ଇଂରାଜୀରେ ବ୍ୟକ୍ତ ନ କରି ମାତୃଭାଷାରେ ବ୍ୟକ୍ତ କରିଥାନ୍ତେ, ତାହାହେଲେ ସେମାନଙ୍କର ଆସନ ଅତି ଉଚ୍ଚରେ ହୋଇ ପାରିଥାଆନ୍ତା ଓ ଦେଶବାସୀ ଅଧିକ ଉପକୃତ ହୋଇ ପାରିଥାନ୍ତେ। ସେ ଦୁହିଁଙ୍କର ଇଂରାଜୀରେ ଅଗାଧ ପାଣ୍ଡିତ୍ୟ ଥିଲା ସତ୍ୟ; କିନ୍ତୁ ତାହା ଭାରତୀୟ ଜନସାଧାରଣଙ୍କ ନିକଟରେ ମୂଲ୍ୟହୀନ।

Digitized by srujanika@gmail.com

କେବଳ ଅନୁକରଣ ଓ ଅନୁବାଦଦ୍ୱାରା କୌଣସି ଦେଶ ତା'ର ଜାତୀୟତା ରକ୍ଷା କରିପାରେ ନାହିଁ । ଭାବନ୍ତୁ, ମୌଳିକ ବାଇବେଲ୍ ନ ଥିଲେ ଇଂରେଜମାନଙ୍କ ଅବସ୍ଥା କଣ ହୋଇଥାନ୍ତା ? ମୁଁ ବିଶ୍ୱାସ କରେ ଯେ ଚୈତନ୍ୟ, ନାନକ, ଗୁରୁ ଗୋବିନ୍ଦ, ଶିବାଜୀ, ବଣା, ପ୍ରତାପଙ୍କର ଆସନ ରାଜା ରାମମୋହନ ଓ ତିଳକଙ୍କଠାରୁ ଯଥେଷ୍ଟ ଉଚ୍ଚରେ । ମୁଁ ଜାଣେ ଯେ ଏପରି ତୁଳନା କରିବା ଅନୁଚିତ । ସମସ୍ତେ ଗୋଟିଏ ଗୋଟିଏ ଦିଗରୁ ଅବଶ୍ୟ ବଡ଼; କିନ୍ତୁ ଅନ୍ୟମାନଙ୍କ ପରି ରାଜା ରାମମୋହନ ଓ ତିଳକଙ୍କର ସଂସ୍କାରମୂଳକ ଚେଷ୍ଟାର ପରିଣତି ଲୋକଙ୍କ ହୃଦୟରେ ବହୁଦିନଧରି ରେଖାପାତ କରିପାରିଲା ନାହିଁ । ପୁନଶ୍ଚ ଅନ୍ୟମାନେ ଦୈନ୍ୟ-ଦୁର୍ବିପାକର ଲୌହନିଗଡ଼ ଭାଙ୍ଗି ସ୍ୱାଧୀନ ମନୋବୃତ୍ତି ଓ ସାହସିକତା ବଳରେ ଦେଶବାସୀଙ୍କ ଆଖି ଖୋଲି ଦେଇଯାଇଅଛନ୍ତି । ରାଜା ରାମମୋହନ ଓ ତିଳକଙ୍କର ଶିକ୍ଷା-ପଦ୍ଧତି ଭିନ୍ନ ହୋଇଥିଲେ ସେ ଅବଶ୍ୟ ଯଥେଷ୍ଟ ଯଶସ୍ୱୀ ହୋଇପାରିଥାନ୍ତେ । 'ଇଂରାଜୀ ଭାଷା ହେଉଛି ସ୍ୱାଧୀନ ମନୋଭାବ ଓ ସଠିକ ଚିନ୍ତା ଆନୟନପାଇଁ ଏକମାତ୍ର ଭାବଧାରା'—ଅଧୁନା ଏହା ଭାରତର ହେଉଛି ସବୁଠାରୁ ବଡ଼ କୁସଂସ୍କାର ।

ଆଜି ଭାରତ ବଡ଼ ଦରିଦ୍ର । ଏପରି କି ସେ ନିଜର ଆତ୍ମରକ୍ଷାପାଇଁ ଅକ୍ଷମ । କାରଣ ତା'ର ସନ୍ତାନ ଆଜି ଶକ୍ତିହୀନ । ମୁଁ ଏଥିଯୋଗୁଁ ଶାସନକଳକୁ ଦୁର୍ବଳ ବୋଲି ଆକ୍ଷେପ କରିବାକୁ ଚାହେଁ ନାହିଁ—କେବଳ ଶିକ୍ଷା-ପଦ୍ଧତିଗତ ତ୍ରୁଟି ହିଁ ଏଥିପାଇଁ ଦାୟୀ । ଇଂରେଜମାନେ ଆମ ଶିକ୍ଷା-ପଦ୍ଧତିକୁ ତ୍ରୁଟିସଙ୍କୁଳ ବୋଲି ଭୁଲରେ ଭାବି ଯେଉଁ ପଦ୍ଧତି ପ୍ରବର୍ତ୍ତନ କଲେ, ତଦ୍ଦ୍ୱାରା ଭାରତୀୟମାନଙ୍କର ଶରୀର ଓ ଆତ୍ମା ଅବନତ ହେଲା । ଇଂରାଜୀ ଭାଷା ତା'ର ବାଣିଜ୍ୟିକ ଓ ରାଜନୈତିକ ମୂଲ୍ୟଦୃଷ୍ଟିରୁ ପାଠ୍ୟ-ନିର୍ଘଣ୍ଟର ଅନ୍ତର୍ଭୂକ୍ତ ହେଉ, ଏଥିରେ ମୋର କିଛି ଆପତ୍ତି ନାହିଁ । ଆମ ଦେଶର ଗୃହସ୍ଥମାନେ ଭାବନ୍ତି ଯେ ଇଂରାଜୀ ନ ପଢ଼ିଲେ ସେମାନେ ସରକାରୀ ଚାକିରି ପାଇପାରିବେ ନାହିଁ । ବାଳକମାନେ ଭାବନ୍ତି ଯେ ବିବାହପାଇଁ ଇଂରାଜୀ ପାଠ ହେଉଛି ଏକ ଅନୁମତିପତ୍ରସ୍ୱରୂପ । ମୁଁ ଅନେକ ପ୍ରମାଣ ପାଇଛି ଯେ ସ୍ତ୍ରୀମାନେ ଗୋରାମାନଙ୍କ ସହିତ କଥାବାର୍ତ୍ତା କରିବାପାଇଁ ଇଂରାଜୀ ଅଧ୍ୟୟନରେ ମନ ବଳାଇଥାନ୍ତି । ଅନେକ ସ୍ୱାମୀ

Digitized by srujanika@gmail.com

ନିଜର ସ୍ତ୍ରୀ ଇଂରେଜୀ ନ ଜାଣିଥିବାରୁ ଦୁଃଖ ପ୍ରକାଶ କରିବାର ମୁଁ ଜାଣେ । ଅନେକ ପରିବାର ଅଛନ୍ତି, ଯେଉଁମାନେ କି ଇଂରାଜୀକୁ ନିଜ ମାତୃଭାଷାରେ ପରିଣତ କରିସାରିଲେଣି । ଶତ ଶତ ଯୁବକ ଭାବନ୍ତି, ଇଂରେଜୀ ଜ୍ଞାନ ନ ଆସିଲେ ଭାରତର ସ୍ୱାଧୀନତାପ୍ରାପ୍ତି ଅସମ୍ଭବ । ସମାଜର ବହୁସ୍ଥଳରେ ଶିକ୍ଷାର ଅର୍ଥ ଇଂରାଜୀ ଜ୍ଞାନ ବୋଲି ଧରାଯାଇଥାଏ । ଏସବୁ ଦାସତ୍ୱ ଓ ଅଧଃପତନର ସଙ୍କେତ ବୋଲି ମୁଁ ଭାବିଥାଏ ।



ମାତୃଭାଷାପ୍ରତି ଅବହେଳା ମୁଁ ସହ୍ୟ କରିପାରେନା କିମ୍ବା ମାତୃଭାଷାକୁ ଅନ୍ୟର ପ୍ରଭାବରେ ଶ୍ରୀହୀନ କରିବାକୁ ମୁଁ ଚାହେଁନାହିଁ । ଯେତେବେଳେ ପିତାମାତା ତାଙ୍କ ପୁତ୍ରକନ୍ୟା ଓ ସ୍ୱାମୀ ତା'ର ସ୍ତ୍ରୀ ନିକଟକୁ ନିଜ ମାତୃଭାଷାରେ ନ ଲେଖି ଇଂରାଜୀରେ ଚିଠି ଲେଖିବା କଥା ମୁଁ ଭାବେ, ସେତେବେଳେ ମୋର ଗାତ୍ରଦାହ ହୋଇଥାଏ ।

ମୋ ଘରର ଚାରିପଟେ ବଡ଼ ବଡ଼ ପାଚେରୀ ତୋଳିଦେଇ ଓ ମୋ ଘରର ଝରକାଗୁଡ଼ିକୁ ବନ୍ଦ କରିଦେଇ ବାହାରର ପବନକୁ ରୋକିଦେବାପାଇଁ ମୁଁ ଚାହେଁନାହିଁ । ସବୁ ଦେଶର କୃଷ୍ଟିରୂପକ ପବନ ମୋ ଘରଭିତରକୁ ଅବାଧରେ ବହିଆସୁ; କିନ୍ତୁ ତଦ୍ଦ୍ୱାରା ମୋ ପାଦ ଭୂଇଁ ଉପରୁ ଉଡ଼ି ନ ଯିବାପାଇଁ ମୁଁ ବରାବର ଚେଷ୍ଟିତ ହେବି ।

Digitized by srujanika@gmail.com

ଅନ୍ୟର ଗୃହରେ ଭିକ୍ଷୁକ, ଭୃତ୍ୟ କିମ୍ବା ଅନଧିକାରୀ ହୋଇ ବସବାସ କରିବାକୁ ମୁଁ ଦେବି ନାହିଁ। ମିଥ୍ୟା ଅଭିମାନ ଓ ସାମାଜିକ ସୁବିଧାପାଇଁ ମୋ ଭଉଣୀମାନଙ୍କ ଉପରେ ଇଂରାଜୀ ଭାଷା ଲଦିବାକୁ ମୁଁ ଚାହେଁନା। ଆମ ଦେଶର ଯେଉଁ ଯୁବକଯୁବତୀଙ୍କର ସାହିତ୍ୟିକ ମନୋବୃତ୍ତି ଅଛି, ସେମାନେ ଇଂରାଜୀ ସହିତ ବିଶ୍ୱର ଅନ୍ୟ ଭାଷାସବୁ ଅଧ୍ୟୟନ କରନ୍ତୁ ଓ ରବୀନ୍ଦ୍ରନାଥ, ଯୋଗେନ୍ଦ୍ରଙ୍କ ପରି ଭାରତୀୟ ସଂସ୍କୃତି, ବିଜ୍ଞାନ ଓ ସାହିତ୍ୟକୁ ସମୃଦ୍ଧ କରନ୍ତୁ; ଏହା ହିଁ ମୋର କାମନା।

ମାତୃଭାଷାପ୍ରତି ଆସକ୍ତି ହରାଇଥିବା ଜଣେ ହେଲେ ଭାରତୀୟ ମୁଁ ଦେଖିବାକୁ ଚାହେଁ ନାହିଁ। ମୋ ଧର୍ମର ଦ୍ୱାର ଉନ୍ମୁକ୍ତ। ଭଗବାନଙ୍କ ସୃଷ୍ଟିର ସମସ୍ତ ମାନବ ଏଥିରେ ଭାଗ ନେଇପାରିବେ। ପୁଣି ଏଥିରେ ଗର୍ବ, ଦମ୍ଭ, ଅଭିମାନ, ବର୍ଣ୍ଣ-ବୈଷମ୍ୟ ଇତ୍ୟାଦିର ସ୍ଥାନ ନାହିଁ।

ବିଦେଶୀ ଶାସନ ଆମ ମୌଳିକତା ମୂଳରେ କୁଠାରାଘାତ କରି ବହୁବିଧ ପ୍ରଭାବ ବିସ୍ତାର କରିଅଛି। ସେଥିମଧ୍ୟରୁ ଭାଷାର ପ୍ରଭାବ ସବୁଠାରୁ ବଳି। ଏହା ଜାତୀୟ ଶକ୍ତିକୁ ସୀମାବଦ୍ଧ କରିଦେଇଛି। ଶିକ୍ଷା ମଧ୍ୟ ଅଯଥାରେ ବହୁ ଖର୍ଚ୍ଚସାପେକ୍ଷ ହୋଇପଡ଼ିଛି। ଏହି ପରିସ୍ଥିତି ଆଉ କିଛି ଦିନ ରହିଲେ ଭାରତର ଆତ୍ମା ଶକ୍ତିହୀନ ଓ କଳୁଷିତ ହୋଇପଡ଼ିବ। ଯେତେ ଶୀଘ୍ର ବିଦେଶୀ ଭାଷାର ତନ୍ଦ୍ରା ଅପସରି ଯିବ, ସେତେ ଶୀଘ୍ର ଆମର ଭବିଷ୍ୟତ ସମୃଦ୍ଧ ହେବ।

ହରତାଳ

ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ହରତାଳ ପାଳନ କରାଯାଉଛି। ଏହା ଏକ ଅସନ୍ତୋଷର ନିଦର୍ଶନରେ ପରିଣତ ହେଲାଣି। ଦେଶରେ ଆଜି ଯେଉଁମାନେ ନିଜକୁ ପଥପ୍ରଦର୍ଶକ ବୋଲି ପରିଚିତ କରାଉଛନ୍ତି, ଶ୍ରମିକମାନେ ସେମାନଙ୍କର ଦୟାର ପାତ୍ର ହୋଇ ରହିଛନ୍ତି। ଏହି ଶ୍ରେଣୀର ଲୋକେ ସର୍ବଦା କୌଣସି ସିଦ୍ଧାନ୍ତ ପାଳନ କରି ନ ଥାନ୍ତି। ଯେଉଁମାନେ ପାଳନ କରନ୍ତି, ସେମାନେ ସର୍ବଦା ବୁଦ୍ଧିମତ୍ତାର ପରିଚୟ ଦେଇ ନ ଥାନ୍ତି। ତେଣୁ

Digitized by srujanika@gmail.com

ଶ୍ରମିକ ମହଲରେ ସର୍ବଦା ଅସନ୍ତୋଷ ଲାଗିରହିବା ସ୍ୱାଭାବିକ । ଶ୍ରମିକମାନେ ମାଲିକଙ୍କୁ ଧନଶାଳୀ କରିବାପାଇଁ ସାଧାରଣତଃ ନିଯୁକ୍ତ ହୋଇଥାନ୍ତି; କିନ୍ତୁ ବର୍ତ୍ତମାନର ପରିସ୍ଥିତିରେ କ୍ରମ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି । ରାଜନୈତିକ ସ୍ଥିତି ବର୍ତ୍ତମାନ ଶ୍ରମିକଙ୍କ ଉପରେ ପ୍ରଭାବ ପକାଉଛନ୍ତି ! ଶ୍ରମିକ ନେତାଙ୍କର ବି ଆଜି ଅଭାବ ନାହିଁ । ଏମାନେ ବେଶ୍ ହୃଦୟଙ୍ଗମ କଲେଣି ଯେ ରାଜନୈତିକ କାରଣପାଇଁ ମଧ୍ୟ ହରତାଳ କରାଯାଇପାରେ ।

ମୋ ମତରେ ରାଜନୈତିକ କାରଣକୁ କେନ୍ଦ୍ର କରି ଶ୍ରମିକମାନେ ହରତାଳ କରିବା ଏକ ବିପଦପୂର୍ଣ୍ଣ ପନ୍ଥା । ତା ବୋଲି ମୁଁ କହୁନାହିଁ ଯେ ଏହି ପନ୍ଥାଦ୍ୱାରା ରାଜନୈତିକ ଲକ୍ଷ୍ୟ ହାସଲ କରାଯାଇପାରିବ ନାହିଁ । ପରନ୍ତୁ ଏହା ଅହିଂସାତ୍ମକ ଅସହଯୋଗ ଯୋଜନାର ଅନ୍ତର୍ଭୁକ୍ତ ନୁହେଁ । ଯେପର୍ଯ୍ୟନ୍ତ ଶ୍ରମିକମାନେ ଦେଶର ରାଜନୈତିକ ସ୍ଥିତି ନ ବୁଝିବେ ଓ ସାମୂହିକ ମଙ୍ଗଳପାଇଁ କାର୍ଯ୍ୟ କରିବାକୁ ପ୍ରସ୍ତୁତ ନ ହେବେ, ସେପର୍ଯ୍ୟନ୍ତ ସେମାନଙ୍କୁ ରାଜନୈତିକ ଲକ୍ଷ୍ୟ ହାସଲପାଇଁ ଉପଯୋଗ କରିବା ବିପଜ୍ଜନକ । ସେମାନେ ନିଜର ଅନ୍ୟ ସଂସ୍ଥାନଙ୍କୁ ଦୃଢ଼କରି ଶରୀର ଓ ଆତ୍ମାର ବିକାଶପାଇଁ ସଭ୍ୟ ଓ ଶିଷ୍ଟ ଜୀବନଯାପନ ନ କଲେ, ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବେ ନାହିଁ ।

ସେମାନେ ଯଦି ନିଜର ଜ୍ଞାନ ବଢ଼ାନ୍ତେ, ଅଧିକାର ଓ କର୍ତ୍ତବ୍ୟ ବିଷୟରେ ସଜାଗ ରହନ୍ତେ, ତାହାହେଲେ ଦେଶପାଇଁ ସେମାନେ ବେଶୀ ରାଜନୈତିକ ସହାୟତା କରିପାରନ୍ତେ ଓ ନିଜେ ମାଲିକର ସମ୍ମାନ ପାଇପାରନ୍ତେ ।

ବର୍ତ୍ତମାନ ଶ୍ରମିକମାନଙ୍କର ଅବସ୍ଥା ସୁଧାରିବାପାଇଁ ହରତାଳ ହେବା ଦରକାର, ଏହାହିଁ ମୋର ମଧ୍ୟ ଅଭିମତ; କିନ୍ତୁ ତତ୍ପୂର୍ବରୁ ସେମାନଙ୍କ ମନରେ ଦେଶାନୁରକ୍ତି ଆସିବା ଉଚିତ । ଏତଦ୍‌ବ୍ୟତୀତ ସେମାନେ ଯେଉଁ ଜିନିଷ ଉତ୍ପାଦନ କରୁଛନ୍ତି, ତା'ର ଦରଦାମ ନିୟନ୍ତ୍ରଣପାଇଁ ହରତାଳ କି କରାଯାଇପାରେ ।

ସଫଳ ହରତାଳ ପାଇଁ ନୀତିନିୟମ ଅତି ସାଧାରଣ । ଏହାର ନିର୍ଭୁଲ ପରିପାଳନଦ୍ୱାରା କେବେହେଲେ ହରତାଳ ଅସଫଳ ହୁଏ ନାହିଁ ।

Digitized by srujanika@gmail.com

ସେହି ମତଗୁଡ଼ିକ ହେଲା—

୧। ହରତାଳର କାରଣ ନ୍ୟାଯ୍ୟପୂର୍ଣ୍ଣ ହେବା ଉଚିତ।

୨। ହରତାଳରେ ବ୍ୟାବହାରିକ ମତୈକ୍ୟ ରହିବା ଦରକାର।

୩। ହରତାଳ କରିବା ଲୋକେ ହିଂସାକାଣ୍ଡରେ ଲିପ୍ତ ରହିବା ଉଚିତ ନୁହେଁ।

ଏହା ସ୍ମରଣ ରଖିବା ଉଚିତ ଯେ ନ୍ୟାଯ୍ୟୋଚିତ କାରଣ ନ ହେଲେ ହରତାଳ ଅଗ୍ରାହ୍ୟ ହେବା ଉଚିତ। ଏଥିପାଇଁ ଜନତାର ସହାନୁଭୂତି ଅବଶ୍ୟମ୍ଭାବୀ। ବିଶେଷକରି ନିଷ୍ପକ୍ଷ ଲୋକ, ଯାହାଙ୍କ ଉପରେ ଆମର ପୂର୍ଣ୍ଣ ବିଶ୍ୱାସ ଅଛି, ସେମାନଙ୍କଠାରୁ ଏହି ହରତାଳପାଇଁ ସମର୍ଥନ ମିଳିବା ଦରକାର। ହରତାଳ କରୁଥିବା ବ୍ୟକ୍ତିଙ୍କର ନିଜର କୌଣସି ରାୟ ଦେବାର ଅଧିକାର ନାହିଁ। ଏଥିରେ ଦୁଇ ପକ୍ଷର ସ୍ୱୀକୃତ ଅନୁଯାୟୀ ଅଦାଲତର ସିଦ୍ଧାନ୍ତ ଗ୍ରହଣଯୋଗ୍ୟ।

ରାଜନୈତିକ ଓ ଆର୍ଥିକ ହରତାଳ ଲକ୍ଷ୍ୟଦୃଷ୍ଟିରୁ ଭିନ୍ନ ହୋଇଥିବାରୁ ଏହା ସ୍ୱତନ୍ତ୍ରଭାବେ କରାଯିବା ଉଚିତ। ଏହି ଦୁଇପ୍ରକାର ହରତାଳର ମିଶ୍ରଣରେ କୌଣସି ନିର୍ଦ୍ଧାରଣ କରାଯିବା ଉଚିତ ନୁହେଁ। ହରତାଳରେ ଯୋଗ ଦେବାପାଇଁ କାହାକୁ ବାଧା ଦିଆଯିବା ଉଚିତ ନୁହେଁ, କିନ୍ତୁ ଗୁଣ୍ଡା ଓ ଦୁର୍ବୃତ୍ତ ଶ୍ରେଣୀର ଲୋକଙ୍କପାଇଁ ଏହାର ଦ୍ୱାର ବନ୍ଦ। ହିଂସା ଆଚରଣ ହରତାଳର ଏକ ପ୍ରଧାନ ଧର୍ମଗତ ଅନ୍ତରାୟ।

Digitized by srujanika@gmail.com

କିନ୍ତୁ ବନ୍ଧୁତା ଖାତିରରେ ପ୍ରଶ୍ନଟିର ଉତ୍ତର ନ ଦେଲେ ଏହା ଅସୌଜନ୍ୟ ହେବ । ଯେତେବେଳେ ମୁଁ ଅନୁତାପ କରିବାର ପ୍ରୟୋଜନୀୟତା ଉପଲବ୍ଧି କରୁନାହିଁ, ସେତେବେଳେ ଅନୁତପ୍ତ ବୋଲି ଛଳନା କରିବାକୁ ମୁଁ ଆଦୌ ପସନ୍ଦ କରେନାହିଁ । କୌଣସି ପ୍ରଶ୍ନ ବିଷୟରେ ଆଲୋଚନା କରିବାକୁ ବାରଣ କରିବା ଅର୍ଥ ନୁହେଁ ଯେ ମୋର ସେ ବିଷୟରେ ସ୍ଥୂଳ ଧାରଣା ନାହିଁ; କିନ୍ତୁ ମୁଁ ଆଶଙ୍କା କରେ, ସେ ବିଷୟରେ ମୁଁ ସ୍ପଷ୍ଟଭାବରେ ବୁଝାଇ ଜଣକର ହୃଦ୍‌ବୋଧ କରିପାରିବି କି ନାହିଁ ? ସାମ୍ପ୍ରତିକ ମୋର ମୌଳିକ ଆବେଗକୁ ପ୍ରକାଶ କରିବାଲାଗି ଉପଯୁକ୍ତ ଭାଷା ମୁଁ ପାଏ ନାହିଁ । ତେଣୁ ବ. ଉଇଲିଅମ୍ ଓ ଅନ୍ୟ ବନ୍ଧୁମାନଙ୍କୁ ମୁଁ ସ୍ମରଣ ଦେବାକୁ ଚାହେଁ ଯେ ସେମାନେ ମୋର ନୀତି ଓ ଅସମ୍ପୂର୍ଣ୍ଣ ଯୁକ୍ତିପ୍ରତି ଦୃଷ୍ଟି ନ ଦେଇ ଯଦି ସଂଗ୍ରାମରେ ନେଇଥିବା ମୋର ଭୂମିକାପ୍ରତି ଦୃଷ୍ଟି ଦିଅନ୍ତି, ତାହାହେଲେ ମୋର ଯୁଦ୍ଧ ସମ୍ପର୍କରେ ଥିବା ଚିନ୍ତାଧାରା ବିଷୟରେ ବୋଧହୁଏ ସ୍ପଷ୍ଟ ଧାରଣା ଆଣିପାରିବେ ନାହିଁ । ସେମାନେ ଜାଣିରଖନ୍ତୁ ଯେ ମୁଁ ସବୁପ୍ରକାର ଯୁଦ୍ଧର ବିରୋଧୀ । ସେମାନେ ଯଦି ମୋର ଯୁକ୍ତିକୁ ପସନ୍ଦ ନ କରନ୍ତି, ତାହାହେଲେ ତାହାକୁ ମୋ ଅବଚେତନ ମନର ଦୁର୍ବଳତା ବୋଲି ଭାବନେଇପାରନ୍ତି ।

ୟୁରୋପୀୟ ଯୁଦ୍ଧବିରୋଧୀ ଓ ମୋ ମଧ୍ୟରେ ଗୋଟିଏ ମୌଳିକ ପାର୍ଥକ୍ୟ ରହିଛି । ସେମାନେ କୌଣସି ପ୍ରତାରିତ ଜାତିର ପ୍ରତିନିଧିତ୍ୱ କରି ନ ଥାନ୍ତି; କିନ୍ତୁ ମୁଁ ହେଉଛି ବିଶ୍ୱର ସବୁଠାରୁ ବଡ଼ ପ୍ରତାରିତ ଜାତିର ପ୍ରତିନିଧି । ତୁଳନାତ୍ମକ ଦୃଷ୍ଟିରୁ କହିବାକୁ ଗଲେ ସେମାନେ ବଳେଇ, ଆଉ ମୁଁ ହେଉଛି ମୂଷାର ପ୍ରତିନିଧି । ଗୋଟିଏ ମୂଷାର କ'ଣ ଅହିଂସା ଜ୍ଞାନ ଅଛି ? ସେ ଅହିଂସାର ମହିମା ଓ ଉପାଦେୟତା ଶିକ୍ଷାକରି ପୂର୍ବରୁ କ'ଣ ଯୁଦ୍ଧକ୍ଷେତ୍ରରେ ସଫଳତାସହକାରେ ହିଂସା କରିପାରିବ ? ହିଂସାକାଣ୍ଡ ବନ୍ଦ କରିବାପାଇଁ ଅହିଂସାର ମହତ୍ତ୍ୱପୂର୍ଣ୍ଣ ଗୁଣାବଳୀ କ'ଣ ଶିକ୍ଷା କରିବାକୁ ପଡ଼ିବ ? ମୂଷାଜାତିର ପ୍ରତିନିଧିହିସାବରେ ମୋପକ୍ଷରେ ଏହା ଆବଶ୍ୟକ ପଡ଼ି ନ ପାରେ ।

ନିଜର ଚରିତ୍ର ପରିବର୍ତ୍ତନ କରିବା ମୂଷାଶକ୍ତିର ବହିର୍ଭୂତ । ଜାତି-ବର୍ଣ୍ଣ-ନିର୍ବିଶେଷରେ ଜଣେ ମାତୃହୀନ ପତିତ ଲୋକ ଖୁବ୍ ଉଚ୍ଚ ଆସନ

Digitized by srujanika@gmail.com

ଅଧିକାର କରିପାରେ । ତେଣୁ ମୁଁ ମୋର ଦେଶବାସୀଙ୍କର ଯୁଦ୍ଧ-ପ୍ରସ୍ତୁତିରେ ଏପରି ସାହାଯ୍ୟ କରିବି, ଯଦ୍ଦ୍ୱାରା ସେମାନେ ସେଥିରୁ ଓହରି ଆସିବେ ଓ ଯୁଦ୍ଧର ନିରର୍ଥକତା ହେଲେ ନା ହେଲେ ହୃଦୟଙ୍ଗମ କରିପାରିବେ । ମୁଁ ଯୁଦ୍ଧପାଇଁ ପ୍ରସ୍ତୁତ ହେଉଥିଲେ ମଧ୍ୟ, ଏହା ସ୍ମରଣ ରଖିବାର କଥା ଯେ ଇତିହାସରେ ବୃହତ୍ତମ ପରୀକ୍ଷା—'ଗଣଅହିଂସା'ପାଇଁ ମୁଁ ଚେଷ୍ଟିତ । ବୁଦ୍ଧିମତ୍ତାର ଅଭାବରୁ ଆମେ ଏହି ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇପାରୁ; କିନ୍ତୁ ପୂର୍ବାପର ଅହିଂସାବାଦୀ ଲୋକେ ଏହି ଉଦ୍ୟମକୁ ଅନୁଧ୍ୟାନ-ପୂର୍ବକ ପ୍ରଶଂସା କରିବା ଉଚିତ । କାରଣ ଯୁଦ୍ଧପାଇଁ ପ୍ରସ୍ତୁତ ହେଉଥିବା ଲୋକଙ୍କୁ ନେଇ ଏଠାରେ ଜଣେ କେବଳ ଲୋକ ଅହିଂସାର ପରୀକ୍ଷା ଓ ନିରୀକ୍ଷା ଚଳାଉଛି ।

ମୁଁ ବେଶିଗୁଡ଼ାଏ ଯୁକ୍ତି ବାଢ଼ିବାକୁ ଚାହେଁ ନାହିଁ । ଜଣକର ଚିନ୍ତାଧାରାର ପୂର୍ଣ୍ଣ ଅଭିବ୍ୟକ୍ତିପାଇଁ ଭାଷା'ର ମାଧ୍ୟମ ସେତେ ଶକ୍ତିଶାଳୀ ନୁହେଁ । ପ୍ରକୃତ ଅହିଂସା କେବଳ ଗୋଟିଏ ଦାର୍ଶନିକ ମତ ନୁହେଁ । ନିଶ୍ୱାସ-ପ୍ରଶ୍ୱାସପରି ଏହା ହେଉଛି ଜୀବନର ଏକ ଅପରିତ୍ୟାଜ୍ୟ ପଦ୍ଧତି । ଅଜ୍ଞାତସାରରେ ନୁହେଁ, ଜ୍ଞାତସାରରେ ମୁଁ ଏହିଗତେ ବହୁବାର ଅକୃତକାର୍ଯ୍ୟ ହୋଇଥାଏ । କାରଣ ଏଥିପାଇଁ ବୁଦ୍ଧି ଯେତିକି ଲୋଡ଼ା, ତା'ଠାରୁ ଅଧିକ ଲୋଡ଼ା ହୃଦୟ । ସର୍ବଦା ସ୍ୱାର୍ଥତ୍ୟାଗ, ଆତ୍ମୋତ୍ସର୍ଗ, ଅନଭିମାନ ଓ ଭଗବତ୍‌ବିଶ୍ୱାସରୁ ହିଁ ମିଳିଥାଏ ନିର୍ଦ୍ଦେଶ । ଏହାର ଅଭ୍ୟାସପାଇଁ ଲୋଡ଼ା ଚରମ ନିର୍ଭୀକତା ଓ ସାହସ । ମୋର ବିଫଳତାପାଇଁ କଷ୍ଟସ୍ୱୀକାରପୂର୍ବକ ମୋତେ ସାବଧାନତା ଅବଲମ୍ବନ କରିବାକୁ ପଡ଼ିଥାଏ ।

ମୋ ଅନ୍ତର୍ଦେଶରେ ଯେଉଁ ଆଲୋକ ପରିସ୍ଫୁଟିତ ହୋଇଛି, ତାହା ଦୀପ୍ତ ଓ ଅମ୍ଳାନ ରହିଛି । ସତ୍ୟ ଓ ଅହିଂସାକୁ ତ୍ୟାଗ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ । ମୁଁ ଜାଣେ, ଯୁଦ୍ଧ ଅନେକଙ୍କୁ ଅନ୍ୟ ମାର୍ଗ ପ୍ରଦର୍ଶନ କରିଥାଏ । ଏହାର ଅନୁସରଣ ଏକ ଅକ୍ଷମଣୀୟ ତ୍ରୁଟି । ଏଥିରୁ ମାନବଜାତିକୁ ସୁଧାରିବାକୁ ପଡ଼ିବ । ମୋର ଦୃଢ଼ବିଶ୍ୱାସ ଯେ ରକ୍ତପାତ ଓ ପ୍ରତାରଣାଦ୍ୱାରା ହାସଲ କରାଯାଇଥିବା ସ୍ୱାଧୀନତା ପ୍ରକୃତ ସ୍ୱାଧୀନତା ନୁହେଁ । ହିଂସା ଓ ଅସତ୍ୟ

Digitized by srujanika@gmail.com

ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଆଚରଣପାଇଁ ମୁଁ କେବେହେଲେ ଶିକ୍ଷା ପାଇନାହିଁ ।

ଯଦି ମୋ ଦେଶବାସୀ ଅହିଂସା ଆଚରଣ କରନ୍ତି, ତାହାହେଲେ ସେମାନଙ୍କ ରାଜନୀତି ଚିନ୍ତାଧାରାପ୍ରତି ମୋର ଅଶେଷ ସହାନୁଭୂତି ରହିବ; କିନ୍ତୁ ଦେଶକୁ ଅହିଂସା ଉପାୟରେ ଦାସତ୍ୱରୁ ମୁକ୍ତି ମିଳିବ, ସେକଥା ଆମ ଶିକ୍ଷିତ ଲୋକେ ମଧ୍ୟ ସହଜେ ବିଶ୍ୱାସ କରୁନାହାନ୍ତି । ଏହା ସତ୍ୟ ଯେ ସମସ୍ତେ ଏପର୍ଯ୍ୟନ୍ତ ଅହିଂସାର ତାତ୍ତ୍ୱିକ ମୂଲ୍ୟ ଓ ପରିଣତି ହୃଦୟଙ୍ଗମ କରିପାରି ନାହାନ୍ତି । ତାହାହେଲେ ଅହିଂସା ମାର୍ଗ କାହାପାଇଁ ? ମୁଁ ଅହିଂସାର ସାରବସ୍ତୁ ଜାଣିଛି ଓ ତାକୁ ସାଧ୍ୟାନୁଯାୟୀ ଅଭ୍ୟାସରେ ପକାଇ ପାରିଛି—ଦୃଢ଼ତାସହକାରେ ଏହା କହିଲେ ମଧ୍ୟ ସାମଗ୍ରିକ ଏହାର ନ୍ୟାୟସଙ୍ଗତ ଅନୁଶୀଳନ କରିବାରେ ଅକୃତକାର୍ଯ୍ୟ ହୋଇଛି । ମଣିଷ ହୃଦୟର କ୍ରିୟାକଳାପ ଓ ଅଭିବ୍ୟକ୍ତି ନିଶ୍ଚୟ ରହସ୍ୟାବୃତ, ଏଥିରେ ବୋଧହୁଏ କେହି ଦ୍ୱିମତ ହେବେ ନାହିଁ ।

ମୁଁ ବେଶ୍ ହୃଦୟଙ୍ଗମ କରିଛି, ଯଦି ଭାରତ ତା'ର ଅହିଂସାମାର୍ଗ ଅନୁସରଣ କରେ, ତାହାହେଲେ ଏତେ ବିରାଟ ଜଳ, ସ୍ଥଳ ଓ ଆକାଶ-ବାହିନୀର ପ୍ରୟୋଜନ ତା ପକ୍ଷରେ ଆଦୌ ଶ୍ରେୟଃ ନୁହେଁ । ଯଦି ସେ ଆତ୍ମ ସାହାଯ୍ୟ ଓ ଅହିଂସା ବଳରେ ସ୍ୱାଧୀନତା ସଂଗ୍ରାମରେ ଜୟଯୁକ୍ତ ହୁଏ, ତାହାହେଲେ ବିଶ୍ୱଦରବାରରେ ସେ ସମ୍ମାନିତ ହେବ ଓ ଯୁଦ୍ଧପାଇଁ ଏଇ ବାହ୍ୟ ସାଜସଜ୍ଜାର ମୂଲ୍ୟ ଆଉ ରହିବ ନାହିଁ । ଏପରି ଭାରତ ଗଢ଼ିବାର ଚିନ୍ତା ଅନ୍ୟମାନଙ୍କ ଦୃଷ୍ଟିରେ ଦିବାସ୍ୱପ୍ନ କିମ୍ବା ବାଲ୍ୟଚପଳତା ହୋଇପାରେ; କିନ୍ତୁ ମୋ ମତରେ ଅହିଂସ ଉପାୟରେ ସ୍ୱାଧୀନତାପ୍ରାପ୍ତି ଭାରତର ହେବ ମୁଖ୍ୟ ଆଭିମୁଖ୍ୟ ।

ସ୍ୱାଧୀନତା ଆଣିବାପାଇଁ ଇଂରେଜମାନଙ୍କ ସହିତ ଆମର ଭଲ ବୁଝାମଣା ରହିବା ଉଚିତ । ଇଂରେଜକୁ ଗୋଟିଏ ଏକଛତ୍ରବାଦୀ ଦୃପ୍ତ ଶକ୍ତି, ଯେ'କି ବିଶ୍ୱରେ ପ୍ରତିଷ୍ଠାଲାଭ କରିବାକୁ ଚେଷ୍ଟିତ, ସେପରି ଭାବିଲେ ହେବନାହିଁ । ବରଂ ଇଂରେଜମାନଙ୍କୁ ଆମ ଦୃଷ୍ଟିରେ ହିଂସାଶକ୍ତିକୁ ଦମନ କରି ବହୁ ନିରୀହ ଜାତିକୁ କବଳିତ କରିଥିବା ଗୋଟିଏ ଜାତି ବୋଲି ଭାବିବା ଉଚିତ ।

Digitized by srujanika@gmail.com

ମୁଁ ଆଗରୁ କହିଛି ଯେ ମାର୍କ୍ସବାଦ ଦେଶଗୁଡ଼ିକ ଯେଉଁମାନେ ତଥାକଥିତ ଯୁଦ୍ଧର ବିରୋଧୀ, ସେମାନେ ଯୁଦ୍ଧ ଉଦ୍ୟମକୁ ପ୍ରଶ୍ରୟ ଓ ସାହାଯ୍ୟ ଦେଇଥାନ୍ତି । ଯୁଦ୍ଧର କାରଣ ଯେପର୍ଯ୍ୟନ୍ତ ଲୋକେ ନ ବୁଝିଛନ୍ତି ଓ ତା'ର ପ୍ରତିକାର ନ କରିଛନ୍ତି, ସେପର୍ଯ୍ୟନ୍ତ ଯୁଦ୍ଧ ବନ୍ଦପାଇଁ ସମସ୍ତ ଉଦ୍ୟମ ବ୍ୟର୍ଥ ହେବା ଆବଶ୍ୟମ୍ଭାବୀ । ଦୁର୍ବଳ ଉପରେ ସବଳର ଅତ୍ୟାଚାର ବିଶ୍ୱରେ ଯୁଦ୍ଧର ପ୍ରଧାନ କାରଣ ନୁହେଁ କି ?

ମୋର ଦୃଢ଼ ବିଶ୍ୱାସ ଯେ, ଯୁଦ୍ଧପ୍ରତି ମୋହ ଉପେକ୍ଷା ନ କଲେ ବିଶ୍ୱଶାନ୍ତି ଅସମ୍ଭବ । କେବଳ ଯୁଦ୍ଧଯୋଗୁଁ ଜାତି ଓ ଗୋଷ୍ଠୀର ମୁକ୍ତି ଓ ପ୍ରଗତିକୁ ଭିତ୍ତିକରି ତୋଳିଉଠିଥିବା ପ୍ରକୃତ ଶାନ୍ତି ପ୍ରତିହତ ହେଉଛି । ଗୋଟିଏ ଜାତିର ଅନ୍ୟ ଗୋଟିଏ ଜାତିପ୍ରତି ଅନଧିକାର ଚର୍ଚ୍ଚା ବିଶ୍ୱ-ଶାନ୍ତିର ହେଉଛି ପ୍ରଧାନ ଅନ୍ତରାୟ । ସୈନ୍ୟସାମନ୍ତ ଓ ଗୁଳିଗୁଳାର ପ୍ରାଚୁର୍ଯ୍ୟ ଆଜି ଜାତିର ବଳବୀର୍ଯ୍ୟର ମାନଦଣ୍ଡରୂପେ ବିବେଚିତ ହେଉଛି ।

ଏବେ ବିଶ୍ୱର ବହୁ ଚିନ୍ତାଶୀଳ ବ୍ୟକ୍ତି ପ୍ରଳୟଙ୍କରୀ ଯୁଦ୍ଧରୁ ବିରତି ଲାଭକରି ସହାବସ୍ଥାନ ନୀତିଦ୍ୱାରା ବିଶ୍ୱଶାନ୍ତି କାମନା କରୁଅଛନ୍ତି । ମୁଁ କେବଳ ଆମ ଦେଶଯୋଗୁଁ ଏହି ଉଦାହରଣ ଦେଉନାହିଁ । ସ୍ୱାଧୀନତାଠାରୁ ବିଶ୍ୱର ସହାବସ୍ଥାନ ସହଜସାଧ୍ୟ ବୋଲି ମୁଁ ଭାବୁଛି । ଭାରତ ନିଜେ କାହା ସହିତ ଯୁଦ୍ଧ କରିନାହିଁ କି କରିବା ବୁଝେ ନାହିଁ; ବରଂ ସେ ଆତ୍ମରକ୍ଷାପାଇଁ ଯେଉଁ ବ୍ୟବସ୍ଥାମାନ କରିଛି, ତାହା ସାମୟିକ ବିଶୃଙ୍ଖଳିତ ହୋଇପଡ଼ୁଛି । ସ୍ଥୂଳତଃ ତାହାର ଆତ୍ମରକ୍ଷାପାଇଁ କାମନା ଉନ୍ନତ ହୋଇନାହିଁ । ଏହାସତ୍ତ୍ୱେ ବିନା ରକ୍ତପାତରେ ଭାରତ ନିଜସ୍ୱ ସ୍ୱାଧୀନତା ହାସଲ କରିପାରିବ ଓ ତଦ୍ୱାରା ନିର୍ଦ୍ଧାରିତ ଉପାୟ ମୁକ୍ତିକାମୀ ବିଶ୍ୱବାସୀଙ୍କର ଚିରଦିନପାଇଁ ଅନୁସରଣୀୟ ହୋଇ ରହିବ ।

ଆମ ଜାତୀୟତା ଅନ୍ୟ ଜାତିର କଦାପି ପ୍ରତିକୂଳ ନୁହେଁ; କାରଣ ଆମେ କେଉଁ ଜାତିକୁ ପ୍ରତାରିତ କରିବାକୁ ଚାହୁଁନା । କୌଣସି ସ୍ୱରାଜ ଜରିଆରେ ଆମେ ସମଗ୍ର ଦୁନିଆର ସେବା କରିବାକୁ ଓ ବିଶ୍ୱଶାନ୍ତିକୁ ଦୃଢ଼ୀଭୂତ କରିବାପାଇଁ ଚେଷ୍ଟା କରିବୁ ।

Digitized by srujanika@gmail.com

ଜନ୍ମ ନିୟନ୍ତ୍ରଣ

ମୁଁ ଭାରତକୁ ପ୍ରତ୍ୟାବର୍ତ୍ତନ କଲାପରେ ଜନ୍ମନିୟନ୍ତ୍ରଣରେ କୃତ୍ରିମ ଉପାୟ ଅବଲମ୍ବନ ବିଷୟରେ ମୋର ମତାମତ ଜାଣିବାପାଇଁ ସମ୍ବାଦକମାନେ ମୋତେ ବାରମ୍ବାର ପ୍ରଶ୍ନ କରିଛନ୍ତି । ଯଦିଓ ମୁଁ ସେମାନଙ୍କୁ ବ୍ୟକ୍ତିଗତ-ଭାବେ ଉତ୍ତର ଦେଇଛି, ତଥାପି କୌଣସି ସଭାସମିତିରେ ସେ ବିଷୟ ଏପର୍ଯ୍ୟନ୍ତ ଖୋଲାଖୋଲିଭାବେ ଆଲୋଚନା କରିନାହିଁ । ଇଂଲଣ୍ଡରେ ଯେତେବେଳେ ମୁଁ ଛାତ୍ର ଥିଲି, ସେତେବେଳେ ଜନ୍ମ ନିୟନ୍ତ୍ରଣପାଇଁ କୃତ୍ରିମ ଉପାୟ ବିଷୟରେ ପ୍ରଚାର କରୁଥିବା ଜଣେ ଡାକ୍ତରଙ୍କ ସହିତ ମୋର ମତପାର୍ଥକ୍ୟ ଦେଖାଦେଇଥିଲା । ଆଜି ମଧ୍ୟ ମୁଁ କୃତ୍ରିମ ଉପାୟର ବିରୋଧୀ । କେତେକ ହିନ୍ଦୀ ପତ୍ରପତ୍ରିକାରେ ଏହି ଉପାୟମାନ ଯେପରି ନଗ୍ନଭାଷାରେ ବର୍ଣ୍ଣନା କରାଯାଉଛି, ତାହା ଜଣଙ୍କ ସୌନ୍ଦର୍ଯ୍ୟବୋଧର

Digitized by srujanika@gmail.com

ବିରପନ୍ଥୀ । ଆଉ ଗୋଟିଏ କଥା ମୋତେ ସ୍ପଷ୍ଟୀଭୂତ କରିଛି ଯେ ମୁଁ ଏହି କୃତ୍ରିମ ଉପାୟର ସମର୍ଥକ ବୋଲି ଜଣେ ଲେଖକ ଘୋଷଣା କରିଅଛନ୍ତି; କିନ୍ତୁ ମୁଁ କେବେ କେଉଁଠି ଏହା କହିନାହିଁ କି ଲେଖିନାହିଁ ।

ଆମ ଦେଶପାଇଁ ଜନ୍ମନିୟନ୍ତ୍ରଣ ନିହାତି ଦରକାର; କିନ୍ତୁ ଏହା ସଂଯମ ବା ଆତ୍ମନିୟନ୍ତ୍ରଣଦ୍ୱାରା କରାଯିବା ଉଚିତ । ଡାକ୍ତରମାନେ ଯଦି ପରିବାର ନିୟନ୍ତ୍ରଣପାଇଁ ଉପାୟ ଉଦ୍ଭାବନ କରନ୍ତେ, ତାହାହେଲେ ସେମାନେ ସର୍ବସାଧାରଣଙ୍କର ଶ୍ରଦ୍ଧାଭାଜନ ହୋଇପାରନ୍ତେ । କୃତ୍ରିମ ଉପାୟରେ ଜନ୍ମନିୟନ୍ତ୍ରଣ କରିବା ମହାପାପ । ଏହାଦ୍ୱାରା ଶାରୀରିକ କ୍ରିୟା-ପ୍ରକ୍ରିୟା ବାଧାପ୍ରାପ୍ତ ହୁଏ ଓ ଉପସର୍ଗମାନ ଦେଖାଦିଏ ।

ନିଜର କୃତଫଳ ଭୋଗ ନ କରି ପଳାୟନପନ୍ଥୀ ହେବା ମଣିଷର ନୀତିବିରୁଦ୍ଧ । ପୁନଶ୍ଚ ପ୍ରକୃତି ବିରୁଦ୍ଧରେ ଅଭିଯାନ କଲେ ସେ ତା'ର ପ୍ରତିଶୋଧ ନେଇଥାଏ । ମୁଁ କହୁଛି, ଯେଉଁମାନେ ସେମାନଙ୍କର ପରିବାରକୁ ନିୟନ୍ତ୍ରଣ କରିବାକୁ ଚାହାନ୍ତି, ସେମାନେ ଆମ ପୂର୍ବପୁରୁଷମାନଙ୍କର ନୀତିସମ୍ମତ ପଦ୍ଧତି ଅନୁସରଣ କରନ୍ତୁ; ଦେଖିବେ ସେମାନେ ନିଶ୍ଚୟ କୃତକାର୍ଯ୍ୟ ହେବେ । ଅଳ୍ପ ବୟସରୁ ବିବାହ ପରିବାରବୃଦ୍ଧିର ଅନ୍ୟ ଏକ କାରଣ । ଏହାକୁ ବିଚାରକୁ ନ ନେଇ ଯଦି ଆମେ କୃତ୍ରିମ ଉପାୟରେ ଜନ୍ମନିୟନ୍ତ୍ରଣ କରିବା, ତାହାହେଲେ ଆମର ନୈତିକ ଅଧୋଗତି ଘଟିବ । ତେଣୁ ଯୋଜନାକାରମାନେ ଏ ବିଷୟରେ ଗୁରୁତ୍ୱ ଆରୋପ କରି ଚିନ୍ତା କରିବା ସଙ୍ଗେ ସଙ୍ଗେ ଉଭୟ ବିବାହିତ ଓ ଅବିବାହିତ ବ୍ୟକ୍ତିଙ୍କପାଇଁ ବ୍ରହ୍ମଚର୍ଯ୍ୟ-ପାଳନକୁ ଲୋକପ୍ରିୟ କରିବା ଉଚିତ । ଜନ୍ମନିୟନ୍ତ୍ରଣଲାଗି ବ୍ରହ୍ମଚର୍ଯ୍ୟରକ୍ଷା ଏକ ମହନୀୟ ଉପାୟ ।

କୃତ୍ରିମ ଉପାୟ ଅବଲମ୍ବନ କରି ଜନ୍ମନିରୋଧ କରିବା ଏକ ନୂତନ ଅଭ୍ୟାସ ନୁହେଁ । ପୂର୍ବେ ଏହି ଅଭ୍ୟାସ ଏତେ ଉନ୍ନତ ନ ଥିଲା ଓ ଗୋପନୀୟଭାବେ ତାହା କରାଯାଉଥିଲା; କିନ୍ତୁ ବର୍ତ୍ତମାନ ସମାଜରେ ଏହି ଅଭ୍ୟାସକୁ ଏକ ଉଚ୍ଚଶ୍ରେଣୀ ତଥା ସମ୍ମାନାସ୍ପଦ ସ୍ଥାନ ଦିଆଯାଇଛି । ଯେଉଁମାନେ ନିରୋଧ ସାମଗ୍ରୀର ବ୍ୟବହାର କରୁଅଛନ୍ତି, ସେମାନଙ୍କ ମଧ୍ୟରୁ କେତେକ କହୁଛନ୍ତି ଯେ ସହବାସ କରିବାର କାମନା ହେଉଛି ଏକ

Digitized by srujanika@gmail.com

ପ୍ରାକୃତିକ ପ୍ରବୃତ୍ତି; ଆଉ କେତେକ କହୁଛନ୍ତି ମଣିଷପାଇଁ ଏହା ହେଉଛି ଏକ ଆଶୀର୍ବାଦ । ସମ୍ଭବ ହେଲେ ମଧ୍ୟ ବାସନାକୁ ଦମନ କରିବା ଆଦୌ ଶ୍ରେୟଃ ନୁହେଁ ବୋଲି ସେମାନେ କହିଥାନ୍ତି । ଆତ୍ମସଂଯମଦ୍ୱାରା ଜନ୍ମନିୟନ୍ତ୍ରଣ ଏକ ଦୁରୂହ ବ୍ୟାପାର ବୋଲି ସେମାନଙ୍କର ମତ । ଯଦି ଆତ୍ମ-ସଂଯମ ପାଇଁ ଉପାୟାନ୍ତର ସ୍ଥିର କରା ନ ଯାଏ, ତାହାହେଲେ ବାରମ୍ବାର ଅନ୍ତଃସତ୍ତ୍ୱା ହୋଇ ଅଗଣିତ ମହିଳା ଦୁଃଖବରଣ କରିବା ହିଁ ସାର ହେବ । ପୁଣି ସେମାନେ କହନ୍ତି, ଯଦି ପରିବାର ନିୟନ୍ତ୍ରଣ ନ କରାଯାଏ ତାହାହେଲେ ବହୁ ଶିଶୁ ଭଲ ଖାଇବା, ପିନ୍ଧିବା ଓ ଶିକ୍ଷା ପାଇବାରୁ ବଞ୍ଚିତ ହେବେ । ତେଣୁ ସେମାନେ ଯୁକ୍ତି ବାଢ଼ୁଛନ୍ତି ଯେ, ମଣିଷର କ୍ଷତି କରୁ ନ ଥିବା ତଥା ଫଳପ୍ରଦ ଜନ୍ମନିୟନ୍ତ୍ରଣର ଉପାୟ ବୈଜ୍ଞାନିକମାନେ ଉଦ୍ଭାବନା କରିବା ଉଚିତ ।

କିନ୍ତୁ ଏପରି ଯୁକ୍ତି ମୋ ମନରେ ଆଦୌ ବିଶ୍ୱାସ ଜନ୍ମାଇ ପାରିନାହିଁ । ନିରୋଧ ଅବଲମ୍ବନ କୁଫଳ ଦେଇପାରେ । ସବୁଠାରୁ ବଡ଼ ବିପଦ ହେଉଛି, ନିରୋଧ-ସାମଗ୍ରୀର ବ୍ୟବହାର ଆତ୍ମସଂଯମ-ଭାବନାର ମୂଳୋତ୍ପାଟନ କରେ । ମନ ଓ ପାଶବିକ ପ୍ରବୃତ୍ତିକୁ ସଂଯତ କଲେ ଏହାର ବ୍ୟବହାର ଆଦୌ କାମ୍ୟ ନୁହେଁ । ଅତଏବ ସଂଯମପାଇଁ ଆବଶ୍ୟକ ମାନସିକ ଦୃଢ଼ତା । ମଣିଷ ହୃଦୟଙ୍ଗମ କରିବା ଉଚିତ ଯେ ସ୍ତ୍ରୀ ହେଉଛି ତା'ର ସର୍ବଦା ସାଥୀ ଓ ସହଯୋଗୀ । କେବଳ ପୁରୁଷର ଇନ୍ଦ୍ରିୟ-ବାସନା ଚରିତାର୍ଥ କରିବାପାଇଁ ଭଗବାନ ତାକୁ ସୃଷ୍ଟି କରିନାହାନ୍ତି । ସନ୍ତାନ-ସନ୍ତତି ଜନ୍ମ କରିବାର କାମନା ଓ ପାଶବିକ ପ୍ରବୃତ୍ତି ଚରିତାର୍ଥ କରିବାର କାମନା ଉଦ୍ଦେଶ୍ୟଦୃଷ୍ଟିରୁ ସମାନ ନୁହେଁ ।

ଯେଉଁଜନ, ଶୟନପରେ ସ୍ତ୍ରୀ ସହିତ ସହବାସ କରିବାକୁ ଯଦି କିଏ ଏକ ପ୍ରୟୋଜନୀୟ କ୍ରିୟା ବୋଲି ବିଶ୍ୱାସ କରେ, ତାହାହେଲେ ତାହାଠାରୁ ଅଜ୍ଞ ଦୁନିଆରେ କେହି ନାହାନ୍ତି ବୋଲି ମୋର ଧାରଣା । ସ୍ୱାସ୍ଥ୍ୟରକ୍ଷାପାଇଁ ସେପରି ଉପାୟ ଅଛି, ବ୍ରହ୍ମଚର୍ଯ୍ୟ ସମସ୍ତଙ୍କ ଉପରେ । ମୁକ୍ତ ବାୟୁ, ଶୁଦ୍ଧ ଜଳ ଓ ସୁଷମ ଖାଦ୍ୟ ଆମକୁ ସୁସ୍ଥ, ସବଳ ରଖେ; କିନ୍ତୁ ଯଦି ଅଯାଚିତଭାବେ ଅମେ ବ୍ୟୟ କରୁ, ତାହାହେଲେ ଆମେ ସମ୍ବଳହୀନ ହୋଇପଡ଼ିବା ନାହିଁ କି ?

Digitized by srujanika@gmail.com

ଆପଣମାନେ ମୋତେ ପ୍ରଶ୍ନ କରିପାରନ୍ତି ଯେ ବିଶ୍ୱରେ କ'ଣ ବ୍ରହ୍ମଚାରୀ ଅଛନ୍ତି ? ଯଦି ସମସ୍ତେ ବ୍ରହ୍ମଚାରୀ ହେବେ, ମାନବସମାଜ ଲୋପ ପାଇଯିବ ନାହିଁ କି ? ଧାର୍ମିକ ଦୃଷ୍ଟିକୋଣରୁ ନୁହେଁ, ବର୍ତ୍ତମାନ ସାଧାରଣ ଦୃଷ୍ଟିକୋଣରୁ ଏହି ପ୍ରଶ୍ନର ବିଚାର କରିବା ଉଚିତ । ବିବାହିତ ପୁରୁଷମାନେ ମଧ୍ୟ ବ୍ରହ୍ମଚର୍ଯ୍ୟ ରକ୍ଷା କରିପାରନ୍ତି ଓ ସନ୍ତାନସନ୍ତତି ପ୍ରାପ୍ତି ପାଇଁ ଏହା ଭଙ୍ଗ କରିପାରନ୍ତି । ଚାରି ପାଞ୍ଚବର୍ଷରେ ଥରେ ବ୍ରହ୍ମଚର୍ଯ୍ୟ ଭଙ୍ଗକଲେ ତାହା ଶରୀରପ୍ରତି ସେତେ କ୍ଷତିକାରକ ନୁହେଁ । ସନ୍ତାନସନ୍ତତି ପାଇଁ ସ୍ତ୍ରୀ-ସହବାସ ଖୁବ୍ କମ୍ ଲୋକ କରିଥାନ୍ତି; କିନ୍ତୁ ଇନ୍ଦ୍ରିୟବାସନା ଚରିତାର୍ଥ କରିବାପାଇଁ ଆମ ମଧ୍ୟରୁ ବହୁଲୋକ ସ୍ତ୍ରୀସମ୍ଭୋଗ କରିଥାନ୍ତି । ସେମାନେ କାମକଳାରେ ଉନ୍ମତ୍ତ ଥାଇ ଫଳାଫଳ ବିଷୟ ଚିନ୍ତା କରନ୍ତି ନାହିଁ । ଇଚ୍ଛା ନ ଥିଲେ ମଧ୍ୟ ସେମାନେ ହୁଅନ୍ତି ସନ୍ତାନ-ସନ୍ତତିର ଜନକ । ସ୍ତ୍ରୀର ଦୁର୍ବଳ ସ୍ୱାସ୍ଥ୍ୟ ଓ ଗର୍ଭଧାରଣ ଶକ୍ତିପ୍ରତି ସେମାନେ ଆଦୌ ଦୃଷ୍ଟି ଦେଇ ନ ଥାନ୍ତି ।

ମୁଁ ଗତ ପଚିଶ ବର୍ଷ ହେଲା ଜନ୍ମନିୟନ୍ତ୍ରଣ ବିଷୟରେ ବ୍ୟକ୍ତିଗତ-ଭାବେ ଗବେଷଣା ଓ ଚିନ୍ତା କରିଆସିଛି । ମୁଁ ଦୃଢ଼ଭାବେ କହିବି ଯେ ମୋ ଗବେଷଣାରେ କିଛି ନା କିଛି ବୈଜ୍ଞାନିକ ସତ୍ୟତା ରହିଛି । ଏହି ଗବେଷଣା ନୈତିକ ଉପାୟରେ କରାଯାଇପାରେ । ପ୍ରାକୃତିକ ଚିକିତ୍ସାବଳରେ କେବଳ ମୁଁ ନୁହେଁ, ଜର୍ମାନୀରେ ମଧ୍ୟ ଲୋକେ ଆତ୍ମସଂଯମ ରକ୍ଷାଦିଗରେ ସଫଳକାମ ହୋଇଅଛନ୍ତି । ସେମାନଙ୍କ ମତରେ ଜଳ-ଚିକିତ୍ସା କରିବା, ମାଟି ପ୍ରଲେପ ଦେବା, ଶରୀରକୁ ଉତ୍ତେଜିତ ନ କରୁଥିବାଭଳି ଖାଦ୍ୟ ଖାଇବାଦ୍ୱାରା ଆମର ପାଶବିକ ପ୍ରବୃତ୍ତି ଶିଥିଳ ହୋଇଥାଏ । ପ୍ରାଣାୟାମଦ୍ୱାରା ମଧ୍ୟ ଏହା ହୋଇଥାଏ ସମ୍ଭବପର । ଏପରି ବ୍ୟବସ୍ଥା କେବଳ ସନ୍ନ୍ୟାସୀଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ; ଗୃହୀମାନେ ମଧ୍ୟ ଏହି ପରୀକ୍ଷା ନିଜପାଇଁ ପ୍ରୟୋଗ କରିପାରନ୍ତି । ଯଦି ଲୋକସଂଖ୍ୟା ବୃଦ୍ଧିଯୋଗୁଁ ଜନ୍ମନିୟନ୍ତ୍ରଣ କରାଯିବା ଉଚିତ ବୋଲି କିଏ କହେ, ତାହାହେଲେ ତାଙ୍କ ସହିତ ମୁଁ ଆଦୌ ଏକମତ ନୁହେଁ । ଆମ ଦେଶରେ ଯେତେ ଜମି ରହିଛି, ଯଦି ତାର ବିକାଶ କରାଯାଇ ଉନ୍ନତ ତଥା ବୈଜ୍ଞାନିକ ଚାଷ କରାଯାଏ,

Digitized by srujanika@gmail.com

ତାହାହେଲେ ବନ୍ଧୁ ଆନ୍ଦ୍ରୁଷଙ୍କ ଶିଳ୍ପ ରୋଜଗାର ଓ ଦେଶରେ ବର୍ତ୍ତମାନ ଯେତେ ଲୋକ ଅଛନ୍ତି, ଆମେ ତା'ର ଦୁଇ ଗୁଣ ଲୋକଙ୍କପାଇଁ ଅକ୍ଳେଶରେ ଅନ୍ନସଂସ୍ଥାନ କରିପାରିବା ।

ମୁଁ ସୂଚେଇ ଦେବାକୁ ଚାହେଁ ଯେ ଦରକାର 'ମୁତାବକ ସନ୍ତାନ-ସନ୍ତତି ହେଲାପରେ ମଣିଷ ପଶୁପ୍ରବୃତ୍ତିରୁ ଦୂରେଇ ରହିବା ଉଚିତ । ମୋ ମତରେ ସ୍ତ୍ରୀମାନେ କୃତ୍ରିମ ଉପାୟ ଅବଲମ୍ବନ କରି ଜନ୍ମନିୟନ୍ତ୍ରଣ କରିବା ଅତ୍ୟନ୍ତ ଲଜ୍ଜାର ବିଷୟ । ଆଧୁନିକା ସ୍ତ୍ରୀମାନେ ଯଦିଓ ଏହାକୁ ପସନ୍ଦ କରିପାରନ୍ତି, ଅଧିକାଂଶ ସ୍ତ୍ରୀ ଏହି ପଦ୍ଧତିକୁ ସମ୍ମାନଦୃଷ୍ଟିରୁ ନାପସନ୍ଦ କରିବେ । ସ୍ତ୍ରୀ ତୁଳନାରେ ପୁରୁଷ ଅଧିକ କାମୁକ ଓ ଅଧିକ ସନ୍ତାନସନ୍ତତି ପାଇଁ ମୁଖ୍ୟତଃ ଦାୟୀ । ମୁଁ ପ୍ରଚାରକମାନଙ୍କୁ ଦୃଢ଼ସ୍ୱରରେ କହିବାକୁ ଚାହେଁ ଯେ ଯଦି କୃତ୍ରିମ ଉପାୟରେ ଜନ୍ମନିରୋଧ ପ୍ରଥା ପ୍ରସାରଲାଭ କରେ, ତାହାହେଲେ ବିବାହ-ବନ୍ଧନର ପ୍ରୟୋଜନୀୟତା କିମ୍ବା ପାବନତା ରହିବ ନାହିଁ ଓ ସମସ୍ତଙ୍କୁ ମୁକ୍ତ ପ୍ରେମପାଇଁ ସୁଯୋଗ ମିଳିଯିବ ।

ତେଣୁ ଆତ୍ମସଂଯମ ଓ ଶୃଙ୍ଖଳା ପାଇଁ ପିଲାପିଲାଙ୍କୁ ଉପଯୁକ୍ତ ଶିକ୍ଷା ଦିଆଯିବା ଉଚିତ । ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ କାମୁକତାରହିତ ପ୍ରେମ ଅସମ୍ଭବ ନୁହେଁ । ମଣିଷ ପଶୁ ନୁହେଁ । ତା ସ୍ଥାନ ପଶୁଠାରୁ ବହୁଉଚ୍ଚରେ । ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ହେଲେ ଖାଦ୍ୟରେ ମଧ୍ୟ ସଂଯମ ରକ୍ଷା କରିବାକୁ ପଡ଼ିବ । ବଞ୍ଚିବାକୁ ଖାଦ୍ୟ ଦରକାର; ଉପଭୋଗ ପାଇଁ ନୁହେଁ । ଜଣେ ବ୍ରହ୍ମଚାରୀ କେବେହେଲେ ଅଶ୍ଳୀଳ କଥା ଶୁଣିବ ନାହିଁ କିମ୍ବା ଶରୀରକୁ ଉତ୍ତେଜିତ କଲାପରି ପଦାର୍ଥ ଶୁଙ୍ଘିବ ନାହିଁ । ମାଟିର ଗନ୍ଧ କୃତ୍ରିମ ଉପାୟରେ ତିଆରି ଅତର ଗନ୍ଧଠାରୁ ଅଧିକ ମଧୁର ନୁହେଁ କି ? ଉପବାସ ବ୍ରହ୍ମଚର୍ଯ୍ୟ-ପାଳନରେ ମଧ୍ୟ ସହାୟକ । ସତ୍‌ସଙ୍ଗ ଓ ଉତ୍ତମ ଗ୍ରନ୍ଥପାଠ ବ୍ରହ୍ମଚାରୀ ଜୀବନର ଗୋଟିଏ ଲେଖାଏଁ ସୋପାନସ୍ୱରୂପ । ଦୈନିକ ପ୍ରାର୍ଥନା ତଥା ରାମନାମ ସ୍ମରଣ ମଧ୍ୟ ବ୍ରହ୍ମଚର୍ଯ୍ୟ ପାଳନରେ ସହାୟକ । ମୋଟ ଉପରେ ଏସବୁର ପରିପାଳନ କଷ୍ଟସାଧ୍ୟ ନୁହେଁ । ଯେଉଁଠି ବଳବତୀ ଇଚ୍ଛା ଅଛି, ସେଇଠି ପଥ ଅତି ସରଳ ଓ ସୁଗମ ।

କୃତ୍ରିମ ଉପାୟ ଅବଲମ୍ବନ କଲେ ସନ୍ତାନସନ୍ତତି ସଂଖ୍ୟାଦୃଷ୍ଟିରୁ କମ୍ ହୋଇପାରନ୍ତି; କିନ୍ତୁ ବ୍ୟକ୍ତି ଓ ସମାଜର ଯେଉଁ ନୈତିକ ହାନି ଘଟେ

Digitized by srujanika@gmail.com

ତାହା ଅକଥନୀୟ । ଯେଉଁମାନେ ସ୍ତ୍ରୀଜାତିକୁ ପାଶବିକ ଆନନ୍ଦ ପ୍ରଦାନର ଯନ୍ତ୍ର ବୋଲି ବିବେଚନା କରନ୍ତି, ସେମାନଙ୍କ ପାଇଁ ମୁଁ ଏସବୁ ଯୁକ୍ତି ବାଢ଼ୁନାହିଁ । ଯେଉଁମାନେ ସ୍ତ୍ରୀକୁ ଜନନୀ, ଗୃହକର୍ତ୍ତ୍ରୀ ବୋଲି ଭାବନ୍ତି, ସେମାନଙ୍କ ପାଇଁ ମୋର ଏଇସବୁ ଯୁକ୍ତି । ନିରୋଧ ସାମଗ୍ରୀ ବ୍ୟବହାରଦ୍ୱାରା ଜନ୍ମନିୟନ୍ତ୍ରଣ କରିବାକୁ ମୁଁ ମାନବଜାତିର ଆତ୍ମହତ୍ୟା ବୋଲି କହୁଥାଏ । କେତେକ ବିବାହିତା ରମଣୀ ଅଛନ୍ତି, ଯେଉଁମାନେ ସନ୍ତାନସନ୍ତତିର ଆଶା ନ ରଖି ସ୍ୱାମୀର ପାଶବିକ ପ୍ରବୃତ୍ତି ମେଣ୍ଟାଇଥା'ନ୍ତି; କିନ୍ତୁ ଏହା ମଣିଷର ଆଧ୍ୟାତ୍ମିକ ପ୍ରଗତିର ପରିପନ୍ଥୀ ।

ନିରୋଧ ମାତୃଜାତିପ୍ରତି ଅବମାନନାର ପ୍ରତୀକ । ନିରୋଧ ସାମଗ୍ରୀ ବ୍ୟବହାର କରୁଥିବା ସ୍ତ୍ରୀ ଓ ବେଶ୍ୟାଙ୍କ ମଧ୍ୟରେ ପାର୍ଥକ୍ୟ ହେଉଛି ଏହି ବେଶ୍ୟାମାନେ ସେମାନଙ୍କ ଶରୀରକୁ ଉପଭୋଗ ପାଇଁ ବହୁଲୋକଙ୍କୁ ବିକ୍ରୟ କରିଥାନ୍ତି; କିନ୍ତୁ ନିରୋଧ ବ୍ୟବହାର କରିଥିବା ସ୍ତ୍ରୀ ଜଣେ ଲୋକକୁ ନିଜର ଶରୀର ଅର୍ପଣ କରିଥାଏ । ସ୍ତ୍ରୀ ଜନନୀ ହେବାର ଇଚ୍ଛା ପ୍ରକାଶ କରିବାଯାଏ, ସ୍ୱାମୀ ତା' ଅଙ୍ଗ ସ୍ପର୍ଶ କରିବା ଉଚିତ ନୁହେଁ ।

ଆଧୁନିକ ଯୁବକଯୁବତୀମାନେ ବୟସ୍କଙ୍କ କଥା ଶୁଣିବାକୁ ପସନ୍ଦ କରୁନାହାନ୍ତି । ସବୁବେଳେ ଏପରି କରିବା ମଙ୍ଗଳପ୍ରଦ ନୁହେଁ ବୋଲି ମୁଁ ସେମାନଙ୍କୁ ସାବଧାନ କରିଦେବାକୁ ଚାହେଁ । ବୟସ୍କମାନେ ମଧ୍ୟ ବହୁ ସମୟରେ ଅସ୍ଥିରପ୍ରଜ୍ଞତାର ପରିଚୟ ଦେଇଥାନ୍ତି । ମୁଁ ପାଠକଗୋଷ୍ଠୀଙ୍କୁ ଜଣାଇ ଦେବାକୁ ଚାହେଁ ସ୍କୁଲ୍ କଲେଜର ଅବିବାହିତା ଛାତ୍ରୀମାନେ ମଧ୍ୟ ନିରୋଧ ସାମଗ୍ରୀ ବ୍ୟବହାର କରୁଅଛନ୍ତି ।

ଯୌନ ସମ୍ପର୍କ ଚରିତାର୍ଥ କରିବାର କାମନାରେ ମହନୀୟତା ରହିଛି । ଏଥିପାଇଁ ଲଜ୍ଜା କରିବାର କୌଣସି କାରଣ ନାହିଁ । ଏହି କାମନାର ମହତ୍ ଲକ୍ଷ୍ୟ ହେଉଛି ସୃଷ୍ଟି । ଏହାର ଅପବ୍ୟବହାର ଭଗବାନ ଓ ମାନବିକତା ବିରୋଧରେ ପାପାଚରଣ ବ୍ୟତୀତ ଅନ୍ୟ କିଛି ନୁହେଁ । ଇନ୍ଦ୍ରିୟମାନଙ୍କ ଉପରେ ଯାହାର ନିୟନ୍ତ୍ରଣ ନାହିଁ, ତା' ଜୀବନ ଗୋଟିଏ ନାବିକହୀନ ତରୀସ୍ୱରୂପ ।

Digitized by srujanika@gmail.com

ମୋ ନିଜ ଅନୁଭୂତି

ବାରବର୍ଷ ପର୍ଯ୍ୟନ୍ତ ମୁଁ ଯାହା କିଛି ଶିକ୍ଷା ପାଇଥିଲି, ତା'ର ମାଧ୍ୟମ ଥିଲା ମୋର ମାତୃଭାଷା ଗୁଜୁରାଟୀ । ସେତେବେଳକୁ ଗଣିତ, ଇତିହାସ ଓ ଭୂଗୋଳରେ ମୁଁ କିଛି ଜ୍ଞାନ ମଧ୍ୟ ଆହରଣ କରିପାରିଥିଲି । ତା'ପରେ ଗୋଟିଏ ହାଇସ୍କୁଲରେ ମୋ ନାମ ଲେଖାଗଲା । ଏହି ସ୍କୁଲରେ ପ୍ରଥମ ତିନି ବର୍ଷ ମାତୃଭାଷା ଥିଲା ଶିକ୍ଷାର ମାଧ୍ୟମ । ଏହା ସତ୍ତ୍ୱେ ସ୍କୁଲ ଶିକ୍ଷକମାନେ ବାଧ୍ୟତାସହକାରେ ଛାତ୍ରମାନଙ୍କୁ ଇଂରାଜୀ ପଢ଼ାଉଥିଲେ । ତେଣୁ ଇଂରାଜୀ ଶବ୍ଦ ଉଚ୍ଚାରଣ ଓ ତା'ର ଅର୍ଥ ମନେ ରଖିବାରେ ମୋର ବହୁ ସମୟ ଅତିବାହିତ ହେଉଥିଲା । ଏହି ଭାଷା ପଢ଼ିବାରେ ମୁଁ ବହୁତ କଷ୍ଟ ଅନୁଭବ କରୁଥିଲି; କାରଣ ଏହା ଯେପରି ଲେଖାଯାଇଥାଏ, ସାଧାରଣତଃ ସେପରି ଉଚ୍ଚାରିତ ହୋଇ ନ ଥାଏ । ପାଠ୍ୟ-ନିର୍ଘଣ୍ଟର ଆଉ କେତେକ ବିଷୟ ଆମ ପକ୍ଷରେ ଅଦରକାରୀ ହୋଇଥିଲେ ମଧ୍ୟ ବାଧ୍ୟ ହୋଇ ସେଗୁଡ଼ିକ ଆମକୁ ମୁଖସ୍ଥ କରିବାକୁ ପଡ଼ୁଥିଲା ।

ବୀଜଗଣିତ, ରସାୟନଶାସ୍ତ୍ର, ଜ୍ୟୋତିଷଶାସ୍ତ୍ର, ଇତିହାସ, ଭୂଗୋଳ ଇତ୍ୟାଦି ଇଂରାଜୀରେ ପଢ଼ିବାକୁ ପଡ଼ୁଥିଲା । ଶ୍ରେଣୀରେ ତାହା ଗୁଜୁରାଟୀରେ ବ୍ୟକ୍ତ କଲେ ଦଣ୍ଡ ଭୋଗିବା ହିଁ ସାର ଥିଲା; କିନ୍ତୁ ଅଶୁଦ୍ଧି-ଭାବେ ଇଂରାଜୀ ଉଚ୍ଚାରଣ କଲେ ଶିକ୍ଷକମାନଙ୍କର ସେଥିରେ ବେଶି ଓଜର ଆପତ୍ତି ନ ଥିଲା । କାରଣ ଶିକ୍ଷକଙ୍କର ଇଂରାଜୀ ଉଚ୍ଚାରଣ ଦୋଷମୁକ୍ତ ନ ଥିଲା । ଯେହେତୁ ବିଦ୍ୟାର୍ଥୀଙ୍କ ପରି ତାଙ୍କ ନିକଟରେ ମଧ୍ୟ ଇଂରାଜୀ ଥିଲା ଗୋଟିଏ ବିଦେଶୀ ଭାଷା । ଶବ୍ଦ କିମ୍ବା ବାକ୍ୟର ଅନ୍ତର୍ନିହିତ ଅର୍ଥ ନ ବୁଝି ବିଦ୍ୟାର୍ଥୀମାନଙ୍କୁ ସାମୟିକ କଣ୍ଠସ୍ଥ କରିବାକୁ ପଡ଼ୁଥିଲା । ଶିକ୍ଷକ ଜ୍ୟାମିତି ପଢ଼ାଇଲାବେଳେ ଉପପାଦ୍ୟଗୁଡ଼ିକ ମୁଁ ଆଦୌ ବୁଝିପାରୁ ନ ଥିଲି । ଆଜି ମଧ୍ୟ ପାଠକମାନଙ୍କୁ ମୁଁ ସୂଚାଇ ଦେବାକୁ ଚାହେଁ ଯେ ଜ୍ୟାମିତି, ବୀଜଗଣିତ ଇତ୍ୟାଦିର ପରିଭାଷା

Digitized by srujanika@gmail.com

ଗୁଜୁରାଟୀରେ ଏପର୍ଯ୍ୟନ୍ତ ହୋଇନାହିଁ । ଯଦି ଉପଯୁକ୍ତ ଗୁଜୁରାଟୀ ପରିଭାଷାର ବ୍ୟବସ୍ଥା କରାଯାଏ, ତାହାହେଲେ ମୁଁ ଦୃଢ଼ଭାବରେ କହିବି ଯେ, ମୋତେ ଯେଉଁ ଗଣିତ, ରେଖାଗଣିତ, ବୀଜଗଣିତ, ରସାୟନଶାସ୍ତ୍ର ପଢ଼ିବାପାଇଁ ଚାରିବର୍ଷ ଲାଗିଥିଲା, ତାହା ମୁଁ ମାତ୍ର ଗୋଟିଏ ବର୍ଷରେ ଶେଷ କରିପାରିବି । ଗୁଜୁରାଟୀ ଭାଷାରେ ଯଦି ମୋର ବ୍ୟୁତ୍ପତ୍ତି ଆସିଲା, ତାହାହେଲେ ନିଜ ଘରେ ତା'ର ମୁଁ ଉପଯୋଗ କରିପାରିବି । କିନ୍ତୁ ଇଂରାଜୀଭାଷା ଆମ ଘରେ ନିଃସଙ୍କୋଚରେ ବ୍ୟବହାର କରିବା ଆଦୌ ସମ୍ଭବପର ନୁହେଁ । ଯେହେତୁ ମୋ ବାପା ଇଂରାଜୀ ଜାଣି ନ ଥିଲେ । ମୁଁ ମୋର ପଢ଼ାପଢ଼ି ବିଷୟରେ ତାଙ୍କୁ କିଛି ଧାରଣା ଦେଇ ପାରୁ ନ ଥିଲି । ମୁଁ ମନେ କରୁଥିଲି, ଘର ଭିତରେ ଯତେ ଯେପରି ମୋର କିଛି ସ୍ୱାତନ୍ତ୍ର୍ୟ ଥିଲା । ସତକୁ ସତ ଏହି ଭାଷାର ପ୍ରଭାବରେ ମୋର ବେଶପରିପାଟୀରେ ପରିଲକ୍ଷିତ ହୋଇଥିଲା ସ୍ୱତଃ ପରିବର୍ତ୍ତନ । ଏହା ଅସ୍ୱାଭାବିକ ହୋଇ ନ ପାରେ; କାରଣ ସାଧାରଣ ଲୋକଙ୍କ ଜୀବନରେ ଏହା ହିଁ ଘଟିଥାଏ ।

ପ୍ରଥମ ଛଅବର୍ଷ ମୁଁ ଯେଉଁ ଜ୍ଞାନ ଆହରଣ କଲି, ସେଥିରେ ମୋର ବୁଦ୍ଧି ଆଶାନୁରୂପ ବିକାଶଲାଭ କରିପାରି ନ ଥିଲା । ସେତେବେଳେ ଛାତ୍ରମାନଙ୍କୁ ସବୁକିଛି ଇଂରାଜୀରେ ଶିଖିବାପାଇଁ ପ୍ରସ୍ତୁତ କରାଯାଉଥିଲା । ଇଂରାଜୀର ପ୍ରସାରକୁ ସେ ସମୟରେ ସାଂସ୍କୃତିକ ବିଜୟ ବୋଲି ଆଖ୍ୟା ଦିଆଯାଉଥିଲା । ଏହି ଭାଷା ମାଧ୍ୟମରେ ଆମେ ଯେଉଁ ଜ୍ଞାନ ଆହରଣ କରିଥିଲୁ, ତାହା ସର୍ବସାଧାରଣଙ୍କ ପାଖରେ ପହଞ୍ଚାଇବା ଆମପକ୍ଷରେ ଥିଲା ଏକ ଦୁରୂହ ବ୍ୟାପାର ।

ଇଂରାଜୀ ଗଦ୍ୟ ଓ ପଦ୍ୟ ଆମେ ପଢ଼ୁଥିଲୁ; କିନ୍ତୁ ସେଥିରେ ଥିବା ସାହିତ୍ୟିକ ପରାକାଷ୍ଠା ଆମକୁ ସେତେ ଆକୃଷ୍ଟ କରୁ ନ ଥିଲା । ଇଂରାଜୀ ଭାଷାଶିକ୍ଷାଜନିତ ଜ୍ଞାନ ସର୍ବସାଧାରଣଙ୍କ ସେବାପାଇଁ ମୋତେ ସେତେ ସହାୟକ ହେଉ ନ ଥିଲା । ଏହା ବୋଲି ଯେ ମୁଁ ଇଂରାଜୀ ଓ ତା'ର ସାହିତ୍ୟିକ ମହନୀୟତାର ବିରୋଧୀ, ଏପରି ଭାବିବା ଭୁଲ । 'ହରିଜନ' ମୋ ଇଂରାଜୀ-ପ୍ରେମର ସ୍ଥୂଳ ପରିଚୟ ଦେଇଥାଏ । ଏହା ସତ୍ତ୍ୱେ ଭାରତୀୟ

ରାଷ୍ଟ୍ରପାଇଁ ଇଂରାଜୀର ଉପଯୋଗିତାକୁ ଆଦୌ ସ୍ୱୀକାର କରାଯାଇ ନ ପାରେ । ବିଦେଶୀ ସାମଗ୍ରୀକୁ ଭିତ୍ତି କରି ଆମର ମୌଳିକ ଉନ୍ନତି କାମନା କରିବା ଆଦୌ ସମୀଚୀନ ନୁହେଁ । ମୁଁ ଚାହେଁ, ରାଷ୍ଟ୍ର ନିଜର ଭାଷାଭଣ୍ଡାରକୁ ସମୃଦ୍ଧ କରୁ । ଏଥିପାଇଁ ନିର୍ବିକାର ଚିତ୍ତରେ ଅନ୍ୟ ଭାଷାରୁ ଶବ୍ଦ ଓ ଭାବସମ୍ଭାର ଗ୍ରହଣ କରାଯାଇପାରେ ।

ରବୀନ୍ଦ୍ରନାଥଙ୍କ ଅନୁପମ କୃତିର ସୌନ୍ଦର୍ଯ୍ୟ ଆହରଣ କରିବାପାଇଁ ମୋ ପକ୍ଷରେ ବଙ୍ଗଳାଭାଷା ଶିକ୍ଷା କରିବାର କୌଣସି ପ୍ରୟୋଜନ ନାହିଁ,

କାରଣ, ଅନୁବାଦ ଜରିଆରେ ମୁଁ ତାହା ପାଇପାରିବ । ସେହିପରି ଟଲଷ୍ଟୟଙ୍କର ମନମତାଣିଆ କାହାଣୀଗୁଡ଼ିକ ଜାଣିବାପାଇଁ ଗୁଜୁରାଟି ପିଲାଙ୍କ ପକ୍ଷରେ ଋଷିଆର ଭାଷା ଶିକ୍ଷାକରିବା ନିଷ୍ପ୍ରୟୋଜନ; କାରଣ ନିଖୁଣ ଭାବରେ ଏହା ଅନୂଦିତ ହୋଇସାରିଛି । ତେବେ ବିଶ୍ୱର ସର୍ବୋତ୍ତମ ସାହିତ୍ୟିକ ରଚନା ପ୍ରକାଶ ପାଇବାର ଖୁବ୍ ଅଳ୍ପ ଦିନ ମଧ୍ୟରେ ତାହା

Digitized by srujanika@gmail.com

ପଡ଼ିବାକୁ ଇଚ୍ଛିଲେ ଇଂରାଜୀ ଭାଷାଶିକ୍ଷାର ପ୍ରୟୋଜନ ହୋଇପାରେ; କିନ୍ତୁ ସେକ୍‌ସପିଅର୍‌, ମିଲ୍‌ଟନ୍‌ଙ୍କର ସର୍ବୋତ୍ତମ ବିଚାର ଓ ରଚନାରେ ପାଣ୍ଡିତ୍ୟ ଅର୍ଜନ କରିବାପାଇଁ ମୋ ପକ୍ଷରେ ଇଂରାଜୀ ଭାଷା ଶିକ୍ଷା କରିବାର ପ୍ରୟୋଜନୀୟତା ଅଛି କି ?

ବିଦ୍ୟାର୍ଥୀମାନଙ୍କ ଶିକ୍ଷାର ବିକାଶକଳ୍ପେ ମୁଁ ଗୋଟିଏ ନୂଆ ସୁପାରିଶ କରିପାରେ । ତାହା ହେଉଛି, ଯଦି କେତେକ ଯୁବକଙ୍କୁ ସ୍ୱତନ୍ତ୍ର-ଭାବେ ବଛାଯାଇ ବିଶ୍ୱର ବିଭିନ୍ନ ଭାଷା ଶିକ୍ଷା ଦିଆଯାଆନ୍ତା ଓ ସେମାନଙ୍କଦ୍ୱାରା ବିଭିନ୍ନ ସାହିତ୍ୟର ସର୍ବୋତ୍ତମ ଚିନ୍ତାଧାରାସମ୍ବଳିତ ବିଷୟବସ୍ତୁ ନିଜ ନିଜ ଭାଷାରେ ଅନୂଦିତ ହୁଅନ୍ତା, ତାହାହେଲେ ମାତୃଭାଷାକୁ ଅବହେଳା କରି ସବୁ ଯୁବକ ବାଧ୍ୟତାମୂଳକଭାବେ ବିଦେଶୀ ଭାଷା ଶିକ୍ଷା କରନ୍ତେ ନାହିଁ; କିନ୍ତୁ ଆମର ପୂର୍ବସୂରୀମାନେ ଯେଉଁ ତ୍ରୁଟିପୂର୍ଣ୍ଣ ପନ୍ଥା ନିର୍ଦ୍ଧାରଣ କରିଯାଇଛନ୍ତି, ତାହା ହିଁ ଆମଦ୍ୱାରା ବିନା ବିଚାରରେ ଅନୁସୃତ ହେଉଛି ।

ଆମର ଏହି ତ୍ରୁଟିପୂର୍ଣ୍ଣ ଅଣଭାରତୀୟ ଶିକ୍ଷାଦ୍ୱାରା ଲକ୍ଷ ଲକ୍ଷ ଲୋକ ଯେପରି କ୍ଷତିଗ୍ରସ୍ତ ହେଉଛନ୍ତି, ତା'ର ପ୍ରମାଣ ମୁଁ ନିତ୍ୟଦିନ ପାଉଥାଏ । ମୋର ଅନେକ ପ୍ରିୟ ଗ୍ରାଜୁଏଟ୍ ବନ୍ଧୁ ଅଛନ୍ତି; ଯେଉଁମାନଙ୍କୁ ନିଜ ନିଜର ବିଚାର ବ୍ୟକ୍ତ କରିବାକୁ କହିଲେ ମାତୃଭାଷାରେ କଷ୍ଟ ଅନୁଭବ କରିଥାନ୍ତି । ନିଜ ଘରେ ମଧ୍ୟ ତାଙ୍କୁ ଅପଦସ୍ତ ହେବାକୁ ପଡ଼ୁଥାଏ । ମାତୃଭାଷାରେ ସେମାନଙ୍କର ଜ୍ଞାନ ଏତେ ସୀମିତ ଯେ ଇଂରାଜୀ ଶବ୍ଦର ବିନା ସାହାଯ୍ୟରେ ସେମାନେ ବକ୍ତବ୍ୟ ଶେଷ କରି ପାରନ୍ତି ନାହିଁ । ଇଂରାଜୀରେ ଲେଖାପଢ଼ା କରିବାକୁ ସେମାନେ ଭଲ ପା'ନ୍ତି । ଅନେକଙ୍କର ଧାରଣା ଯେ ଇଂରାଜୀ ନ ଜାଣିଲେ ବୈଜ୍ଞାନିକ ହେବାର ଆଶା କରିବା ଉଚିତ ନୁହେଁ; କିନ୍ତୁ ମୁଁ ଏହାକୁ ଏକ ଅଳୀକ ତଥା ହାସ୍ୟାସ୍ପଦ ଧାରଣା ବୋଲି କହିଥାଏ । ଆମ ମଧ୍ୟରୁ ଯେ ଇଂରାଜୀଶିକ୍ଷା ନ କରିଛି, ସେ ନିଜକୁ ନାସ୍ତର ବୋଲି ମନେ କରିଥାଏ; କିନ୍ତୁ ଜଣେ ଜାପାନୀ ଇଂରାଜୀଭାଷା ଶିକ୍ଷା ନ କରି ମଧ୍ୟ ନିଜକୁ ସେପରି ମନେ କରିଥାଏ କି ?

ଶିକ୍ଷାର ମାଧ୍ୟମ ପୂର୍ଣ୍ଣମାତ୍ରାରେ ପରିବର୍ତ୍ତିତ ହେବା ଉଚିତ ଓ ତାହା ସଙ୍ଗେ ସଙ୍ଗେ ପ୍ରାନ୍ତୀୟ ଭାଷାକୁ ନ୍ୟାୟସଙ୍ଗତ ସ୍ଥାନ ଦିଆଯିବା

Digitized by srujanika@gmail.com

ଉଚିତ । ଏଥିପାଇଁ ଯଦି କୌଣସି ଅସ୍ଥାୟୀ ବ୍ୟବସ୍ଥାର ସମ୍ମୁଖୀନ ହେବାକୁ ପଡ଼େ, ତାହାହେଲେ ମୁଁ ଆଦୌ ବିବ୍ରତ ହେବି ନାହିଁ । ପ୍ରାନ୍ତୀୟ ଭାଷାରେ ବ୍ୟାବହାରିକ ମୂଲ୍ୟ ବୃଦ୍ଧି କରାଇବା ମୋର କାମ୍ୟ; ତେଣୁ ମୁଁ ଚାହେଁ ଅଦାଲତରେ ନିଜ ନିଜର ପ୍ରାନ୍ତୀୟ ଭାଷା ପ୍ରଚଳନ କରାଯିବା ଉଚିତ । ବିଧାନସଭାରେ ମଧ୍ୟ ଏହାର ପ୍ରଚଳନ ଶ୍ରେୟସ୍କର; କିନ୍ତୁ କେନ୍ଦ୍ରରେ ହିନ୍ଦୁସ୍ତାନୀକୁ ଏକ ବିଶିଷ୍ଟ ସ୍ଥାନ ଦିଆଯିବା ଦରକାର ।

ମୋ ମତରେ ଏହା ଗୋଟିଏ ଜଟିଳ ସମସ୍ୟା ନୁହେଁ, ଯାହାକି ଶିକ୍ଷାବିତ୍‌ମାନଙ୍କ ଦ୍ୱାରା ସମାଧାନ କରାଯାଇ ନ ପାରିବ । ଛାତ୍ରଛାତ୍ରୀଙ୍କ ଅଧ୍ୟୟନର ମାଧ୍ୟମ କେଉଁ ଭାଷା ହେବ, ତାହାର ନିର୍ଣ୍ଣୟ ଦାୟିତ୍ୱ ମଧ୍ୟ ସେମାନଙ୍କ ଉପରେ ନ୍ୟସ୍ତ କରାଯିବା ଉଚିତ ନୁହେଁ; ବରଂ କେଉଁ ବିଷୟ ପାଠ୍ୟକ୍ରମର ଅନ୍ତର୍ଭୁକ୍ତ ହେବ, ତାହା ସେମାନେ ସ୍ଥିର କରିବେ ଓ ପାଠ୍ୟପୁସ୍ତକ ପ୍ରଣୟନ କରିବେ । ବିଦେଶୀ ଶାସକଙ୍କର ଚାହିଦା ପୂରଣ କରିବାପାଇଁ ଶିକ୍ଷିତ ଲୋକେ ଆଜି ଯେପରି କଠିନ ପରିଶ୍ରମ କରୁଛନ୍ତି, ଯଦି ସ୍ୱତନ୍ତ୍ର ଭାରତରେ ସେପରି ନ କରନ୍ତି, ତାହାହେଲେ **'ମୋ ସ୍ୱପ୍ନର ଭାରତ'** ପରିକଳ୍ପନା ସ୍ୱପ୍ନରେ ହିଁ ରହିଯିବ ।

★★★

Digitized by srujanika@gmail.com



"ମୁଁ ସେହି ଭାରତପାଇଁ କାମ କରିବି, ଯେଉଁଠି କି ସର୍ବହରା ଅବବୋଧ କରିବେ ଯେ ଏହା ହେଉଛି ସେମାନଙ୍କର ଦେଶ, ଯାହାର ଗଠନପାଇଁ ତାଙ୍କର ଯଥେଷ୍ଟ ଦାୟିତ୍ୱ ରହିଛି । ଏହି ଦେଶରେ ଉଚ୍ଚ ନୀଚ ଭେଦଭାବ ରହିବ ନାହିଁ—ଅର୍ଥାତ୍ ସମସ୍ତଙ୍କ ଜୀବିକା ନିର୍ବାହର ବୈଷମ୍ୟ ନିରାକୃତ ହେବ, ଅସ୍ପୃଶ୍ୟତା ଦୂରେଇଯିବ, ନିଶା ନିବାରିତ ହେବ, ସ୍ତ୍ରୀମାନେ ପୂର୍ଣ୍ଣ ସ୍ୱାଧୀନତା ପାଇବେ, ଆମ୍ଭେମାନେ ଦୁନିଆ ଲୋକଙ୍କ ସହିତ ଶାନ୍ତିରେ ରହିବୁ, ପୀଡ଼କ ପୀଡ଼ିତ ଲୋପ ପାଇବେ, ବିଦେଶୀ ଓ ସ୍ୱଦେଶୀ ମଧ୍ୟରେ ଭିନ୍ନତା ରହିବ ନାହିଁ, ସତ୍କାର୍ଯ୍ୟ କରିବାକୁ ଉତ୍ସାହ ମିଳିବ, ଗୋଷ୍ଠୀଗତ ବୈଷମ୍ୟ ଅପସରି ଯିବ ।

ଏହାହିଁ ହେବ ମୋର ସ୍ୱପ୍ନର ଭାରତ ।"

ମୋ. କ. ଗାନ୍ଧି

Digitized by srujanika@gmail.com